# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ସେପ୍ଟେମ୍ବର ୧/୨୦୨୩ (୧୪ ପୃଷ୍ଠା) | Bhubaneswar, Friday, September 1/2023 | Page 14 | ₹ 7.00 | BALASORE

୪୯ଶ ଭାଗ ୨୭୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 | ISSUE 277 | ମୂଲ୍ୟ ₹୭/-







ଆମେରିକାର ଫ୍ଲୋରିଡାରେ ଇଡାଲିଆ ଝଡ଼ ପରେ ଜଳମଗ୍ନ ଟାର୍ପୋନ୍ ସ୍ପ୍ରିଙ୍ଗ୍ସ।

# ଚନ୍ଦ୍ରରେ ସଲ୍‌ଫର ଥିବା ସ୍ପଷ୍ଟକଲା ରୋଭର

ବେଙ୍ଗାଲୁରୁ,୩୧।୮



ଚନ୍ଦ୍ରର ଦକ୍ଷିଣ ମେରୁରେ ସଲ୍‌ଫର (ଗନ୍ଧକ) ଏବଂ ଅନ୍ୟାନ୍ୟ ଉପାଦାନ ରହିଥିବା ରୋଭର ପ୍ରଜ୍ଞାନ ପୁଣିଥରେ ସ୍ପଷ୍ଟ କରିଛି। ଏଥର ଭିନ୍ନ ପ୍ରଯୁକ୍ତିରେ ରୋଭର ଉପରୋକ୍ତ ଉପାଦାନ ରହିଥିବା ଜାଣିବାକୁ ପାଇଛି ବୋଲି ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ) ପକ୍ଷରୁ ଘୋଷଣା କରାଯାଇଛି। ପ୍ରଜ୍ଞାନରେ ଥିବା ଲେଜର-ଇଣ୍ଡ୍ୟୁସ୍‌ଡ ବ୍ରେକ୍‌ଡାଉନ ସ୍ପେକ୍ଟ୍ରୋସ୍କୋପ୍ (ଏଲ୍‌ଆଇବିଏସ୍) ଉପକରଣ ଦ୍ୱାରା ଚନ୍ଦ୍ର ଦକ୍ଷିଣ ମେରୁରେ ସଲ୍‌ଫର ଥିବା ସ୍ପଷ୍ଟ ହୋଇଥିଲା। ରୋଭରର ଆଲ୍‌ଫା ପାର୍ଟିକ୍ଲ ଏକ୍ସ-ରେ ସ୍ପେକ୍ଟ୍ରୋସ୍କୋପ୍ (ଏପିଏକ୍ସଏସ୍) ଉପକରଣ ପୁନର୍ବାର ସଲ୍‌ଫର ଓ ଅନ୍ୟ କେତେକ ଉପାଦାନକୁ ଚିହ୍ନଟ କରିପାରିଛି।

ଚନ୍ଦ୍ରୟାନ-୩ର ଲ୍ୟାଣ୍ଡର ବିକ୍ରମରେ ଥିବା ୩ ପ୍ଲେଲୋଡ୍ ଚନ୍ଦ୍ର ଦକ୍ଷିଣ ମେରୁ ଅଞ୍ଚଳର ପ୍ଲାଜ୍‌ମା ପରିବେଶର ପ୍ରଥମ ଆକଳନ କରିଛି। ବିକ୍ରମରେ ଥିବା ସମ୍ବେଦନଶୀଳ ଆୟନୋସ୍ପିୟର ଏବଂ ଆଟମୋସ୍ପିୟରର ରେଡିଓ ଆନାଟୋମି-ଲାଙ୍ଗମୁଇର ପ୍ରୋବ୍ (ରମ୍ଭା-ଏଲ୍‌ପି) ପ୍ଲେଲୋଡ୍ ପ୍ଲାଜ୍‌ମାର ଆକଳନ କରିଥିଲା।

# 'ଏକ୍ସ'କୁ ଆସିବ ଭିଡିଓ, ଅଡିଓ କଲ୍

ୱାଶିଂଟନ,୩୧।୮

'ଏକ୍ସ' (ପୂର୍ବର ଟୁଇଟର)କୁ ଭିଡିଓ ଏବଂ ଅଡିଓ କଲ୍ ଆସିପାରିବ ବୋଲି ଏହାର ନୂଆ ମାଲିକ ଏଲନ୍ ମସ୍କ ଘୋଷଣା କରିଛନ୍ତି। ସେ ତାଙ୍କ ଆପ୍‌କୁ ସୁପର ଆପ୍‌ରେ ପରିବର୍ତ୍ତନ କରିବା ଲାଗି ଯୋଜନା ରଖିଛନ୍ତି। ଭିଡିଓ ଏବଂ ଅଡିଓ କଲ୍ ସେ ଦିଗରେ ଅନ୍ୟତମ ପଦକ୍ଷେପ। କିଛିଦିନ ହେଲା କଳ୍ପନାଜଳ୍ପନା ଲାଗିରହିଥିବାବେଳେ ମସ୍କ ଏହାକୁ ସ୍ପଷ୍ଟ କରିଛନ୍ତି। ଏହି ନୂଆ ଫିଚର ଆଇଓଏସ୍, ଆଣ୍ଡ୍ରଏଡ୍, ମାକ୍ ଏବଂ ପିସି ସେଟ୍‌ରେ କାର୍ଯ୍ୟ କରିବ। ଭିଡିଓ ଏବଂ ଅଡିଓ କଲ୍ ପାଇଁ ଫୋନ୍ ନମ୍ବର ଆବଶ୍ୟକ ପଡ଼ିବ ନାହିଁ। ବିଶ୍ୱସ୍ତରରେ ଏକ୍ସ ଏକ ଠିକଣା ପୁସ୍ତକ ବୋଲି ମସ୍କ କହିଛନ୍ତି।

# ଜି-୨୦ ସମିଟ୍‌ରେ ଜିନ୍‌ପିଙ୍ଗ୍ ଯୋଗଦେଇ ନ ପାରନ୍ତି

ନୂଆଦିଲ୍ଲୀ,୩୧।୮(ପି.ଟି.)



ଶି ଜିନ୍‌ପିଙ୍ଗ୍

ନୂଆଦିଲ୍ଲୀରେ ଆସନ୍ତା ସପ୍ତାହରେ ହେବାକୁ ଥିବା ଜି-୨୦ ସମିଟ୍‌ରେ ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍ ଯୋଗଦେଇ ନ ପାରନ୍ତି। ସମିଟ୍‌ରେ ଚାଇନା ପ୍ରଧାନମନ୍ତ୍ରୀ ଲି କିଆଙ୍ଗ ବେଜିଂର ପ୍ରତିନିଧିତ୍ୱ କରିବା ଆଶା କରାଯାଉଛି। ଜିନ୍‌ପିଙ୍ଗ ସମିଟ୍‌ରେ ଯୋଗ ନ ଦେବାର କାରଣ ଜଣାପଡ଼ି ନାହିଁ। ତାଙ୍କର ଯୋଗଦାନ ସମ୍ପର୍କରେ ଚାଇନା ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ସ୍ପଷ୍ଟୋକ୍ତି ମିଳିନାହିଁ। ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର୍ ପୁଟିନ୍ ଯୋଗଦେବେ ନାହିଁ ବୋଲି ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଫୋନ୍ ଯୋଗେ ଜଣାଇଥିଲେ। ତାଙ୍କ ସ୍ଥାନରେ ବହିର୍ବ୍ୟାପାର ମନ୍ତ୍ରୀ ସର୍ଗେଇ ଲାଭରୋଭ୍ ଜି-୨୦ରେ ରୁଷିଆର ପ୍ରତିନିଧିତ୍ୱ କରିବେ। ସେପ୍ଟେମ୍ବର ୯ ଓ ୧୦ରେ ଜି-୨୦ ସମିଟ୍ ଅନୁଷ୍ଠିତ ହେବାକୁ ଯାଉଥିବାବେଳେ ଏଥିରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍, ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ୍ ମାକରଁ, ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆଣ୍ଟୋନୀ ଆଲବାନିସ୍, ଜର୍ମାନୀ ଚାନ୍‌ସେଲର ଓଲାଫ ସ୍କୋଲ୍‌ଜ, ବ୍ରିଟେନ ପ୍ରଧାନମନ୍ତ୍ରୀ ଋଷି ସୁନକ, ଜାପାନ ପ୍ରଧାନମନ୍ତ୍ରୀ ଫୁମିଓ କିଶିଡା ଏବଂ ବ୍ରାଜିଲ ରାଷ୍ଟ୍ରପତି ଲୁଇଜ୍ ଇନାସିଓ ଲୁଲା ଡା ସିଲ୍‌ଭା ଯୋଗଦେବେ ବୋଲି ପୂର୍ବରୁ ସ୍ପଷ୍ଟ କରିଛନ୍ତି। ୨୦୨୦ ଜୁନ୍‌ରେ ଲଦାଖର ଗଲ୍‌ୱାନ ଉପତ୍ୟକାରେ ଭାରତ ଓ ଚାଇନା ସୈନ୍ୟଙ୍କ ମଧ୍ୟରେ ରକ୍ତାକ୍ତ ସଂଘର୍ଷ ପରେ ଦୁଇ ଦେଶର ସମ୍ପର୍କରେ ତିକ୍ତତା ଲାଗି ରହିଛି। ଉଭୟ ପକ୍ଷ ବିଭିନ୍ନ ଅଞ୍ଚଳରୁ ସୈନ୍ୟ ଫେରାଇ ନେଇଥିଲେ ମଧ୍ୟ ପୂର୍ବ ଲଦାଖର କେତେକ ସ୍ଥାନରେ ଏବେ ବି ଚାଇନା ସୈନ୍ୟ ମହଜୁଦ ରହିଛନ୍ତି। ସମ୍ପର୍କ ସ୍ୱାଭାବିକ କରିବାକୁ ହେଲେ ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍‌ଏସି)ରେ ଶାନ୍ତି ଓ ସ୍ଥିରତା ବଜାୟ ରଖିବା ଜରୁରୀ ବୋଲି ଭାରତ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ସୀମା ପ୍ରସଙ୍ଗ ସମ୍ପୂର୍ଣ୍ଣ ଦ୍ୱିପାକ୍ଷିକ ସମ୍ପର୍କ ସହ ଜଡ଼ିତ ନୁହେଁ ବୋଲି ଚାଇନା କହିଛି।

# ଯେକୌଣସି ସମୟରେ କଶ୍ମୀର ନିର୍ବାଚନ

## ସୁପ୍ରିମକୋର୍ଟଙ୍କୁ ଜଣାଇଲା କେନ୍ଦ୍ର

### ରାଜ୍ୟ ମାନ୍ୟତା ଫେରିବା ପାଇଁ ସମୟ ଲାଗିପାରେ

ନୂଆଦିଲ୍ଲୀ,୩୧।୮



ଜମ୍ମୁ-କଶ୍ମୀରରେ ଯେକୌଣସି ସମୟରେ ବିଧାନସଭା ନିର୍ବାଚନ କରାଯାଇପାରେ। ଭୋଟର ତାଲିକା ପ୍ରସ୍ତୁତି କାର୍ଯ୍ୟ ପ୍ରାୟ ଶେଷ ହୋଇଗଲାଣି। କେଉଁ ଦିନ ନିର୍ବାଚନ କରାଯିବ, ତାହା ନିର୍ବାଚନ କମିଶନଙ୍କ ଉପରେ ନିର୍ଭର କରେ। କେନ୍ଦ୍ର ସରକାର ଗୁରୁବାର ଏହି ଗୁରୁତ୍ୱପୂର୍ଣ୍ଣ ବିଷୟ ସୁପ୍ରିମକୋର୍ଟଙ୍କୁ ଜଣାଇଛନ୍ତି।

୨୦୧୯ ଅଗଷ୍ଟ ୫ରେ କେନ୍ଦ୍ର ସରକାର ସମ୍ବିଧାନର ଅନୁଚ୍ଛେଦ ୩୭୦କୁ ଉଚ୍ଛେଦ କରିଥିଲେ। ଫଳରେ ୩୭୦ ବଳରେ ଜମ୍ମୁ-କଶ୍ମୀରକୁ ମିଳିଆସୁଥିବା ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ପ୍ରତ୍ୟାହୃତ ହୋଇଥିଲା। ସେବେଠୁ ଜମ୍ମୁ-କଶ୍ମୀର ଓ ଲଦାଖ ଦୁଇଟି ଭିନ୍ନ କେନ୍ଦ୍ରଶାସିତ ଅଞ୍ଚଳ ପାଲଟିଛି। କେନ୍ଦ୍ରର ଏହି ନିଷ୍ପତ୍ତି ବିରୋଧରେ ସୁପ୍ରିମକୋର୍ଟରେ ୨୦ରୁ ଊର୍ଦ୍ଧ୍ୱ ପିଟିଶନ ଦାଖଲ ହୋଇଛି। ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ସାମ୍ବିଧାନିକ ପୀଠ ଏହାର ନିୟମିତ ଶୁଣାଣି କରୁଛନ୍ତି। ସାମ୍ବିଧାନିକ ପୀଠର ଅନ୍ୟ ବିଚାରପତିମାନେ ହେଲେ ଜଷ୍ଟିସ୍ ଏସ୍.କେ. କୌଲ, ସଞ୍ଜୀବ ଖାନ୍ନା, ବି.ଆର୍. ଗଭାଇ ଏବଂ ସୂର୍ଯ୍ୟକାନ୍ତ। ମଙ୍ଗଳବାର ଶୁଣାଣି ବେଳେ ଜମ୍ମୁ-କଶ୍ମୀରକୁ ରାଜ୍ୟ ମାନ୍ୟତା କେବେ ଫେରାଇବ ଓ ସେଠାରେ ବିଧାନସଭା ନିର୍ବାଚନ କେବେ କରାଇବ ବୋଲି ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ପ୍ରଶ୍ନ କରିଥିଲେ। ଏଥିସହ ଏ ସଂକ୍ରାନ୍ତ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରି ୩୧ ତାରିଖ (ଗୁରୁବାର) ସୁଦ୍ଧା ଏହା ଉପରେ ବିସ୍ତୃତ ବିବରଣୀ ଦେବାକୁ ସାମ୍ବିଧାନିକ ପୀଠ ନିର୍ଦ୍ଦେଶ ଦେଇଥିଲେ। ଗୁରୁବାର ଥିଲା ପୀଠରେ ଶୁଣାଣିର ଚତୁର୍ଦ୍ଦଶ ଦିନ। କେନ୍ଦ୍ର ପକ୍ଷରୁ ଶୀର୍ଷ ଅଦାଲତରେ ପ୍ରତିନିଧିତ୍ୱ କରୁଥିବା ସଲିସିଟର ଜେନେରାଲ (ଏସ୍‌ଜି) ତୁଷାର ମେହେଟ୍ଟା କହିଥିଲେ, ଜମ୍ମୁ-କଶ୍ମୀରକୁ ଅସ୍ଥାୟୀ ଭାବେ କେନ୍ଦ୍ରଶାସିତ ଅଞ୍ଚଳ ମାନ୍ୟତା ଦିଆଯାଇଛି। ଏହାକୁ ରାଜ୍ୟ ମାନ୍ୟତା ଫେରାଇବା ପାଇଁ କିଛି ସମୟ ଲାଗିବ। ତେବେ ସେଠାରେ ୩ଟି ପର୍ଯ୍ୟାୟରେ ନିର୍ବାଚନ କରାଯିବ। ପ୍ରଥମେ ପଞ୍ଚାୟତ ଭୋଟ। ପୌରପାଳିକା ପରେ ଅନ୍ତିମ ପର୍ଯ୍ୟାୟରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ। ଏଥିପାଇଁ କେନ୍ଦ୍ର ପ୍ରସ୍ତୁତ। କେଉଁ ତାରିଖରେ କେଉଁ ନିର୍ବାଚନ ହେବ ତାହା ଭାରତର ନିର୍ବାଚନ କମିଶନ ଏବଂ ରାଜ୍ୟ ନିର୍ବାଚନ କମିଶନ ସ୍ଥିର କରିବେ। ଭୋଟର ତାଲିକା କାମ ମାସକ ମଧ୍ୟରେ ସମ୍ପୂର୍ଣ୍ଣ ହେବ। ମେହେଟ୍ଟା ଆହୁରି କହିଥିଲେ, ପାର୍ଲାମେଣ୍ଟରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ବିବୃତିରୁ କିଛି ଅଂଶ ଉଦ୍ଧୃତ କରି ସେ ଅଦାଲତଙ୍କୁ ଜଣାଇସାରିଛନ୍ତି, 'ଜମ୍ମୁ-କଶ୍ମୀରର କେନ୍ଦ୍ରଶାସିତ ଅଞ୍ଚଳ ମାନ୍ୟତା ଏକ ଅସ୍ଥାୟୀ ବିଷୟ'। ଆମେ ଏକ ଅତ୍ୟନ୍ତ ଅସ୍ୱାଭାବିକ ସ୍ଥିତିର ସମ୍ମୁଖୀନ ହୋଇଛୁ। କେବେ ନିର୍ବାଚନ ହେବ ତାହା ନିର୍ଦ୍ଦିଷ୍ଟ ଭାବେ ଏବେଠୁ କହିହେବ ନାହିଁ।

## ବିଫଳତାରୁ ଧ୍ୟାନ ହଟାଇବା ପାଇଁ କୌଶଳ: କଂଗ୍ରେସ

ଜମ୍ମୁ/ଶ୍ରୀନଗର/ନୂଆଦିଲ୍ଲୀ,୩୧।୮: ଜମ୍ମୁ-କଶ୍ମୀରକୁ ରାଜ୍ୟ ମାନ୍ୟତା ଫେରାଇବା ଉପରେ ଗୁରୁବାର ସୁପ୍ରିମକୋର୍ଟରେ କେନ୍ଦ୍ର ସରକାର କହିଥିବା କଥାରେ କୌଣସି ନୂତନତ୍ୱ ନାହିଁ। ଏହା ବିଫଳତାରୁ ଧ୍ୟାନ ହଟାଇବା ପାଇଁ ଏକ କୌଶଳ ବୋଲି ବିରୋଧୀ ଦଳଗୁଡ଼ିକ ସମାଲୋଚନା କରିଛନ୍ତି। ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ବାଢ଼ିଥିବା ଯୁକ୍ତିକୁ ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି) କେନ୍ଦ୍ରର ୨୦୧୯ ଅଗଷ୍ଟ ୫ ନିଷ୍ପତ୍ତିକୁ କରାଯାଇଥିବା ଚ୍ୟାଲେଞ୍ଜରୁ ଧ୍ୟାନ ହଟାଇବା ଲାଗି କୌଶଳ ଭାବେ ଅଭିହିତ କରିଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ମେହବୁବା ମୁଫ୍‌ତିଙ୍କ ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି (ପିଡିପି) ମତରେ ରାଜ୍ୟ ମାନ୍ୟତା ଫେରସ୍ତ କିମ୍ବା ନିର୍ବାଚନ କରାଇବା ବେଶି ଗୁରୁତ୍ୱପୂର୍ଣ୍ଣ ନୁହେଁ। ଅନୁଚ୍ଛେଦ ୩୭୦ ଉଚ୍ଛେଦର ସାମ୍ବିଧାନିକ ବୈଧତା ଉପରେ ସୁପ୍ରିମକୋର୍ଟ କି ନିଷ୍ପତ୍ତି ନେଉଛନ୍ତି, ତାହା ବଡ଼ କଥା। କେନ୍ଦ୍ରକୁ ଏହା ଉପରେ ଜବାବ ମାଗିଥିବାରୁ ସୁପ୍ରିମକୋର୍ଟଙ୍କୁ କଂଗ୍ରେସ କୃତଜ୍ଞତା ଜଣାଇଛି। ଅନ୍ୟ ଦଳଗୁଡ଼ିକ କହିଛନ୍ତି, କେନ୍ଦ୍ର କିଛି ବର୍ଷ ହେଲା ଏମିତି କହିଆସୁଛି। ଏଥିରେ ନୂତନତ୍ୱ ନାହିଁ।

# ମୁମ୍ବାଇରେ ଇଣ୍ଡିଆ ମେଣ୍ଟର ତୃତୀୟ ବୈଠକ

ମୁମ୍ବାଇ,୩୧।୮

ବିରୋଧୀ ମେଣ୍ଟ 'ଇଣ୍ଡିଆ'ର ତୃତୀୟ ବୈଠକ ଗୁରୁବାର ସନ୍ଧ୍ୟାରେ ମୁମ୍ବାଇରେ ଆରମ୍ଭ ହୋଇଛି। ଏହି ଦୁଇଦିନିଆ ବୈଠକରେ ଆଗାମୀ ଲୋକ ସଭା ନିର୍ବାଚନରେ ଭାଜପାକୁ ପରାଜିତ କରିବା ରଣନୀତି ଉପରେ ଆଲୋଚନା ହେବ। ଏହା ବ୍ୟତୀତ ମେଣ୍ଟର ଲୋଗୋ ଉନ୍ମୋଚନ, କୋଅର୍ଡିନେଟର ନିଯୁକ୍ତି ହେବ। ଶୁକ୍ରବାର ବିରୋଧୀ ମେଣ୍ଟର ଦଳଗୁଡ଼ିକ ମଧ୍ୟରେ ଆସନ ବୁଝାମଣା ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯିବ ବୋଲି କୁହାଯାଉଛି। ଏନେଇ ୨୮ ବିରୋଧୀ ଦଳର ନେତା ମୁମ୍ବାଇରେ ଏକାଠି ହୋଇଛନ୍ତି। ଗ୍ରାଣ୍ଡ ହ୍ୟାଟ୍ ହୋଟେଲରେ ହେଉଥିବା ଏହି ବୈଠକରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ, କଂଗ୍ରେସ ସଂସଦୀୟ ଦଳ ନେତ୍ରୀ ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ, ଏନ୍‌ସିପି ଅଧ୍ୟକ୍ଷ ଶରଦ ପାୱାର, ଶିବସେନା (ୟୁବିଟି) ଅଧ୍ୟକ୍ଷ ଉଦ୍ଧବ ଠାକ୍‌ରେ ପ୍ରମୁଖ ଯୋଗଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏନ୍‌ସିପିର ସୁପ୍ରିୟା ସୁଲେ, ଜୟନ୍ତ ପାଟିଲ, ଶିବସେନା ଆଇବିଟିର ଆଦିତ୍ୟ ଠାକ୍‌ରେ, ସଞ୍ଜୟ ରାଉତ, ଆର୍‌ଜେଡିର ମନୋଜ ଝା, ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ, ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଏଏପି ନେତା ଅରବିନ୍ଦ କେଜ୍‌ରିୱାଲ, ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍, ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ବୈଠକରେ ଯୋଗଦେବା ଲାଗି ପହଞ୍ଚିଛନ୍ତି। ଦିନକ ପୂର୍ବରୁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ନ୍ୟାଶନାଲ କନ୍‌ଫରେନ୍ସ ନେତା ଫାରୁକ୍ ଅବଦୁଲ୍ଲା, ପିଡିପି ନେତ୍ରୀ ମେହବୁବା ମୁଫ୍‌ତି ମୁମ୍ବାଇରେ ପହଞ୍ଚିଥିଲେ।

# ଜୟା ବର୍ମା ସିହ୍ନା ରେଲ୍‌ୱେ ବୋର୍ଡର ପ୍ରଥମ ମହିଳା ମୁଖ୍ୟ



ଜୟା ବର୍ମା ସିହ୍ନା

ନୂଆଦିଲ୍ଲୀ,୩୧।୮

ଜୟା ବର୍ମା ସିହ୍ନା ରେଲୱେ ବୋର୍ଡର ନୂତନ ଅଧ୍ୟକ୍ଷ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଫିସର (ସିଇଓ) ନିଯୁକ୍ତ ହୋଇଛନ୍ତି। ସେ ବର୍ତ୍ତମାନର ରେଲୱେ ବୋର୍ଡ ମୁଖ୍ୟ ଅନିଲ କୁମାର ଲାହୋଟିଙ୍କ ସ୍ଥାନ ନେବେ। ରେଲ୍‌ୱେ ବୋର୍ଡର ମୁଖ୍ୟ ହେବାରେ ସେ ପ୍ରଥମ ମହିଳା। ସିହ୍ନା ଜଣେ ଭାରତୀୟ ରେଲ୍‌ୱେ ଟ୍ରାଫିକ୍ ସେବା (ଆଇଆର୍‌ଟିଏସ୍) ଅଫିସର। ସେ ଏବେ ରେଲ୍‌ୱେ ବୋର୍ଡର ସଦସ୍ୟ (ଅପରେଶନ ଆଣ୍ଡ ବିଜ୍‌ନେସ ଡେଭେଲପମେଣ୍ଟ) ରହିଛନ୍ତି। ବୋର୍ଡର ଅଧ୍ୟକ୍ଷ ତଥା ସିଇଓ ଭାବେ ତାଙ୍କ ନିଯୁକ୍ତି ପ୍ରସ୍ତାବକୁ ନିଯୁକ୍ତି ସମ୍ପର୍କିତ କ୍ୟାବିନେଟ କମିଟି ମଞ୍ଜୁରୀ ପ୍ରଦାନ କରିଛି। ସେ ସେପ୍ଟେମ୍ବର ୧ କିମ୍ବା ପରେ କାର୍ଯ୍ୟଭାର ଗ୍ରହଣ କରି ଏହି ପଦବୀରେ ଆସନ୍ତା ବର୍ଷ ଅଗଷ୍ଟ ୩୧ ପର୍ଯ୍ୟନ୍ତ କିମ୍ବା ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ରହିବେ।

# ଘୁଷୁରି ଫସଲ ନଷ୍ଟକରିବାରୁ ପରିବାରର ୩ ଜଣଙ୍କୁ ପିଟି ହତ୍ୟା

ରାଞ୍ଚି,୩୧।୮(ପି.ଟି.)

ଝାଡ଼ଖଣ୍ଡ ରାଜଧାନୀ ରାଞ୍ଚି ଉପକଣ୍ଠରେ ଗୋଟିଏ ପରିବାରର ୨ ମହିଳାଙ୍କ ସମେତ ୩ ଜଣଙ୍କୁ ଗୁରୁବାର ପ୍ରାୟ ୧୦ ଜଣ ଲୋକ ପିଟି ମାରିଦେଇଛନ୍ତି। ଉକ୍ତ ପରିବାରର ଘୁଷୁରି ସେମାନଙ୍କର ଜଣେ ସମ୍ପର୍କୀୟଙ୍କ କ୍ଷେତର ଫସଲ ନଷ୍ଟ କରିବାରୁ ସେମାନେ ଅମାନୁଷିକ ଭାବେ ଆକ୍ରମଣ କରିଥିଲେ ବୋଲି ପୋଲିସ କହିଛି। ଓର୍ମାଞ୍ଝି ଥାନା ଅନ୍ତର୍ଗତ ଝାଞ୍ଜି ଟୋଲା ଗ୍ରାମରେ ଏହି ଘଟଣା ଘଟିଥିବା ରାଞ୍ଚି ଗ୍ରାମାଞ୍ଚଳ ଏସ୍‌ପି ହରିଶ ବିନ୍ ଜମନ କହିଛନ୍ତି। ମୃତକ ହେଲେ ଜନେଶ୍ୱର ବେଡିଆ (୪୨), ସରିତା ଦେବୀ (୩୯) ଏବଂ ସଞ୍ଜୁ ଦେବୀ(୨୫)। ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବାବେଳେ ଉତ୍ତେଜନା ଲାଗିରହିଥିବାରୁ ଗାଁରେ ପୋଲିସ ମୁତୟନ ହୋଇଛି। ଆକ୍ରମଣକାରୀଙ୍କୁ ଧରିବା ପାଇଁ ପୋଲିସ ଏକ ଟିମ୍ ଗଠନ କରିଛି।

# ଜୋହାନ୍ସବର୍ଗ ବିଲ୍ଡିଂରେ ନିଆଁ: ୭୩ ମୃତ



ଜୋହାନ୍ସବର୍ଗ,୩୧।୮(ପି.ଟି.)

ଦକ୍ଷିଣ ଆଫ୍ରିକାର ସର୍ବବୃହତ୍ ସହର ଜୋହାନ୍ସବର୍ଗରେ ଏକ ପାଞ୍ଚ ମହଲା ବିଲ୍ଡିଂରେ ବୁଧବାର ବିଳମ୍ବିତ ରାତିରେ ନିଆଁ ଲାଗି ୭୩ ଜଣଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୫୨ ଜଣ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୭ ଜଣ ଶିଶୁ ଅଛନ୍ତି। ଏବେ ବି ବିଲ୍ଡିଂ ଭିତରୁ ମୃତଦେହ ବାହାରୁଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ଅଗ୍ନିକାଣ୍ଡର କାରଣ ଜଣାପଡ଼ି ନାହିଁ। ବିଲ୍ଡିଂରୁ ଏବେ ବି ମୃତଦେହ ବାହାରୁଥିବାରୁ ସେଠାରେ ଜରୁରୀ କର୍ମଚାରୀମାନେ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ଆହତମାନଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧ୍ୟରୁ ଅଧିକାଂଶ ଧୂଆଁରେ ଅଣନିଶ୍ୱାସୀ ହୋଇପଡ଼ିଛନ୍ତି କିମ୍ବା ସାମାନ୍ୟ ଆହତ ହୋଇଥିବା ଜରୁରୀ ସେବା ମୁଖପାତ୍ର ରବର୍ଟ ମୁଲାଉଜି କହିଛନ୍ତି। ନିଆଁରେ ବିଲ୍ଡିଂ ସମ୍ପୂର୍ଣ୍ଣ ଜଳିଯାଇଥିବାବେଳେ ବାସହୀନ ହୋଇଥିବା ଲୋକଙ୍କ ଥଇଥାନ ପାଇଁ ବ୍ୟବସ୍ଥା କରାଯାଉଥିବା ମୁଲାଉଜି ସୂଚନା ଦେଇଛନ୍ତି। ନିକଟ ଅତୀତରେ ଏହା ବିଶ୍ୱର ସବୁଠୁ ଭୟାବହ ଅଗ୍ନି ଦୁର୍ଘଟଣା ବୋଲି କୁହାଯାଉଛି।

# ତ୍ୱରିତ ବିଚାର ଜେଲରୁ ଭିଡ଼ କମାଇବ

## କାରାଗାର ସଂସ୍କାର କମିଟିର ମତ

### କିନ୍ନର ବନ୍ଦୀଙ୍କୁ ସମାନ ସୁବିଧା ଦିଆଯିବାକୁ ସୁପାରିସ

ନୂଆଦିଲ୍ଲୀ,୩୧।୮(ପି.ଟି.)

ଦେଶର ଜେଲଗୁଡ଼ିକର ଆବାସିକ ଅଞ୍ଚଳ ଦୟନୀୟ ସ୍ଥିତିରେ ରହିଛି। ମାମଲାଗୁଡ଼ିକର ତ୍ୱରିତ ବିଚାର ଜେଲରୁ କଏଦୀଙ୍କ ଭିଡ କମାଇବାରେ ବିଶେଷ ସହାୟକ ହୋଇପାରିବ ବୋଲି କାରାଗାର ସଂସ୍କାର ସମ୍ପର୍କିତ ସୁପ୍ରିମକୋର୍ଟ କମିଟି କହିଛି। ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତି ଅମିତାଭ ରାୟଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ସର୍ବୋଚ୍ଚ ଅଦାଲତରେ ବୃତ୍ତାନ୍ତ ରିପୋର୍ଟ ଦାଖଲ କରିଛି। ଆଦର୍ଶ କାରାଗାର ନିୟମାବଳୀ, ୨୦୧୬ରେ ଯେଉଁ ପରିକଳ୍ପନା କରାଯାଇଥିଲା, ବର୍ତ୍ତମାନର ଜେଲଗୁଡ଼ିକର ଜୀବନଯାପନ ସ୍ଥିତି ଦେଖିଲେ, ତାହା ସାକାର ହୋଇଥିବା ଆଦୌ ଅନୁଭବ କରାଯାଉ ନାହିଁ। ଏହା ଉପରେ ତୁରନ୍ତ ଧ୍ୟାନ ଦିଆଯିବ ଆବଶ୍ୟକ ବୋଲି କମିଟି କହିଛି। ଭାରତରେ ୬୪୪ ସବ୍‌ଜେଲ, ୪୦୨ ଜିଲା ଜେଲ ସମେତ ମୋଟ ୧,୩୪୧ ଜେଲ ରହିଥିବାବେଳେ ୨୦୧୮ ନଭେମ୍ବର ୩୦ରେ ସେଠାରେ ରହୁଥିବା ବନ୍ଦୀମାନଙ୍କ ହାର ୧୨୨ ପ୍ରତିଶତ ରହିଛି। ଜେଲଗୁଡ଼ିକରେ ବନ୍ଦୀ ଓ ବିଚାରାଧୀନ କଏଦୀଙ୍କ ସଂଖ୍ୟା ବଢ଼ିଚାଲିଥିବାବେଳେ କାରାଗାର ଭିତ୍ତିଭୂମି ନିର୍ମାଣ, ବିକାଶ ଓ ସମ୍ପ୍ରସାରଣରେ ସ୍ଥାଣୁତା ଦେଖାଦେଇଛି। ତଦନ୍ତ ଓ ବିଚାରରେ ବିଳମ୍ବ ଜେଲରେ ବନ୍ଦୀଙ୍କ ଭିଡ଼ ବଢ଼ିବାର ଅନ୍ୟତମ କାରଣ। ଜିଲା ଜେଲଗୁଡ଼ିକରେ କଏଦୀଙ୍କ ଭିଡ ସବୁଠୁ ଅଧିକ (୧୪୮ ପ୍ରତିଶତ) ହୋଇଥିବାବେଳେ କେନ୍ଦ୍ରୀୟ ଜେଲରେ ୧୨୯ ପ୍ରତିଶତ ଏବଂ ସବ୍‌ଜେଲରେ ୧୦୬ ପ୍ରତିଶତ ରହିଛି। ୨୦୨୨ ଡିସେମ୍ବର ୨୭ର ବୃତ୍ତାନ୍ତ ରିପୋର୍ଟରେ ଜେଲରେ ଅସ୍ୱାଭାବିକ ମୃତ୍ୟୁ, କିନ୍ନର ବନ୍ଦୀ ଏବଂ ମୃତ୍ୟୁଦଣ୍ଡ ପାଇଥିବା ଦୋଷୀସାବ୍ୟସ୍ତଙ୍କ ସମ୍ପର୍କରେ ଉଲ୍ଲେଖ ରହିଛି। କିନ୍ନର ବନ୍ଦୀଙ୍କୁ ଅନ୍ୟ ବନ୍ଦୀମାନଙ୍କ ଭଳି ସମାନ ବ୍ୟବହାର କରାଯିବା ସହ ସେମାନଙ୍କୁ ସମାନ ଅଧିକାର ଓ ସୁବିଧା ମିଳିବ ଆବଶ୍ୟକ ବୋଲି ସୁପ୍ରିମକୋର୍ଟ କମିଟି କହିଛି। ଜେଲ କର୍ମଚାରୀ ଓ ସବୁ ସ୍ତରରେ ସୁଧାର ପ୍ରଶାସନକୁ ଏଥିପାଇଁ ନିୟମିତ ଓ ପର୍ଯ୍ୟାପ୍ତ ତାଲିମ ମିଳିବା ଆବଶ୍ୟକ। ସେହିପରି କିନ୍ନର ବନ୍ଦୀଙ୍କ ପ୍ରତି ହିଂସା, ପାତରଅନ୍ତର ଏବଂ ଅନ୍ୟାନ୍ୟ କ୍ଷତି ଯେପରି ନ ହୁଏ, ସେଥିପାଇଁ ରାଜ୍ୟ ସରକାର ଏବଂ ଜେଲ ବିଭାଗ ଉପଯୁକ୍ତ ଓ ପ୍ରଭାବୀ ପଦକ୍ଷେପ ନେବା ଜରୁରୀ ବୋଲି କମିଟି ସୁପାରିସ କରିଛି।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ସେପ୍ଟେମ୍ବର ୧/୨୦୨୩ | Bhubaneswar, Friday, September 1/2023 | ପୃଷ୍ଠା-୧


# ୨୨ରୁ ବିଧାନସଭା ଆରମ୍ଭ

**▪ ୨୧ରେ ବାଚସ୍ପତି ନିର୍ବାଚନ**

**▪ ଅକ୍ଟୋବର ୩ରେ ଅତିରିକ୍ତ ବ୍ୟୟମଞ୍ଜୁରୀ ବିଲ୍**



ଭୁବନେଶ୍ୱର,୩୧।୮(ଅନିଲ ଦାସ)

ଆସନ୍ତା ସେପ୍ଟେମ୍ବର ୨୨ ତାରିଖରୁ ବିଧାନସଭାର ସ୍ୱଳ୍ପକାଳୀନ ମୌସୁମୀ ଅଧିବେଶନ ଆରମ୍ଭ ହେବ। ଏହା ଅକ୍ଟୋବର ୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଅଧିବେଶନର ପ୍ରଥମ ଦିବସରେ ୨୦୨୩-୨୪ ଆର୍ଥିକବର୍ଷ ପାଇଁ ପ୍ରଥମ ଅତିରିକ୍ତ ବଜେଟ୍ ଆଗତ ହେବ। ଏହି ଅଧିବେଶନରେ ମୋଟ ୮ଟି କାର୍ଯ୍ୟ ଦିବସ ରହିଛି। ଅକ୍ଟୋବର ୩ ତାରିଖରେ ଅତିରିକ୍ତ ବ୍ୟୟମଞ୍ଜୁରୀ ବିଲ୍ ଆଗତ ହେବ। ଅଧିବେଶନ ପୂର୍ବରୁ ବିଧାନସଭାରେ ଖାଲି ପଡ଼ିଥିବା ବାଚସ୍ପତି ପଦବୀ ପାଇଁ ସେପ୍ଟେମ୍ବର ୨୧ ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବ। ବାଚସ୍ପତି ନିର୍ବାଚନ ପାଇଁ ୧୮ ତାରିଖରେ ପ୍ରାର୍ଥୀପତ୍ର ଦାଖଲ ହେବ। ବିକ୍ରମ କେଶରୀ ଆରୁଖ ବାଚସ୍ପତି ପଦରୁ ଇସ୍ତଫା ଦେବା ପରେ ଏହି ପଦ ଖାଲିପଡ଼ିଛି। କିଏ ବାଚସ୍ପତି ହେବେ ଓ କେବେ ନିର୍ବାଚନ ହେବ ତାକୁ ନେଇ ଗତ କିଛି ମାସ ଧରି କଳ୍ପନାଜଳ୍ପନା ଜାରି ରହିଥିଲା । ବାଚସ୍ପତି ନିର୍ବାଚନ ପାଇଁ ତାରିଖ ଘୋଷଣା ହେବା ପରେ ଏହାର ଅନ୍ତ ଘଟିଛି। ଏଠାରେ ସୂଚନାଯୋଗ୍ୟ, ଗତ ମେ' ୧୨ ତାରିଖରେ ବିକ୍ରମ କେଶରୀ ଆରୁଖ ☞ପୃଷ୍ଠା-୨

# ୧୮ରୁ ସଂସଦର ସ୍ୱତନ୍ତ୍ର ଅଧିବେଶନ

**ପାର୍ଲାମେଣ୍ଟର ମୌସୁମୀ ଅଧିବେଶନ ଶେଷ ହେବାର ୩ ସପ୍ତାହ ପରେ ସେପ୍ଟେମ୍ବର ୧୮ରୁ ୨୨ ଯାଏ ସ୍ୱତନ୍ତ୍ର ଅଧିବେଶନ ଡକାଯାଇଛି। ଏଭଳି ଅଚାନକ ଅଧିବେଶନ କାହିଁକି ଆହ୍ୱାନ କରାଯାଇଛି ସେନେଇ ସରକାରୀ ଭାବେ କୌଣସି କାରଣ ଦର୍ଶାଯାଇନାହିଁ। ତେବେ 'ଏକ ଦେଶ, ଏକ ନିର୍ବାଚନ' ସଂକ୍ରାନ୍ତ ବିଲ୍ ଆସିପାରେ ବୋଲି ଆଲୋଚନା ହେଲାଣି ।**

ନୂଆଦିଲ୍ଲୀ,୩୧।୮(ପି.ଟି.)

ଆସନ୍ତା ସେପ୍ଟେମ୍ବର ୧୮ରୁ ୨୨ ତାରିଖ ପର୍ଯ୍ୟନ୍ତ ପାର୍ଲାମେଣ୍ଟର ସ୍ୱତନ୍ତ୍ର ଅଧିବେଶନ ଡକାଯାଇଛି। ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଜୋଶୀ ଗୁରୁବାର 'ଏକ୍ସ' ମାଧ୍ୟମରେ ଏହି ସୂଚନା ଦେଇଛନ୍ତି। କିନ୍ତୁ ଏହି ୫ ଦିନିଆ ଅଧିବେଶନର କାର୍ଯ୍ୟସୂଚୀ ନେଇ ସରକାରଙ୍କ

### ନୂଆ ସଂସଦ ଭବନରେ ବସିବ


ପକ୍ଷରୁ ଆନୁଷ୍ଠାନିକ ଭାବେ କିଛି କୁହାଯାଇ ନ ଥିବାରୁ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇବାରେ ଲାଗିଛି। ତେବେ 'ଏକ ଦେଶ, ଏକ ନିର୍ବାଚନ' ସଂକ୍ରାନ୍ତ ବିଲ୍ ଏହି ଅଧିବେଶନରେ ଆସିବାର ସମ୍ଭାବନା ରହିଛି ବୋଲି ସୂତ୍ରରୁ ଜଣାପଡ଼ିଛି।

ଚଳିତବର୍ଷ ଭାରତ ଅଧ୍ୟକ୍ଷତା କରୁଥିବା ଜି୨୦ ସମ୍ମିଳନୀ ଜାତୀୟ ରାଜଧାନୀ ଦିଲ୍ଲୀରେ ସେପ୍ଟେମ୍ବର ୯ରୁ ୧୦ ପର୍ଯ୍ୟନ୍ତ ଚାଲିବ। ଏହାର ସପ୍ତାହେ ପରେ ସଂସଦର ସ୍ୱତନ୍ତ୍ର ଅଧିବେଶନ ବସିବ। ଏନେଇ କେନ୍ଦ୍ରମନ୍ତ୍ରୀ ଜୋଷୀ କହିଛନ୍ତି, ପାର୍ଲାମେଣ୍ଟର ସ୍ୱତନ୍ତ୍ର (ସପ୍ତଦଶ ଲୋକ ସଭାର ତ୍ରୟୋଦଶ ଏବଂ ରାଜ୍ୟ ସଭାର ୨୬୧ତମ) ଅଧିବେଶନ ଡକାଯାଇଛି। ☞ପୃଷ୍ଠା-୨


**ଆଜିର ସମ୍ପାଦକୀୟ**

**ବୌଦ୍ଧିକ ସ୍ୱାଧୀନତାର ଅଭାବ**








ଧରିତ୍ରୀ DHARITRI
ଭୁବନେଶ୍ୱର, ଶୁକ୍ରବାର, ୧ ସେପ୍ଟେମ୍ବର, ୨୦୨୩



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କାଳ ହେଲାଣି ବାବରା**
**ଅସତୀ ଖାଇଲେ ସରୁ ଚାଉଳ**
**ସତୀଙ୍କି ନ ମିଳେ ବଗଡ଼ା।**

ବିଟପି ବା ଦୁଶ୍ଚରିତ୍ର ନାରୀଙ୍କ ପ୍ରତି ମନରେ ଦରଦ ଅଥଚ ଧର୍ମକର୍ମ କରୁଥିବା ବ୍ୟକ୍ତିଙ୍କ ପ୍ରତି ମନରେ ଘୃଣା, ହିଂସା ଭାବ। କାଳର ଓଲଟା ଗତି। ସମାଜରେ ଭଲ ବା ଉତ୍ତମ ବ୍ୟକ୍ତିଙ୍କୁ ଯେତେ ଆଦର ସମ୍ମାନ ମିଳି ନ ଥାଏ ତା' ଠାରୁ କାହିଁ କେତେ ଗୁଣ ପ୍ରାଧାନ୍ୟ ଖଳ ବା ଦୁଶ୍ଚରିତ୍ର ବ୍ୟକ୍ତିଙ୍କୁ ଦିଆଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କଣ୍ଟାରେ ବସନ ପକାଇ**
**ଛାଟି ହେଉଛି କାହିଁ ପାଇଁ ?**

ସାଧାରଣତଃ କଳହପ୍ରିୟ ବ୍ୟକ୍ତି କୌଣସି କାରଣ ନ ଥାଇ ଅନ୍ୟ ସହ ଝଗଡାଝାଟି କରୁଥିବାର ଦେଖିବାକୁ ମିଳିଥାଏ। ଏହା ସେମାନଙ୍କର ଏକ ପ୍ରକୃତି ବୋଲି ବୁଝିବାକୁ ହୋଇଥାଏ। ଏପରି ଜାଣିଶୁଣି କଣ୍ଟା ବାଡ଼ରେ ଲୁଗା ପକାଇ କଳି କରୁଥିବା ବ୍ୟକ୍ତି ପ୍ରତି ଏଭଳି କଟୁକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଜଙ୍ଗଲରେ ଭାଲୁ-ମଣିଷ ମୁହାଁମୁହିଁ

ବିଶୋଇ,୩୧।୮ (ଅମିତ ଦାସ)

ମୟୂରଭଞ୍ଜ ଜିଲା ବିଶୋଇ ବ୍ଲକ ଖଡ଼ମବେଡା ପଞ୍ଚାୟତ ଅନ୍ତର୍ଗତ ବାଡୁଣିଆ ଗ୍ରାମ ତାଲେସାହିର ରେଙ୍ଗା ପିଙ୍ଗୁଆ (୫୩) ଭାଲୁ ସହ ଲଢ଼ି ଜୀବନ ବଞ୍ଚାଇ ଫେରିଛନ୍ତି। ଗୁରୁବାର ସନ୍ଧ୍ୟାରେ ଘଟିଥିବା ଏହି ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ସୂଚନା ଅନୁଯାୟୀ, ସ୍ଥାନୀୟ କିତାବେଡ଼ା ଜଙ୍ଗଲକୁ ରେଙ୍ଗା ଏକାକୀ ଯାଇଥିବା ବେଳେ ଭାଲୁ ସହିତ ମୁହାଁମୁହିଁ ହୋଇଯାଇଥିଲେ। ନିଜକୁ ବଞ୍ଚାଇବା ପାଇଁ ସେ ଭାଲୁ ସହିତ ଲଢ଼େଇ କରିଥିଲେ। ବହୁତ ସମୟ ଭାଲୁ ଓ ମଣିଷ ଲଢେଇ ପରେ କୌଶଳ କ୍ରମେ ରେଙ୍ଗା ଲହୁଲୁହାଣ ଅବସ୍ଥାରେ ଘରକୁ ଫେରିଥିଲେ। ରେଙ୍ଗାଙ୍କ ୨ହାତ ଓ ପିଠିରେ ଭାଲୁ ଆଘାତ କରିଥିବା ଦେଖିବାକୁ ମିଳିଛି। ପରିବାର ଲୋକ ଓ ଗ୍ରାମବାସୀଙ୍କ ସହାୟତାରେ ତାଙ୍କୁ ପ୍ରଥମେ ବିଶୋଇ ପ୍ରାଥମିକ ଚିକିତ୍ସାଳୟ ଓ ପରେ ବାରିପଦାସ୍ଥିତ ପିଆର୍ଏମ୍ ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ରେଙ୍ଗା ରାଜମିସ୍ତ୍ରୀ କାମ କରି ଗୁଜୁରାଣ ମେଣ୍ଟାଉ ଥିବାବେଳେ ବନ ବିଭାଗ ତାଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବା ପାଇଁ ପରିବାର ଲୋକେ ଦାବି କରିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ୨୨ରୁ ବିଧାନସଭା ...

ବାଚସ୍ପତି ପଦରୁ ଇସ୍ତଫା ଦେଇଥିଲେ। ମେ' ୨୨ ତାରିଖରେ ସେ ଅର୍ଥ ବିଭାଗ ମନ୍ତ୍ରୀ ଭାବେ ଶପଥ ନେଇଥିଲେ। ଏହା ପୂର୍ବରୁ ଅର୍ଥ ବିଭାଗ ନିରଞ୍ଜନ ପୂଜାରୀଙ୍କ ହାତରେ ଥିଲା। ନିରଞ୍ଜନ ପୂଜାରୀ ଏବେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ଦାୟିତ୍ୱରେ ଅଛନ୍ତି। ୨୦୨୨ ଜୁନ୍‌ରେ ସୂର୍ଯ୍ୟନାରାୟଣ ପାତ୍ର ବାଚସ୍ପତି ପଦରୁ ଇସ୍ତଫା ଦେବା ପରେ ଏହି ଆସନରେ ବିକ୍ରମ କେଶରୀ ଆରୁଖ ବସିଥିଲେ। ତେବେ ବାଚସ୍ପତି ପଦବୀ ପାଇଁ ତାରିଖ ଘୋଷଣା ହେବା ପରେ ଏହି ପଦବୀରେ କିଏ ବସିବେ ସେ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ବାଚସ୍ପତି ଦୌଡ଼ରେ ବରିଷ୍ଠ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ନୃସିଂହ ଚରଣ ସାହୁ, ଦେବୀ ମିଶ୍ର ଓ ସ୍ନେହାଙ୍ଗିନୀ ଛୁରିଆଙ୍କ ନାମ ଆଗରେ ରହିଛି । ମୁଖ୍ୟମନ୍ତ୍ରୀ କାହା ମୁଣ୍ଡରେ କଳସ ଢାଳିବେ ତାହା ସେପ୍ଟେମ୍ବର ୧୮ ତାରିଖ ସୁଦ୍ଧା ସ୍ପଷ୍ଟ ହେବ।

### ୧୮ରୁ ସଂସଦର ସ୍ୱତନ୍ତ୍ର ...

ଏଥିରେ ୫ଟି କାର୍ଯ୍ୟଦିବସ ରହିବ। ଅମୃତ କାଳ ଚାଲିଥିବାବେଳେ ସଂସଦରେ ଫଳପ୍ରଦ ଆଲୋଚନା ଓ ବିତର୍କ ନେଇ ଆଶାବାଦୀ। ସୂତ୍ରରୁ ଜଣାପଡ଼ିଛି ଯେ, ମେ' ୨୮ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଉଦ୍‌ଘାଟିତ ନୂଆ ପାର୍ଲାମେଣ୍ଟ ବିଲ୍ଡିଂରେ ସ୍ୱତନ୍ତ୍ର ଅଧିବେଶନ ଚାଲିପାରେ। ଏଥିସକାଶେ ନୂଆ ସଂସଦ ଭବନରେ ଶେଷସ୍ପର୍ଶ ଦିଆଯାଉଛି। ସାଧାରଣତଃ ବର୍ଷକୁ ସଂସଦର ୩ଟି ଅଧିବେଶନ ଅନୁଷ୍ଠିତ ହୋଇଥାଏ। ସେଗୁଡ଼ିକ ହେଲା ବଜେଟ, ମୌସୁମୀ ଓ ଶୀତ ଅଧିବେଶନ। କିନ୍ତୁ ସଦ୍ୟ ଆହୂତ ସ୍ୱତନ୍ତ୍ର ଅଧିବେଶନ ଉପରେ ସରକାର କିଛି କହି ନ ଥିବାରୁ ବିଭିନ୍ନ ମହଲରେ ଭିନ୍ନ ଭିନ୍ନ ଆଲୋଚନା ଚାଲିଛି। ମୋଦି ସରକାର ଲୋକ ସଭା ନିର୍ବାଚନ ପର୍ଯ୍ୟନ୍ତ ରାଜନୈତିକ ପାଣିପାଗ ସରଗରମ ରହିବା ଭଳି କିଛି ବିଲ୍ ଆଗତ କରିପାରନ୍ତି ବୋଲି କୁହାଯାଉଛି। ଅଗଷ୍ଟ ୨୩ରେ ଚନ୍ଦ୍ରୟାନ-୩ର ଐତିହାସିକ ସଫଳତା ଏବଂ 'ଅମୃତ କାଳ' ପାଇଁ ଭାରତର ଲକ୍ଷ୍ୟ ଉପରେ ଏହି ଅଧିବେଶନରେ ବିସ୍ତୃତ ଆଲୋଚନା ହୋଇପାରେ।

କଂଗ୍ରେସ ନେତା ଜୟରାମ ରମେଶ ଅଭିଯୋଗ ଆଣିଛନ୍ତି, ମୌସୁମୀ ଅଧିବେଶନ ଶେଷ ହେବାର ୩ ସପ୍ତାହ ପରେ ଏହି ଅଧିବେଶନ ଆରମ୍ଭ ହେବାକୁ ଯାଉଛି। ମୁମ୍ବାଇରେ ବିରୋଧୀ ବ୍ଲକ୍ ଇଣ୍ଡିଆନ୍ ନ୍ୟାଶନାଲ ଡେଭେଲପ୍‌ମେଣ୍ଟ ଇନ୍‌କ୍ଲୁସିଭ୍ ଆଲାଏନ୍ସ (ଇଣ୍ଡିଆ) ପକ୍ଷରୁ ଚାଲିଥିବା ବୈଠକ ଏବଂ ଆଦାନୀ ସମ୍ପର୍କିତ ନୂଆ ପ୍ରଘଟର ମୁକାବିଲା ବେଳେ 'ନ୍ୟୁଜ୍ ସାଇକଲ'କୁ ମ୍ୟାନେଜ୍ କରିବା ପାଇଁ ସରକାର ସ୍ୱତନ୍ତ୍ର ଅଧିବେଶନ ଡାକିଛନ୍ତି। ତେବେ ଆଦାନୀ ପ୍ରସଙ୍ଗରେ ଯୁଗ୍ମ ସଂସଦୀୟ କମିଟି (ଜେପିସି) ତଦନ୍ତ ନେଇ ପାର୍ଲାମେଣ୍ଟ ଭିତରେ ଓ ବାହାରେ ଦାବି ଜାରି ରହିବ। ଶିବସେନା (ୟୁବିଟି) ନେତ୍ରୀ ପ୍ରିୟଙ୍କା ଚତୁର୍ବେଦୀ ଏକ୍ସ'ରେ କହିଛନ୍ତି, ଭାରତର ସବୁଠୁ ଗୁରୁତ୍ୱପୂର୍ଣ୍ଣ ପର୍ବ ଗଣେଶ ଚତୁର୍ଥୀ ବେଳେ ସ୍ୱତନ୍ତ୍ର ଅଧିବେଶନ ଡାକିବା ଦୁର୍ଭାଗ୍ୟଜନକ ଏବଂ ଏହା ହିନ୍ଦୁ ଭାବାବେଗ ବିରୋଧୀ। ସେମାନଙ୍କ ତାରିଖ ଚୟନକୁ ଦେଖି ଆଶ୍ଚର୍ଯ୍ୟ ଲାଗୁଛି।

ସଂଯୋଗବଶତଃ ଏହି ସ୍ୱତନ୍ତ୍ର ଅଧିବେଶନ ପ୍ରଧାନମନ୍ତ୍ରୀ ମୋଦିଙ୍କ ଜନ୍ମଦିନର ଦିନକ ପରେ ପଡୁଛି। ଭାଜପା ମୋଦିଙ୍କ ଜନ୍ମତାରିଖଠାରୁ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ପର୍ଯ୍ୟନ୍ତ ୧୬ ଦିନ ଧରି 'ସେବା ପକ୍ଷ' ପାଳନ କରିଥାଏ। ଏହି ଅବସରରେ ଦେଶବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ। ଉପରୋକ୍ତ ୩ ଅଧିବେଶନ ବାହାରେ ଶେଷଥର ପାଇଁ ୨୦୧୭ ଜୁନ୍ ୩୦ରେ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ଗୃହୀତ କରାଇବା ପାଇଁ ଅଧିବେଶନ ବସିଥିଲା, ଯାହାକି ମଧ୍ୟରାତ୍ରି ପର୍ଯ୍ୟନ୍ତ ଚାଲିଥିଲା। ତେବେ ଏହା ଥିଲା ଲୋକ ସଭା ଓ ରାଜ୍ୟ ସଭାର ମିଳିତ ଅଧିବେଶନ। ଏହା ପୂର୍ବରୁ ୧୯୯୭ ଅଗଷ୍ଟରେ ଭାରତ ସ୍ୱାଧୀନ ହେବାର ୫୦ତମ ବର୍ଷ ପୂର୍ତ୍ତି ଅବସରରେ ଏକ ୬ ଦିନିଆ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ସେହିପରି ୧୯୯୨ ଅଗଷ୍ଟ ୯ରେ ଭାରତ ଛାଡ଼ ଆନ୍ଦୋଳନର ୫୦ ବର୍ଷ ପୂର୍ତ୍ତି ଏବଂ ୧୯୭୨ ଅଗଷ୍ଟ ୧୪-୧୫ରେ ସ୍ୱାଧୀନତାର ରୌପ୍ୟ ଜୟନ୍ତୀ ପାଳନ ସକାଶେ ସ୍ୱତନ୍ତ୍ର ଅଧିବେଶନ ବସିଥିଲା। ସ୍ୱାଧୀନତାର ଅବ୍ୟବହିତ ପୂର୍ବରୁ ୧୯୪୭ ଅଗଷ୍ଟ ୧୪-୧୫ରେ ସଂସଦର ପ୍ରଥମ ସ୍ୱତନ୍ତ୍ର ଅଧିବେଶନ ହୋଇଥିଲା। ଗତ ମୌସୁମୀ ଅଧିବେଶନ ଅଗଷ୍ଟ ୧୧ରେ ଶେଷ ହୋଇଥିଲା।




# କଳାହାଣ୍ଡି ଉତ୍‌କେଲାକୁ ଉଡ଼ିଲା ବିମାନ

ଭୁବନେଶ୍ୱର,୩୧।୮ (ଅନିଲ ଦାସ)

ଭୁବନେଶ୍ୱର ଅନ୍ତର୍ଜାତୀୟ ବିମାନ ବନ୍ଦରରୁ କଳାହାଣ୍ଡିର ଉତ୍‌କେଲାକୁ ଗୁରୁବାର ବିମାନ ସେବା ଆରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ପତାକା ହଲାଇ ଶୁଭାରମ୍ଭ କରିଛନ୍ତି। ଇଣ୍ଡିଆ ୱାନ୍ ଏୟାର ପକ୍ଷରୁ ଏହି ୯ ସିଟ୍ ବିଶିଷ୍ଟ ବିମାନ ସେବା ଆରମ୍ଭ କରାଯାଇଛି। ପ୍ରଥମେ ସପ୍ତାହକୁ ୨ ଦିନ ମଙ୍ଗଳବାର ଓ ଗୁରୁବାର ଉଡ଼ିବ ବିମାନ। ପରେ ସପ୍ତାହର ସବୁଦିନ ବିମାନ ଚଳାଚଳ କରିବ। ଏଥିସହ ଉତ୍‌କେଲା ବିମାନ ବନ୍ଦର ଉଦ୍‌ଘାଟନ ହୋଇଛି। କେନ୍ଦ୍ରମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ଏହାକୁ ଉଦ୍‌ଘାଟନ କରିଛନ୍ତି। ସପ୍ତାହର ୨ ଦିନ ସକାଳ ୭ଟା ୧୫ରେ ଭୁବନେଶ୍ୱରରୁ ବିମାନ ଉଡ଼ାଣ କରିବ। ୮ଟା ୨୫ରେ ଉତ୍‌କେଲାରେ ପହଞ୍ଚିବ। ସେହିପରି ଉତ୍‌କେଲାରୁ ସକାଳ ୮ଟା ୫୦ରେ ବାହାରି ପୂର୍ବାହ୍ନ ୧୦ଟାରେ ଭୁବନେଶ୍ୱରରେ ପହଞ୍ଚିବ। ମାତ୍ର ୧ ଘଣ୍ଟା ୧୦ ମିନିଟରେ ଭୁବନେଶ୍ୱରରୁ କଳାହାଣ୍ଡି ପହଞ୍ଚି ହେବ। କଳାହାଣ୍ଡିବାସୀଙ୍କ ପକ୍ଷରୁ ହେଉଥିବା ଦୀର୍ଘଦିନର ଦାବି ପୂରଣ ହୋଇପାରିଛି। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ପାଇଁ ସରକାରଙ୍କ ଏହି ପଦକ୍ଷେପ ଯୋଗାଯୋଗ କ୍ଷେତ୍ରରେ ଆଉ ଏକ ମାଇଲଖୁଣ୍ଟ ସ୍ଥାପନ କରିଛି। ଏଥିସହ ଖୁବ୍‌ଶୀଘ୍ର କଳାହାଣ୍ଡିରୁ ରାୟପୁରକୁ ବିମାନ ଉଡ଼ିବ ବୋଲି ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ସୂଚନା ଦେଇଛନ୍ତି। ଓଡ଼ିଶା ସରକାର ଆର୍‌ସିଏସ୍-



- **ପତାକା ହଲାଇ ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ**
- **ପୂରଣ ହେଲା ଜିଲାବାସୀଙ୍କ ଦୀର୍ଘଦିନର ଦାବି**

ଉଡାନ ସ୍କିମ୍ ଜରିଆରେ ରାଜଧାନୀରୁ ରାଜ୍ୟର ଅନ୍ୟାନ୍ୟ ସହରକୁ ବିମାନ ସେବା ବୃଦ୍ଧି କରିବା ପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି। ଏହି ବିମାନ ସେବା କଳାହାଣ୍ଡି ଜିଲାର ପର୍ଯ୍ୟଟନର ବିକାଶ ଦିଗରେ ସହାୟତା କରିବ। ଜିଲାରେ ମାଣିକେଶ୍ୱରୀ ମନ୍ଦିର, ଫୁରଲିଝରନ ୱାଟରଫଲ୍, ରବନ୍ଧରା ୱାଟରଫଲ୍, ଖରିଆପାଟ ବନ୍ୟଜନ୍ତୁ ଅଭୟାରଣ୍ୟ ଭଳି ପର୍ଯ୍ୟଟନ ସ୍ଥଳ ରହିଛି। ଶହୀଦ ରେଣ୍ଡୋ ମାଝି ମେଡିକାଲ କଲେଜ ଓ ହସ୍ପିଟାଲରେ ନିଯୁକ୍ତ ବରିଷ୍ଠ ଡାକ୍ତର, ପ୍ରଫେସର ଏବଂ ଜିଲାର ବ୍ୟବସାୟୀମାନେ ଏହି ବିମାନ ସେବାର ଫାଇଦା ନେଇପାରିବେ। ପୂର୍ବରୁ ଉତ୍‌କେଲା ଏୟାରଷ୍ଟ୍ରିପ୍ କେବଳ ଅତିଥିମାନଙ୍କୁ ନେବା ଆଣିବାରେ ବ୍ୟବହୃତ ହେଉଥିଲା। ଓଡ଼ିଶାର ପ୍ରତ୍ୟେକ କୋଣଅନୁକୋଣର ରୂପାନ୍ତର ସହ ବିକାଶ କରିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇ ଆସିଛନ୍ତି। ଜିଲାର ଅର୍ଥନୈତିକ ବିକାଶ ଦୃଷ୍ଟିରୁ ଭୁବନେଶ୍ୱର ବିମାନବନ୍ଦର ସହ ଉତ୍‌କେଲାକୁ ସଂଯୋଗ କରିବା ପାଇଁ ସ୍ଥାନୀୟ ଜନସାଧାରଣ ବହୁ ଦିନରୁ ଦାବିକରି ଆସୁଥିଲେ। କଳାହାଣ୍ଡି ହେଉଛି ପଶ୍ଚିମ ଓଡ଼ିଶାର ବ୍ୟବସାୟିକ ହବ୍। ସେଠାରେ ଶିକ୍ଷାନୁଷ୍ଠାନର ବୃଦ୍ଧି ଘଟିଛି। ଏହି ବିମାନ ସେବା ଉଭୟ ପର୍ଯ୍ୟଟନ ଓ ଶିକ୍ଷାନୁଷ୍ଠାନକୁ ଅଧିକ ଶକ୍ତି ଯୋଗାଇବ।

ଏହି କାର୍ଯ୍ୟକ୍ରମରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ, ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ(୫-ଟି) ଭି.କେ. ପାଣ୍ଡିଆନ ଏବଂ ପରିବହନ ବିଭାଗର ବହୁ ଅଧିକାରୀ ଉପସ୍ଥିତ ଥିଲେ।

# ବିଚାରାଧୀନ କଏଦୀଙ୍କ ଆଣ୍ଠୁରେ ଲାଗିପାରେ ଜିପିଏସ୍

## ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦେଲା ଜେଲ ବିଭାଗ

ଭୁବନେଶ୍ୱର,୩୧।୮ (ସତ୍ୟଜିତ୍ ରାଉତ)

ରାଜ୍ୟର ବିଭିନ୍ନ ଜେଲରେ କ୍ଷମତାଠାରୁ ଅଧିକ କଏଦୀ ରହୁଥିବାରୁ ବହୁ ସମସ୍ୟା ସୃଷ୍ଟି ହେଉଛି। ଏହି ସମସ୍ୟାକୁ ଦୂର କରିବାକୁ ରାଜ୍ୟ ଜେଲ ବିଭାଗ ଏକ ବଡ଼ ପଦକ୍ଷେପ ନେବାକୁ ଯାଉଛି। ସାଧାରଣତଃ ଜେଲରେ ରହୁଥିବା ଅନ୍ତେବାସୀଙ୍କ ମଧ୍ୟରୁ ବିଚାରାଧୀନ କଏଦୀଙ୍କ ସଂଖ୍ୟା ଅଧିକ। ତେଣୁ ୭ବର୍ଷରୁ କମ୍ ଜେଲଦଣ୍ଡ ମାମଲାରେ ସମ୍ପୃକ୍ତ ଥିବା ବିଚାରାଧୀନ ଅଭିଯୁକ୍ତଙ୍କ ଆଣ୍ଠୁରେ ଜିପିଏସ୍ ଲଗାଇ ସେମାନଙ୍କୁ ଘରେ ରଖାଯିବା ପାଇଁ ପ୍ରୟାସ ଆରମ୍ଭ ହୋଇଛି। ଏଥିପାଇଁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଥିବା ଜେଲ ଡିଜି ମନୋଜ ଛାବ୍ରା ଗୁରୁବାର ସୂଚନା ଦେଇଛନ୍ତି। ସେ କହିଛନ୍ତି, ଜେଲରେ ରହୁଥିବା ଅନ୍ତେବାସୀଙ୍କ ମଧ୍ୟରୁ ୮୦ ପ୍ରତିଶତ ବିଚାରାଧୀନ କଏଦୀ। ଯେପର୍ଯ୍ୟନ୍ତ କୋର୍ଟ ସେମାନଙ୍କୁ ଦୋଷୀ ଘୋଷଣା କରିନାହାନ୍ତି, ସେପର୍ଯ୍ୟନ୍ତ ସେମାନଙ୍କୁ ଅପରାଧୀ ଭାବେ ଗଣାଯିବ ନାହିଁ। ଏପରିକି ବର୍ଷେରୁ ଅଧିକ ସମୟ ପର୍ଯ୍ୟନ୍ତ ସେମାନେ ଜେଲରେ ରହିଯାଉଛନ୍ତି। ୭ବର୍ଷରୁ କମ୍ ଜେଲଦଣ୍ଡ ମାମଲାରେ ଥିବା ଅଭିଯୁକ୍ତମାନେ ଜେଲକୁ ନ ଯାଇ ସେମାନଙ୍କୁ ବେଲ୍ ଦିଆଯାଇ ପାରିବ ବୋଲି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ରହିଛି। ବିଭିନ୍ନ କାରଣରୁ ରାଜ୍ୟର ଜେଲଗୁଡ଼ିକରେ ଏଭଳି ଅନେକ ବିଚାରାଧୀନ କଏଦୀ ରହୁଛନ୍ତି, ଯାହାଙ୍କୁ କୋର୍ଟ ବିଭିନ୍ନ କାରଣରୁ ବେଲ୍ ଦେଇପାରୁନାହାନ୍ତି। ତେଣୁ ଟେକ୍ନୋଲୋଜିକୁ ବ୍ୟବହାର କରି ଜେଲରେ ଏହି ଭିଡ଼ ସମସ୍ୟାକୁ ଦୂର କରିବାକୁ ଚିନ୍ତା କରାଯାଇଛି। ଏପରିକି ଅନ୍ୟ ଦେଶଗୁଡ଼ିକରେ ମଧ୍ୟ ଏଭଳି ଅଭିଯୁକ୍ତଙ୍କ ଶରୀରରେ ଜିପିଏସ୍ ଟ୍ରାକର୍ ଲଗାଇ ପୋଲିସ ସେମାନଙ୍କୁ ନିୟନ୍ତ୍ରଣ କରିପାରୁଛି। ସରକାର ଏହି ପ୍ରସ୍ତାବକୁ ଅନୁମତି ଦେଲେ ୭ବର୍ଷରୁ କମ୍ ଦଣ୍ଡ ଥିବା ମାମଲାରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ଶରୀରରେ ଏହି ଜିପିଏସ୍ ଟ୍ରାକର ଲଗାଯିବ। ଏହି ଜିପିଏସ୍ ଟ୍ରାକରକୁ ସମ୍ପୃକ୍ତ ଅଭିଯୁକ୍ତ ବାହାର କଲେ ବା ନଷ୍ଟ କଲେ ଗିରଫ କରିଥିବା ଥାନାକୁ ଆଲାରାମ୍ ଯିବ। ଏହି ପ୍ରସ୍ତାବକୁ ଅନୁମତି ମିଳିଲେ ଆଗକୁ ପାଇଲଟ୍ ପ୍ରୋଜେକ୍ଟ ଭାବେ କୌଣସି ଏକ ଜେଲରେ ନିର୍ଦ୍ଦିଷ୍ଟ ମାମଲାରେ ଏହାକୁ କାର୍ଯ୍ୟକାରୀ କରାଯିବ ବୋଲି ଡିଜି ଛାବ୍ରା କହିଛନ୍ତି।

# ହରିଦାସପୁର-ବୈରୀ ରେଳ ଲାଇନ କାର୍ଯ୍ୟ ନିରୀକ୍ଷଣ କଲେ ସିଆର୍‌ଏସ୍

## ଭଦ୍ରକ-ନିର୍ଗୁଣ୍ଡି ତୃତୀୟ ରେଳ ଲାଇନ୍ ପ୍ରକଳ୍ପ

ଭୁବନେଶ୍ୱର, ୩୧।୮ (ବନ୍ଦନା ସେଠୀ)

ନିର୍ମାଣାଧୀନ ଭଦ୍ରକ-ନର୍ଗୁଣ୍ଡି ତୃତୀୟ ରେଳ ଲାଇନ୍ ପ୍ରକଳ୍ପର ହରିଦାସପୁର ଓ ବୈରୀ ଷ୍ଟେଶନ ମଧ୍ୟରେ ୧୬.୮୦ କିମି. କାର୍ଯ୍ୟ ଶେଷ ହୋଇଛି। ଗୁରୁବାର କୋଲକାତାସ୍ଥିତ ଦକ୍ଷିଣ ପୂର୍ବ ସର୍କଲର ରେଳ ନିରାପତ୍ତା ଆୟୁକ୍ତ (ସିଆର୍‌ଏସ୍) ଏହି କାର୍ଯ୍ୟକୁ ନିରୀକ୍ଷଣ କରିଛନ୍ତି। ଅନୁମତି ମିଳିବା ପରେ ଏହି ମାର୍ଗରେ ଟ୍ରେନ ଚଳାଚଳ ଆରମ୍ଭ କରିବ।

ସିଆର୍‌ଏସ୍ ହରିଦାସପୁର ଓ ବୈରୀ ଷ୍ଟେଶନ ମଧ୍ୟରେ ଥିବା ସମସ୍ତ ନିରାପତ୍ତା ସମ୍ବନ୍ଧୀୟ କାର୍ଯ୍ୟକୁ ପୁଙ୍ଖାନୁପୁଙ୍ଖ ଭାବରେ ଯାଞ୍ଚ କରିଥିଲେ। ଏହାପରେ ଟ୍ରେନ ଯାତାୟାତ ପାଇଁ ଟ୍ରେନ ଲାଇନର ସମ୍ଭାବ୍ୟତା ମାପିବା ଲାଗି ଦୁଇଟି ଷ୍ଟେଶନ ମଧ୍ୟରେ ପରୀକ୍ଷାମୂଳକ ଭାବେ ଏକ ହାଲୁକା ଇଞ୍ଜିନ ଚଳାଚଳ କରାଯାଇଥିଲା। ସମ୍ପୂର୍ଣ୍ଣ ପ୍ରକଳ୍ପର କାମ ଶୀଘ୍ର ଶେଷ ପାଇଁ ରାଜ୍ୟ ସରକାରଙ୍କ ସଂସ୍ଥା ସମେତ ସହଭାଗୀଙ୍କ ସହ ସମନ୍ୱୟ ରକ୍ଷା କରିବାକୁ ରେଳପଥର ମହାପ୍ରବନ୍ଧକ ମନୋଜ ଶର୍ମା ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଭଦ୍ରକ-ନିର୍ଗୁଣ୍ଡି ତୃତୀୟ ରେଳ ଲାଇନ କାର୍ଯ୍ୟ ଏହି ଅଞ୍ଚଳର ଅର୍ଥନୀତିକୁ ବୃଦ୍ଧି କରିବ। ଏଥିସହ ହାଓଡ଼ା-ଚେନ୍ନାଇ ମୁଖ୍ୟ ରେଳ ମାର୍ଗରେ ଅସୁବିଧାଜନକ ଟ୍ରେନ ଚଳାଚଳକୁ ଏଡାଇ ଦେଇପାରିବ ବୋଲି ଆଶା କରାଯାଉଛି।

ଭଦ୍ରକ-ନିର୍ଗୁଣ୍ଡି ତୃତୀୟ ରେଳ ଲାଇନ (୯୨.୧୯ କିମି) ପ୍ରକଳ୍ପ ୨୦୧୨-୧୩ରେ ଅନ୍ତର୍ଭୁକ୍ତ ହୋଇଥିଲା। ୨୦୧୫ ଅକ୍ଟୋବରରେ ଏହାକୁ ଅନ୍ତିମ ମଞ୍ଜୁରୀ ଦିଆଯାଇଥିଲା। ଜଖପୁରା ଓ ହରିଦାସପୁର ମଧ୍ୟରେ ୨୩.୫୩ କି.ମି. ରେଳ ଲାଇନ୍ ୨୦୧୬ ଏପ୍ରିଲରେ, କପିଳାସ ରୋଡ୍‌ରୁ ଶାଳଗାଁ ପର୍ଯ୍ୟନ୍ତ ୪.୩୦ କିମି ରେଳ ଲାଇନ୍ ୨୦୧୯ ମେ'ରେ ଏବଂ କପିଳାସ ରୋଡ୍‌ରୁ ନିର୍ଗୁଣ୍ଡି ପର୍ଯ୍ୟନ୍ତ ୪.୨୦ କି.ମି ରେଳ ଲାଇନ୍ ୨୦୨୨ ଅକ୍ଟୋବରରେ ପର୍ଯ୍ୟାୟକ୍ରମେ କାର୍ଯ୍ୟକ୍ଷମ ହୋଇଛି। ତେବେ ଭଦ୍ରକ-ନିର୍ଗୁଣ୍ଡି ତୃତୀୟ ରେଳ ମାର୍ଗର ବଳକା ୮୩.୬୯ କିମି କାର୍ଯ୍ୟ ସମାପ୍ତ କରିବାକୁ ୨୦୨୩-୨୪ ଆର୍ଥିକ ବର୍ଷ ଧାର୍ଯ୍ୟ କରାଯାଇଛି। ପ୍ରକଳ୍ପର ସର୍ବଶେଷ ଆନୁମାନିକ ମୂଲ୍ୟ ବର୍ତ୍ତମାନ ୧୨୮୪.୩୯ କୋଟି ଧାର୍ଯ୍ୟ କରାଯାଇ ଥିବାବେଳେ ପୂର୍ଣ୍ଣ ପ୍ରକଳ୍ପ ନିର୍ମାଣ ପାଇଁ ୬୦% ଭୌତିକ ପ୍ରଗତି ହୋଇଥିବା ସୂଚନା ଦିଆଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଗୁରୁଚାଣ୍ଡାଳ ଯୋଗ ପ୍ରଭାବରେ ଦୂରଦର୍ଶିତା ବିହୀନ କାର୍ଯ୍ୟ କରିବା ଓ ପୁରାତନ ରୋଗପୀଡ଼ା ଯୋଗୁ ମାନସିକ ସୁସ୍ଥତା ହରାଇପାରନ୍ତି। ଫେରନ୍ତା ବାଟରେ ଜଣେ ନୀଚ ଜାତିର ଲୋକ ପ୍ରତିବନ୍ଧକ ସୃଷ୍ଟି କରିବାର ଆଶଙ୍କା ଦେଖାଦେଇପାରେ। ଆଇନ ଅଦାଲତ, ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସମସ୍ୟା ସମାଧାନ ହୋଇଯିବ।

**ବୃଷ** ତୃତୀୟସ୍ଥ ଶୁକ୍ରଜନିତ ମନୋରଞ୍ଜନ କାର୍ଯ୍ୟକ୍ରମରେ ସାମିଲ ହୋଇପାରନ୍ତି। ଆଜକୁ କେତେ ଦିନ ହେଲା ଭଲ ଲାଗୁ ନ ଥିବା ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। କର୍ମକ୍ଷେତ୍ରରେ ଅନ୍ୟମନସ୍କ ହେତୁ କେତେକ ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ। ସାମାଜିକ ସ୍ତରରେ ଅର୍ଥ ସମ୍ପର୍କକୁ କେନ୍ଦ୍ର କରି ତର୍କର ସମ୍ମୁଖୀନ ହୋଇପାରନ୍ତି।

**ମିଥୁନ** ବୁଧାଦିତ୍ୟ ଯୋଗ ପ୍ରଭାବରେ କୌଣସି ବିଶିଷ୍ଟବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିପାରନ୍ତି। ଅଧିକାଂଶ ସମୟରେ ଭାବପ୍ରବଣତା ବୃଦ୍ଧି ପାଇବ, ଯାହାକି ଅଶାନ୍ତିର ହେତୁ ସ୍ୱରୂପ ହୋଇପାରେ। ପାରିବାରିକ କ୍ଷେତ୍ର ବୁଝାମଣା ମାଧ୍ୟମରେ ଶୃଙ୍ଖଳିତ ରହିବ। ଆପଣଙ୍କ କାର୍ଯ୍ୟ ଦକ୍ଷତା ଓ ବିଚାର ଶୈଳୀକୁ ପଡ଼ୋଶୀମାନେ ଖୁବ୍ ପ୍ରଶଂସା କରିପାରନ୍ତି।

**କର୍କଟ** ଶନି ଓ ବୁଧଙ୍କ ପାରସ୍ପରିକ ଦୃଷ୍ଟି ଭ୍ରାତୃବିବାଦକୁ ବୃଦ୍ଧି କରିବ। କେତେକ କାମ ଅଟକି ରହିଥିବା କାରଣରୁ ନିଜର ଆତ୍ମୀୟମାନେ ହଠାତ୍ ଶତ୍ରୁତା କରିବେ। ଆଲୋଚନା କାଳରେ କୌଣସି ମନ୍ତବ୍ୟକୁ କେନ୍ଦ୍ରକରି ବନ୍ଧୁ ଅଭିମାନ କରିପାରନ୍ତି। ଯିବା ରାସ୍ତାରେ ନୀଚଜାତିର ବ୍ୟକ୍ତି ଦ୍ୱାରା ଅସମ୍ମାନିତ ହୋଇପାରନ୍ତି।

**ସିଂହ** ପଦସ୍ଥଙ୍କ ଅନୁକମ୍ପାରୁ ସମସ୍ୟା ସମାଧାନପୂର୍ବକ ମାର୍ଗଦର୍ଶନ ଲାଭକରିବେ। ଏହା ସାଙ୍ଗକୁ ପରିବାରରେ ଭୁଲ୍ ବୁଝାମଣା ହେତୁ ନିକଟ ସମ୍ପର୍କୀୟମାନେ ଦୂରେଇ ଯାଇପାରନ୍ତି। ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ। ଗବେଷଣା, ଅନୁସନ୍ଧାନ, ରାଜନୀତି ଓ ସଭାସମିତିରେ ଚେଷ୍ଟା ସଫଳ ହେବେ।

**କନ୍ୟା** ପ୍ରତ୍ୟେକ ପରିସ୍ଥିତିରେ ଜଗି ରଖି ଚଳିବା ଭଲ ନଚେତ୍ ନିଜଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କରିବେ। ପରିବାରର ବିଭିନ୍ନ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହୋଇପାରେ। ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ। ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡ଼ିବା ସହଜ ସାଧ୍ୟ ହୋଇ ନ ପାରେ।

**ତୁଳା** ସାମାଜିକ କ୍ଷେତ୍ରରେ ଭଲ କହିଲେ ମଧ୍ୟ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। ଆଜି ଦିନ ଭିତରେ ବିଶେଷ ଭ୍ରମଣ ଯୋଗୁ କ୍ଳାନ୍ତି ଅନୁଭବ କରିବେ। କିଣା ବିକା କ୍ଷେତ୍ରରେ ସତର୍କ ନ ହେଲେ ଠକାମିରେ ପଡ଼ିପାରନ୍ତି। ସାହିତ୍ୟ, ସଙ୍ଗୀତ ଓ ସଭାସମିତିରେ ତରବରିଆ ପଦକ୍ଷେପ ନେବା ଠିକ୍ ହେବ ନାହିଁ।

**ବିଛା** କେତେକ ସମସ୍ୟା ଉପସ୍ଥିତ ହେବା କାରଣରୁ ପାଇବାକୁ ଥିବା ଆଶା ପୁଣି ମଉଳି ଯିବ। ଆତ୍ମୀୟଙ୍କ ସହିତ ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବେ। କର୍ମକ୍ଷେତ୍ରରେ ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିପାରେ। ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ କିନ୍ତୁ ବ୍ୟବସାୟ ଓ ବାଣିଜ୍ୟରେ କ୍ଷତିର ଆଶଙ୍କା ରହିଛି।

**ଧନୁ** ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିପାରେ। ଯେତେ ନେହୁରା ହେଲେ ମଧ୍ୟ ବନ୍ଧୁଙ୍କ ସଦ୍‌ଭାବ, ସହକର୍ମୀମାନଙ୍କ ସହଯୋଗ ପାଇବେ ନାହିଁ। କର୍ମକ୍ଷେତ୍ରରେ ମଧ୍ୟ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ଅବଶ୍ୟ ପାରିବାରିକ କ୍ଷେତ୍ର ବିଶେଷ ଖରାପ ରହିବ ନାହିଁ।

**ମକର** ବନ୍ଧୁମାନଙ୍କ କଥାରେ ପଡ଼ି ହଠାତ୍ କୌଣସି ନୂତନ କାର୍ଯ୍ୟରେ ହାତଦେବାକୁ ସ୍ଥିର କରିବେ। ଖଳଲୋକମାନେ ଅପପ୍ରଚାର କରିବା ଫଳରେ ନିଜଲୋକଙ୍କଠାରୁ ଆସ୍ଥାହରାଇବାକୁ ପଡ଼ିପାରେ। କଳା, ସାହିତ୍ୟ, ସଙ୍ଗୀତାଦି ମନୋରଞ୍ଜନ କାର୍ଯ୍ୟକ୍ରମରେ କିମ୍ବା ଖେଳକୁଦରେ ପ୍ରଶଂସା ପାଇବେ।

**କୁମ୍ଭ** ପ୍ରତ୍ୟେକ କ୍ଷେତ୍ରରେ ଅଧୈର୍ଯ୍ୟ ନ ହୋଇ କାମ କରି ଚାଲନ୍ତୁ, ସବୁ ଠିକ୍ ହୋଇଯିବ। ଆଲୋଚନା କାଳରେ ଅପ୍ରିୟ ସତ୍ୟ କଥା ବନ୍ଧୁଙ୍କ ମନରେ ଦୁଃଖ ଦେଇପାରେ। କର୍ମକ୍ଷେତ୍ରରେ ସହକର୍ମୀ ଫାଇଦା ଉଠାଇବା ପାଇଁ ଚେଷ୍ଟା କରିପାରନ୍ତି। ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ, କିନ୍ତୁ ବେଶିକ୍ଷଣ ତିଷ୍ଠି ରହିବ ନାହିଁ।

**ମୀନ** ପାରିବାରିକ ଅଶାନ୍ତି କାରଣରୁ ମନରେ ଦୁର୍ଭାବନା ବଢ଼ିଚାଲିବ ଏବଂ ଆପଣ ଅନ୍ୟମାନଙ୍କୁ ସହଜରେ ବିଶ୍ୱାସ କରିପାରିବେ ନାହିଁ। ଶିଳ୍ପ, ବାଣିଜ୍ୟ ବ୍ୟବସାୟ ଓ ପରିବହନରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ଅସାବଧାନତା କାରଣରୁ ଦ୍ରବ୍ୟନଷ୍ଟ ଯୋଗୁ କ୍ଷୋଭ ପ୍ରକାଶ କରିପାରନ୍ତି। କର୍ମକ୍ଷେତ୍ରରେ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବେ।

ଆଜି ଭାଦ୍ରବ କୃଷ୍ଣ ଦ୍ୱିତୀୟା ଶୁକ୍ରବାର, ସେପ୍ଟେମ୍ବର ୦୧ ତାରିଖ, ଶ୍ରୀମନ୍ଦିରରେ ଝୁଲଣଯାତ୍ରା ଶେଷ, ଜାତୀୟ ପରିପୁଷ୍ଟି ସପ୍ତାହ ଆରମ୍ଭ, ରାଶି-ନକ୍ଷତ୍ର-ପୂର୍ବଭାଦ୍ରପଦ/କୁମ୍ଭ, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୩୪ ଗତେ ଘ.୦୬।୨୪ ମଧ୍ୟେ, ଘ.୦୭।୧୩ ଗତେ ଘ.୦୮।୪୦ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ. ୧୦।୧୩ ଗତେ ଘ. ୧୧।୪୬ ମଧ୍ୟେ ରାହୁକାଳ ।


ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୁରୁବାର ରାୟପୁରରେ ପହଞ୍ଚିବା ପରେ ସ୍ୱାଗତ କରୁଛନ୍ତି ଛତିଶଗଡ଼ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଓ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲ।

# ‘ମିଶନ ଶକ୍ତି ମହିଳାମାନେ ବିକାଶର କର୍ଣ୍ଣଧାର ସାଜିଛନ୍ତି’

**ଯାଜପୁର/ବିଞ୍ଝାରପୁର/ଧର୍ମଶାଳା/ବଡ଼ଚଣା, ୩୧।୮(ହର୍ଷବର୍ଦ୍ଧନ ବେହେରା/ରାମକୃଷ୍ଣ ଦାସ/ବଟକୃଷ୍ଣ ପରିଡ଼ା/ଦିଲୀପ କୁମାର ମହାନ୍ତି)**

ମୁଖ୍ୟମନ୍ତ୍ରୀଙ୍କ ପରିକଳ୍ପିତ ବିକଶିତ ଓଡ଼ିଶା ଗଠନ ପାଇଁ ସମସ୍ତଙ୍କ ସହଯୋଗ ରହିଲେ ଓଡ଼ିଶା ଭାରତର ଶ୍ରେଷ୍ଠ ରାଜ୍ୟରେ ପରିଣତ ହେବ। ଏଥିପାଇଁ ମିଶନ ଶକ୍ତି ମହିଳାମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ମିଶନ ଶକ୍ତି ମହିଳାମାନେ ରାଜ୍ୟର ବିକାଶ ଏବଂ ନୂତନ ଓଡ଼ିଶା ଗଠନର କର୍ଣ୍ଣଧାର ସାଜିଛନ୍ତି ବୋଲି ୫-ଟି ସଚିବ ଭି.କେ.ପାଣ୍ଡିଆନ୍ କହିଛନ୍ତି।

ଗୁରୁବାର ୫-ଟି ସଚିବ ପାଣ୍ଡିଆନ ଯାଜପୁର ଜିଲାର ବଡ଼ଚଣା, ଧର୍ମଶାଳା ଓ ବିଞ୍ଝାରପୁର ଗସ୍ତ କରିବା ଅବସରରେ ଆହୁରି କହିଛନ୍ତି, ଚଳିତବର୍ଷ ୫୪୦ କୋଟି ଟଙ୍କାର ଋଣ ନେଇ ଯାଜପୁର ଜିଲାର ମିଶନ ଶକ୍ତି ମହିଳାମାନେ ନିଜର ତଥା ନିଜ ପରିବାରର ବିକାଶ କରିବା ସହିତ ରାଜ୍ୟ ବିକାଶରେ ସାମିଲ ହୋଇ ପାରିଛନ୍ତି। ଏହାବାଦ୍ ଯାଜପୁର ଜିଲାର ବିଞ୍ଝାରପୁର ଓ ଦଶରଥପୁର ବ୍ଲକର ସର୍ବାଙ୍ଗୀନ ବିକାଶ ପାଇଁ ବିଭିନ୍ନ ଯୋଜନାରେ ୪୦୬ କୋଟି ଟଙ୍କା ମଞ୍ଜୁର ହୋଇଛି। ଯେଉଁଠି ପିଇବା ପାଣିର ଅସୁବିଧା ଅଛି, ସେ ନେଇ ଅଭିଯୋଗ କଲେ ତୁରନ୍ତ ବିଭାଗୀୟ ଅଧିକାରୀମାନେ ସେଠାରେ ପହଞ୍ଚି ତୁରନ୍ତ ପାଣି ଯୋଗାଇ ଦେବେ।

୫-ଟି ସଚିବ ପାଣ୍ଡିଆନ ପ୍ରଥମେ ଚଣ୍ଡିଖୋଲ ମହାବିନାୟକ ବାଳିକା ଉଚ୍ଚ ବିଦ୍ୟାଳୟ ନିକଟରେ ଏକ ବିଶାଳ ଜନ ସମାବେଶରେ ଯୋଗଦେଇଥିଲେ। ସେଠାରେ ସେ କହିଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ସାଧାରଣ ଲୋକଙ୍କ ସମସ୍ୟା ଓ ଏହାର ତୁରନ୍ତ ସମାଧାନ ପାଇଁ ମୁଁ ଆସିଛି। ଚାଲିଥିବା ପ୍ରକଳ୍ପଗୁଡିକ ତୁରନ୍ତ ସମ୍ପୂର୍ଣ୍ଣ କରିବା ସହ ମନ୍ଦିର, ମସ୍‌ଜିଦ, ଗିର୍ଜା, କମ୍ୟୁନିଟି ସେଣ୍ଟର ଓ କୃଷି, ଶିଳ୍ପ, ଶିକ୍ଷା ଆଦି ବିଭାଗଗୁଡିକର ଉନ୍ନତି କରିବା ପାଇଁ ସେ ଆର୍ଥିକ ଅନୁଦାନ ଘୋଷଣା କରିଥିଲେ। ବଡ଼ଚଣା ବ୍ଲକରେ ଥିବା ସମସ୍ତ କଲେଜକୁ ୫-ଟିରେ ଅନ୍ତର୍ଭୁକ୍ତ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ମିଶନ ଶକ୍ତି ମହିଳାଙ୍କୁ ପ୍ରଦାନ କରାଯାଉଥିବା ୫ ଲକ୍ଷ ଟଙ୍କା ଋଣ ପରିମାଣକୁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରିବାକୁ ୫-ଟି ସଚିବ ଘୋଷଣା କରିଥିଲେ। ବିଭିନ୍ନ ସ୍ଥାନରେ ଅବ୍ୟବହୃତ କୋଠାଗୁଡିକୁ ମହିଳାମାନଙ୍କ ପାଇଁ ପ୍ରଦାନ କରିବାକୁ ଉପସ୍ଥିତ ଜିଲାପାଳ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଭିନ୍ନ ଅନୁଷ୍ଠାନର ୭ ଶହରୁ ଊର୍ଦ୍ଧ୍ୱ ଅଭିଯୋଗ ପତ୍ରକୁ ନିଜେ ଗ୍ରହଣ କରିବା ସହ ଲୋକଙ୍କ ପାଖକୁ ଯାଇ କରମର୍ଦ୍ଦନ କରିଥିଲେ।

## ୫-ଟି ସଚିବଙ୍କ ଯାଜପୁର ଜିଲା ଗସ୍ତ


୫-ଟି ସଚିବଙ୍କ ସହ ମହିଳାମାନେ ସେଲ୍‌ଫି ନେଉଛନ୍ତି।

ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜାରକା ମହୋତ୍ସବ ପଡ଼ିଆଠାରେ ଆୟୋଜିତ ସଭାରେ ପାଣ୍ଡିଆନ ଯୋଗଦେଇ ଲୋକଙ୍କ ସମସ୍ୟା ବୁଝିବା ସହ ଯେଉଁମାନେ ଜଙ୍ଗଲ ଅଧିକାର ଆଇନରେ ଏବଂ ଅନ୍ୟାନ୍ୟ ଯୋଜନାରେ ଜମି ପଟ୍ଟା ପାଇବାରୁ ବଞ୍ଚିତ ହେଉଛନ୍ତି,ସେମାନେ କିପରି ତୁରନ୍ତ ପଟ୍ଟା ପାଇବେ ସେ ନେଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ। ମିଶନ ଶକ୍ତିର ମହିଳାମାନଙ୍କ ବିଭିନ୍ନ କାର୍ଯ୍ୟକୁ ପ୍ରଶଂସା କରିବା ସହ ଓ ବିଜୁ ସ୍ୱାସ୍ଥ୍ୟ କାର୍ଡରେ କିପରି ଉତ୍ତମ ସ୍ୱାସ୍ଥ୍ୟସେବା ମିଳିପାରିବ ତା’ ଉପରେ ଗୁରୁତ୍ୱାରୋପ କରିଥିଲେ।

ବିଞ୍ଝାରପୁର ବ୍ଲକ ମଇଁଦାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ନିର୍ମିତ ଅସ୍ଥାୟୀ ହେଲିପ୍ୟାଡ୍‌ରେ ଅବତରଣ କରି ୫-ଟି ସଚିବ ସିଧା ବରୁଣେଶ୍ୱର ମନ୍ଦିର ଯାଇଥିଲେ। ସେଠାରେ ବରୁଣେଶ୍ୱରଙ୍କ ଦର୍ଶନ କରିବା ସହିତ ମନ୍ଦିରର ଐତିହ୍ୟ ଓ କଥାବସ୍ତୁ ସମ୍ପର୍କରେ ସେବାୟତମାନଙ୍କଠାରୁ ପଚାରି ବୁଝିଥିଲେ। ଏହାପରେ ସ୍ଥାନୀୟ ପଡ଼ିଆରେ ଆୟୋଜିତ ସଭାସ୍ଥଳୀରେ ଉପସ୍ଥିତ ମହିଳାମାନେ ତାଙ୍କୁ ଫୁଲ ଚନ୍ଦନ, ହୁଳହୁଳି ଦେଇ ସ୍ୱାଗତ କରିବା ସହିତ ତାଙ୍କ ହାତରେ ରାଖୀ ବାନ୍ଧିଥିଲେ। ସଭାରେ ପ୍ରାୟ ୪୦ ହଜାରରୁ ଊର୍ଦ୍ଧ୍ୱ ଜନସମାଗମ ଦେଖି ୫-ଟି ସଚିବ ସମସ୍ତଙ୍କୁ କୃତଜ୍ଞତା ଜଣାଇବା ସହିତ ଏହା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକପ୍ରିୟତାକୁ ପ୍ରତିପାଦନ କରୁଛି ବୋଲି କହିଥିଲେ। ବିଞ୍ଝାରପୁର ଓ ଦଶରଥପୁର ଅଞ୍ଚଳବାସୀଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ରାଜ୍ୟ ସରକାର ୩୧୫ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ସେହି ଅର୍ଥରେ ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ଚାଲିଛି। ଆସନ୍ତା ୩ ମାସ ମଧ୍ୟରେ ପ୍ରତି ପରିବାର ପାଖରେ ବିଶୁଦ୍ଧ ପାନୀୟ ଜଳ ପହଞ୍ଚି ପାରିବ ବୋଲି ସେ କହିଥିଲେ। ସେହିପରି ଉତ୍ତଙ୍ଗରା ବାହାରକୁଳ ରାସ୍ତା ପାଇଁ ୩୧ କୋଟି, ନାରିଗାଁ ଦୁବକଣା ରାସ୍ତା ପାଇଁ ୩୦ କୋଟି, ମଲିଆ ବଳଭଦ୍ରପୁର ରାସ୍ତା ପାଇଁ ୨୦ କୋଟି, ନଦୀବନ୍ଧ ସୁଦୃଢୀକରଣ ପାଇଁ ୧୦ କୋଟି ଟଙ୍କା ମୁଖ୍ୟମନ୍ତ୍ରୀ ମଞ୍ଜୁର କରିଥିବା ୫-ଟି ସଚିବ ଘୋଷଣା କରିଥିଲେ। ବରୁଣେଶ୍ୱର ପୀଠର ବିକାଶ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହି ସଭାରେ ୨୫୦ରୁ ଊର୍ଦ୍ଧ୍ୱ ଦରଖାସ୍ତ ନିଜେ ବୁଲି ବୁଲି ସଂଗ୍ରହ କରିବା ସହିତ ଆସନ୍ତା ୭ ଦିନ ମଧ୍ୟରେ ମୁଖ୍ୟମନ୍ତ୍ରୀ ଏହି ସବୁ ସମସ୍ୟାର ସମାଧାନ କରିବେ ବୋଲି ସୂଚନା ଦେଇଥିଲେ।

ବିଞ୍ଝାରପୁର ସାମ୍ବାଦିକ ୟୁନିୟନ ପକ୍ଷରୁ ରାଜ୍ୟର ସବୁ ବ୍ଲକ ଓ ଜିଲା ମୁଖ୍ୟାଳୟରେ ସାମ୍ବାଦିକ ଭବନ ନିର୍ମାଣ ସହିତ ରାଜ୍ୟରେ ସାମ୍ବାଦିକ ସୁରକ୍ଷା ଆଇନ କାର୍ଯ୍ୟକାରୀ କରିବାକୁ ୫-ଟି ସଚିବଙ୍କୁ ଦରଖାସ୍ତ ପ୍ରଦାନ କରାଯାଇଥିଲା। ଏହିସବୁ କାର୍ଯ୍ୟକ୍ରମରେ ଜିଲାପାଳ ଚକ୍ରବର୍ତ୍ତୀ ସିଂହ ରାଠୋର, ଏସ୍‌ପି ଭିନିତ ଅଗ୍ରୱାଲଙ୍କ ସମେତ ସମ୍ପୃକ୍ତ ଅଞ୍ଚଳର ପଦାଧିକାରୀ ଓ ଜନପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ପ୍ରକାଶ ପାଇଲା ଓଟିଇଟି ରେଜଲ୍ଟ

**କଟକ,୩୧।୮(ସୁପ୍ରିୟା ପ୍ରିୟଦର୍ଶିନୀ)**

ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି)-୨୦୨୨ ରେଜଲ୍ଟ ଗୁରୁବାର ପ୍ରକାଶ ପାଇଛି। ଛାତ୍ରୀଛାତ୍ରମାନେ ବୋର୍ଡ ୱେବ୍‌ସାଇଟ୍ (www.bseodisha.ac.in)ରେ ସେମାନଙ୍କ ରୋଲ୍ ନମ୍ବର ଓ ମୋବାଇଲ ନମ୍ବର ଦାଖଲ କରି ପରୀକ୍ଷାଫଳ ଦେଖିପାରିବେ। ଗତ ଜୁଲାଇ ୧ରେ ରାଜ୍ୟର ୩୦୭ କେନ୍ଦ୍ରରେ ପରୀକ୍ଷାର୍ଥୀମାନେ ଦୁଇଟି ପେପରରେ ପରୀକ୍ଷା ଦେଇଥିଲେ। ପୂର୍ବାହ୍ନ ୮ଟାରୁ ସାଢେ ୧୦ଟା ପର୍ଯ୍ୟନ୍ତ ପେପର-୧ ଓ ମଧ୍ୟାହ୍ନ ୧୨ଟାରୁ ଅପରାହ୍ନ ସାଢେ ୨ଟା ପର୍ଯ୍ୟନ୍ତ ପେପର-୨ ପରୀକ୍ଷା ହୋଇଥିଲା। ତେବେ ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ଲିକ୍ ନେଇ ଚର୍ଚ୍ଚା ହୋଇଥିଲା। ମାତ୍ର ତାହାକୁ ତତ୍କାଳୀନ ବୋର୍ଡ ସଭାପତି ଖଣ୍ଡନ କରିଥିଲେ।

# କଣ୍ଠଶିଳ୍ପୀ ସୌରିନ୍‌ଙ୍କୁ ଗିରଫ ପାଇଁ ପୋଲିସ ଟିମ୍ ଗଠନ ହେବ

**କଟକ,୩୧।୮ (କାର୍ତ୍ତିକ ସାହୁ)**

ବଲିଉଡ୍ କଣ୍ଠଶିଳ୍ପୀ ସୌରିନ୍ ଭଟ୍ଟଙ୍କୁ ଗିରଫ କରିବା ପାଇଁ କମିଶନରେଟ୍ ପୋଲିସ ପ୍ରସ୍ତୁତି ଆରମ୍ଭ କରିଛି। ହାଇକୋର୍ଟରେ ସୌରିନ୍‌ଙ୍କ ଆଗୁଆ ଜାମିନ ଆବେଦନ ଖାରଜ ହେବା ସହ ତାଙ୍କ ଉପରୁ ଅନ୍ତରୀଣ ସୁରକ୍ଷାକୁ ହାଇକୋର୍ଟ ହଟାଇ ଦେଇଛନ୍ତି। ଫଳରେ ପୋଲିସ ପାଇଁ ମାମଲା ଆଗକୁ ବଢ଼ାଇବା ନିମନ୍ତେ ବାଟ ପରିଷ୍କାର ହୋଇଯାଇଛି। କମିଶନରେଟ୍ ପୋଲିସର ଜୋନ୍-୨ ଏସିପି ଅମିତାଭ ମହାପାତ୍ର କହିଛନ୍ତି, ସୌରିନ୍‌ଙ୍କୁ ଗିରଫ କରିବା ପାଇଁ ଆଉ କୌଣସି ଅଦାଲତି ପ୍ରତିବନ୍ଧକ ନାହିଁ। ତାଙ୍କୁ ଗିରଫ କରିବା ପାଇଁ ପୋଲିସ ଟିମ୍ ଗଠନ ହେବ। ସେ ଏବେ କେଉଁଠି ରହୁଛନ୍ତି। ସେ ସମ୍ପର୍କରେ ଖବର ନିଆଯିବ। ତାଙ୍କ ବିଷୟରେ ସୂଚନା ମିଳିବା ପରେ ତାଙ୍କୁ ଗିରଫ କରିବା ପାଇଁ କଟକରୁ ଏକ ପୋଲିସ ଟିମ୍ ସେଠାକୁ ଯିବ। ତେବେ ଖୁବ୍‌ଶୀଘ୍ର ଏହା କରାଯିବା ପରେ ମାମଲାର ତଦନ୍ତ ଆଗକୁ ନିଆଯିବ ବୋଲି ଏସିପି ସୂଚନା ଦେଇଛନ୍ତି।

ସୂଚନା ଅନୁସାରେ, ଜଗତପୁର ଅଞ୍ଚଳର ଜଣେ ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ସୌରିନ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିବା ସହିତ ନିର୍ଯାତନା ଦେଉଥିଲେ। ଏ ନେଇ ଯୁବତୀ ଜଣଙ୍କ କଟକ ମହିଳା ଥାନାରେ ଜୁନ୍ ୧୨ରେ ଏତଲା ଦେଇଥିଲେ। ପୋଲିସ ଏକ ମାମଲା ରୁଜୁ କରି ସୌରିନ୍‌ଙ୍କୁ ହାଜର ହେବା ପାଇଁ ନୋଟିସ୍ ଦେଇଥିଲା। ହେଲେ ସେ ହାଜର ହୋଇ ନ ଥିଲେ। ପରେ ପୋଲିସ ତାଙ୍କୁ ଗିରଫ କରିବା ପାଇଁ କୋଲକାତା ଯାଇଥିଲେ ମଧ୍ୟ ନିରାଶ ହୋଇ ଫେରିଥିଲା। ଅପରପକ୍ଷରେ ଗିରଫଦାରିରୁ ବର୍ତ୍ତିବା ପାଇଁ ସୌରିନ୍ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ମାମଲାର ରାୟ ପ୍ରକାଶ କରି ସୌରିନ୍‌ଙ୍କ ଆଗୁଆ ଜାମିନ ଆବେଦନକୁ ଖାରଜ କରିଥିଲେ। ଏଥିସହ ତାଙ୍କୁ ପ୍ରାଥମିକ ଅବସ୍ଥାରେ ଯୋଗାଇ ଦିଆଯାଇଥିବା ଅନ୍ତରୀଣ ସୁରକ୍ଷାକୁ ହଟାଇ ଦେଇଥିଲେ।

# ତେଲଙ୍ଗାନାରୁ ୫ ଫେରାର ଅଭିଯୁକ୍ତ ରାୟଗଡ଼ାରୁ ଗିରଫ


ୱାରଙ୍ଗଲ ଓ ରାୟଗଡ଼ା ରେଳବାଇ ପୋଲିସ ସହ ଗିରଫ ୫ ଅଭିଯୁକ୍ତ।

## ୱାରାଙ୍ଗଲ ହତ୍ୟା ମାମଲା

**ରାୟଗଡ଼ା,୩୧।୮ (ଆଶିଷ ରଞ୍ଜନ ପଣ୍ଡା)**

ତେଲଙ୍ଗାନା ୱାରାଙ୍ଗଲର ଏକ ହତ୍ୟା ମାମଲାରେ ସମ୍ପୃକ୍ତ ୫ ଫେରାର ଅଭିଯୁକ୍ତଙ୍କୁ ରାୟଗଡ଼ା ରେଳବାଇ ପୋଲିସ ବୁଧବାର ରାତିରେ ବିଶାଖାପାଟଣା – ଦୁର୍ଗ ଟ୍ରେନ୍‌ରୁ ଗିରଫ କରିଛି। ଗୁରୁବାର ସକାଳେ ସେମାନଙ୍କୁ ୱାରାଙ୍ଗଲ ପୋଲିସକୁ ହସ୍ତାନ୍ତର କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ମଧ୍ୟପ୍ରଦେଶ ଭିଣ୍ଡ ଜିଲା ରାମା ଗ୍ରାମର ଓମ୍‌କାର ଯାଦବ, ନୟାଗା ଗ୍ରାମର ରାହୁଲ ସିଂ, ମୋରେନା ଜିଲା ବାଗୁଚିନି ଗ୍ରାମର ବାଲା ରାମ୍, ସୋନିଆ ଗ୍ରାମର ସଚିନ ସିଂ ଏବଂ ଉତ୍ତରପ୍ରଦେଶ ଇଟାୱା ଜିଲା କୁବାରକୁର୍ଚା ଗ୍ରାମର ଦୀପକ ସିଂ। ଅଭିଯୁକ୍ତମାନେ ଫେରିବାଲା କାମ କରୁଥିଲେ ବୋଲି ୱାରାଙ୍ଗଲ ପୋଲିସ ପକ୍ଷରୁ ସୂଚନା ମିଳିଛି।

ତେଲଙ୍ଗାନା ପୋଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ ୱାରାଙ୍ଗଲରେ ଜଣଙ୍କୁ ହତ୍ୟା କରି ବିଜୟୱାଡ଼ା ପଳାଇଥିଲେ। ସେଠାରୁ ଏକ ଟ୍ରେନ୍ ଯୋଗେ ବିଶାଖାପାଟଣାରେ ପହଞ୍ଚି ଦୁର୍ଗ ପାସେଞ୍ଜର ଟ୍ରେନ୍‌ରେ ରାୟପୁର ଫେରାର ହେଉଥିଲେ। ବିଶାଖାପାଟଣା ପର୍ଯ୍ୟନ୍ତ ସେମାନଙ୍କୁ ଖୋଜି ନ ପାଇବାରୁ ୱାରାଙ୍ଗଲ ପୋଲିସ ରେଳବାଇ ପୋଲିସକୁ ସୂଚନା ଦେଇଥିଲେ। ରେଳବାଇ ପୋଲିସ ବୁଧବାର ରାତିରେ ରାୟଗଡ଼ା ରେଳଷ୍ଟେଶନଠାରେ ଅପେକ୍ଷା କରିଥିବାବେଳେ ବିଶାଖାପାଟଣା – ଦୁର୍ଗ ପାସେଞ୍ଜର ଟ୍ରେନ୍‌ର ସଂରକ୍ଷିତ ବଗିରୁ ୫ ଅଭିଯୁକ୍ତଙ୍କୁ ରେଳବାଇ ପୋଲିସ କାବୁ କରିଥିଲା। ୱାରାଙ୍ଗଲ ପୋଲିସ ଅଭିଯୁକ୍ତଙ୍କୁ ଧରି ରାୟଗଡ଼ା ରେଳ ଷ୍ଟେଶନଠାରୁ ୱାରାଙ୍ଗଲ ଯାତ୍ରା କରିଛି।

# ଟ୍ରକ୍ ଧକ୍କାରେ ମା’ ଝିଅ ମୃତ, ବାପା ଗୁରୁତର

**ପାଟଣା(ବୀର କିଶୋର ଦାଶ)/ଠାକୁରମୁଣ୍ଡା (ତାରାକାନ୍ତ ପଟ୍ଟନାୟକ),୩୧।୮**

କେନ୍ଦୁଝର ଓ ମୟୂରଭଞ୍ଜ ଜିଲା ଦେଇ ଯାଇଥିବା ୪୯ନଂ. ଜାତୀୟ ରାଜପଥର ଚଢ଼େଇଭୋଳଠାରେ ଗୁରୁବାର ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଯାଇଛି। ଟ୍ରକ୍ ଧକ୍କାରେ ମା’ ଓ ୪ ମାସର ଶିଶୁକନ୍ୟାଙ୍କ ମୃତ୍ୟୁ ହୋଇଥିବା ବେଳେ ବାପା ଗୁରୁତର ହୋଇଛନ୍ତି। ମୃତକ ଘଟଗାଁ ବ୍ଲକ୍ ସରସପଶି ପଞ୍ଚାୟତ ଗୋବରାବେଡ଼ାର ପ୍ରାଣବନ୍ଧୁ ନାଏକଙ୍କ ସ୍ତ୍ରୀ ମଲ୍ଲୀ ନାଏକ ଓ ଶିଶୁ କନ୍ୟା ସିନ୍ଧୁ ନାଏକ।

ସୂଚନା ଅନୁଯାୟୀ, ଶିଶୁ କନ୍ୟାଙ୍କୁ ଜ୍ୱର ହୋଇଥିବାରୁ ଦମ୍ପତି ଇନ୍ଦୁପୁର ଚିକିତ୍ସାଳୟକୁ ନେଇଥିଲେ। ଡାକ୍ତରଙ୍କୁ ଦେଖାଇ ବାଇକ୍ ଯୋଗେ ଫେରୁଥିବା ବେଳେ ଏକ ଟ୍ରକ୍ ଧକ୍କାଦେଇ ପଳାଇଯାଇଥିଲା। ସମସ୍ତେ ରାସ୍ତାରେ ଛିଟିକି ପଡ଼ିଥିବା ବେଳେ ଘଟଣାସ୍ଥଳରେ ମଲ୍ଲୀଙ୍କ ମୃତ୍ୟୁ ଘଟିଥିଲା। ବାପ-ଝିଅଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରୁ ଶିଶୁଙ୍କ କଟକ ସ୍ଥାନାନ୍ତର କରାଯାଇଥିଲା। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କରଞ୍ଜିଆ ପୋଲିସ ଏକ ମାମଲା (ନଂ. ୨୬୨/୨୩) ରୁଜୁ କରି ତଦନ୍ତ କରୁଛି।

# ଶାଖା ପରିଚାଳକଙ୍କୁ ୩ ବର୍ଷ ସଶ୍ରମ କାରାଦଣ୍ଡ

## ଆର୍ଥିକ ଠକେଇ ମାମଲା

**ବାଲେଶ୍ୱର, ୩୧।୮(ମାନସ ବିଶ୍ୱାଳ):** ଆର୍ଥିକ ଠକେଇ ମାମଲାର ଶୁଣାଣି କରି ବାଲେଶ୍ୱର ଓପିଆଇଡି (ଓଡ଼ିଶା ପ୍ରୋଟେକ୍ସନ୍ ଅଫ୍ ଇଣ୍ଟରେଷ୍ଟ ଅଫ୍ ଡିପୋଜିଟର) କୋର୍ଟ ମାଇକ୍ରୋ ଫାଇନାନ୍ସ ଲିମିଟେଡ୍ ଆଣ୍ଡ ମାଇକ୍ରୋ ଲିଙ୍ଗି ଆଣ୍ଡ ଫଣ୍ଡ ଲିମିଟେଡ୍‌ର କପ୍ତିପଦା ଶାଖା ପରିଚାଳକ ସରୋଜ କୁମାର ନାୟକଙ୍କୁ ୩ବର୍ଷ ସଶ୍ରମ କାରାଦଣ୍ଡ ସହ ୬୧ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଅଧିକ ୧୦ ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି। ଶାଖା ପରିଚାଳକ ନାୟକ ବିଭିନ୍ନ ପ୍ରଲୋଭନ ଦେଖାଇ ଜମାକାରୀଙ୍କଠାରୁ ଟଙ୍କା ଆଦାୟ କରିଥିଲେ। ଜଜ୍ ବିଶ୍ୱଜିତ ଦାସ ୩୫ଜଣ ସାକ୍ଷୀ, ୨୪ ଦଲିଲ ଓ ଦସ୍ତାବିଜକୁ ଭିତ୍ତିକରି ଦଣ୍ଡ ଶୁଣାଇଛନ୍ତି। ଅର୍ଥ ଠକେଇ ନେଇ ଶାଖା ପରିଚାଳକଙ୍କ ନାମରେ ୨୦୧୩ରେ କପ୍ତିପଦା ଥାନାରେ ମାମଲା ରୁଜୁ ହୋଇଥିଲା। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ପ୍ରଣବ କୁମାର ପଣ୍ଡା ମାମଲାର ପରିଚାଳନା କରୁଥିଲେ।







ଭଗବାନ କେବେ ଦୁଃଖିତ ହୁଅନ୍ତି ନାହିଁ। ଭଗବାନଙ୍କୁ ଉପଲବ୍ଧି କରିବାକୁ ହେଲେ ତୁମକୁ ତୁମ ଭିତରୁ ସମସ୍ତ ଦୁଃଖଭାବ ଦୂରକୁ ଫିଙ୍ଗି ଦେବାକୁ ହେବ ଏବଂ ସବୁପ୍ରକାର ଭାବପ୍ରବଣ ଦୁର୍ବଳତା ମଧ୍ୟ ତ୍ୟାଗ କରିବାକୁ ହେବ। -ଶ୍ରୀମା



# ବୌଦ୍ଧିକ ସ୍ୱାଧୀନତାର ଅଭାବ



ମିଲନ୍ ବୈଷ୍ଣବ

ଜାତୀୟ ଶିକ୍ଷାନୀତି ୨୦୨୦ ଲାଗୁ ହେବାପରଠାରୁ ଭାରତ ନିଜକୁ ଏକବିଂଶ ଶତାବ୍ଦୀର ଜ୍ଞାନର କେନ୍ଦ୍ର ଭାବେ ସ୍ଥାନିତ କରିବାକୁ ଚେଷ୍ଟା କରିଛି। ଉଚ୍ଚଶିକ୍ଷାର ବୈଶ୍ୱିକ ପ୍ରତିଯୋଗିତାମୂଳକ ପ୍ରତିଷ୍ଠାନଗୁଡ଼ିକର ବିଶେଷତା ପ୍ରତିପାଦିତକରି ଏହା ହାସଲ କରିବାକୁ ଚାହୁଁଛି। କିନ୍ତୁ ଦେଶର ଏକ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟରୁ ଜଣେ ଯୁବ ଅର୍ଥନୀତିଜ୍ଞଙ୍କ ଆକସ୍ମିକ ଇସ୍ତଫା ଏବଂ ଏହାକୁ କେନ୍ଦ୍ରକରି କ୍ୟାମ୍ପସରେ ଦେଖାଦେଇଥିବା ବିଦ୍ରୋହ ଏହି ଅଭିଳାଷକୁ ସଫଳ କରିବା ପାଇଁ ଭାରତର ସାମର୍ଥ୍ୟ ଉପରେ ସନ୍ଦେହ ସୃଷ୍ଟି କରିଛି। ଜୁଲାଇରେ, ଅଶୋକା ବିଶ୍ୱବିଦ୍ୟାଳୟର ସହକାରୀ ପ୍ରାଧ୍ୟାପକ ସବ୍ୟସାଚୀ ଦାସ ଭାରତର ୨୦୧୯ ସାଧାରଣ ନିର୍ବାଚନରେ ହୋଇଥିବା ଅନିୟମିତତା ଉପରେ ଅଭିଯୋଗ କରି ଏକ ଅନୁଧ୍ୟାନଭିତ୍ତିକ ରିପୋର୍ଟ ପ୍ରକାଶ କରିଥିଲେ। ଏହି ରିପୋର୍ଟକୁ ଏଯାବତ ଅନ୍ୟ ବିଶେଷଜ୍ଞଙ୍କ ଦ୍ୱାରା ସମୀକ୍ଷା କରାଯାଇନାହିଁ। ରିପୋର୍ଟରେ ଦର୍ଶାଯାଇଛି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭାରତୀୟ ଜନତା ପାର୍ଟି (ଭାଜପା) ନିର୍ବାଚନରେ ଚଞ୍ଚକତା କାରଣରୁ ଅର୍ଥାତ୍ ଭୋଟର ତାଲିକାରୁ ମୁସଲମାନଙ୍କୁ ବାଦ୍‌ଦେଇ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ନିର୍ବାଚନମଣ୍ଡଳୀରେ ଅଧିକ ଭୋଟ ପାଇ ଜିତିଥିଲା। ନିଶ୍ଚିତ କରିବାକୁ ଯାଇ ଦାସ କହିଛନ୍ତି, ତଥାକଥିତ ଅନିୟମିତତା ଭୋଟଦାନ ପରିଣାମକୁ ପ୍ରଭାବିତ କରି ନ ଥିଲା ; ଭାଜପାର ଏକ ବିରାଟ ବିଜୟ ଘଟିଥିଲା। କିନ୍ତୁ ମୋଦିଙ୍କ ଦଳ ହିନ୍ଦୁ ଜାତୀୟତାର ଆଭିମୁଖ୍ୟକୁ ପ୍ରୋତ୍ସାହିତ କରୁଛି ଏବଂ ଭାରତର ମୁସଲମାନ ସଂଖ୍ୟାଲଘୁଙ୍କୁ ନିର୍ବାଚନରେ ଅପ୍ରାସଙ୍ଗିକ ବୋଲି ମନେକରୁଛି। ତେଣୁ ନିର୍ବାଚନ ଅନିୟମିତତା ଅତ୍ୟନ୍ତ ଚିନ୍ତାଜନକ ଓ ଏହା ସମସ୍ୟା ସୃଷ୍ଟି କରୁଛି।

ଦାସଙ୍କ ଏହି ରିପୋର୍ଟ ନିଆଁ ତେଜିଦେଇଛି। ନୂଆଦିଲ୍ଲୀ ବାହାରେ ଘରୋଇ କଳା ବିଶ୍ୱବିଦ୍ୟାଳୟ ଅଶୋକା ଅବସ୍ଥିତ। ଏଭଳି ସ୍ଥିତିରେ ଏହି ବିଶ୍ୱବିଦ୍ୟାଳୟ ଦାସଙ୍କ ଅନୁସନ୍ଧାନର ପ୍ରାସଙ୍ଗିକତା ଏବଂ ସତ୍ୟତା ଉପରେ ପ୍ରଶ୍ନକରି ତାଙ୍କଠାରୁ ଦୂରରେ ରହିବାକୁ ଚେଷ୍ଟା କରିଛି। ଏହି ରିପୋର୍ଟକୁ ବାହାରେ ପ୍ରକାଶ ନ କରିବା କିମ୍ବା ଆଲୋଚନା ନ କରିବା ଲାଗି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ତାଙ୍କୁ ଆଦେଶ ଦେବା ଏବଂ ଏକ ଯାଞ୍ଚ କମିଟି ଆରମ୍ଭ କରିବା ପରେ ଦାସ ଇସ୍ତଫା ଦେଇଥିଲେ। ଅର୍ଥନୀତି ବିଭାଗ ତୁରନ୍ତ ଏହି ପଦକ୍ଷେପକୁ ନିନ୍ଦା କରିଛି ଏବଂ ଦାସଙ୍କୁ ବିନା ସର୍ତ୍ତରେ ପୁନଃ ଅବସ୍ଥାପିତ କରିବାକୁ ଜୋର ଦେଇଛି। ବିଶ୍ୱବିଦ୍ୟାଳୟର ଅନ୍ୟ ବିଭାଗଗୁଡ଼ିକ ଏଥିରେ ଏକମତ ହୋଇଛନ୍ତି। ଛାତ୍ରମାନେ ମଧ୍ୟ ବିଶ୍ୱବିଦ୍ୟାଳୟ ପଦକ୍ଷେପ ଉପରେ ଅସନ୍ତୋଷର ସ୍ୱର ଉଠାଇଛନ୍ତି।

ଅନେକ ଦଶନ୍ଧି ହେଲା ସରକାର ବିଶ୍ୱବିଦ୍ୟାଳୟର ଗବେଷକଙ୍କ ସ୍ୱାଧୀନତା ଓ ଉତ୍କୃଷ୍ଟ ପ୍ରଦର୍ଶନ ଉପରେ ଚାପ ପକାଇ ଆସିଛନ୍ତି। ଏପରିକି ବହୁ ସମୟରେ ଯେଉଁ ଅଧ୍ୟାପକଙ୍କ ଗବେଷଣା ବା ଅନୁଧ୍ୟାନ ସରକାରୀ ବ୍ୟବସ୍ଥା ବିରୋଧରେ ଯାଇଛି ତାହାକୁ ପରୋକ୍ଷରେ ଖଣ୍ଡନ କରାଯାଇଛି। କିନ୍ତୁ ୨୦୧୪ରେ ମୋଦି କ୍ଷମତାକୁ ଆସିବା ପରଠାରୁ ଏହି ଚାପ ନୂତନ ସ୍ତରରେ ପହଞ୍ଚିଛି। ୨୦୨୧ରେ ମୋଦିଙ୍କ ନୀତିର ଦୃଢ଼ ସମାଲୋଚକ ତଥା ରାଜନୈତିକ ବୈଜ୍ଞାନିକ ପ୍ରତାପଭାନୁ ମେହେଟ୍ଟା ମଧ୍ୟ ଅଶୋକାରୁ ଇସ୍ତଫା ଦେଇଥିଲେ। ସେ ଉଲ୍ଲେଖ କରିଛନ୍ତି ଯେ, ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତାମାନେ ଏହାକୁ ଅଧିକ ସ୍ପଷ୍ଟ କରିଛନ୍ତି। ତେବେ ବାହାରକୁ କମ୍ ଜଣାଶୁଣା ଶିକ୍ଷାନୁଷ୍ଠାନଗୁଡ଼ିକରେ ଗବେଷକଙ୍କ ଉପରେ ପ୍ରବଳ ଚାପ ରହିଛି। ଏହା କ୍ୟାମ୍ପସ ବାହାରକୁ ବ୍ୟାପିଛି, ଯାହା ଭାରତର ଅନ୍ୟତମ ସମ୍ମାନଜନକ ଥିଙ୍କ୍ ଟ୍ୟାଙ୍କ୍ ସେଣ୍ଟର ଫର୍ ପଲିସି ରିସର୍ଚ୍ଚ ଦ୍ୱାରା ପ୍ରମାଣିତ ହୋଇଛି।



ବିଦେଶୀ ବିଶ୍ୱବିଦ୍ୟାଳୟଗୁଡ଼ିକ ଦେଶରେ ସେମାନଙ୍କ କେନ୍ଦ୍ର ଖୋଲନ୍ତୁ ବୋଲି ମୋଦି ସରକାର ଚାହୁଁଛନ୍ତି ଏବଂ ଇନ୍‌ଷ୍ଟିଚ୍ୟୁଟସ୍ ଅଫ୍ ଏମନେନ୍ସ ଭାବରେ ମନୋନୀତ ନିର୍ଦ୍ଦିଷ୍ଟ ଭାରତୀୟ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଅତ୍ୟଧିକ ନିବେଶ କରିଛନ୍ତି। ତେବେ ଏବକାର ବିବାଦଗୁଡ଼ିକରୁ ଜଣାପଡୁଛି ଯେ, ମୋଦି ବହୁ ସମୟରେ ଭାରତ ବିଶ୍ୱଗୁରୁ ହେବ ବୋଲି ଯାହା କହୁଛନ୍ତି ତାହା ସମ୍ଭବ ହେବ ନାହିଁ। ଉଭୟ ସରକାର ଏବଂ ବିଶ୍ୱବିଦ୍ୟାଳୟର ନେତୃତ୍ୱମାନେ ବିଶ୍ୱସନୀୟ ଭାବରେ ବୌଦ୍ଧିକ ସ୍ୱାଧୀନତା ବଜାୟ ରଖିବାରେ ପ୍ରତିବଦ୍ଧତା ପ୍ରକାଶ ନ କଲେ ଏହା ହାସଲ ହୋଇପାରିବ ନାହିଁ। ଭାରତର ବିଶ୍ୱବିଦ୍ୟାଳୟଗୁଡ଼ିକରେ କାର୍ଯ୍ୟରତ ଅଧ୍ୟାପକମାନଙ୍କୁ ବିବାଦୀୟ ବିଷୟଗୁଡ଼ିକ ଉପରେ ଅନୁସନ୍ଧାନ କରିବା ଏବଂ ରାଜନୈତିକ ଦୃଷ୍ଟିରୁ ଅଡୁଆ ହେଉଥିବା ସିଦ୍ଧାନ୍ତକୁ ପ୍ରକାଶ କରିବା ପାଇଁ ସ୍ୱାଧୀନତା ଦେବା ଦରକାର। ଉଚ୍ଚଶିକ୍ଷା ପ୍ରତିଷ୍ଠାନଗୁଡିକ ଉପରେ ସରକାର ବଜାୟ ରଖିଥିବା କ୍ଷମତା ଯୋଗୁ ଏଭଳି ପରିବେଶ ସୃଷ୍ଟି କରିବାକୁ ଦାୟିତ୍ୱରେ ବିଶ୍ୱବିଦ୍ୟାଳୟଗୁଡ଼ିକର ମୁଖ୍ୟମାନେ ଏକ କଷ୍ଟକର ସ୍ଥିତିରେ ରହିଛନ୍ତି। ଏହା ସୂଚାଇଦିଏ ଯେ, ସରକାରଙ୍କ ନିୟାମକ ନିୟନ୍ତ୍ରଣ ଏବେ ସୁଦ୍ଧା ଶେଷ ହୋଇନାହିଁ, ବରଂ ଉଦାରୀକରଣ ପରେ ଏହା ବଢ଼ିଛି। ଏପରିକି ବିଭିନ୍ନ ପାର୍ଶ୍ୱରେ ଚାଲୁଥିବା ଘରୋଇ ବିଶ୍ୱବିଦ୍ୟାଳୟଗୁଡ଼ିକ ରାଜନୈତିକ ଚାପରୁ ସେତେ ସୁରକ୍ଷିତ ନୁହନ୍ତି ଯେତିକି ଲୋକେ ବିଶ୍ୱାସ କରୁଛନ୍ତି। କିନ୍ତୁ ତାହାକୁ ନେଇ ଅଧ୍ୟାପକମାନଙ୍କ ପାଇଁ ବିଶ୍ୱବିଦ୍ୟାଳୟ ପ୍ରଶାସକମାନେ ପ୍ରକାଶ କରୁଥିବା ଅଦମ୍ୟ ସମର୍ଥନରୁ ଓହରିଯିବା ଉଚିତ ନୁହେଁ। ଏପରିକି ବିଶେଷଭାବରେ ସେମାନେ ବିବାଦୀୟ ବିଷୟ ଚୟନ କରୁଥିବା ସମୟରେ ଏଭଳି କରିବା ଅନୁଚିତ। ଏକ ଜଗତୀକରଣ ବିଶ୍ୱରେ, ଯେଉଁ ପ୍ରଜ୍ଞାଧାରୀ ଭାରତୀୟମାନେ ନିଜ ନିଜ ଦେଶରେ ବାଧାର ସମ୍ମୁଖୀନ ହେଉଛନ୍ତି ସେମାନେ ବିଦେଶରେ ଭଲ ସୁଯୋଗ ଖୋଜିପାରିବେ। ଅନେକେ ଏହା କରିସାରିଛନ୍ତି। ୨୦୨୨ରେ ୨,୨୫,୦୦୦ରୁ ଅଧିକ ଭାରତୀୟ ସେମାନଙ୍କ ନାଗରିକତ୍ୱରୁ ତ୍ୟାଗ କରିଛନ୍ତି, ଯାହାକି ଏକ ଦଶନ୍ଧି ମଧ୍ୟରେ ସର୍ବାଧିକ। ଶେଷ କଥା ହେଉଛି, ଅତ୍ୟଧିକ ପ୍ରଜ୍ଞାଧାରୀ ଭାରତର ଉଚ୍ଚଶିକ୍ଷାରୁ ବିଦେଶକୁ ପଳାୟନ କରିବାକୁ ବାଧ୍ୟ ହୋଇଛନ୍ତି। ଯେଉଁଥିପାଇଁ ନିକଟରେ କରାଯାଇଥିବା କ୍ୟୁଆର୍ ବିଶ୍ୱବିଦ୍ୟାଳୟ ର୍‍ୟାଙ୍କିଙ୍ଗ୍‌ରେ ଦେଶର ସବୁଠୁ ଭଲ ପ୍ରଦର୍ଶନ କରୁଥିବା ବିଶ୍ୱବିଦ୍ୟାଳୟ ୧୪୯ ସ୍ଥାନରେ ରହିଛି। ସରକାରୀ ସମର୍ଥକମାନେ ଯେଉଁମାନେ ଚିନ୍ତକମାନଙ୍କୁ ଜାତୀୟ ବିରୋଧୀ ଭାବରେ ପରିହାସ କରିଥିଲେ, ସେମାନେ ସାଥୀ ଗବେଷକଙ୍କ ଦ୍ୱାରା ରିପୋର୍ଟର ସମୀକ୍ଷା କରାଯିବାର ଯୁକ୍ତିଯୁକ୍ତତାକୁ ଜାଣିବାରେ ବିଫଳ ହୋଇଛନ୍ତି। ତେବେ ଦାସ ତାଙ୍କ ରିପୋର୍ଟରେ ଯେଉଁ ବିବାଦୀୟ ସିଦ୍ଧାନ୍ତଗୁଡିକ ଉଲ୍ଲେଖ କରିଥିଲେ ତାହାକୁ ଯାଞ୍ଚରେ ଶେଷ କରିଦିଆଯାଇପାରେ। କିନ୍ତୁ ଯଦି ସେମାନେ ସାହସ ଜୁଟାଇ ସମର୍ଥନ କରନ୍ତି, ତେବେ ତାଙ୍କ ତଥ୍ୟ ଓ ଲେଖା ସମସ୍ତଙ୍କ ପାଇଁ ଯାଞ୍ଚର ବାଟ ଖୋଲିଦେବ।

ଦୁର୍ଭାଗ୍ୟବଶତଃ, ଏହି ମାମଲା ସମ୍ଭାବ୍ୟ ଦୁନିଆର ସବୁଠାରୁ ଖରାପ ଦିଗକୁ ସୂଚିତ କରୁଛି। ପ୍ରଥମରେ ଜଣେ ସଙ୍କଳ୍ପଧାରୀ ଗବେଷକ ନିଜ ଚାକିରି ଛାଡ଼ିବାକୁ ବାଧ୍ୟ ବୋଲି ଅନୁଭବ କଲେ। ଏକ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟ ଆତ୍ମବିଶ୍ୱାସର ସଙ୍କଟ ଦେଇ ଗତି କରୁଛି, ଯେହେତୁ ଅଧ୍ୟାପକ ଏବଂ ଛାତ୍ରମାନେ ପ୍ରଶାସକଙ୍କ ବିରୋଧରେ ଠିଆହେବା ଲାଗି ପଛଘୁଞ୍ଚା ଦେଇଛନ୍ତି ଏବଂ ସାମାଜିକ-ବିଜ୍ଞାନ ଅନୁସନ୍ଧାନର ମୌଳିକ ନୀତିଗୁଡିକ ବୁଝିବାରେ ବିଶ୍ୱବିଦ୍ୟାଳୟ ବିଫଳ ହୋଇଛି। ଫଳସ୍ୱରୂପ, ଭାରତର ଉଦାରବାଦ ଦକ୍ଷତା ବା ପରିଚୟ ଆଉ ଏକ ଶକ୍ତ ଝଟ୍‌କା ପାଇଛି। ସବୁ ସମାଜ ଭଳି ଭାରତ ମଧ୍ୟ ଏକାଡେମିକ ଉତ୍କର୍ଷ ଲାଭ କରିବାକୁ ଚାହେଁ। ବାମ କିମ୍ବା ଦକ୍ଷିଣପନ୍ଥୀ ଆଦର୍ଶକୁ ଅନୁମତି ଦେଇ ନୁହେଁ , ବରଂ ଗବେଷଣାକୁ ମାର୍ଗଦର୍ଶନ କରି ଏହା କରାଯାଇପାରିବ। ଭାରତୀୟ ବିଶ୍ୱବିଦ୍ୟାଳୟଗୁଡ଼ିକ ଅଧ୍ୟାପକଙ୍କୁ ତ୍ୟାଗ କରିପାରିବେ ନାହିଁ, ଯେଉଁମାନେ ରାଜନୈତିକ ସ୍ତରରେ ବିବାଦୀୟ ତଥା ଉତ୍ତେଜନାମୂଳକ ପ୍ରଶ୍ନ ଉତ୍‌ଥାପନ କରୁଛନ୍ତି। ଅନ୍ୟଥା, ମାନବ ପୁଞ୍ଜି କୁହାଯାଉଥିବା ଛାତ୍ରମାନେ ଏକ 'ନୂତନ ଭାରତ'କୁ ଇନ୍ଧନ ଦେବ ବୋଲି ଯାହା ଆଶା କରାଯାଏ ସେଥିରେ ବି କ୍ଷତି ହେବ। ସରକାର ରାଜନୈତିକ ଅନୁସନ୍ଧାନ ଭାବନାକୁ ବନ୍ଦ କରିଦେଇଛନ୍ତି।

**ନିର୍ଦ୍ଦେଶକ, ସାଉଥ୍ ଏସିଆ ପ୍ରୋଗ୍ରାମ(କାନେଗି ଏଣ୍ଡୋମେଣ୍ଟ ଫର୍ ଇଣ୍ଟରନ୍ୟାଶନାଲ ପିସ୍)**

# ସାହିତ୍ୟ ଓ ବିଜ୍ଞାନ



ବିଚିତ୍ରାନନ୍ଦ ପ୍ରଧାନ

ସାହିତ୍ୟର ମୂଳଧାରା ମନୁଷ୍ୟର ଆତ୍ମା। ହୃଦୟରେ ଏହା ନିତ୍ୟ ବିଦ୍ୟମାନ। ଯେ ପର୍ଯ୍ୟନ୍ତ ମନୁଷ୍ୟର ଆତ୍ମା ଓ ହୃଦୟ ଅଛି, ସେ ପର୍ଯ୍ୟନ୍ତ ସାହିତ୍ୟର ସ୍ଥିତି ରହିଛି। ମାନବ ସହିତ ସାହିତ୍ୟର ମୌଳିକ ସମ୍ବନ୍ଧରେ ଚିରନ୍ତନତା ହେତୁ ସାହିତ୍ୟ ଓ ମାନବ ସମ୍ପର୍କ କାହିଁ କେଉଁ କାଳରୁ ରହିଆସିଛି। ସୃଷ୍ଟିର ଆରମ୍ଭରୁ ମନୁଷ୍ୟ ସହିତ ସାହିତ୍ୟର ଅଙ୍ଗାଙ୍ଗୀ ସମ୍ବନ୍ଧ ଏଭଳି ଅବିଚ୍ଛେଦ୍ୟ ଯେ ପରସ୍ପର ମଧ୍ୟରୁ ଗୋଟିକୁ ଛାଡ଼ି ଅନ୍ୟଟି ତିଷ୍ଠି ରହିବା ଅସମ୍ଭବ। ଆଜିର ସଭ୍ୟ ସମାଜ ତା'ର ସ୍ଥିତି ଓ ପ୍ରଗତି ଲାଗି ସାହିତ୍ୟ ଉପରେ ପୂର୍ଣ୍ଣ ଭାବରେ ନିର୍ଭର କରୁଛି। ସାମାଜିକ ଜୀବନର ଭଲମନ୍ଦ, ହାନିଲାଭ, ଆନନ୍ଦ, ବିଷାଦ, ଅଶ୍ରୁ ଓ ହାସ୍ୟର ପରିଚୟ ଆମେ ସାହିତ୍ୟ ମଧ୍ୟରୁ ପାଇଥାଉ। ସାହିତ୍ୟ ଆମ୍ଭମାନଙ୍କର ପଥ ପ୍ରଦର୍ଶକ। ମନୁଷ୍ୟ ସାହିତ୍ୟରୁ ମହାପୁରୁଷମାନଙ୍କର ମହତ୍ ଉପଦେଶ ଓ ଭାବଧାରା ପଠନ କରିବା ଦ୍ୱାରା ତା'ର ସାମାଜିକ ଜୀବନ ଉନ୍ନତ ହେବା ସହିତ ସେ ପ୍ରଗତି ପଥରେ ଅଗ୍ରସର ହୁଏ। ସାହିତ୍ୟକୁ ଉପଯୁକ୍ତ ମର୍ଯ୍ୟାଦା ଦେଲେ ମନୁଷ୍ୟ ପଥଚ୍ୟୁତ ହେବାର ଭୟ ରହେ ନାହିଁ। ଅପରପକ୍ଷରେ ଦୁଇଶତ ବର୍ଷ ହେବ ବିଜ୍ଞାନର ଆବିର୍ଭାବ ହୋଇଛି। ବିଜ୍ଞାନର ନବ ଆଲୋକରେ ଆଜି ସମଗ୍ର ମାନବ ସମାଜ ଆଲୋକିତ । ବୈଜ୍ଞାନିକ ଆଇନଷ୍ଟାଇନଙ୍କ ମତରେ, ସମାଜରୁ କ୍ରୀତଦାସ ପ୍ରଥା ନିରାକରଣର ମୌଳିକ କାରଣ ହେଉଛି ବିଜ୍ଞାନ। ବିଜ୍ଞାନର ଅଗ୍ରଗତି ଫଳରେ ସମାଜର ଦୀର୍ଘ ପାରମ୍ପରିକ କୁସଂସ୍କାରଗୁଡ଼ିକ ଦୂରୀଭୂତ ହୋଇ ପୃଥିବୀର ବୈପ୍ଳବିକ ପରିବର୍ତ୍ତନ ଦେଖାଦେଇଛି। ବିଜ୍ଞାନ ଜ୍ଞାନାଲୋକର ଅସରନ୍ତି ଉତ୍ସ। ବିଜ୍ଞାନର ଲକ୍ଷ୍ୟ ହେଲା ସତ୍ୟର ଅନୁସନ୍ଧାନ ଓ ସତ୍ୟର ପ୍ରତିଷ୍ଠା। ବିଜ୍ଞାନର ପ୍ରଭାବ, ମାନବୀୟ ଚିନ୍ତାଧାରାର ଆଭିମୁଖ୍ୟକୁ ସୁଶୃଙ୍ଖଳିତ ବୈଜ୍ଞାନିକ ଧାରାରେ ପରିପ୍ରକାଶ କରିଛି। ଫଳରେ ମନୁଷ୍ୟ ବହୁ ପାରମ୍ପରିକ ଅନ୍ଧବିଶ୍ୱାସରୁ ମୁକ୍ତ ହୋଇଛି। ବିଜ୍ଞାନ ସହାୟତାରେ ଯେଉଁ ଆବିଷ୍କାର ଓ ଉଦ୍ଭାବନ କରାଯାଇଛି ତାହାଦ୍ୱାରା ଜୀବନ ସୁସ୍ଥ ଏବଂ ସୁଖମୟ ହୋଇପାରିଛି। ବିଜ୍ଞାନକୁ ଛାଡ଼ି ମନୁଷ୍ୟ ଜାତିର ନୂତନ ସଭ୍ୟତା କ୍ଷଣେ ହେଲେ ତିଷ୍ଠିପାରିବ ନାହିଁ। ବସ୍ତୁତଃ ସାହିତ୍ୟ ଭଳି ବିଜ୍ଞାନ ମଧ୍ୟ ପ୍ରତ୍ୟେକ ମନୁଷ୍ୟ ତଥା ମାନବ ସମାଜର ହିତ ସାଧନ କରୁଛି।

ଆଧୁନିକ ବିଜ୍ଞାନ ଓ ସାହିତ୍ୟର ଦାନକୁ କେବେ ଅସ୍ୱୀକାର କରିହେବ ନାହିଁ। ବୈଜ୍ଞାନିକମାନେ ସେମାନଙ୍କ ପରୀକ୍ଷାର ତଥ୍ୟମାନ ସାହିତ୍ୟରେ ଲିପିବଦ୍ଧ କରିଥାନ୍ତି ଓ ତାହା ଗବେଷଣା ପାଇଁ ସହାୟକ ହୋଇଥାଏ। ଭାଷା ଓ ସାହିତ୍ୟ ସାମାଜିକ ବନ୍ଧନକୁ ଦୃଢ଼ କରିଥାଏ । ଏହା ମାନବ ସମାଜର କଲ୍ୟାଣ ଓ ଜନସଚେତନତା ସୃଷ୍ଟି କରିଥାଏ। କେତେକ ବ୍ୟକ୍ତି ବିଜ୍ଞାନର ବୈଷୟିକ ଦିଗକୁ ଲକ୍ଷ କରି ମତ ପ୍ରକାଶ କରିଛନ୍ତି ଯେ ବିଜ୍ଞାନ ମନୁଷ୍ୟର ସମସ୍ତ କାର୍ଯ୍ୟକୁ ଆବଶ୍ୟକତା ଅନୁଯାୟୀ ପୂରଣ କରିବାକୁ ସକ୍ଷମ ହୋଇ ପାରିଛି। କିନ୍ତୁ ଏହା ସତ୍ୟ ଯେ ବିଜ୍ଞାନକୁ ଆଶ୍ରୟ କରି ମାନବ ଜୀବନ ପୂର୍ଣ୍ଣତା ଲାଭ କରିପାରିବ ନାହିଁ। ମନୁଷ୍ୟ ଜୀବନର ପୂର୍ଣ୍ଣତା ଲାଗି ବିଜ୍ଞାନ ସହିତ ସାହିତ୍ୟର ଆବଶ୍ୟକତା ଅବଶ୍ୟମ୍ଭାବୀ। ମାନବ ସୃଷ୍ଟି ଥିବା ପର୍ଯ୍ୟନ୍ତ ସାହିତ୍ୟର ସ୍ଥିତି ରହିବ। ଏହା କେବେ ଲୋପ ହେବ ନାହିଁ। ଅତୀତରେ ସାହିତ୍ୟ ଯେପରି ଶାଶ୍ୱତ ବାଣୀ ମାନବ ସମାଜରେ ପ୍ରଚାର କରୁଥିଲା, ଏବେ ସେହିପରି ବିଜ୍ଞାନର ନବ ଉଦ୍ଭାବନ ଓ ଆବିଷ୍କାର ବିଶଦ ବର୍ଣ୍ଣନା କରି ମାନବ ସମାଜ ମଧ୍ୟରେ ପ୍ରଚାର ଓ ପ୍ରସାର କରୁଅଛି। ସାହିତ୍ୟିକ ଓ ଲେଖକମାନେ ଦୁର୍ବୋଧ୍ୟ ବୈଜ୍ଞାନିକ ତଥ୍ୟ ସବୁ ସାଧାରଣ ବ୍ୟକ୍ତି ଯେପରି ସରଳ ଓ ବୋଧଗମ୍ୟ ଭାବରେ ଲେଖାଯାଇପାରିବ, ସେଥିପାଇଁ ଯତ୍ନବାନ ହୋଇ ପଡ଼ିଛନ୍ତି ଓ ଦେଶ ବିଦେଶରେ ସାହିତ୍ୟ ମାଧ୍ୟମରେ ବୈଜ୍ଞାନିକ ତଥ୍ୟମାନ ପ୍ରଚାର ଓ ପ୍ରସାର କରିବା ପାଇଁ ଉଦ୍ୟମ ଜାରି ରଖିଛନ୍ତି । ବିଜ୍ଞାନର ପ୍ରଗତିକୁ ସାହିତ୍ୟ ଯୋଗାଇ ଦେଇଛି ପ୍ରୋତ୍ସାହନ ଓ କଳ୍ପନା। ଅପରପକ୍ଷରେ ସାହିତ୍ୟ ମଧ୍ୟ ବିଜ୍ଞାନ ସାହାଯ୍ୟରେ ଅଭିନବ ରୂପରେ ପରିପୂର୍ଣ୍ଣ ହୋଇ ମର୍ଯ୍ୟାଦା ପାଇପାରିଛି। ବିଜ୍ଞାନ ନବ ଜ୍ଞାନର ଆବିଷ୍କାର କରି ସାହିତ୍ୟର ଗନ୍ତାଘରକୁ ଋଦ୍ଧିମନ୍ତ କରିଛି। ବିଜ୍ଞାନର ବାସ୍ତବିକତାକୁ ପରିପ୍ରକାଶ କରି ସାହିତ୍ୟକାର ରଚନା କରୁଛି ବିଜ୍ଞାନଭିତ୍ତିକ ଗଳ୍ପ ଓ ଉପନ୍ୟାସ। ଲେଖକମାନେ ଶିଶୁ ଓ ମନୋବିଜ୍ଞାନକୁ ଅବଲମ୍ବନ କରି ଶିଶୁ ସାହିତ୍ୟମାନ ରଚନା କରୁଛନ୍ତି। ଏଥିରୁ ସ୍ପଷ୍ଟ ଅନୁମେୟ ଯେ ସାହିତ୍ୟ ଓ ବିଜ୍ଞାନ ପରସ୍ପର ମଧ୍ୟରେ ସାମଞ୍ଜସ୍ୟ ରକ୍ଷା କରି ଦେଶର ପ୍ରଗତି ଓ ବିକାଶ ପାଇଁ ସଦାସର୍ବଦା ପ୍ରୟାସ କରିଆସୁଛନ୍ତି। ଆଶା କରାଯାଏ, ସାହିତ୍ୟ ଓ ବିଜ୍ଞାନର ବିପୁଳ ଅବଦାନରେ ମାନବ ଜଗତର ଅଶେଷ ଉନ୍ନତି ହେବା ସହିତ ଆମ ରାଷ୍ଟ୍ର ଏକ ଆର୍ଥିକ ଅଭିବୃଦ୍ଧି ସମ୍ପନ୍ନ ରାଷ୍ଟ୍ର ହୋଇପାରିବ।

**ସିଡିଏ, ସେକ୍ଟର-୯, କଟକ**
**ମୋ-୯୯୩୭୨୨୪୦୮୫**

## ଏଇ ଭାରତରେ

ହାଇଦ୍ରାବାଦର ୫ ଜଣ ସାଥୀ ବର୍ଜ୍ୟ ମାର୍କେଟିଂ କ୍ଷେତ୍ରରେ ଅପୂର୍ବ ପରିବର୍ତ୍ତନ ଆଣିପାରିଛନ୍ତି। ସେମାନେ ବର୍ଜ୍ୟ ସଂଗ୍ରହକାରୀ ଓ ଡିଲରମାନଙ୍କୁ ଅଧିକ ଲାଭ ପାଇବାର ବାଟ ଦେଖାଇଛନ୍ତି। ଦେଶପାଣ୍ଡେ ଓ ତାଙ୍କ ସାଥୀ ପୂର୍ବରୁ ଚାଲିଆସିଥିବା ଅନୌପଚାରିକ ବର୍ଜ୍ୟ ଯୋଗାଣ ଶୃଙ୍ଖଳକୁ ଭାଙ୍ଗି ଏକ ନୂଆ ପଦ୍ଧତି ସାମ୍ନାକୁ ଆଣିଛନ୍ତି। ହାଇଦ୍ରାବାଦ ବାସିନ୍ଦା ଅଭୟ ଦେଶପାଣ୍ଡେ ଅନ୍‌ଲାଇନ ରିସାଇକେଲ ମାର୍କେଟପ୍ଲେସ୍ ଆରମ୍ଭ କରି ଏହି କାର୍ଯ୍ୟ କରୁଛନ୍ତି। ଫଳରେ ବର୍ଜ୍ୟ ସଂଗ୍ରହକାରୀ ଓ ଡିଲରମାନେ ସିଧାସଳଖ ରିସାଇକେଲ କେନ୍ଦ୍ରକୁ ପଠାଇପାରୁଛନ୍ତି। ୨୦୧୬ରେ ସେ ଏହି ଅନ୍‌ଲାଇନ ମାର୍କେଟ ବ୍ୟବସ୍ଥା ଆରମ୍ଭ କରିଥିଲେ। ପରେ ତାଙ୍କ ସହ ସାମିଲ ହୋଇଛନ୍ତି ବିକ୍ରମ ପ୍ରଭାକର, ଅଭିଷେକ ଦେଶପାଣ୍ଡେ, ଅନିରୁଦ୍ଧ ଜଲାନ ଏବଂ ଏକତା ନରିନ। ପାଞ୍ଚଜଣଙ୍କ ଦ୍ୱାରା ପରିଚାଳିତ ଏହି ଅନ୍‌ଲାଇନ ମାର୍କେଟରେ ଏବେ ସୁଦ୍ଧା ଦେଶରେ ୪,୦୦୦ କବାଡିବାଲା ଯୋଡ଼ି ହୋଇଛନ୍ତି। ସେମାନେ ରିସାଇକେଲରଙ୍କ ସହ ଯୋଗାଯୋଗ କରି ଭଲ ଲାଭ ପାଉଛନ୍ତି। ସେମାନଙ୍କ ଆୟ ଏବେ ପୂର୍ବାପେକ୍ଷା ୩୬% ଅଧିକ ହୋଇଛି। ଏପରି କି ଜଣେ ବର୍ଜ୍ୟ ଡିଲର ରିସାଇକେଲ ଆପ୍ ମାଧ୍ୟମରେ ମାସକୁ ୧୫୦-୨୦୦ ଟନ ବର୍ଜ୍ୟ ବିକ୍ରି କରିପାରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧ ସେପ୍ଟେମ୍ବର ୧୯୯୮

- ଆଲଜେରିଆର ରାଜଧାନୀ ଆଲଜିଅର୍ସ ପରିସରଭୁକ୍ତ ଏକ ଜନାକୀର୍ଣ୍ଣ ମାର୍କେଟରେ ବୋମା ବିସ୍ଫୋରଣ ଘଟି ୧୭ ନିହତ।
- କୃଷି, ବୈଷୟିକ ସହଯୋଗ ଏବଂ ପାରସ୍ପରିକ ବୈଦେଶିକ କାର୍ଯ୍ୟାଳୟ ମଧ୍ୟରେ ଯୋଗାଯୋଗ ରକ୍ଷା ସହ ଦ୍ୱିପାକ୍ଷିକ ଅର୍ଥନୈତିକ ସମ୍ପର୍କ ବୃଦ୍ଧିର ଲକ୍ଷ୍ୟ ନେଇ ଭାରତ ଏବଂ ନାମିବିୟା ମଧ୍ୟରେ ୫ଟି ରାଜିନାମା ସ୍ୱାକ୍ଷରିତ।
- ରାଜସ୍ଥାନର ଉଦୟପୁର ଜିଲାର ମାଭାଲି-ବଡ଼ିସଦାରି ରେଳ ସେକ୍‌ସନ ଅନ୍ତର୍ଗତ ଖେରେଦା ଷ୍ଟେସନ ନିକଟରେ ଥିବା ଏକ ବିନା ଜଗୁଆଳ ଲେବଲ କ୍ରସିଂଠାରେ ଏକ ଟ୍ରେନ୍ ଯାତ୍ରୀବାହୀ ବସ୍‌କୁ ଧକ୍କା ଦେବା ଫଳରେ ୩୦ ମୃତ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 5 | | | | | 9 | 3 | |
| 4 | | 1 | | | | | | 6 |
| | 3 | | | | 1 | | | 2 |
| | 7 | | | 4 | | | 2 | 8 |
| | | | 2 | | | | | |
| | | | | 7 | | | | |
| | 8 | | 1 | | 7 | | 5 | 3 |
| | 4 | 5 | | | 6 | 8 | | |
| 1 | | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 9 | 5 | 1 | 2 | 4 | 6 | 3 | 8 |
| 3 | 1 | 8 | 6 | 7 | 9 | 4 | 2 | 5 |
| 6 | 2 | 4 | 8 | 3 | 5 | 7 | 1 | 9 |
| 9 | 5 | 7 | 3 | 4 | 1 | 2 | 8 | 6 |
| 1 | 6 | 2 | 7 | 9 | 8 | 3 | 5 | 4 |
| 8 | 4 | 3 | 2 | 5 | 6 | 1 | 9 | 7 |
| 4 | 8 | 1 | 5 | 6 | 2 | 9 | 7 | 3 |
| 2 | 3 | 6 | 9 | 8 | 7 | 5 | 4 | 1 |
| 5 | 7 | 9 | 4 | 1 | 3 | 8 | 6 | 2 |

ଗତକାଲିର ଉତ୍ତର


# ସକାରାତ୍ମକ କଥା



ଡ. ସନ୍ତୋଷ କୁମାର ମହାପାତ୍ର

ଦିନେ ଜଣେ ବନ୍ଧୁ ଦେଖାହେଲେ। ସେ ପ୍ରଶ୍ନ କଲେ 'ଆପଣ ସରକାରଙ୍କର ଖାଲି ଦୋଷ ଦୁର୍ବଳତା ଦେଖାଉଛନ୍ତି, କିଛି ସକାରାତ୍ମକ କଥା କହୁନାହାନ୍ତି। ସରକାରଙ୍କ କ'ଣ କିଛି ଭଲ ନାହିଁ? ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିଭିନ୍ନ ବକ୍ତବ୍ୟକୁ ଉଦ୍ଧୃତ କରି କହିଲେ କିପରି ଭାରତର ପଞ୍ଚମ ବୃହତ୍ତମ ଅର୍ଥନୀତି ହୋଇଛି ଏବଂ ଆଗାମୀ ଦିନରେ ତୃତୀୟ ବୃହତ୍ତମ ଅର୍ଥନୀତି ହେବ, ମୁଣ୍ଡପିଛା ଆୟ ଗତ ୯ ବର୍ଷରେ ଦୁଇଗୁଣିତ ହୋଇଛି, ପ୍ରଧାନମନ୍ତ୍ରୀ ବିଦେଶରେ ପ୍ରଶଂସିତ ହେଉଛନ୍ତି, ହଜାର ହଜାର ପ୍ରବାସୀ ଭାରତୀୟ ତାଙ୍କୁ ସମ୍ବର୍ଦ୍ଧନା ଜଣାଉଛନ୍ତି, ଜି-୨୦ର ଅଧ୍ୟକ୍ଷ ହୋଇଛନ୍ତି, ଦାରିଦ୍ର୍ୟ ଗହ୍ୱରରୁ ଗତ ୫ ବର୍ଷରେ ୧୩.୫ କୋଟି ଲୋକ ମୁକୁଳିଛନ୍ତି। ୨୦୪୭ରେ ଭାରତ ବିକଶିତ ରାଷ୍ଟ୍ର ହେବ। ସେ ମଧ୍ୟ ଚନ୍ଦ୍ରୟାନ ୩ର ସଫଳତା କଥା କହିଲେ। ଆମେ ତାଙ୍କୁ ଓଲଟା ପ୍ରଶ୍ନ କଲୁ ସରକାରଙ୍କର କ'ଣ କିଛି ବିଫଳତା ନାହିଁ। ଦେଶରେ କ'ଣ ସମସ୍ତେ ଖୁସିରେ ଅଛନ୍ତି ? ବେକାରି, ଦାରିଦ୍ର୍ୟ, କ୍ଷୁଧା ଓ ବୈଷମ୍ୟ, ଦରଦାମ ବୃଦ୍ଧି, ମୁଦ୍ରାସ୍ଫୀତି, ବାସହୀନତା ଆଦି ଭୟଙ୍କର ସମସ୍ୟା କ'ଣ ନାହିଁ। ଯେଉଁ କୋଟି କୋଟି ଲୋକ ଦୁଃଖରେ ଦୁର୍ବିଷହ ଜୀବନ ବିତାଉଛନ୍ତି, ଯେଉଁ କୋଟି କୋଟି ଲୋକ ମୁଠାଏ ଭାତ ପାଇଁ ସଂଘର୍ଷ କରୁଛନ୍ତି, ସେମାନଙ୍କ କଥା ପ୍ରଧାନମନ୍ତ୍ରୀ ତଥା ଶାସକ ଦଳ କାହିଁକି ବୁଝୁନାହାନ୍ତି ?

ସେମାନଙ୍କ ଦୁଃଖ ଓ ସମସ୍ୟା କଥା ଆଉ ଗଣମାଧ୍ୟମରେ ଆଲୋଚନା ହେଉନି? ଜିଡିପି କ'ଣ ସେମାନେ ଖାଇ ବଞ୍ଚିବେ। ରୋଗରେ ପଡ଼ି ଅର୍ଥ ଅଭାବରୁ ଚିକିତ୍ସା ନ ପାଇ ଯନ୍ତ୍ରଣାରେ ଛଟପଟ ହୋଇ ମରିବାକୁ ଯାଉଥିବା ଲୋକଟି କିପରି ଚନ୍ଦ୍ରୟାନ ୩ର ସଫଳତାରେ ଖୁସି ହେବ। ଯେଉଁ ପିଲାଟି ଅର୍ଥାଭାବରୁ ସ୍କୁଲକୁ ଯାଇପାରୁନି ବା ଅଧାରୁ ପାଠ ଛାଡୁଛି, ଯେଉଁ ମହିଳାଟି ପରିବାରରେ ନିର୍ଯ୍ୟାତନା ବା ବଳାତ୍କାରର ଶିକାର ହେଉଛି, ଯେଉଁ ବୟସ୍କ ଲୋକଟି ପିଲାଙ୍କ ଯତ୍ନ ଅଭାବରୁ ଦୁର୍ବିଷହ ଜୀବନ ବିତାଉଛି ସେମାନଙ୍କ ପାଇଁ ୨୦୪୭ର ବିକଶିତ ରାଷ୍ଟ୍ରର ସ୍ୱପ୍ନ ଏକ ଦୁଃସ୍ୱପ୍ନ ନୁହେଁ କି? ଆମେ ତାଙ୍କୁ ପଚାରିଲୁ ସତରେ କ'ଣ 'ଅଚ୍ଛେଦିନ' 'ଅମୃତ ବେଳା' ଆସିଛି ଏବଂ 'ସବ୍‌କା ସାଥ୍ , ସବ୍‌କା ବିକାଶ' ଦେଖିବାକୁ ମିଳୁଛି? ସେ ହଠାତ୍ ଚୁପ ହୋଇଗଲେ। ପୁନଶ୍ଚ କହିଲୁ ଏକ ସରକାର କେବେ ସମ୍ପୂର୍ଣ୍ଣ ବିଫଳ ହୋଇପାରିବ ନାହିଁ କାରଣ ଟିକସ ବାବଦରେ ଲୋକଙ୍କଠାରୁ ଯେଉଁ ଲକ୍ଷ ଲକ୍ଷ କୋଟି ଟଙ୍କା ଆଦାୟ ହୁଏ ତାହା ବ୍ୟୟ କରିବେ। କିନ୍ତୁ ଯେଉଁଠି ସରକାର ବିଫଳ ହୁଅନ୍ତି ବା ନୀତି ଗରିବଙ୍କ ସପକ୍ଷରେ ନ ହୋଇ ଧନୀଙ୍କ ସପକ୍ଷରେ ହୁଏ ସେତେବେଳେ ବୁଦ୍ଧିଜୀବୀ ସ୍ୱର ଉତ୍ତୋଳନ କରିବା ଉଚିତ। ଜିଡିପି ଲୋକଙ୍କର ଭଲ ମନ୍ଦର ପ୍ରତୀକ ନୁହେଁ ଏବଂ ଆୟ, ବ୍ୟୟ, ଋଣ, ଜିଡିପି ସବୁ ମୁଦ୍ରାସ୍ଫୀତି ଯୋଗୁ ନାମାଙ୍କନ ମୂଲ୍ୟରେ ବୃଦ୍ଧିପାଏ। ଜିଡିପି ବୃଦ୍ଧି ପାଇଲେ ମଧ୍ୟ ମୁଣ୍ଡପିଛା ଆୟ ଦୃଷ୍ଟିରୁ ଭାରତ ୧୪୧ଟି ଦେଶ ତଳେ ଅଛି। ଯେଉଁ ଜିଡିପି ବୃଦ୍ଧିକୁ ସମୃଦ୍ଧି କଥା କୁହାଯାଉଛି ତାହାର ଶ୍ରେୟ



ଯିବ ମନମୋହନ ସିଂଙ୍କ ଆର୍ଥିକ ସଂସ୍କାରକୁ। କିନ୍ତୁ ଏହି ସଂସ୍କାର ଯୋଗୁ ଆର୍ଥିକ ବୈଷମ୍ୟ ବୃଦ୍ଧି ସହିତ ଶିକ୍ଷା, ସ୍ୱାସ୍ଥ୍ୟ ଅତ୍ୟାବଶ୍ୟକ ସେବା ବ୍ୟୟସାପେକ୍ଷ ହୋଇଛି। ଲୋକ ଅଧିକ ଲୋଭୀ ହୋଇଛନ୍ତି ଏବଂ ମାନବିକ ମୂଲ୍ୟବୋଧ ମଧ୍ୟ ହ୍ରାସ ପାଇଛି।

ଆମେ ମହାତ୍ମା ଗାନ୍ଧୀଙ୍କର ଏକ ଉକ୍ତିକୁ ପ୍ରକାଶ କଲୁ। ଗାନ୍ଧିଜୀ ୧୯୪୮ରେ କହିଥିଲେ- "ମୁଁ ଆପଣଙ୍କୁ ଏକ ପଥର/ମୁଦି /ଡେଉଁରିଆ ଦେବି। ଯେତେବେଳେ ତୁମେ ସନ୍ଦେହରେ ଥିବ, କିମ୍ବା ଯେତେବେଳେ ତୁମ ନିଜ କଥାକୁ ଅଧିକ ପ୍ରାଧାନ୍ୟ ଦେଉଥିବ, ସେତେବେଳେ ନିମ୍ନଲିଖିତ ପରୀକ୍ଷା ପ୍ରୟୋଗ କର, ଆପଣ ଯେଉଁ ଦରିଦ୍ରତମ ଓ ଦୁର୍ବଳତମ ଲୋକକୁ କେବେ ଦେଖିଥିବେ, ତା'ରି ଚେହେରାକୁ ମନେପକାନ୍ତୁ ଓ ନିଜକୁ ପଚାରନ୍ତୁ, ଆପଣ ଯାହା କରିବାକୁ ଯାଉଛନ୍ତି, ତାହା ସେହି ଲୋକଟିର କିଛି ଉପଯୋଗୀ ହେବକି? ଆପଣ କାର୍ଯ୍ୟ ଦ୍ୱାରା ତାହାର କିଛି ଲାଭ ହେବକି? ଏହା ତାଙ୍କୁ ନିଜ ଜୀବନ ଏବଂ ଭାଗ୍ୟ ଉପରେ ନିୟନ୍ତ୍ରଣକୁ ଫେରାଇ ଆଣିବ କି? ଅନ୍ୟ ଅର୍ଥରେ, ଏହା ଭୋକିଲା ଏବଂ ଆଧ୍ୟାତ୍ମିକତା ଦୃଷ୍ଟିରୁ ଦୁର୍ବଳ ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ସ୍ୱରାଜ (ସ୍ୱାଧୀନତା) ଆଣିବ କି? ତା'ପରେ ତୁମର ସନ୍ଦେହ ଦୂର ହେବ ଏବଂ ତୁମର ହୃଦୟ ତରଳି ଯିବ। ଏହି କଥାକୁ ଆଖି ଆଗରେ ରଖି ସବୁ ଶାସକ ନୀତି ନିର୍ଦ୍ଧାରଣ କରିବା ଉଚିତ ଏବଂ ଲେଖକ ଲେଖିବା ଉଚିତ। ଦାରିଦ୍ର୍ୟ ହାର ଏକ ଅନାହାର ରେଖା। ଏଥିରୁ ପ୍ରତିବର୍ଷ ଲୋକେ ମୁକୁଳୁଛନ୍ତି। ଆଜି ନୁହେଁ।

ପୁନଶ୍ଚ ଯଦି ସକାରାତ୍ମକ କଥା କହିବା, ତେବେ ନିଜ ବିଫଳତା ଘୋଡ଼ାଇବା ପାଇଁ ପୂର୍ବ ପ୍ରଧାନମନ୍ତ୍ରୀ ନେହେରୁ, ଇନ୍ଦିରା ଗାନ୍ଧୀଙ୍କ କୁତ୍ସାରଟନା କରିବା ଏପରିକି କିଛି ଲୋକ ସାମାଜିକ ଗଣମାଧ୍ୟମରେ ତାଙ୍କ ଚରିତ୍ର ସଂହାର କରିବା କେତେ ସକାରାତ୍ମକ? ବର୍ତ୍ତମାନର ସରକାରଙ୍କ କାର୍ଯ୍ୟକଳାପ, ସଫଳତା, ବିଫଳତା ଏହାର ପୂର୍ବ ଉପା ସରକାରଙ୍କ ସହିତ ତୁଳନା କରାଯିବା ଉଚିତ। କିନ୍ତୁ ନେହେରୁ, ଇନ୍ଦିରା ଗାନ୍ଧୀଙ୍କ ସହିତ ନୁହେଁ। ସେମିତି ବିଭାଜନର ବିଭୀଷିକା ସାଙ୍ଗକୁ ଦେଶ ସ୍ୱାଧୀନ ହେଲା ପରେ ଯେଉଁ ଭୟଙ୍କର ପରିସ୍ଥିତି ଥିଲା ସେତେବେଳେ ନେହେରୁ ଯେପରି ଭାବରେ ଦେଶକୁ ନେତୃତ୍ୱଦେଇ ବିଭିନ୍ନ ଅନୁଷ୍ଠାନ, ଭିତ୍ତିଭୂମି, ଶିଳ୍ପ ପ୍ରତିଷ୍ଠା କରିବା ସହିତ ପ୍ରଗତିର ଏକ ଦୃଢ଼ ଭିତ୍ତିଭୂମି, ଯୋଜନାଭିତ୍ତିକ ଅର୍ଥନୀତି, ଗଣତାନ୍ତ୍ରିକ ବ୍ୟବସ୍ଥା ପ୍ରତିଷ୍ଠା କରିଛନ୍ତି, ତାହାର ପଟାନ୍ତର ନାହିଁ। ସେଥି ସକାଶେ ଆମେ ପାକିସ୍ତାନଠାରୁ ବହୁ ଆଗରେ। ଏହାର ଅର୍ଥ ନୁହେଁ ନେହେରୁ ବା ଇନ୍ଦିରା ଗାନ୍ଧୀଙ୍କର କିଛି ଦୋଷ ତ୍ରୁଟି ନ ଥିଲା। ପ୍ରତ୍ୟେକ ମଣିଷ ପରି ସେମାନଙ୍କର ଦୋଷ ତ୍ରୁଟି ଥିଲା। କିନ୍ତୁ ସେମାନଙ୍କ ଦୋଷ ବର୍ତ୍ତମାନ ଦେଖାଇ ଶାସକ ଶ୍ରେଣୀ ନିଜ ବିଫଳତା ଘୋଡ଼ାଇବା ଉଚିତ ନୁହେଁ। ଗରିବଙ୍କ ସ୍ୱାର୍ଥ ପାଇଁ ଶାସକ ଶ୍ରେଣୀର ବିଫଳତା ଦେଖାଇବା ଏକ ସକାରାତ୍ମକ କାର୍ଯ୍ୟ, କିନ୍ତୁ ଏହା ସବୁ ସରକାର ଅମଳରେ ଜଣେ ଲେଖକ ଅବଲମ୍ବନ କରିବା ଉଚିତ। କିନ୍ତୁ ବର୍ତ୍ତମାନ ଅନେକ ଶାସକ ଶ୍ରେଣୀକୁ ପ୍ରଶଂସା କରିବା ପାଇଁ ବ୍ୟାକୁଳ ? ଏହା ଦ୍ୱାରା ଗରିବର ସ୍ୱର ନିଷ୍ପ୍ରଭ ହୋଇଯାଉଛି।

**ମୋ:୯୪୩୭୨୦୮୭୬୨**

## ପାଠକ ଶ୍ରେଷ୍ଠ ବିଚାରକ

### ବୁଲା ଷଣ୍ଢ ଓ କୁକୁରଙ୍କ ପ୍ରାଦୁର୍ଭାବ

ମହାଶୟ,

ରାସ୍ତାରେ ବୁଲୁଥିବା କୁକୁରଙ୍କ ଯୋଗୁ ଦୁର୍ଘଟଣା ଘଟି ଅନେକେ ମୃତ୍ୟୁବରଣ କରୁଛନ୍ତି କିମ୍ବା ଆଘାତପ୍ରାପ୍ତ ହେଉଛନ୍ତି । ରାଜଧାନୀ ଓ ଓଡ଼ିଶାର ପ୍ରାୟ ପ୍ରତି ଅଞ୍ଚଳରେ ବୁଲାକୁକୁର ଓ ଷଣ୍ଢ ଗାଈଙ୍କ ସଂଖ୍ୟା ଏତେ ପରିମାଣରେ ବଢି ଚାଲିଛି ଯେ ତା'ର ହିସାବ ନାହିଁ। ସରକାରୀ ସ୍ତରରେ କେବଳ କିଛିଦିନ ପାଇଁ ଚେଷ୍ଟା କରାଯାଏ ତା'ପରେ ପୁଣି ଚୁପଚାପ । ଏହି ଷଣ୍ଢ, ଗାଈ ଓ କୁକୁର ମାଳ ମାଳ ହୋଇ ରାସ୍ତା ସାରା ବୁଲୁଛନ୍ତି । କେବେ କେବେ ନିଜ ନିଜ ଭିତରେ କାମୁଡ଼ା କାମୁଡ଼ି ହୋଇ ବା ଲଢ଼େଇକରି ରାସ୍ତା ଅବରୋଧ କରିଦିଅନ୍ତି । ଷଣ୍ଢ ଦୋକାନରେ ଜବରଦସ୍ତ ପଶି ପରିବାପତ୍ର ନଷ୍ଟ କରିଦିଅନ୍ତି ଓ ସବୁଆଡେ ମଳତ୍ୟାଗ କରି ରାସ୍ତାଘାଟ ଅପରିଷ୍କାର କରନ୍ତି । କିଛି ମାରଣା ଗାଈ ବା ଷଣ୍ଢ ଲୋକଙ୍କୁ ଦେଖିଲା ମାତ୍ରେ ଆକ୍ରମଣ କରନ୍ତି । ଫଳରେ ଲୋକେ ମୃତ୍ୟୁବରଣ କରନ୍ତି ବା ସାଙ୍ଘାତିକ ଭାବରେ ଆହତ ହୁଅନ୍ତି। ସରକାର କୁକୁରଙ୍କ ବନ୍ଧ୍ୟାକରଣ କରିବାକୁ ଅନେକ ଟଙ୍କା ଖର୍ଚ୍ଚ କରୁଛନ୍ତି କିନ୍ତୁ କିଛି ସୁଫଳ ମିଳି ପାରୁ ନାହିଁ। କରୋନା ସମୟରେ ସରକାରୀ ସ୍ତରରେ ବୁଲାକୁକୁର, ଗାଈ, ଷଣ୍ଢଙ୍କୁ କିଛି ଖାଦ୍ୟ ଦିଆଯାଉଥିଲା, ଯାହା ଦ୍ୱାରା ସେମାନେ ସେହି ସ୍ଥାନ ତ୍ୟାଗକରି ଅନ୍ୟଆଡ଼େ ଯାଉ ନ ଥିଲେ । ଫଳରେ ଦୁର୍ଘଟଣାରୁ ଲୋକମାନେ ରକ୍ଷା ପାଉଥିଲେ । କିନ୍ତୁ ଏବେ ସେ ସବୁ ବନ୍ଦ ହୋଇଯାଇଛି । ସେଥିପାଇଁ ସେମାନେ ସବୁ ଅଞ୍ଚଳରେ ବୁଲୁଛନ୍ତି ଓ ଲୋକମାନେ ଦୁର୍ଘଟଣାର ଶିକାର ହେଉଛନ୍ତି । ଏହାର କିଛି ବିହିତ ପ୍ରତିକାର ବ୍ୟବସ୍ଥା ନିହାତି ଜରୁରୀ।

**-ପ୍ରଦୀପ୍ତ କୁମାର କର, ପ୍ଲଟ ନଂ ୨୫, ସୂର୍ଯ୍ୟନଗର,ଭୁବନେଶ୍ୱର**

### ଚିରନ୍ତନୀ

ସଂଖ୍ୟାର ଚରମ ତୁମେ
ଗଣକର ଗଣନାର ଶେଷ,
ଅଙ୍କର ଆଦିମ ଶୂନ୍ୟ
ଆଦିମୂଳ ବିଶ୍ୱର ବିଶେଷ।

(ଶୂନ୍ୟ ଚିନ୍ତା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**୨ ମୋରମ ବୋଝେଇ ଟ୍ରାକ୍ଟର, ଜେସିବି ଜବତ**

ମୋରଡା,(ସ୍ୱାରକ ମାଜୀ): ମୟୂରଭଞ୍ଜ ଜିଲା ମୋରଡ଼ା ତହସିଲ ଅଧୀନ କୋହି ପଞ୍ଚାୟତର ପ୍ରତାପଚନ୍ଦ୍ରପୁର ଅଞ୍ଚଳରୁ ତହସିଲ କର୍ତ୍ତୃପକ୍ଷ ଏକ ଜେସିବି ଓ ୨ମୋରମ ବୋଝେଇ ଟ୍ରାକ୍ଟର ଜବତ କରିଛନ୍ତି। ସୁବର୍ଣ୍ଣରେଖା କେନାଲ ରାସ୍ତା ବନ୍ଧ ନିର୍ମାଣ ପାଇଁ ଏକ ଠିକା ସଂସ୍ଥା ସରକାରୀ ଜାଗାରୁ ମୋରମ ଉତ୍ତୋଳନ କରୁଥିବା ବେଳେ ମୋରଡା ତହସିଲଦାର ଅନନ୍ତ କୁମାର ହାଁସଦା, ମୋହନପୁର ରାଜସ୍ୱ ନିରୀକ୍ଷକ ଏବଂ ଚିତ୍ରଡା ଫାଣ୍ଡି ଅଧିକାରୀ ନିରଞ୍ଜନ ସୋରେନ ଘଟଣାସ୍ଥଳରେ ପହଞ୍ଚି ଏକ ଜେସିବି ସହିତ ୨ ଟ୍ରାକ୍ଟର ଜବତ କରିଥିଲେ। ଜବତ ଟ୍ରାକ୍ଟରକୁ ଚିତ୍ରଡା ଫାଣ୍ଡି ଜିମା ଦିଆଯାଇଛି।

## ସଂକ୍ଷେପରେ

### ରୁପା, ପିତ୍ତଳ ମୂର୍ତ୍ତି ଉଦ୍ଧାର ; ଜଣେ ଗିରଫ
### ସନ୍ତୋଷୀ ମା' ମନ୍ଦିରରୁ ଚୋରି

ବଡ଼ବିଲ,୩୧।୮ (ଦେବପ୍ରିୟ ରଣା): କେନ୍ଦୁଝର ଜିଲା ବଡ଼ବିଲ ବଜାର ମୁଖ୍ୟ ରାସ୍ତାସ୍ଥିତ ସନ୍ତୋଷୀ ମା' ମନ୍ଦିରରୁ ରୁପା ମୂର୍ତ୍ତି, ପିତ୍ତଳ ମୂର୍ତ୍ତି, ବିଭିନ୍ନ ସାମଗ୍ରୀ ସହ ଦାନପେଟିରୁ ନଗଦ ଟଙ୍କା ଚୋରି ହୋଇଛି। ପୋଲିସ ଚୋରି ସାମଗ୍ରୀ ଉଦ୍ଧାର କରିବାରେ ସକ୍ଷମ ହୋଇଛି। ଘଟଣାରେ ସମ୍ପୃକ୍ତ ବଡ଼ବିଲ ନ୍ୟୁ ମାର୍କେଟ ଅଞ୍ଚଳରେ ରହୁଥିବା ବଲବିର ସିଂ ଓରଫ୍ ବୁରାଙ୍କୁ ପୋଲିସ ଗିରଫ କରିଛି। ବୁଧବାର ସନ୍ଧ୍ୟାରେ ମନ୍ଦିରରେ ଏକ ଜନ୍ମଦିନ ଉତ୍ସବ ପାଳନ ହେବା ସହ ପ୍ରସାଦ ସେବନ ବଣ୍ଟନ ହୋଇଥିଲା। ଗୁରୁବାର ସକାଳେ ମନ୍ଦିର ସଫେଇ କରାଯିବାବେଳେ ମନ୍ଦିର ପଛପାଖ କବାଟର ତାଲା ଭଙ୍ଗାଯାଇଥିବା ଦେଖିବାକୁ ମିଳିଥିଲା। ରୁପା ଓ ପିତ୍ତଳ ମୂର୍ତ୍ତି, ଠାକୁରଙ୍କ ଅଳଙ୍କାର, ବିଭିନ୍ନ ସାମଗ୍ରୀ ଏବଂ ଦାନପେଟିରେ ଥିବା ପ୍ରାୟ ୨୫ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଚୋରି ହୋଇଯାଇଥିବା ଜଣାପଡିଥିଲା। ଏ ନେଇ ବଡ଼ବିଲ ପୋଲିସ ତଦନ୍ତ ଆରମ୍ଭ କରି ରୁପା ଓ ପିତ୍ତଳ ମୂର୍ତ୍ତି ସହ ଚୋରି ସାମଗ୍ରୀ ଜବତ କରିଥିଲା। ଥାନାରେ ଏକ ମାମଲା(ନଂ. ୨୩୨/୨୦୨୩)ରୁଜୁ ହୋଇଛି। ଅଭିଯୁକ୍ତଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଥିବା ପୋଲିସ ପକ୍ଷରୁ ସୂଚନା।

### ଲୁଟ୍ ମାମଲାରେ ୪ ଗିରଫ

ବାହାନଗା, ୩୧।୮(ଅରୂପ କୁମାର ଦାସ)-ବାଲେଶ୍ୱର ଜିଲା ଖନ୍ତାପଡା ଥାନା ପୋଲିସ ଲୁଟ୍ ମାମଲାରେ ୪ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନଙ୍କଠାରୁ ୨ଟି ତେଲଙ୍ଗା କଟୁରୀ, ଗୋଟିଏ ମୋବାଇଲ ଫୋନ୍, ଗୋଟିଏ କଳା ପଲସର ସମେତ ୧ ହଜାର ଟଙ୍କା ପୋଲିସ ଜବତ କରିଛି। ଗତ ୨୪ତାରିଖରେ ଅଟାସପୁର ଗ୍ରାମର କାର୍ତ୍ତିକ ମଲିକ ବାଇକ୍ ଯୋଗେ ବାଲେଶ୍ୱର ସ୍ଥିତ କଷାଫଳକୁ ମାଛ ଆଣିବା ନିମନ୍ତେ ଯାଉଥିବା ବେଳେ ଶ୍ରଜଙ୍ଗ ଗ୍ରାମ ନିକଟସ୍ଥ ତାରିଣୀ ମନ୍ଦିରଠାରେ ଏକ କଳା ପଲସର ସହ ୪ ଜଣ ଯୁବକ ଛିଡା ହୋଇଥିଲେ। ସେମାନେ କାର୍ତ୍ତିକଙ୍କୁ ଅଟକାଇ ମାରଣାସ୍ତ୍ର ଦେଖାଇ ୫ହଜାର ଟଙ୍କା ଓ ବାଇକ୍‌କୁ ଛଡାଇ ନେଇଥିଲେ। ଏନେଇ କାର୍ତ୍ତିକ ଖନ୍ତାପଡା ଥାନାରେ ଅଭିଯୋଗ କରିଥିଲେ। ପୋଲିସ୍ ମାମଲା(ନଂ. ୧୯୦/୨୩) ରୁଜୁ କରି ବାହାନଗା ଅଞ୍ଚଳରୁ ୨ଜଣ ଓ ଶ୍ରୀଜଙ୍ଗ ଅଞ୍ଚଳର ୨ ଜଣଙ୍କୁ ଗିରଫ କରିଛି।

# ଛାତ୍ର ଅସୁସ୍ଥ, ବିଦ୍ୟାଳୟରେ ତାଲା ପକାଇଲେ ଗ୍ରାମବାସୀ

**ପୋଲିସ ହସ୍ତକ୍ଷେପ ପରେ ଖୋଲିଲେ**

ବାସୁଦେବପୁର, ୩୧।୮ (ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ଅଡୁଁଆ ପଞ୍ଚାୟତ ନନ୍ଦପୁର ୟୁଜିଏମ୍‌ଇ ସ୍କୁଲର ଅଷ୍ଟମ ଶ୍ରେଣୀ ଛାତ୍ର ସତ୍ୟସୁନ୍ଦର ସାମଲ ଗୁରୁବାର ବିଦ୍ୟାଳୟ ପରିସରରେ ପ୍ରବଳ ଗୁଲୁଗୁଳି ସହି ନ ପାରି ଅସୁସ୍ଥ ହୋଇପଡ଼ିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ କେତେକ ଗ୍ରାମବାସୀ ବିଦ୍ୟାଳୟ ଫାଟକରେ ତାଲା ପକାଇ ଦେଇଥିଲେ। ସୂଚନା ଅନୁଯାୟୀ, ମଧ୍ୟାହ୍ନରେ ସତ୍ୟସୁନ୍ଦର ଅସୁସ୍ଥ ହୋଇପଡ଼ିବା ସହ ବାନ୍ତି କରିଥିଲେ। ବିଦ୍ୟାଳୟ ପକ୍ଷରୁ ତାଙ୍କୁ ପ୍ରାଥମିକ ଚିକିତ୍ସା କରାଯିବା ପରେ ସେ ସୁସ୍ଥ ହୋଇଥିଲେ। ଏହି ଖବର ଜାଣିବା ପରେ କେତେକ ଗ୍ରାମବାସୀ ଓ ଅଭିଭାବକ ଏକତ୍ର ହୋଇ ବିଦ୍ୟାଳୟ ଆଗରେ ହୋହଲ୍ଲା କରିବା ସହ ଫାଟକରେ ତାଲା ପକାଇ ଦେଇଥିଲେ। ଛାତ୍ର ଜଣକ ଅସୁସ୍ଥ ହେବା ପରେ କାହିଁକି ତାଙ୍କ ପରିବାରକୁ ସୂଚନା ଠିକ୍ ସମୟରେ ଦିଆଗଲା ନାହିଁ ଓ କାହିଁକି ବିଦ୍ୟାଳୟରେ ବିଦ୍ୟୁତ୍ ସଂଯୋଗ କଟିଲା ବୋଲି ସେମାନେ ପ୍ରଶ୍ନ ଉଠାଇଥିଲେ। ଖବର ପାଇ ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ଫାଟକରୁ ତାଲା ଖୋଲିଥିଲେ। ଏ ସମ୍ପର୍କରେ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ରତ୍ନାବତୀ ସାମଲ କହିଛନ୍ତି, କୌଣସି କାରଣରୁ ଛାତ୍ର ଜଣକ ଅସୁସ୍ଥ ହେବାରୁ ତାଙ୍କୁ ପ୍ରାଥମିକ ଚିକିତ୍ସା ପରେ ସୁସ୍ଥ କରାଯାଇଥିଲା। କିନ୍ତୁ କେତେଜଣ ଅଭିଭାବକ ଓ ଗ୍ରାମବାସୀ କୌଣସି କାରଣ ନ ଥାଇ ବିଦ୍ୟାଳୟରେ ତାଲା ପକାଇଥିଲେ। ପୋଲିସ ହସ୍ତକ୍ଷେପ ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ଚିକିତ୍ସା ପରେ ଛାତ୍ରଙ୍କୁ ତାଙ୍କ ବାପାଙ୍କ ଜିମାରେ ଛଡ଼ାଯାଇଛି।

# ସହରରେ ବଢ଼ି ଚାଲିଛି ଲୁଟ୍

ଭଦ୍ରକ, ୩୧।୮ (ସନାତନ ରାଉତ)

ଭଦ୍ରକ ସହରରେ ଦିନକୁ ଦିନ ଲୁଟ୍, ଛିନ୍ତାଇ ବଢ଼ି ଚାଲିଛି। ଫଳରେ ସହରବାସୀ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ଥାନାରେ ଅଭିଯୋଗ ପରେ ପୋଲିସ କେବଳ ମାମଲା ରୁଜୁ କରି ନିରବ ହୋଇଯାଉଛି ବୋଲି ଲୋକେ ଅଭିଯୋଗ କରୁଛନ୍ତି। ଭଦ୍ରକ ବ୍ଲକ ଚରମ୍ପା ଅଞ୍ଚଳର ବ୍ୟବସାୟୀ ସରୋଜ ବାରିକ ମଙ୍ଗଳବାର ରାତି ୧୦ଟା ବେଳେ ଦୋକାନ ବନ୍ଦ କରି ଘରକୁ ଫେରୁଥିବା ବେଳେ ଲୁଟ୍‌ର ଶିକାର ହୋଇଥିଲେ। ରେଲୱେ ଲେଭଲକ୍ରସିଂ ପାଖରେ ଦୁଇଜଣ ଯୁବକ ବାଇକ୍‌ରେ ଆସି ତାଙ୍କୁ ଅଟକାଇ ଭୁଜାଲି ଦେଖାଇ ବେକରୁ ସୁନାଚେନ୍ ଓ ୩୫ ହଜାର ଟଙ୍କା ଥିବା ବ୍ୟାଗ୍ ଛଡ଼ାଇ ଚମ୍ପଟ ମାରିଥିଲେ। ସେହିପରି ବୁଧବାର ରାତିରେ ୩ରୁ ୪ ଯୁବକ ମୁହଁରେ କପଡ଼ା ବାନ୍ଧି ଚରମ୍ପା ବିଦାଙ୍ଗ ବରାଳ ପୋଖରୀ ୧ନଂ. ୱାର୍ଡର କନକଲତା ସାହୁଙ୍କ ଘର ଭିତରେ ପଶି ଭୁଜାଲିରେ ଆକ୍ରମଣ କରି ଡକାୟତି ଉଦ୍ୟମ କରିଥିଲେ। କୌଶଳକ୍ରମେ କନକଲତା ଘରୁ ବାହାରି ଲୋକଙ୍କୁ ଡାକିବାରୁ ଲୁଟେରାମାନେ ପଛପଟ ବିଲ ଦେଇ ପଳାଇ ଯାଇଥିଲେ ବୋଲି ତାଙ୍କ ପରିବାର ପକ୍ଷରୁ କୁହାଯାଇଛି। ଏନେଇ ଭଦ୍ରକ ଟାଉନ ଥାନାରେ ଅଭିଯୋଗ ହୋଇଥିଲେ ମଧ୍ୟ ପୋଲିସ କୌଣସି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିବା କହିଛନ୍ତି ଅଭିଯୋଗକାରୀ। ଏଥିପ୍ରତି ପୋଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ପାଟ୍ରୋଲିଂ ପାଇଁ କାଉନସିଲରଙ୍କ ପ୍ରତିନିଧି ରଞ୍ଜନ ସାହୁ ଦାବି କରିଛନ୍ତି।

# ଔପଦା ସାମ୍ବାଦିକ ଏକତା ମଞ୍ଚ ପକ୍ଷରୁ ରକ୍ଷା ବନ୍ଧନ

ଔପଦା, ୩୧।୮ (ଧରିତ୍ରୀ ପଣ୍ଡା)

ଔପଦା ସାମ୍ବାଦିକ ଏକତା ମଞ୍ଚ ପକ୍ଷରୁ ରକ୍ଷାବନ୍ଧନ ଉତ୍ସବ ଭାଇଚାରା ମଧ୍ୟରେ ପାଳନ କରାଯାଇଛି। ସାମ୍ବାଦିକ ଏକତା ମଞ୍ଚର ସଭାପତି ଧରିତ୍ରୀ ପଣ୍ଡା ମଞ୍ଚର ସଭ୍ୟାସଭ୍ୟଙ୍କ ହାତରେ ରାଖୀ ବାନ୍ଧି ପରସ୍ପର ମଧ୍ୟରେ ସ୍ନେହ ଶ୍ରଦ୍ଧା ରଖିବା ଏହାର ମୂଳ ଲକ୍ଷ୍ୟ ବୋଲି କହିଥିଲେ। ଏହି ଅବସରରେ ଏକତା ସାମ୍ବାଦିକ ମଞ୍ଚର ଉତ୍ତରୋତ୍ତର ଉନ୍ନତି ପାଇଁ ସମସ୍ତେ ଏକ ହୋଇ କାମ କରିବାକୁ ସଂକଳ୍ପବଦ୍ଧ ହୋଇଥିଲେ।



ଔପଦା ସାମ୍ବାଦିକ ଏକତା ମଞ୍ଚ ପକ୍ଷରୁ ରକ୍ଷା ବନ୍ଧନ ଉତ୍ସବ ପାଳନ।

# ବୟାଙ୍ଗଡିହ ସରପଞ୍ଚ ପଦ ଅସିଦ୍ଧ ଘୋଷଣା କଲେ କୋର୍ଟ

**ପୁନଃ ନିର୍ବାଚନ ପାଇଁ ଜିଲାପାଳଙ୍କୁ ନିର୍ଦ୍ଦେଶ**

ଧାମନଗର, ୩୧।୮ (ସନ୍ତୋଷ କୁମାର ମହାପାତ୍ର)

ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଧାମନଗର ବ୍ଲକ ଅଧୀନ ବୟାଙ୍ଗଡିହ ପଞ୍ଚାୟତର ସରପଞ୍ଚ ଭାବେ କୁନ୍ତଳା ମଲିକ ବିଜୟଲାଭ କରିଥିଲେ। ସେ ଓଡ଼ିଆ ଲେଖି ପଢ଼ି ଜାଣି ନ ଥିବା ନେଇ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଭାରତୀ ବେହେରା ଧାମନଗର କୋର୍ଟରେ ନିର୍ବାଚନ ମିସ୍‌କେସ୍ ନମ୍ବର (୦୧/୨୦୨୨) ଆବେଦନ କରିଥିଲେ। ବିଚାରପତି ନୀଳିମା ଷଡ଼ଙ୍ଗୀ ଏହି ମାମଲାର ବିଚାର କରି ଗୁରୁବାର ସରପଞ୍ଚ ମଲିକଙ୍କ ପଦକୁ ଅସିଦ୍ଧ ଘୋଷଣା କରିବା ସହ ପୁନଃ ନିର୍ବାଚନ ପାଇଁ ଭଦ୍ରକ ଜିଲାପାଳ ଏବଂ ଧାମନଗର ବିଡିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରିଣୀଙ୍କ ପକ୍ଷରୁ ଆଇନଜୀବୀ କଲ୍ୟାଣ କୁମାର ଦାସ ଓ ଅଭିରାମ ମହାନ୍ତି ମାମଲା ପରିଚାଳନା କରିଥିଲେ।

# ପଣ୍ଡିତ ନାରାୟଣଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ସଂସ୍କୃତ ବିଦ୍ୟାଳୟର ପଣ୍ଡିତ ନାରାୟଣ ଚନ୍ଦ୍ର ପଣ୍ଡାଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

ବନ୍ତ, ୩୧।୮(ହରିନାରାୟଣ ମହାନ୍ତି): ଭଦ୍ରକ ଜିଲା ବନ୍ତ ବ୍ଲକ ନିଳୋକସ୍ଥିତ ବାବାଜୀ ଚରଣ ସଂସ୍କୃତ ବିଦ୍ୟାଳୟର ପଣ୍ଡିତ ନାରାୟଣ ଚନ୍ଦ୍ର ପଣ୍ଡାଙ୍କୁ ଗୁରୁବାର ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରଧାନ ପଣ୍ଡିତ ଅଭିମନ୍ୟୁ ସେନାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ପୂର୍ବତନ ସଭାପତି ଅବିନାଶ ଚନ୍ଦ୍ର ନାୟକ ଓ ସମ୍ମାନିତ ଅତିଥି ଭାବେ ଖବରଦାତା ହରିନାରାୟଣ ମହାନ୍ତି ଯୋଗଦେଇଥିଲେ। ପଣ୍ଡା ୧୯୮୮ଠାରୁ ୩୫ବର୍ଷ ଧରି ଉକ୍ତ ବିଦ୍ୟାଳୟରେ ଶିକ୍ଷାଦାନ କରି ବହୁ ମେଧାବୀ ଛାତ୍ର ଗଠନ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି ବୋଲି ଅତିଥିମାନେ କହିଥିଲେ। ଶିକ୍ଷୟିତ୍ରୀ ଅଞ୍ଜଳି ରାଉତ ଓ କର୍ମଚାରୀ ପରୀକ୍ଷିତ ନାୟକ ଉପସ୍ଥିତ ଥିଲେ।

# ୩ ଦୋଷୀଙ୍କୁ ୧୦ ବର୍ଷ ଲେଖାଏ ଜେଲ

**ଗଞ୍ଜେଇ ଚୋରାଚାଲାଣ ମାମଲା**

ବାରିପଦା,୩୧।୮(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଓ ଦୌରା ଜଜଙ୍କ କୋର୍ଟରେ ଗୁରୁବାର ଏକ ଗଞ୍ଜେଇ ଚୋରାଚାଲାଣ ମାମଲାର ରାୟ ପ୍ରକାଶ ପାଇଛି। ବିଚାରପତି ଅରବିନ୍ଦ ପଟ୍ଟନାୟକ ଏହାର ବିଚାର କରି ୩ ଦୋଷୀଙ୍କୁ ୧୦ବର୍ଷ ଲେଖାଏ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥି ସହିତ ୧ଲକ୍ଷ ଟଙ୍କାର ଜରିମାନା ଓ ଅନାଦାୟେ ଅଧିକ ୬ ମାସ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତମାନେ ହେଲେ ବାଲେଶ୍ୱର ଜିଲା ବସ୍ତା ଥାନା ମଙ୍ଗଳପୁର ଅଞ୍ଚଳର ଶେଖ ରଫାକତ ଅଲ୍ଲୀ(୪୨), ରୁପ୍‌ସା ଥାନା ଜାମୁଣିଆ ଅଞ୍ଚଳର ମିହିର ବିଶ୍ୱାଳ(୨୦) ଏବଂ ରାସଗୋବିନ୍ଦପୁର ଥାନା ଶ୍ୟାମନନ୍ଦପୁର ଅଞ୍ଚଳର ରବୀନ୍ଦ୍ର କୁମାର ଦେ(୫୦)।

ମାମଲାର ବିବରଣୀ ଅନୁଯାୟୀ, ୨୦୨୦ ନଭେମ୍ବର ୮ରେ ରାସଗୋବିନ୍ଦପୁର ଥାନା ପୋଲିସ ସ୍ଥାନୀୟ ଅଞ୍ଚଳରେ ରାତ୍ରି କାଳୀନ ପାଟ୍ରୋଲିଂ ଜାରି ରଖିଥିଲା। ଏହି ସମୟରେ ଏକ ବୋଲେରୋ ଗାଡିରେ ବେଆଇନ ଭାବେ ଗଞ୍ଜେଇ ବାଲେଶ୍ୱର ଜିଲା ବସ୍ତା ଅଞ୍ଚଳରୁ ଚାଲାଣ ହେଉଥିବା ଖବର ମିଳିଥିଲା। ପାଟ୍ରୋଲିଂ ଟିମ୍ ସାରୁମୂଳା ନିକଟସ୍ଥ ଶ୍ୟାମନନ୍ଦପୁର ଛକ ନିକଟରେ ଉକ୍ତ ଗାଡିକୁ ଅଟକାଇ ୩ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ୬୦ କେଜି ୯୯୦ ଗ୍ରାମ ଗଞ୍ଜେଇ ଜବତ କରିଥିଲେ। ସ୍ୱତନ୍ତ୍ର ପିପି ବଜେନ୍ଦ୍ର ମହାନ୍ତି ମାମଲା ପରିଚାଳନା କରୁଥିଲେ।

# ବୃଦ୍ଧଙ୍କ ମୃତଦେହ ଜବତ

ବେତନଟୀ,୩୧।୮(ଧରଣୀଧର ମହାନ୍ତି)

ବେତନଟୀ ଥାନା ଅଧୀନ ବାହାନଡା ଗ୍ରାମ ସୀମା ଦେଇ ଯାଇଥିବା ସୁବର୍ଣ୍ଣରେଖା କେନାଲ ପାଖରୁ ଜଣେ ବୃଦ୍ଧଙ୍କ ମୃତଦେହ ପୋଲିସ ଜବତ କରିଛି। ମୃତକ ହେଲେ ନୂଆସାହିର ରାମ ସିଂ (୬୦)। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ. ୪୪/୨୩) ରୁଜୁ ହୋଇଛି। ମୃତ୍ୟୁର କାରଣ ସ୍ପଷ୍ଟ ହୋଇନି।

# ଯାତ୍ରୀ ବିଶ୍ରାମାଗାର ନିର୍ମାଣ ପାଇଁ ପ୍ରସ୍ତୁତି ଆରମ୍ଭ

**ବହୁଦିନର ଦାବି ପୂରଣ ହେଲା**

ଖଇରା, ୩୧।୮ (ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଅଧୀନ ବରିଷ୍ଠ ନାଗରିକ ମଞ୍ଚ, ଜନଜାଗରଣ ମଞ୍ଚ ତରଫରୁ ଖଇରା ବସ୍‌ଷ୍ଟାଣ୍ଡରେ ଯାତ୍ରୀ ବିଶ୍ରାମାଗାର ନିର୍ମାଣ ପାଇଁ ବାରମ୍ବାର ଦାବି କରାଯିବା ଏବଂ ଏବେ ଅଧିକାରୀଙ୍କ ଚିଠି ପହଞ୍ଚିବା ପରେ ଏବେ ବିଶ୍ରାମାଗାର ନିର୍ମାଣ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି । ମଙ୍ଗଳବାର ଖଇରା ବ୍ଲକ ପରିସରରେ ବିଡିଓ ଉତ୍ତମ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆଇଆଇସି ଗୟାଧର ବେହେରା, ବରିଷ୍ଠ ନାଗରିକ ମଞ୍ଚ ସଭାପତି ଶରତ କୁମାର ବିଶ୍ୱାଳ, ସମ୍ପାଦକ ମୁକ୍ତକାନ୍ତ ଶତପଥି, କୋଷାଧ୍ୟକ୍ଷ ଅନାମ ଚରଣ ପଣ୍ଡା, ବସ୍ ମାଲିକ ନରେନ୍ଦ୍ର ନାଥ ଧର, ମହିଳା ମହାସଂଘ ସଭାପତି ସୁମିତ୍ରା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ବିଡିଓ ବିଶ୍ରାମାଗାରର ଏଷ୍ଟିମେଟ ପ୍ରସ୍ତୁତ କରିବାକୁ ବିଡିଓ କନିଷ୍ଠଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବରିଷ୍ଠ ନାଗରିକ ମଞ୍ଚ ୫-ଟି ସଚିବ ଓ ଜନଜାଗରଣ ମଞ୍ଚ ତରଫରୁ ଜିଲାପାଳଙ୍କୁ ଏ ସମ୍ପର୍କରେ ଦାବିପତ୍ର ପ୍ରଦାନ କରାଯାଇଥିଲା।

# ବଡ଼ମସିଣାବିଲା ପଞ୍ଚାୟତ ଘେରିଲା ଭାଜପା




ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ଭାଜପା କର୍ମକର୍ତ୍ତା।

ଢେଙ୍କିକୋଟ,୩୧।୮(ନୀଳମଣି ମଣ୍ଡଳ): କେନ୍ଦୁଝର ଜିଲା ଘଟଗାଁ ବ୍ଲକ୍ ବଡ଼ମସିଣାବିଲା ପଞ୍ଚାୟତରେ ଦୁର୍ନୀତି ଅଭିଯୋଗରେ ଭାଜପା ତରଫରୁ ଘେରାଉ କରାଯାଇଥିଲା। ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଡାକରାରେ କେନ୍ଦୁଝର ଜିଲା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମାଙ୍କ ନିର୍ଦ୍ଦେଶରେ ଘଟଗାଁ ମଣ୍ଡଳ ସଭାପତି ଗୋଲଖ ବଳ, ପୂର୍ବତନ ଜିଲାପରିଷଦ ସଦସ୍ୟ ରୁଦ୍ରପ୍ରସାଦ ବେହେରାଙ୍କ ନେତୃତ୍ୱରେ ଶତାଧିକ ଭାଜପା କର୍ମୀ ରାଲିରେ ଆସି ପଞ୍ଚାୟତ ଅଫିସ ଘେରାଉ କରିଥିଲେ। ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ମମତା ସିଂ, ରାଜ୍ୟକାର୍ଯ୍ୟକାରିଣୀ ସଦସ୍ୟ ସନ୍ତୋଷ ରାଉତ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଅମର ସିଂ, ଜିଲା ଯୁବ ମୋର୍ଚ୍ଚା ସଂଯୋଜକ ସୁମନ୍ତ ସାହୁ, ମଣ୍ଡଳ ଉପସଭାପତି ମକରଧ୍ୱଜ ବେହେରା, ଦୁର୍ଯ୍ୟୋଧନ ମହାନ୍ତ, ଅଳତୀ ଖଟୁଆ, ଲୁଲୁ ବେହେରା, ରମାକାନ୍ତ ନାଏକ, ପର୍ଶୁରାମ ନାଏକ ପ୍ରମୁଖ ଯୋଗଦେଇଥିଲେ।

# ସମୂହ ଛୁଟିରେ ଅଧିକାରୀ

**କୃଷି ଓ ମୃତ୍ତିକା ସଂରକ୍ଷଣ ବିଭାଗ**

କେନ୍ଦୁଝର,୩୧।୮ (ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

ଓଡ଼ିଶା କୃଷି ସେବା ସଂଘ, ଓଡ଼ିଶା ଉଦ୍ୟାନ କୃଷି ଅଧିକାରୀ ସଂଘ ଏବଂ ଓଡିଶା ମୃତ୍ତିକା ସଂରକ୍ଷଣ ଅଧିକାରୀ ସେବା ସଂଘ କେନ୍ଦୁଝର ଶାଖା ମିଳିତ ଭାବେ ପ୍ରତିବାଦ କରିଛନ୍ତି। କ୍ୟାଡର ପୁନର୍ବିନ୍ୟାସ ଅହେତୁକ ବିଳମ୍ବ ସମେତ ବିଭିନ୍ନ ଦାବି ନେଇ କେନ୍ଦୁଝର ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସରକାରୀ କାର୍ଯ୍ୟକୁ ଅସହଯୋଗ କରି ଗୁରୁବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଛୁଟିରେ ରହିଛନ୍ତି।

କୃଷି ବିଭାଗ, ମୃର୍ତ୍ତିକା ସଂରକ୍ଷଣ ବିଭାଗ ଏବଂ ଉଦ୍ୟାନ କୃଷି ବିଭାଗ ଅଧିକାରୀ ଏବଂ କର୍ମଚାରୀମାନଙ୍କ ଦ୍ୱାରା ସରକାରଙ୍କ ୬୦ଟି ବିଭିନ୍ନ ଲୋକପ୍ରିୟ କାର୍ଯ୍ୟକ୍ରମ ସଫଳତାର ସହ ଚାଲୁ ରହିଥିବାବେଳେ ଦୀର୍ଘ ୧୫ବର୍ଷ ଧରି ଏହି ତିନି ବିଭାଗର ଅଧିକାରୀମାନଙ୍କୁ ପଦୋନ୍ନତି ମିଳି ପାରୁନାହିଁ। ଅବସର ଗ୍ରହଣ କରିବାର କିଛି ମାସ ପୂର୍ବରୁ ପଦୋନ୍ନତି ମିଳୁଥିବାବେଳେ ଏହା ସେମାନଙ୍କ ପ୍ରତି ଅବିଚାର କରାଯାଉଛି। ଲେବେଲ ୧୩ରେ ଥିବା ପ୍ରକଳ୍ପ ନିର୍ଦ୍ଦେଶକ ଜଳ ବିଭାଜିକା, ଜିଲା ମୁଖ୍ୟ କୃଷି ଅଧିକାରୀ ଏବଂ ଉପ ନିର୍ଦ୍ଦେଶକ ଉଦ୍ୟାନ କୃଷି ବିଭାଗ ବ୍ୟତିତ ଲେବୁଲ ୧୨ରେ ଥିବା ଅଧିକାରୀମାନଙ୍କ ମଧ୍ୟ କ୍ୟାଡ୍‌ରରେ ପୁନର୍ବିନ୍ୟାସ ହେଉନାହିଁ ବୋଲି ଅଭିଯୋଗ କରିଛନ୍ତି। କାର୍ଯ୍ୟବନ୍ଦ ଆନ୍ଦୋଳନରେ ଜିଲା ମୁଖ୍ୟ କୃଷି ଅଧିକାରୀ ମିହିର ସାହୁ, ପ୍ରକଳ୍ପ ନିର୍ଦ୍ଦେଶକ ଜଳ ବିଭାଜିକା ସୁଶାନ୍ତ ମଲ୍ଲିକ, ଉପ ନିର୍ଦ୍ଦେଶକ ଉଦ୍ୟାନ କୃଷି ବିଭାଗ ଡ. ଜୟନ୍ତ ନାୟକ, ସହକାରୀ କୃଷି ନିର୍ଦ୍ଦେଶକ ରବିନ୍ଦ୍ର ସାହୁ, ସହକାରୀ ନିର୍ଦ୍ଦେଶକ ମୃତ୍ତିକା ସଂରକ୍ଷଣ ପ୍ରଦୀପ ରାଉତ, ଜିଲା କୃଷି ଅଧିକାରୀ ଗୋକୁଳ ଚନ୍ଦ୍ର ପ୍ରଧାନ ପ୍ରମୁଖ କାର୍ଯ୍ୟବନ୍ଦ ଆନ୍ଦୋଳନରେ ସାମିଲ ହୋଇଥିଲେ।


**PARADIP PORT AUTHORITY**
**e-TENDER CALL NOTICE**
**No.EM/PED-31/2023**
No.EM/PED/TECH-50/2021/343
Date : 30/08/2023

Name of the work : "Supply, Laying, Testing & Commissioning of HT/LT Cables at different locations of Paradip Port. Estimated Cost : Rs.2,71,58,742/-. Last Date & time of submission of bid : dt.19/09/2023 up to 17:00 Hrs. Refer our website for details : https://eprocure.gov.in/eprocure/app.

Executive Engineer (E), PED - II
PPA/PR/45/2023-24, Dt.31/08/23

**ପୂର୍ବ ତଟ ରେଳପଥ**
**ପାର୍ସଲ ପ୍ୟାକିଙ୍ଗ୍ ନିମନ୍ତେ ଇ-ନିଲାମ**
ନିଲାମ କାଟଲଗ୍ ନଂ.: WAT-MISC-2WR-PK
ଲଟ୍ ନଂ./ବର୍ଗ : MSS-WAT-RGDA-TWnOPS-19-23-1
ବିବରଣୀ : ଡୋର ପିକ୍ ଅପ୍ ଏବଂ ଡୋର ଡେଲିଭରି ସେବାର ବୈକଳ୍ପିକ ସୁବିଧା ସହିତ ଦୁଇ ଚକିଆ ଏବଂ ଅନ୍ୟ ପାର୍ସଲ/ଲଗେଜ୍‌ର ପ୍ୟାକିଙ୍ଗ୍। ଦର ୟୁନିଟ୍ : ବାର୍ଷିକ ଲାଇସେନ୍ସିଙ୍ଗ୍ ଶୁଳ୍କ, ଟ୍ରିପ୍/ଦିବସ : 1096
ନିଲାମ ଆରମ୍ଭ ତାରିଖ ଓ ସମୟ : ତା.08.09.2023ରିଖ 1100ଘଟିକା।
ନିଲାମ ସମାପ୍ତି ତାରିଖ ଓ ସମୟ : ତା.08.09.2023ରିଖ 1130ଘଟିକା।
ସର୍ବନିମ୍ନ ବୃଦ୍ଧି (%): 0.2, ଲଟ୍ ସ୍ଥିତି : ଡ୍ରାଫ୍ଟ କାଟଲଗ୍‌ରେ ନୂଆ।
ଦ୍ରଷ୍ଟବ୍ୟ : ଏହି ନିଲାମ ସମ୍ବନ୍ଧରେ ସମସ୍ତ ଆବଶ୍ୟକ ସୂଚନା ପ୍ରାପ୍ତ କରିବା ସହିତ ପରବର୍ତ୍ତୀ ଇ-ନିଲାମ ବିଷୟରେ ଯାଞ୍ଚ କରିବା ନିମନ୍ତେ ଆଶାୟୀ ବିଡ଼ରଙ୍କୁ ୱେବ୍‌ସାଇଟ୍ https://ireps.gov.in ର ଇ-ଅକ୍ସନ ଲିଜିଙ୍ଗ୍ ଟ୍ୟାବ୍ ପରିଦର୍ଶନ କରିବାକୁ ଅନୁରୋଧ କରାଯାଉଛି।
ମଣ୍ଡଳ ରେଳ ପ୍ରବନ୍ଧକ (ବାଣିଜ୍ୟ), ୱାଲ୍ଟିୟର
PR-516/O/23-24

**ପୂର୍ବ ତଟ ରେଳପଥ**
ଟେଣ୍ଡର ବିଜ୍ଞପ୍ତି ସଂ.ST-OT-BALARAM-SIDING -331, ତା.24.08.2023ରିଖ
କାର୍ଯ୍ୟର ନାମ : ତିନି ବର୍ଷ ସମୟ ଅବଧି ନିମନ୍ତେ ଖୋର୍ଦ୍ଧା ରୋଡ଼ ମଣ୍ଡଳର ବଳରାମ ୟାର୍ଡ ଏବଂ ଜିନ୍ଦଲ ଷ୍ଟିଲ ଏବଂ ପାୱାର ଲିମିଟେଡ୍ (JSPL) କ୍ୟାବିନ୍-A ଠାରୁ ବଳରାମ ସାଇଡ଼ିଙ୍ଗ୍ ପର୍ଯ୍ୟନ୍ତ ନିମନ୍ତେ ସଂକେତ ଏବଂ ଦୂରସଂଚାର ରକ୍ଷଣାବେକ୍ଷଣ କାର୍ଯ୍ୟ।
ଟେଣ୍ଡର ମୂଲ୍ୟ (₹): 2,21,53,175.96, EMD (₹) : 2,60,800/-, ବିଡ୍ ଆରମ୍ଭ ହେବା ତାରିଖ : ତା.01.09.2023ରିଖ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.15.09.2023 ରିଖ 1100 ଘଟିକାରେ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଛି।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ମଣ୍ଡଳ ରେଳ ପ୍ରବନ୍ଧକ(ସଂକେତ ଏବଂ ଦୂରସଂଚାର), ଖୋର୍ଦ୍ଧା ରୋଡ଼
PR-515/O/23-24

**The Odisha State Co-operative Milk Producers' Federation Limited**
omfed www.omfed.com
D-2, Sahid Nagar, Bhubaneswar-751007
PH.No.:0674-2546030,2540273, 2540417, 2540974, E-mail ID: omfed@yahoo.com
No.CAD-1905: Date: 31.08.2023
**TENDER NOTICE**
OMFED invites sealed techno-commercial offers in separate envelope from experienced Civil contractors for **Waterproofing & Civil work at Jeypore Dairy, OMFED.**
Tender document can be downloaded from website www.omfed.com from **dt.01.09.2023 to dt.21.09.2023** against payment of **Rs.6000/- + 18%GST (or Rs.7080/-)** in shape of Demand Draft drawn in favour OMFED drawn on any Nationalized bank payable at Jeypore. The tender document should be duly filled & submitted on due date along with the cost of tender paper and EMD amounting **Rs.10,704/-.** The bids shall be received up to **14:00** hours on **21.09.2023** & shall be opened on the same day at **15:00 Hrs** at Jeypore Dairy, At/Po-Umari, Near Jeypore Railway Station, via-Jeypore, Dist-Koraput in presence of interested bidders. Bids without requisite EMD shall not be considered.
Bidders are requested to visit OMFED website regularly as any **corrigendum / addendum** may be published in OMFED website and not in any other media/ newspapers.
**OMFED reserves the right to accept or reject any or all the tenders or part thereof without assigning any reason.**
OIPR-06063/11/0031/2324 Sd./- Managing Director, OMFED

**DHENKANAL COLLEGE (AUTO), DHENKANAL**
www.dhenkanalcollege.nic.in
**ADMISSION NOTICE: 2023-24**
Applications are invited for admission into the following Self-financing Courses (PPP) offered under Utkal University for the session 2023-24.

| Course | Annual fee | Eligibility |
|---|---|---|
| 2-Yr. M.B.A. | Rs. 45,000 | Through O-JEE-2023 |
| 2-Yr. M.Sc (Computer Science) | Rs. 30,000 | +3 in Any Stream with Math in +2 Level |

Scholarship: Available for SC, ST, OBC & Minority Category
The Application Form can be obtained from the College on all working days on payment of Rs.50/- & the form duly filled in all respect should reach the Principal on or before 15.09.2023 in M.Sc. Computer Science.
PRINCIPAL
For Details Contact-:
06762-221130,M.Sc (C.S):7008546253
MBA: 9439641117/9853770780

**INDIRA GANDHI INSTITUTE OF TECHNOLOGY (IGIT)**
Sarang, Dhenkanal, Odisha - 759146
(An Autonomous Institue of Govt. of Odisha)
No. IGIT/CHEMICAL/158 Date: 29.08.2023
**TENDER NOTICE**
No. KK-193: Sealed tenders are invited from eligible reputed OEM (Original Equipment Manufacturer)/Authorized Distributor/ Dealer/Retailer for **Purchase of Laboratory Equipments in the Department of Chemical Engineering**. Interested bidders may apply in the prescribed tender format which is available on the Institute website **www.igitsarang.ac.in** from Dt. 01.09.2023 along with non-refundable fees as per actual in shape of account payee Demand Draft in favour of **"PRINCIPAL, INDIRA GANDHI INSTITUTE OF TECHNOLOGY, SARANG"** payable at SBI, IGIT, Sarang.
Last date for receipt of the Tender document (Technical & Financial Bid) is Dt.03.10.2023 04.30 P.M.)
Sd./- Director
OIPR-14091/11/0053/2324

**OFFICE OF THE SUPERINTENDING ENGINEER BHUBANESWAR (R&B) DIVISION NO. III, BHUBANESWAR**
No. B-803 bbsrrandb03@yahoo.com
Estg. No. 6074 Date: 31.08.2023
**Government of Odisha**
**"e" - Procurement Notice No. (22) of 2023-24**
**Bid Identification No. CC (R&B) 03**

| | | |
|---|---|---|
| 1 | Name of the Work | Building Work |
| 2 | Total No. of Works | 1 No. Work |
| 3 | Estimated Cost | Rs.21,58,200.00 |
| 4 | Class of Contractor | C & B Class |
| 5 | Period of Completion | 2 (Two) Calendar Months |
| 6 | Type of Tender | Single Cover System (Online) |
| 7 | Date & time of availability of bid document in the portal | From Dt.01.09.2023 at 11.00 A.M. to 07.09.2023 at 5.30 P.M. |
| 8 | Last date & time for receipt of bids in the portal | 07.09.2023 upto 05.30 P.M. |
| 9 | Name & address of the Officer Inviting Bid | Er. Gayatri Patel, Superintending Engineer, Bhubaneswar (R&B) Division No. III, Bhubaneswar |

Further details can be seen from the e-procurement portal **https://tendersorissa.gov.in.**
**N.B.:** Subsequent Corrigendum/Addendum if required shall be available in the website as indicated above.
Sd./- Superintending Engineer
BBSR (R&B) Division No. III, BBSR
OIPR-34089/11/0017/2324

**OFFICE OF THE REGULATED MARKET COMMITTEE, JUNAGARH**
At/P.O.: Junagarh, Dist.: Kalahandi (Odisha), PIN - 766014
E-mail: rmcjunagarh@gmail.com
**INVITATION FOR BID THROUGH e-Procurement**
**e-Procurement Notice No....... of 2022-23**
**Tender Call Notice No. 698/RMC JUNAGARH Dated: 29.08.2023**
No. H-27: The Sub-Collector, Dharmagarh-cum-Chairman, R.M.C., Junagarh invites percentage rate bids in Single and Double Cover System (TECHNICAL BID & PRICE BID) in online mode for different development work under R.M.C., Junagarh. The details bid will be available in the website: **www.tendersodisha.gov.in** from 11.00 A.M. of 02.09.2023 to 14.09.2023 upto 5.00 P.M. for Online bidding. Bid shall be received only 'Online' on or before 14.09.2023 upto 5.00 P.M. Bids received online shall be opened at 11.00 A.M. on 15.09.2023 in the Office of the RMC, Junagarh in the presence of bidders who wish to attend.
Sd./- Sub-Collector, Dharmagarh-cum-Chairman, RMC, Junagarh
OIPR-07074/11/0004/2324

**ପୂର୍ବ ତଟ ରେଳପଥ**
ଟେଣ୍ଡର ବିଜ୍ଞପ୍ତି ସଂ.32/ET/SBP/ENGG/2023-24, ତା.23.08.2023ରିଖ
ଇ-ଟେଣ୍ଡର ସଂ.21-eT-SDENS-SBP-23
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳରେ ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନସ୍ଥ ଟିଟିଲାଗଡ଼ ଷ୍ଟେସନ ଠାରେ ର୍ୟାମ୍ପ (Ramp) ସହିତ 12 ମିଟର ପ୍ରସ୍ଥ ବିଶିଷ୍ଟ ଫୁଟ୍ ଓଭର ବ୍ରିଜ୍ (FOB)ର ବ୍ୟବସ୍ଥା।
କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) : 7,69,49,704.36, ବିଡ୍ ସିକ୍ୟୁରିଟି (₹): 5,34,800/-
କାର୍ଯ୍ୟ ଶେଷ ହେବା ଅବଧି : 06 (ଛଅ)ମାସ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.15.09.2023ରିଖ 1500 ଘଟିକାରେ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଛି।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ମଣ୍ଡଳ ରେଳ ପ୍ରବନ୍ଧକ (ଇଞ୍ଜିନିୟରିଙ୍ଗ୍), ସମ୍ବଲପୁର
PR-511/O/23-24

## ସୁନା ଦୋକାନରେ ଜିଏସ୍‌ଟି ଚଢ଼ାଉ

ଚାନ୍ଦବାଲି,(ଅଶୋକ କୁମାର ପଣ୍ଡା)- ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ମତୋ ବଜାରସ୍ଥିତ ସୁବୋଧ ସାହୁ ଆଣ୍ଡ ସନ୍ସ ଜୁଏଲେରୀ ଦୋକାନରେ ଗୁରୁବାର ଜିଏସ୍‌ଟି ଚଢ଼ାଉ କରାଯାଇଛି। ପୂର୍ବାହ୍ନ ୧୧ଟାରୁ ଚଢ଼ାଉ ଆରମ୍ଭ ହୋଇଥିଲା। ଯାଜପୁର ଡିଭିଜନ ପକ୍ଷରୁ ୧୦ଜଣ କର୍ମଚାରୀ ଆସି ସୁନାଗହଣା ଦୋକାନ, ତାଙ୍କ ବାସଗୃହ, ବାଇକ୍ ସୋରୁମ୍‌ରେ ବିଭିନ୍ନ କାଗଜପତ୍ର ଯାଞ୍ଚ କରିଥିଲେ।

## ସଂକ୍ଷେପରେ

### କମଳାକାନ୍ତ ବିଜେଡି ଜିଲା ସମ୍ପାଦକ

ତିହିଡ଼ି,୩୧।୮(ସଞ୍ଜିତ ବଳ)- ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ମଙ୍ଗଳପୁର ପଞ୍ଚାୟତ କନାଟିଆ ଗ୍ରାମର ଯୁବନେତା କମଳାକାନ୍ତ ଲେଙ୍କା ବିଜେଡି ଜିଲା ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି। ଛାତ୍ର ଜୀବନରୁ ରାଜନୀତି ସହ ଜଡ଼ିତ କମଳାକାନ୍ତ ଜଣେ ଦକ୍ଷ ସଙ୍ଗଠକ ହୋଇଥିବାରୁ ତାଙ୍କୁ ଏହି ପଦବୀ ପ୍ରଦାନ କରାଯାଇଛି। ସେ ଏବେ ମଙ୍ଗଳପୁର ପଞ୍ଚାୟତର ସରପଞ୍ଚଙ୍କ ପ୍ରତିନିଧି ଅଛନ୍ତି। ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ଡ. ବ୍ୟୋମକେଶ ରାୟ, ଜିଲା ସଭାପତି ଜଗନ୍ନାଥ ସ୍ୱାଇଁ ପ୍ରମୁଖଙ୍କୁ କୃତଜ୍ଞତା ଜଣାଇଛନ୍ତି।



### କିଡ୍‌ନୀ ରୋଗରେ ପୀଡ଼ିତ ମହେନ୍ଦ୍ରଙ୍କୁ ଭେଟିଲେ ବିଧାୟକ

ଖଇରା, ୩୧।୮(ଉତ୍କଳବନ୍ଧୁ ପଣ୍ଡା)- ବାଲେଶ୍ୱର ଜିଲା ଖଇରା ବ୍ଲକ କୁରୁଣ୍ଟା ପଞ୍ଚାୟତ ବାରିଙ୍ଗିଆ ଗ୍ରାମର ମହେନ୍ଦ୍ର ମହାନ୍ତି ଦୀର୍ଘଦିନ ହେବ କିଡ୍‌ନୀ ରୋଗରେ ପୀଡିତ ଥିବା ବେଳେ ସ୍ତ୍ରୀ ମଧ ପକ୍ଷାଘାତ ରୋଗର ଶିକାର ହୋଇଛନ୍ତି। ଦମ୍ପତିଙ୍କ ଏଭଳି ଅସମୟରେ ସିମୁଳିଆ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଭେଟି ସହାୟତାର ହାତ ବଢ଼ାଇଛନ୍ତି। ସେମାନଙ୍କର ଚିକିତ୍ସା ସମ୍ପର୍କରେ ଗ୍ରାମବାସୀଙ୍କ ସହ ଆଲୋଚନା କରିବା ସହ ଉନ୍ନତମାନର ଚିକିତ୍ସା ପାଇଁ ଆବଶ୍ୟକ ପ୍ରତିଶ୍ରୁତି ଦେଇଛନ୍ତି । ଜିଲା ପରିଷଦ ସଭ୍ୟ ମାନସ ଦାଶ, ବିଦ୍ୟାଧର ଗିରି, ନାରାୟଣ ଦାସ ଓ ଯଦୁନାଥ ବାରିକ ଉପସ୍ଥିତ ଥିଲେ।

### ଛାତ୍ରଙ୍କ ଆତ୍ମହତ୍ୟା

ବେତନଟୀ,୩୧।୮(ଧରଣୀଧର ମହାନ୍ତି) ବେତନଟୀ ଥାନା କୃଷ୍ଣଚନ୍ଦ୍ରପୁର ଫାଣ୍ଡି ଅଧୀନ ରାସ୍ତା କଲେଜ ପଛପଟେ ଥିବା ଏକ ଗଛରୁ ଜଣେ ଛାତ୍ରଙ୍କ ଝୁଲନ୍ତା ମୃତଦେହକୁ ବୁଧବାର ପୋଲିସ ଜବତ କରିଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ. ୪୩/୨୩) ରୁଜୁ କରି ପୋଲିସ ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତ ଛାତ୍ର ଜଣକ ହେଲେ ରାସ୍ତା ଗ୍ରାମର ଜଗବନ୍ଧୁ ସିଂ। ସେ ରାସ୍ତା କଲେଜର ଯୁକ୍ତଦୁଇ ଦ୍ୱିତୀୟ ବର୍ଷର ଛାତ୍ର ଥିଲେ। ଆତ୍ମହତ୍ୟାର କାରଣ ସ୍ପଷ୍ଟ ହୋଇନି।

### ବୈତରଣୀରୁ ଯୁବକଙ୍କ ଗଳିତ ମୃତଦେହ ଜବତ

ପାଟଣା,୩୧।୮(ବୀରକିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଡୁମୁରିଆ ପଞ୍ଚାୟତ କୋଠାଘର କୁଦୁରୁ ସାହି ନିକଟ ବୈତରଣୀ ନଦୀ ଗାଧୁଆ ଘାଟରୁ ଯୁବକଙ୍କ ଗଳିତ ମୃତଦେହ ପୋଲିସ ଜବତ କରିଛି। ମୃତକ ପାଟଣା ବ୍ଲକ୍ ମିରିଖୋଜି ଗ୍ରାମ ମାଟିଖଣି ସାହିର ମଙ୍ଗୁଲୁ କମାରଙ୍କ ପୁଅ ସତ୍ୟବାନ(୪୨)। ସତ୍ୟବାନଙ୍କ ମୃତଦେହ ଚିହ୍ନଟ କରିଥିଲେ। ସତ୍ୟବାନଙ୍କ ଏକ ମାନସିକ ରୋଗରେ ପୀଡ଼ିତ ଥିବା ତାଙ୍କ ଭାଇ ପୋଲିସକୁ କହିଛନ୍ତି। ମଙ୍ଗଳବାର ରାତି ୩ଟାରୁ ସତ୍ୟବାନ ନିଖୋଜ ଥିଲେ। ଘଟଗାଁ ଥାନାରେ ଅପମୃତ୍ୟୁ ମାମଲା(ନଂ. ୫୩/୨୩)ରେ ରୁଜୁ ହୋଇଛି।

### ଏକ ଦିବସୀୟ ଫୁଟ୍‌ବଲ ପ୍ରତିଯୋଗିତା

ଚମ୍ପୁଆ,୩୧।୮(ମହେଶ୍ୱର ଦାସ): କେନ୍ଦୁଝର ଜିଲା ଚମ୍ପୁଆ ଏନ୍‌ଏସି ଅନ୍ତର୍ଗତ ୧ ନମ୍ବର ୱାର୍ଡଠାରେ ଏକ ଦିବସୀୟ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ଚନ୍ଦ୍ରଯାନ ଦଳ ପେନାଲ୍ଟି କିକ୍ ଗୋଲରେ ସ୍ୱେସରିବେଲ ଦଳକୁ ହରାଇ ଚାମ୍ପିୟନ ହୋଇଥିଲେ।

ସୂଚନା ଅନୁସାରେ ଗୋଧୂଳି ଫୁଟବଲ କ୍ଲବ୍ ଦ୍ୱାରା ଆୟୋଜିତ ପ୍ରତିଯୋଗିତାରେ ସ୍ଥାନୀୟ ଅଞ୍ଚଳର ୬ ଗୋଟି ଦଳ ଭାଗ ନେଇଥିଲେ। ପ୍ରଥମ ମ୍ୟାଚରେ ଚନ୍ଦ୍ରଯାନ ଦଳ ଗୋଲ୍ଡଡିଗର୍ସକୁ ହରାଇ ବିଜୟ ଯାତ୍ରା ଆରମ୍ଭ କରିଥିଲା। ସେମିଫାଇନାଲରେ ଧୋକା ଦଳକୁ ହରାଇ ଫାଇନାଲରେ ପହଞ୍ଚିଥିଲା। ସ୍ୱେସରିବେଲ ଦଳ ୨-୦ରେ ଗୋଲ୍ଡଡିଗର୍ସକୁ ହରାଇ ଚନ୍ଦ୍ରଯାଇନ ସହ ଫାଇନାଲ ମ୍ୟାଚ ଖେଳିଥିଲା। ସ୍ଥାନୀୟ କାଉନ୍‌ସିଲର ଛତ୍ରପତି ନାଏକ ବିଜେତା ଓ ରନର୍ସଅପ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ।

# କେନ୍ଦୁଝରରେ ଡେଙ୍ଗୁ: ଚିହ୍ନଟ ହେଲେଣି ୫୧

କେନ୍ଦୁଝର,୩୧।୮(ଦୀପକ ମିଶ୍ର)

ରାଜଧାନୀ ଭୁବନେଶ୍ୱରରେ ଡେଙ୍ଗୁ ସ୍ଥିତି ଅଣାୟତ୍ତ ଥିବାବେଳେ କେନ୍ଦୁଝର ଜିଲାରେ ରୋଗୀ ସଂଖ୍ୟା ବଢ଼ିବା ଚିନ୍ତାର କାରଣ ହୋଇଛି। ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ୫୧ଜଣରୁ ଅଧିକ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇସାରିଲେଣି। ବହୁ ସଂଖ୍ୟାରେ ରୋଗୀ ବେସରକାରୀ ଚିକିତ୍ସାଳୟରେ ପରୀକ୍ଷା କରି ଚିକିତ୍ସିତ ହେଉଥିବାରୁ ସଂଖ୍ୟା ଅଧିକ ହେବା ଆଶଙ୍କା କରାଯାଉଛି। ପୂର୍ବ ଦିନରେ ଜିଲାରେ ଡେଙ୍ଗୁ ଭୟାବହତା ଲୋକେ ଦେଖିଛନ୍ତି। ଏବେ ରୋଗୀ ସଂଖ୍ୟା ବଢୁଥିବାରୁ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ଖେଳିଯାଇଛି। ପ୍ରକାଶ ଯେ, ୨୦୧୬ରେ କେନ୍ଦୁଝର ଜିଲାର ବଡ଼ବିଲରେ ଡେଙ୍ଗୁ ଆତଙ୍କ ଖେଳାଇଥିଲା। ସେତେବେଳେ ଡେଙ୍ଗୁରେ ଆକ୍ରାନ୍ତ ହୋଇ ୫ ଜଣ ପ୍ରାଣ ହରାଇଥିବା ବେଳେ ସର୍ବାଧିକ ରେକର୍ଡ ସଂଖ୍ୟକ ରୋଗୀ ଚିହ୍ନଟ ହୋଇଥିଲେ। ୨୦୧୧ରେ ୧୧ ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିବା ବେଳେ ୨୦୧୨ ରେ ୧୪, ୨୦୧୩ରେ ୩୦, ୨୦୧୪ରେ ୩୪୩, ୨୦୧୫ରେ ୭୩ ଜଣ, ୨୦୧୬ରେ ୧୪୬୯ ଜଣ, ୨୦୧୭ରେ ୯୩ ଜଣ, ୨୦୧୮ରେ ୨୮ ଜଣ, ୨୦୧୯ରେ ୨୬ଜଣ, ୨୦୨୦ରେ କୌଣସି ରୋଗୀ ଚିହ୍ନଟ ହୋଇ ନ ଥିବାବେଳେ ୨୦୨୧ରେ ୨୯, ୨୦୨୨ରେ ୨୭ ଓ ୨୦୨୩ରେ ଏପର୍ଯ୍ୟନ୍ତ ୫୧ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। ଜିଲାରେ ୨୦୧୧ ରୁ ଡେଙ୍ଗୁରେ ମୋଟ

**୨୦୧୬ରେ ୧୪୬୯ ରୋଗୀ ଚିହ୍ନଟ ହୋଇଥିଲେ**

୮ ଜଣ ପ୍ରାଣ ହରାଇଥିବା ବେଳେ ୨୦୧୩ରେ ଶାଳଣିଆଁରେ ଜଣେ, ୨୦୧୬ରେ ବଡ଼ବିଲ ପୌରାଞ୍ଚଳରେ ୫ଜଣ, ୨୦୧୭ରେ ପାଟଣାରେ ଜଣେ, ୨୦୧୮ରେ ଶାଳଣିଆଁରେ ଜଣେ ଡେଙ୍ଗୁ ରୋଗୀ ପ୍ରାଣ ହରାଇଥିଲେ। ଜିଲାରେ ବିଭିନ୍ନ ଗ୍ୟାରେଜରେ ଟାୟାର, ପୁରୁଣା ଅବ୍ୟବହୃତ କୁଲର ଓ ପୁରୁଣା ଯନ୍ତ୍ରାଂଶ ଗଦା ହେଉଛି। ସେଥିରେ ପାଣି ଜମି ଏଡିସ୍ ମଶା ଜନ୍ମ ନେଉଥିବାରୁ ଡେଙ୍ଗୁ ବ୍ୟାପୁଛି। ପୌର ପ୍ରଶାସନ ପକ୍ଷରୁ ବର୍ଜ୍ୟବସ୍ତୁ ପରିଚାଳନା ଠିକ୍ ଭାବେ ହୋଇପାରୁ ନ ଥିବାରୁ ମଶା, ମାଛି ବଂଶ ବୃଦ୍ଧି ସହ ଏଡିଶ୍ ମଶା ବଢ଼ିବାରେ ସହାୟକ ହେଉଛି ବୋଲି ଅଭିଯୋଗ ହେଉଛି। ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଦେବେନ ଦାସ କହିଛନ୍ତି, ଯେଉଁମାନଙ୍କର ଜ୍ୱର ହେଉଛି ଏବଂ ବାହାରକୁ ଯାତ୍ରା କରିଥିବେ ସେମାନଙ୍କର ଜ୍ୱର ହେଲେ ଡେଙ୍ଗୁ ପରୀକ୍ଷା (ଏଲିସା) ମେଥଡ୍‌ରେ ପରୀକ୍ଷା କରାଯାଉଛି। ସର୍ଭେଲାନ୍ସ ଓ ଟେଷ୍ଟିଂ ବଢ଼ିଥିବାରୁ ରୋଗୀ ସଂଖ୍ୟା ବଢିଛନ୍ତି। ଡେଙ୍ଗୁ ପରୀକ୍ଷା ପାଇଁ ଆବଶ୍ୟକ କିଟ୍ ଉପଲବ୍ଧ ରହିଛି। ମଶା ଉତ୍ସକୁ ନଷ୍ଟ କରାଯାଉଛି, ପରିବେଶ ସଫା ସୁତୁରା ରଖିବାକୁ ସଚେତନ କରାଯାଉଛି।

# ନିରାଡ଼ମ୍ବରରେ ପାଳନ ହେବ ନନ୍ଦ ଉତ୍ସବ



ପ୍ରସ୍ତୁତି ବୈଠକରେ ଯାଦବ ମହାସଭାର କର୍ମକର୍ତ୍ତା।

ଭଦ୍ରକ, ୩୧।୮ (ରବିନାରାୟଣ ଖିଲାର)

ନନ୍ଦ ଉତ୍ସବ ପାଳନ ନେଇ ଭଦ୍ରକ ଜିଲା ଉତ୍କଳ ଯାଦବ ମହାସଭା ପକ୍ଷରୁ ପ୍ରସ୍ତୁତି ବୈଠକ ଚରମ୍ପାସ୍ଥିତ ହାପି ହୋମ ସ୍କୁଲଠାରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ନାଟ୍ୟକାର ସୁଧାଂଶୁ ନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ରାଜ୍ୟ ସମ୍ପାଦକ ଧିରେନ ପଲେଇ, ଜିଲା ସମ୍ପାଦକ ଦିଲୀପ ନାୟକ, ଜିଲା ଯୁବ ଯାଦବ ସଭାପତି ରବିନାରାୟଣ ଖିଲାର, ଧାମନଗର ବ୍ଲକ କାର୍ଯ୍ୟକାରୀ ସଭାପତି ଅନିଲ ବାରିକ, ବାସୁଦେବପୁର ବ୍ଲକ ସଭାପତି ଭାଗୀରଥି ପଲେଇ, ଭଣ୍ଡାରିପୋଖରୀ ବ୍ଲକ ସଭାପତି ଧ୍ରୁବ ବାରିକ, ତିହିଡ଼ି ବ୍ଲକ ସଭାପତି ହରିଶ ବାରିକ, ଚାନ୍ଦବାଲି ବ୍ଲକ ସଭାପତି ନିର୍ମଳ ତାଡୁ, ବନ୍ତ ବ୍ଲକ ସଭାପତି ପଦ୍ମଲୋଚନ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଆସନ୍ତା ୭ ତାରିଖରେ ପ୍ରଥମ କରି ଚାନ୍ଦବାଲିସ୍ଥିତ ମତୋଠାରେ ନନ୍ଦ ଉତ୍ସବ ଅନୁଷ୍ଠିତ ହେବ। ରାଜ୍ୟ ସଭାପତି ଆଶୀର୍ବାଦ ବେହେରାଙ୍କ ପୁଅ ସତ୍ୟବ୍ରତ ବେହେରାଙ୍କ ବିୟୋଗ ହୋଇଥିବାରୁ ନିରାଡ଼ମ୍ବରରେ ଉତ୍ସବ ପାଳନ କରାଯିବାକୁ ସ୍ଥିର ହୋଇଛି।

ସେହିପରି ଜନ୍ମାଷ୍ଟମୀ ପାଳନ ନେଇ ରାଜ୍ୟ ସମ୍ପାଦକ ଅମର ନାୟକ, କାର୍ଯ୍ୟକାରୀ ସଭାପତି ପ୍ରଭାକର ପରିଡ଼ା, ଉପସଭାପତି ସଞ୍ଜୀବ ନାୟକ, ସାଧୁ ଚରଣ ବାରିକ, ସତ୍ୟବ୍ରତ ଦାସ, କାର୍ଯ୍ୟକାରୀ ସଭ୍ୟ ବିଶ୍ୱନାଥ ବାରିକ, ଦେବବ୍ରତ ବାରିକ, ଭଣ୍ଡାରିପୋଖରୀ ଯୁବ ସଭାପତି ରାଜେଶ ବାରିକ, ସମ୍ପାଦକ ଜଗତ ବିହାରୀ ବାରିକ, ବାଣୀକଲ୍ୟାଣ ନାୟକ ପ୍ରମୁଖ ମତ ରଖିଥିଲେ। ଭଦ୍ରକ ସହର ଟାଉନ ହଲ୍‌ରେ ଏହି ଉତ୍ସବ ପାଳନ କରାଯିବ। ପିଲାମାନଙ୍କ ମଧ୍ୟରେ ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ ସହ ବିଭିନ୍ନ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ରହିଛି। ସମ୍ପାଦକ ସନ୍ତୋଷ ଦାସ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ରକ୍ଷାବନ୍ଧନରେ ନୀଳରକ୍ତ କଙ୍କଡ଼ା ସୁରକ୍ଷା, ସଚେତନତା



ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ଉଦ୍‌ବୋଧନ ଦେଉଛନ୍ତି।

ରୂପସା, ୩୧।୮(ବାଞ୍ଛାନିଧି ଦେ)

ବାଲେଶ୍ୱରର ଆସୋସିଏଶନ ଫର୍ ବାଇଓ ଡାଇଭର୍ସିଟି ଆଣ୍ଡ କଞ୍ଜର୍ଭେଶନ୍ ଆନୁକୂଲ୍ୟରେ ନୀଳରକ୍ତ କଙ୍କଡ଼ା ଓ ସାମୁଦ୍ରିକ ଜୈବ ସୁରକ୍ଷା ମଞ୍ଚ, ବାଲେଶ୍ୱର ଓ ଆମ ଦୁନିଆ, ଦୁବଲାଗଡ଼ି ମିଳିତ ସହଯୋଗରେ ସଦର ବ୍ଲକ ଅଧୀନ ଦୁବଲାଗଡ଼ିର କ୍ୟାମ୍ପ ଉଇଥକେୟାର ପରିସରରେ ରକ୍ଷାବନ୍ଧନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବାଲେଶ୍ୱର ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେଙ୍କୁ ପ୍ରଥମେ ନୀଳରକ୍ତ କଙ୍କଡ଼ା ଚିତ୍ରିତ ରାଖୀ ବନ୍ଧନ କରାଯାଇଥିଲା। ବାଲେଶ୍ୱରର ଜୈବ ଐତିହ୍ୟ ନୀଳରକ୍ତ କଙ୍କଡ଼ା ସୁରକ୍ଷା ପାଇଁ ଯଥାଶୀଘ୍ର ଜିଲାସ୍ତରୀୟ କମିଟି ଗଠନ କରାଯାଇ ଏହାର ସୁରକ୍ଷା ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜିଲାପାଳ ବକ୍ତବ୍ୟରେ କହିଥିଲେ। କାର୍ଯ୍ୟକ୍ରମ ସଂଯୋଜକ ଶିଳ୍ପୀ କେଶୁ ଦାସ ଉତ୍ସବରେ ସଭାପତିତ୍ୱ କରିଥିଲେ। ଆମ ଦୁନିଆ ଅନୁଷ୍ଠାନ ମୁଖ୍ୟ ଗୋବିନ୍ଦ ପ୍ରସାଦ ଦାସ ମଞ୍ଚ ଆହ୍ୱାନ କରିଥିଲେ। ନୀଳରକ୍ତ କଙ୍କଡ଼ା ଗବେଷକ ତଥା ଏବିସି ସଭାପତି ଡ. ସିଦ୍ଧାର୍ଥ ପତି ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ ଏଭଳି କାର୍ଯ୍ୟକ୍ରମ ଅନନ୍ୟ ଭାବେ ବର୍ଣ୍ଣନା କରିଥିଲେ। ସମ୍ମାନିତ ଅତିଥି ସରପଞ୍ଚ ପ୍ରବୀର ସାହୁ ଓ ଯୁବ ବିକାଶର ମୁଖ୍ୟ ଗୋବିନ୍ଦ ଦଳାଇ ଯୋଗ ଦେଇଥିଲେ। କ୍ୟାମ୍ପ ଉଇଥ୍ କେୟାରର ମୁଖ୍ୟ ଗୋପାଳ ମାନବ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଆମ ଦୁନିଆ ଓ ଦୁବଲାଗଡ଼ି ହାଇସ୍କୁଲର ଛାତ୍ରୀଛାତ୍ରଙ୍କ ସହଯୋଗରେ ସମୁଦ୍ରକୂଳ ସଫେଇ ପୂର୍ବକ ଚିତ୍ରଶିଳ୍ପୀମାନଙ୍କର ଜଳ ରଙ୍ଗରେ ନୀଳରକ୍ତ କଙ୍କଡ଼ା ଚିତ୍ରକଳା ଶିବିର ଉଦ୍‌ଘାଟନ ହୋଇଥିଲା। ନୀଳରକ୍ତ କଙ୍କଡ଼ା ବିଶେଷଜ୍ଞମାନଙ୍କ ଦ୍ୱାରା କ୍ଷେତ୍ର ପରିଦର୍ଶନ କରାଯାଇଥିଲା। ଅପରାହ୍ନରେ ଶିଶୁ ଚିତ୍ରକଳା ପ୍ରତିଯୋଗିତା ଆୟୋଜନ କରାଯାଇ ପୁରସ୍କାର ବିତରଣ କରାଯାଇଥିଲା। ସନ୍ଧ୍ୟାରେ ନୀଳରକ୍ତ କଙ୍କଡ଼ା ଆଧାରିତ କବିତା ଆସରରେ କବିମାନେ କବିତାପାଠ କରିଥିଲେ।

# ଭିଣୋଇ ମୃତ, ଶଳା ଗୁରୁତର

## ହାଇୱା ପଛରେ ପିଟିଲା ବାଇକ

ଢେଙ୍କିକୋଟ,୩୧।୮(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଢେଙ୍କିକୋଟ ପୋଲିସ ବିଟ୍‌ହାଉସ ଅନ୍ତର୍ଗତ ସାନ୍ତରାପୁର ପଞ୍ଚାୟତ ରାଇବଣ ସାହି ନିକଟରେ ବୁଧବାର ରାତିରେ ସଡ଼କ ଦୁର୍ଘଟଣା ଘଟିଯାଇଛି। ଏକ ହାଇୱା ପଛରେ ବାଇକ ପିଟି ହେବାରୁ ଘଟଣାସ୍ଥଳରେ ବାଇକ ଚାଳକ ଭିଣୋଇଙ୍କ ମୃତ୍ୟୁ ଘଟିଥିବା ବେଳେ ଶଳା ଗୁରୁତର ହୋଇଛନ୍ତି। ମୃତକ ମୟୂରଭଞ୍ଜ ଜିଲା କରଞ୍ଜିଆ ଥାନା ଅନ୍ତର୍ଗତ ପିଙ୍ଗୁ ଗ୍ରାମର ରାଜେନ୍ଦ୍ର ଚାତାର। ସୂଚନା ଅନୁଯାୟୀ, ଢେଙ୍କିକୋଟ ହରିଚନ୍ଦନପୁର ଆରଡି ରାସ୍ତା ଉଙ୍ଗାଧର ନାଳ ନିକଟରେ ହାଇୱା ରଖି ଡ୍ରାଇଭର ଶୌଚ ପାଇଁ ଯାଇଥିଲା। ରାଜେନ୍ଦ୍ର ନିଜ ଶଳା ବଳରାମ ମୁଣ୍ଡାଙ୍କ ସହ ଢେଙ୍କିକୋଟ ବଜାରରୁ ସନ୍ଧ୍ୟା ସାଢ଼େ ୭ଟା ବେଳେ ଶ୍ୱଶୁର ଘର ପଇଦାପାଟଣା ପଞ୍ଚାୟତ ନିଶ୍ଚିନ୍ତପୁରକୁ ଫେରୁଥିଲେ। ଭାରସାମ୍ୟ ହରାଇ ରାଜେନ୍ଦ୍ର ରାସ୍ତାରେ ଥିବା ହାଇୱାର ପଛ ପଟେ ବାଇକକୁ ପିଟି ଛିଟିକି ପଡ଼ିଥିଲେ। ଢେଙ୍କିକୋଟ ପୋଲିସ ବିଟ ହାଉସ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଘଟଗାଁ ଦମକଳ ବାହିନୀ ସହାୟତାରେ ଉଭୟଙ୍କୁ ଘଟଗାଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ରାଜେନ୍ଦ୍ରଙ୍କୁ ମୃତ ଘୋଷଣା କରିଥିଲେ। ବଳରାମଙ୍କୁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଏନେଇ ଘଟଗାଁ ଥାନାରେ ଏକ ମାମଲା(ନଂ. ୨୦୦/୨୩) ରୁଜୁ ହୋଇଛି। ସୂଚନାଯୋଗ୍ୟ, ରାଜେନ୍ଦ୍ର ଚାତାର ଗତ ଜାନୁୟାରୀରେ ନିଶ୍ଚିନ୍ତପୁରର ବନମାଳି ମୁଣ୍ଡାଙ୍କ ଝିଅଙ୍କୁ ବିବାହ କରିଥିବା ବେଳେ ରାକ୍ଷୀ ପୂର୍ଣ୍ଣିମା ପାଳନ କରିବା ପାଇଁ ନୂଆ କରି ବାପଘରକୁ ଆସିଥିଲେ।

# ଗଛରେ ବାନ୍ଧିଲେ ରାଖୀ



ଗ୍ରାମବାସୀ ଗଛରେ ରାଖୀ ବାନ୍ଧୁଛନ୍ତି।

ବଡ଼ସାହି,୩୧।୮(ସମ୍ବିତ କୁମାର ରାଉତ)

ରାଖୀ ପୂର୍ଣ୍ଣିମାରେ ଭଉଣୀ ଭାଇ ହାତରେ ରାଖୀଟିଏ ବାନ୍ଧିଥାନ୍ତି। ଠିକ୍ ସେହିପରି ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ଅଧୀନ କେନ୍ଦୁଡ଼ିହା ପଞ୍ଚାୟତ ହଳଦୀପଦା ଗ୍ରାମର ଯୁବକ, ମହିଳା ଓ ଗ୍ରାମବାସୀ ସ୍ଥାନୀୟ ଜଙ୍ଗଲରେ ଥିବା ଶାଳଗଛରେ ରାଖୀ ବାନ୍ଧି ବନ୍ଧୁତା ସ୍ଥାପନ କରି ଗଛ ଆମର ଭାଇ ବୋଲି ପ୍ରମାଣିତ କରିଛନ୍ତି। ଗଛରେ ରାଖୀ ବାନ୍ଧି ସାରିବା ପରେ ମିଠା ବାଣ୍ଟି ଖୁସି ମନାଇଥିଲେ। ଏହି କାର୍ଯ୍ୟକ୍ରମ ଶିକ୍ଷକ ପାର୍ଥସାରଥୀ ମୋଦିଙ୍କ ନେତୃତ୍ୱରେ ହୋଇଥିଲା। ଗ୍ରାମର ଦୀପକ କୁମାର ବାରିକ, ଖିତିଶ ନାଏକ, ଜତିଶ ମହାନ୍ତ, ଗୁରୁବାରୀ ବେହେରା, ଭୂମି ମହାନ୍ତ, ପରମେଶ୍ୱର ବେହେରା, ସୁଶାନ୍ତ ମହାନ୍ତ, ଅନିଲ କୁମର ସିଂ ପ୍ରମୁଖ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଭାତ କୁମାର ଜେନା, ମୁଖ୍ୟବକ୍ତା ସତ୍ୟ ନାରାୟଣ ମୋଦି ଉପସ୍ଥିତ ଥିବାବେଳେ ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ନରେନ୍ଦ୍ର ମୋହନ ମୋଦି ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ବିଧାୟକଙ୍କୁ ଦାବିପତ୍ର

ଧାମନଗର,୩୧।୮
(ଦେବେନ୍ଦ୍ର ଆଦିଆ/ସନ୍ତୋଷ କୁମାର ମହାପାତ୍ର)

ପ୍ରାଥମିକ ଶିକ୍ଷକମାନଙ୍କର ୩ଦଫା ଦାବି ନେଇ ବାରମ୍ବାର ଆନ୍ଦୋଳନ, ରାଲି, ଧାରଣା, ମନ୍ତ୍ରୀ ଓ ସଚିବଙ୍କ ସହ ଆଲୋଚନା ସତ୍ତ୍ୱେ ଆଜି ଯାଏ ପୂରଣ ହୋଇପାରିନାହିଁ। ଏଣୁ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନ ରାଜ୍ୟ ସଂଘର ନିଷ୍ପତ୍ତି କ୍ରମେ ଗୁରୁବାର ରାଜ୍ୟର ସମସ୍ତ ବିଧାୟକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ପରିପେକ୍ଷୀରେ ଧାମନଗର ପ୍ରାଥମିକ ଶିକ୍ଷକ ସଂଘ ବିଧାୟକ ସୂର୍ଯ୍ୟବଂଶୀ ସୂରଜଙ୍କୁ ତାଙ୍କ ବାସଭବନରେ ଏକ ଦାବିପତ୍ର ପ୍ରଦାନ କରିଛି। ଶିକ୍ଷକ ନେତା ସନ୍ତୋଷ ଲେଙ୍କା, ସୁରେନ୍ଦ୍ର ସେଠୀ, ଭାବଗ୍ରାହୀ ଖୁଣ୍ଟିଆ, ରୂପକ କୁମାର ମିଶ୍ର, ଏସ୍.କେ. ଶ୍ୟାମସୁଦ୍ଦିନ, ପ୍ରଶାନ୍ତ କୁମାର ବେହେରା, ସନାତନ ମୁର୍ମୁ, ସମୀର କୁମାର ଜେନା, ଗୋବିନ୍ଦ ମାଝୀ ପ୍ରମୁଖ ଦାବି ପ୍ରଦାନ ବେଳେ ଉପସ୍ଥିତ ଥିଲେ। ପ୍ରାଥମିକ ଶିକ୍ଷକଙ୍କୁ ଅବିକଳ କେନ୍ଦ୍ରୀୟ ହାରରେ ଦରମା, ଠିକା ସମୟକୁ ଚାକିରିରେ ଗଣନା କରିବା ସହ ଗଣଶିକ୍ଷକ, କନିଷ୍ଠ, କ୍ରୀଡ଼ା ଓ କଳା ଶିକ୍ଷକଙ୍କୁ ନିୟମିତ, ପୁରୁଣା ପେନ୍‌ସନ ଲାଗୁ ଆଦି ଦାବି ସରକାର ଆସନ୍ତା ୮ ତାରିଖ ସୁଦ୍ଧା ପୂରଣ ନ କଲେ ରାଜ୍ୟର ସମସ୍ତ ବର୍ଗର ଶିକ୍ଷୟିତ୍ରୀ ଶିକ୍ଷକ ସମୂହ ଛୁଟିରେ ରହିବେ ବୋଲି ଚେତାବନୀ ଦେଇଛନ୍ତି।



ବିଧାୟକ ସୂର୍ଯ୍ୟବଂଶୀ ସୂରଜଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ପ୍ରାଥମିକ ଶିକ୍ଷକ।

# ରାଧାମାଧବ ମନ୍ଦିରରେ ଝୁଲଣ ଯାତ୍ରା

ବାହାନଗା, ୩୧।୮(ଅରୂପ କୁମାର ଦାସ)-ବାଲେଶ୍ୱର ଜିଲା ବାହାନଗା ବ୍ଲକ ଖନ୍ତାପଡା ପଞ୍ଚାୟତସ୍ଥିତ ଖନ୍ତାପଡା ଗ୍ରାମରେ ଥିବା ଦୀର୍ଘ ୩ଶହ ବର୍ଷର ରାଧାମାଧବ ମନ୍ଦିର ବା ଶ୍ରୀକୃଷ୍ଣ ଚୈତନ୍ୟ ମିଶନ ପରିସରରେ ୫ଦିନ ଧରି ଠାକୁରଙ୍କ ଝୁଲଣ ଯାତ୍ରା ଅନୁଷ୍ଠିତ ହୋଇଛି। ଏହି ଯାତ୍ରା ମନ୍ଦିରରେ ଏକାଦଶୀଠାରୁ ଆରମ୍ଭ ହୋଇ ପୂର୍ଣ୍ଣିମା ଦିନ ଉଦ୍‌ଯାପିତ ହୋଇଥାଏ। ଏହି ଉତ୍ସବ ଉପଲକ୍ଷେ ମନ୍ଦିର ଓ ମଠ ପରିସରରେ ରାଧାକୃଷ୍ଣଙ୍କ



ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଠାକୁରଙ୍କ ଆଳତୀ କରାଯିବା ସହ ଭକ୍ତଙ୍କ ଦ୍ୱାରା ଠାକୁରଙ୍କୁ ଝୁଲଣ ସାହାଯ୍ୟରେ ଝୁଲାଯାଇଥାଏ। ଏହି ଉତ୍ସବ ନିମନ୍ତେ ବିଭିନ୍ନ ଅଞ୍ଚଳରୁ ଶତାଧିକ ଗୌଡିଆ ଭକ୍ତମାନେ ଯୋଗ ଦେଇଥାନ୍ତି। ସନ୍ଧ୍ୟାରେ ଅନୁଷ୍ଠିତ ଠାକୁରଙ୍କ ପୂଜା ଓ ଆଳତି ସମୟରେ ଭକ୍ତମାନଙ୍କ ଦ୍ୱାରା ହରିନାମ ସଂକୀର୍ତ୍ତନ କରାଯାଇଥାଏ। ଏହା ଶୁକ୍ରବାରଠାରୁ ଆରମ୍ଭ ହୋଇ ରାକ୍ଷୀପୂର୍ଣ୍ଣିମା ଦିନ ଉଦ୍‌ଯାପିତ ହୋଇଛି। ଏହି କାର୍ଯ୍ୟକ୍ରମରେ ମନ୍ଦିର ପରସିରରେ ଶହ ଶହ ଭକ୍ତ ରୁଣ୍ଡ ହୋଇଥାନ୍ତି।

# ପାଚିକା ସଂଘ ପକ୍ଷରୁ ବ୍ଲକ୍ କାର୍ଯ୍ୟାଳୟ ଘେରାଉ

ଯୋଡ଼ା,୩୧।୮(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍‌ରେ ଗୁରୁବାର ସେଣ୍ଟର ଅଫ ଟ୍ରେଡ ୟୁନିଅନ୍ସ (ସିଆଇଟିୟୁ) ଅନୁବନ୍ଧିତ ଓଡ଼ିଶା ରାଜ୍ୟ ମଧ୍ୟାହ୍ନ ଭୋଜନ ଶ୍ରମିକ ସଂଘ ପକ୍ଷରୁ ବ୍ଲକ୍ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ୯ ଦଫା ଦାବି ସମ୍ବଳିତ ଦାବିପତ୍ର ଓଡ଼ିଶା ସରକାରଙ୍କର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଦାବିପତ୍ରକୁ ଅତିରିକ୍ତ ବ୍ଲକ୍ ଶିକ୍ଷା ଅଧିକାରୀ ପ୍ରଶାନ୍ତ କୁମାର ସେଠୀଙ୍କୁ ପ୍ରଦାନ କରାଯାଇଥିବା ଜଣାପଡ଼ିଛି।

ଏକ ବିରାଟ ପଟୁଆରରେ ସଂଘ ପକ୍ଷରୁ ଯୋଡ଼ା ସହର ପରିକ୍ରମା କରିବା ସହ ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ପ୍ରଦର୍ଶନ କରି ଏହି ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିମଧ୍ୟରେ ପାଚିକା ସହାୟିକାମାନଙ୍କୁ ସର୍ବନିମ୍ନ ମାସିକ ୨୬ ହଜାର ବେତନ, ମଧ୍ୟାହ୍ନ ଭୋଜନ କର୍ମୀମାନଙ୍କୁ ବର୍ଷକୁ ୧୦ ମାସ ପରିବର୍ତ୍ତେ ୧୨ ମାସର ବେତନ, ମଧ୍ୟାହ୍ନ ଭୋଜନ କର୍ମୀଙ୍କୁ ଅବସରକାଳିନ ବୟସ ୬୨ ବର୍ଷକୁ ବୃଦ୍ଧି, ମଧ୍ୟାହ୍ନ ଭୋଜନ ଯୋଜନାକୁ ସରକାର ଘରୋଇକରଣ କରିବା ପାଇଁ କରୁଥିବା ମସୁଧା ବନ୍ଦ, ମଧ୍ୟାହ୍ନ ଭୋଜନ କର୍ମୀମାନଙ୍କୁ ଶିକ୍ଷା ବିଭାଗ କର୍ମୀ ଭାବେ ଘୋଷଣା, ଅବସରକାଳୀନ ପେନସନ ମାସିକ ୧୦ ହଜାର, ମଧ୍ୟାହ୍ନ ଭୋଜନ କର୍ମୀମାନଙ୍କୁ ପିଏଫ, ଇଏସ୍‌ଆଇ, ଜୀବନବିମା, ଗ୍ରାଚ୍ୟୁଇଟି ଆଦି ସାମାଜିକ ସୁରକ୍ଷା ଯୋଗାଇଦିଆଯିବା, ସମସ୍ତ ବିଦ୍ୟାଳୟରେ ଫାଷ୍ଟଏଡ ବକ୍ସର ବ୍ୟବସ୍ଥା, ୨୮ମାସର ବକେୟା ଦରମା ପ୍ରଦାନ କରାଯିବା ପ୍ରମୁଖ ଦାବି ଉପସ୍ଥାପନ କରାଯାଇଛି। ତୁରନ୍ତ ଦାବି ପୂରଣ ନ ହେଲେ ସେପ୍ଟେମ୍ବର ୧୩ରେ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଓ କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। କାର୍ଯ୍ୟକ୍ରମରେ ସଂଘର ଯୋଡ଼ା ବ୍ଲକ୍ ସଭାପତି ଯଶୋଦା ପାତ୍ର, ସମ୍ପାଦକ ଧରିତ୍ରୀ ମହାନ୍ତ ଏବଂ ସିଆଇଟିୟୁର ଓଡ଼ିଶା ରାଜ୍ୟ କମିଟି କାର୍ଯ୍ୟକାରୀ ସଭାପତି ଇନ୍ଦ୍ରମଣି ବେହେରାଙ୍କ ସମେତ ୩ଶହରୁ ଊର୍ଦ୍ଧ୍ୱ ପାଚିକା ସହାୟିକା ଯୋଗଦେଇଥିଲେ।

# ରକ୍ଷାବନ୍ଧନ ପାଳିଲେ ଦୃଷ୍ଟିହୀନ ଛାତ୍ରୀଛାତ୍ର

ବାଲେଶ୍ୱର, ୩୧।୮(ମାନସ ବିଶ୍ୱାଳ)

ବାଲେଶ୍ୱର ସହର ବଣିଆ ମନ୍ଦିରସ୍ଥିତ 'ପ୍ରୟାସ' ଦୃଷ୍ଟିହୀନ ବିଦ୍ୟାଳୟ ପରିସରରେ ନବକିଶୋର ଫାଉଣ୍ଡେଶନ ପକ୍ଷରୁ ରକ୍ଷାବନ୍ଧନ ଉତ୍ସବ ପାଳିତ ହୋଇଯାଇଛି। ଫାଉଣ୍ଡେଶନର ମୁଖ୍ୟ ନବକିଶୋର ରାୟ, ନୂପୁର ପଣ୍ଡା, ମନୋରଞ୍ଜନ ପ୍ରଧାନ, ଦୀପଙ୍କର ରାୟ ଓ ତୋଫାନ ମହାନ୍ତି ପ୍ରମୁଖ ଯୋଗଦେଇ ଭାରତୀୟ ପରମ୍ପରାରେ ରକ୍ଷାବନ୍ଧନ ଉତ୍ସବ ପାଳନର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଯୁଗ ଯୁଗ ଧରି ରହି ଆସିଥିବା ଭଉଣୀଭାଇଙ୍କ ସମ୍ପର୍କକୁ ଏହି ଉତ୍ସବ ସର୍ବଦା ପ୍ରତିପାଦିତ କରିଥାଏ ବୋଲି ମତବ୍ୟକ୍ତ କରିଥିଲେ।

ନବକିଶୋର ଫାଉଣ୍ଡେଶନର ମୁଖ୍ୟ ରାୟଙ୍କ ସହଯୋଗରେ ଦୃଷ୍ଟିହୀନ ଛାତ୍ରୀମାନେ ଛାତ୍ରମାନଙ୍କୁ ଚନ୍ଦନ ଲଗାଇ ସେମାନଙ୍କ ହାତରେ ରାକ୍ଷୀ ବାନ୍ଧିଥିଲେ। ପରେ ଛାତ୍ରୀମାନେ ରାୟଙ୍କୁ ମଧ ରାକ୍ଷୀ ବାନ୍ଧିଥିଲେ। ପରିବାରଠାରୁ ଦୂରରେ ରହୁଥିବା ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ସହ ସୁଖର କିଛି ସମୟ କାଟିବା ପାଇଁ ଫାଉଣ୍ଡେଶନ ପକ୍ଷରୁ ଏଭଳି ପ୍ରୟାସ କରାଯାଇଥିଲା। ଆଗାମୀ ଦିନରେ ଫାଉଣ୍ଡେଶନ ପକ୍ଷରୁ ବିଦ୍ୟାଳୟ ଆବଶ୍ୟକତା ଅନୁଯାୟୀ ସହଯୋଗ ପ୍ରଦାନ ନେଇ ରାୟ ପ୍ରତିଶ୍ରୁତି ଦେଇଥିଲେ। ପରେ ସମସ୍ତ ଛାତ୍ରୀଛାତ୍ରଙ୍କୁ ପରିବାର ପକ୍ଷରୁ ମିଷ୍ଟାନ୍ନ ଦିଆଯାଇଥିଲା। ଫାଉଣ୍ଡେଶନର ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




ଦୃଷ୍ଟିହୀନ ଛାତ୍ରୀଛାତ୍ରଙ୍କ ଗହଣରେ ଫାଉଣ୍ଡେଶନର ମୁଖ୍ୟ ନବ କିଶୋର ରାୟ।

# ୩ରେ ବିଜେଡିର ଜିଲାସ୍ତରୀୟ କାର୍ଯ୍ୟକାରିଣୀ

ଭଦ୍ରକ, ୩୧।୮(ସନାତନ ରାଉତ)

ଆସନ୍ତା ୩ ତାରିଖରେ ଭଦ୍ରକ ବିଜେଡିର ଜିଲାସ୍ତରୀୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହେବ। ଏଥିନିମନ୍ତେ ବିଧାୟକ ସଞ୍ଜୀବ କୁମାର ମଲ୍ଲିକଙ୍କ ବାସଭବନରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଧାୟକଙ୍କ ସମେତ ବିଜେଡି ଜିଲା ସଭାପତି ଜଗନ୍ନାଥ ସ୍ୱାଇଁ, ଜିଲା ଯୁବ ସଭାପତି ମୁକୁନ୍ଦଦେବ ସାମଲ, ବ୍ଲକ ବିଜେଡି ସଭାପତି ପ୍ରଫୁଲ୍ଲ ନାୟକ, ଜିଲା ପରିଷଦ ସଦସ୍ୟ ମଳୟ ଜେନା, ଯୋଗେନ୍ଦ୍ର ଘଡ଼େଇ, ପ୍ରଭାତ ଜେନା, ଭଦ୍ରକ ବ୍ଲକ ଅଧକ୍ଷାଙ୍କ ପ୍ରତିନିଧି ପ୍ରିୟବ୍ରତ ନାୟକ ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ। ଭଦ୍ରକ ବ୍ଲକର ୩୬ ପଞ୍ଚାୟତ ଜନପ୍ରତିନିଧି ଉପସ୍ଥିତ ଥିଲେ। ଭଦ୍ରକ ନିର୍ବାଚନମଣ୍ଡଳୀ ବିଜେଡି ଶକ୍ତି ପ୍ରଦର୍ଶନ କରିବ ବୋଲି ଜିଲା ଯୁବ ସଭାପତି ସାମଲ କହିଛନ୍ତି।

## ଆଇରନ ବୋଝେଇ ଟ୍ରକ୍ ଓଲଟି ଚାଳକ ମୃତ

**କେନ୍ଦୁଝର,(ନରେଶ ଚନ୍ଦ୍ର ପଟ୍ଟନାୟକ):** କେନ୍ଦୁଝର ସଦର ବ୍ଲକ୍ ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥ ଗୋପାଳପୁର-ନେକଡ଼ା ଘର ନିକଟରେ ଗୁରୁବାର ଏକ ଆଇରନ ବୋଝେଇ ଟ୍ରକ ଓଲଟି ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ଭଦ୍ରକ ଜିଲା ଗନଶିଳା ଗ୍ରାମର ପ୍ରଭାଂଶୁ ମଲ୍ଲିକ। ଦୁର୍ଘଟଣା ପରେ ଗାଡ଼ି ଓଲଟି ପଡ଼ିଥିବା ବେଳେ ସେ ଷ୍ଟିୟରିଂ ମଝିରେ ଚାପି ହୋଇଯାଇଥିଲେ। ଅଗ୍ନିଶମ ଓ ସଦର ପୋଲିସ ପହଞ୍ଚି ଚାଳକଙ୍କୁ ଉଦ୍ଧାର କରି କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରିବାର ଲୋକେ ପହଞ୍ଚିଲେ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି।

# ବିକାଶମୂଳକ କାର୍ଯ୍ୟରେ ସହଯୋଗ କରିବାକୁ ଆହ୍ୱାନ

## ରାଇରଙ୍ଗପୁର ପୌର ପରିଷଦରେ ସ୍ୱାୟତ୍ତ ଶାସନ ଦିବସ

**ରାଇରଙ୍ଗପୁର,୩୧।୮(ମାନସ ମହାନ୍ତି)**

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ପୌର ପରିଷଦ ପକ୍ଷରୁ ଗୁରୁବାର ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ କଚେରି ପଡ଼ିଆଠାରେ ପୌର ପରିଷଦ ଅଧ୍ୟକ୍ଷ ଅଭିଷେକ ପଟ୍ଟନାୟକ ଜାତୀୟ ପତାକା ଉତ୍ତୋଳନ କରିବା ସହ ଶିକ୍ଷାନୁଷ୍ଠାନ ଛାତ୍ରୀଛାତ୍ରୀଙ୍କ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ମୁଖ୍ୟଅତିଥି ଅଧ୍ୟକ୍ଷ ପଟ୍ଟନାୟକ ରାଇରଙ୍ଗପୁର ସହରାଞ୍ଚଳରେ ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟ କରାଯାଇଛି। ଜନ ସାଧାରଣ ସହଯୋଗ କଲେ ଆଗାମୀ ଦିନରେ ବିକାଶ କାର୍ଯ୍ୟ ତ୍ୱରାନ୍ୱିତ ହେବ ବୋଲି କହିଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି କୃତୀତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ପୌର ପରିଷଦ ନିର୍ବାହୀ ଅଧିକାରୀ ଧର୍ମେନ୍ଦ୍ର ଶତପଥୀ, ପୌର ଉପାଧ୍ୟକ୍ଷା ମମିତା ଚୌଧୁରୀ ଏବଂ କାଉନସିଲରଙ୍କ ସମେତ ଶିକ୍ଷାନୁଷ୍ଠାନର ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଏହି ଅବସରରେ ରାଜ୍ୟ ସରକାରଙ୍କ ମୁକ୍ତା ଯୋଜନାରେ ୩୮ ଲକ୍ଷରୁ ଉର୍ଦ୍ଧ୍ୱ ଅର୍ଥ ବିନିମୟରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକୁ ପୌରାଧ୍ୟକ୍ଷ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ।



ପୌର ପରିଷଦ ଅଧ୍ୟକ୍ଷ ଅଭିଷେକ ପଟ୍ଟନାୟକ ଅଭିବାଦନ ଗ୍ରହଣ କରୁଛନ୍ତି।

# 'ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ବାରିପଦା ପୌର ପରିଷଦ'



ମଞ୍ଚାସୀନ ଅତିଥିମାନେ।

**ବାରିପଦା,୩୧।୮(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

### ସ୍ୱାୟତ୍ତ ଶାସନ ଦିବସ

୧୧୮ ବର୍ଷରେ ପଦାର୍ପଣ କରିଥିବା ବାରିପଦା ପୌରପାଳିକା ପକ୍ଷରୁ ଗୁରୁବାର ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ବଡ଼ି ଭୋରରୁ ସହରରେ ରାମଧୂନ ବାଜିବା ପରେ ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପୌରାଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାପାଳ ବିନୀତ ଭରଦ୍ୱାଜ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ପୌର ପରିଷଦର ପ୍ରଥମ ଉପାଧ୍ୟକ୍ଷ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ଜିଲାପାଳ ମାଲ୍ୟାର୍ପଣ କରିବା ସହ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସର୍ବ ପୁରାତନ ଏହି ପୌରପାଳିକା ସବୁଥିରେ ଆଗୁଆ ହୋଇ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ବୋଲି ଜିଲାପାଳ କହିଥିଲେ। ଆଗାମୀ ଦିନରେ ଜନସାଧାରଣଙ୍କ ସହଯୋଗରେ ବାରିପଦା ପୌରପାଳିକାର ସର୍ବାଙ୍ଗୀନ ଉନ୍ନତି ପାଇଁ ସବୁସ୍ତରରେ ଉଦ୍ୟମ ଜାରିରହିବ ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରକାଶ କରିଥିଲେ। ଉପାଧ୍ୟକ୍ଷା ସୀମା ଦାସଙ୍କ ତତ୍ତ୍ୱାବଧାନରେ ସ୍ୱଚ୍ଛ ବାରିପଦା ସୁସ୍ଥ ବାରିପଦା ଅଭିଯାନକୁ କିପରି କାର୍ଯ୍ୟକାରୀ କରାଯାଉଛି ସେ ବିଷୟରେ ଉଲ୍ଲେଖ କରାଯାଇଥିଲା। ଅନ୍ୟତମ ଅତିଥି ଭାବେ ଆରକ୍ଷୀ ଅଧିକ୍ଷକ ବି.ଗଙ୍ଗାଧର, ପ୍ରକଳ୍ପ ନିର୍ଦ୍ଦେଶକ ରଜନୀକାନ୍ତ ସ୍ୱାଇଁ, ମ୍ୟୁନିସିପାଲଟିର କାର୍ଯ୍ୟନିର୍ବାହୀ ଅଧିକାରୀ ବସନ୍ତ କୁମାର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ ମହିଳା ସମିତି ଦ୍ୱାରା ଉତ୍ପାଦିତ ସାମଗ୍ରୀ ପ୍ରଦର୍ଶନୀ, ସହରର ପାର୍କିଂ ବ୍ୟବସ୍ଥା ଓ ବିଭିନ୍ନ ପ୍ରକଳ୍ପକୁ ଜିଲାପାଳ ଉଦ୍‌ଘାଟନ କରିଥିଲେ। ସହରର ସର୍ବାଙ୍ଗୀନ ଉନ୍ନତି ଓ ସୁନ୍ଦର ପରିବେଶ ପାଇଁ ମ୍ୟୁନସିପାଲିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଉଥିବା ପୌରାଧ୍ୟକ୍ଷ ସୂଚନା ଦେଇଥିଲେ। ୨୩ ନଂ.ୱାର୍ଡର କାଉନସିଲର ଅନନ୍ତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ନିମନ୍ତ୍ରିତ ଅତିଥିମାନେ ୧୪ ଜଣ ଦିବ୍ୟାଙ୍ଗଙ୍କୁ ହ୍ୱିଲ ଚେୟାର ପ୍ରଦାନ କରିବା ସହ ବାହାନଗା ରେଳ ଦୁର୍ଘଟଣାରେ ଉଦ୍ଧାର କାର୍ଯ୍ୟରେ ସହଯୋଗ କରିଥିବା ୬୨ ଜଣ ସଫେଇ କର୍ମଚାରୀ, ପୌର ପାଳିକାରେ ନିୟୋଜିତ ଥିବା ଅନ୍ୟାନ୍ୟ ୨୨ ଜଣ ସଫେଇ କର୍ମଚାରୀ ଓ ପରିଚାଳକ ଏବଂ ଏମ୍‌ସିସି ପ୍ଲାଣ୍ଟ ର ପରିଚାଳନା ଦାୟିତ୍ୱରେ ଥିବା ୬ ଜଣଙ୍କୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ।


## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

balasoreselfie@gmail.com



@ସରୋଜ



@ମମନା

ସେଲ୍‌ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

# ଜଳେଶ୍ୱର ପୌରପାଳିକାକୁ ୧ ନଂ. କରିବାକୁ ପ୍ରୟାସ




ମଞ୍ଚରେ ଜିଲାପାଳ ବକ୍ତବ୍ୟ ଦେଉଥିବା ବେଳେ ମନ୍ତ୍ରୀ ଅଶ୍ୱିନୀ ପାତ୍ର, ପୌରପାଳ, ପୌର ଅଧିକାରୀ, ଉପାଧ୍ୟକ୍ଷ ଉପସ୍ଥିତ ଅଛନ୍ତି।

**ଜଳେଶ୍ୱର, ୩୧।୮(ରବିନାରାୟଣ ପାତ୍ର)**

ଜଳେଶ୍ୱର ପୌରପାଳିକାରେ ସର୍ବଭାରତୀୟ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ରାଜ୍ୟ ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଯୋଗଦେଇ ଜଳେଶ୍ୱରକୁ ରାଜ୍ୟର ୧ ନଂ. ପୌରପାଳିକାରେ ପରିଣତ କରିବା ଲାଗି ସରକାର ଚେଷ୍ଟିତ ଥିବା କହିଥିଲେ । ଏଥିଲାଗି ଗତ ଆର୍ଥିକ ବର୍ଷରେ ୨୫ କୋଟି ଟଙ୍କା ବିଭିନ ଉନ୍ନୟନ କାର୍ଯ୍ୟ ଲାଗି ମଞ୍ଜୁର ହୋଇଥିବା ଓ ଅଢେଇ କୋଟି ଟଙ୍କା ବ୍ୟୟରେ ଏକ ସଂସ୍କୃତି ଭବନ ନିର୍ମାଣ ହେବ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଜିଲାପାଳ ଦତ୍ତାତ୍ରେୟ ଭାଉ ସାହେବ ଶିନ୍ଦେ ଯୋଗଦେଇ ୧୭ନଂ. ୱାର୍ଡର ଏକ ସହରାଞ୍ଚଳ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର ଓ ଚକବିଷ୍ଣୁଠାରେ ଏକ ଆହାର ରନ୍ଧନଶାଳା ମନ୍ତ୍ରୀ ଲୋକାର୍ପିତ ହୋଇଥିବା କହିଥିଲେ। ରାଜ୍ୟରେ ସୁଜଳ ଯୋଜନା କାର୍ଯ୍ୟ କରୁଥିବା ବେଳେ ବାଲେଶ୍ୱର ଜିଲାର ପ୍ରଥମ ପ୍ରକଳ୍ପ ଜଳେଶ୍ୱରରେ ପ୍ରତିଷ୍ଠା ହେବାକୁ ଯାଉଥିବା କହିଥିଲେ। କାର୍ଯ୍ୟକ୍ରମରେ ପୌରପାଳ ପ୍ରଦୀପ କୁମାର ପ୍ରଧାନ ପୌରୋହିତ୍ୟ କରି ସହରରୁ ଉଦ୍‌ବୃତ୍ତ ବର୍ଷା ଓ ଆବର୍ଜନା ପାଣି ନିଷ୍କାସନ ଲାଗି ଡିପିଆର୍ ପ୍ରସ୍ତୁତି ଓ ଟାଉନ ମାଷ୍ଟରପ୍ଲାନ ଲାଗି ମଧ୍ୟ ଡିପିଆର୍ ପ୍ରସ୍ତୁତ ହେଉଥିବା କହିଥିଲେ। କଲ୍ୟାଣମଣ୍ଡପ ଲାଗି ଜମିଦାନ କରିଥିବା ଶ୍ୟାମସୁନ୍ଦର ପ୍ରଧାନ ଓ ଉଷାରାଣୀ ସାମନ୍ତ ନିଟ୍ ପରୀକ୍ଷାରେ ଡାକ୍ତରୀ ପାଠ ଲାଗି ସଫଳତା ପାଇଥିବା ୩ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ନିଜ କାର୍ଯ୍ୟରେ ଦକ୍ଷତା ପ୍ରତିପାଦନ କରିଥିବା ସରକାରୀ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୌରାଞ୍ଚଳରେ ଥିବା ବିଭିନ୍ନ ବିଦ୍ୟାଳୟକୁ ନେଇ ଡ୍ରଇଂ, ସଙ୍ଗୀତ, ବକ୍ତୃତା ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଉପାଧ୍ୟକ୍ଷା ପୁଷ୍ପପ୍ରିୟା କାମିଲା ଧନ୍ୟବାଦ ଅର୍ପଣ କରିଥିଲେ ।

# ଉଦଳା ଏନ୍‌ଏସିର ସୁବର୍ଣ୍ଣ ଜୟନ୍ତୀ ସମାରୋହ



ସୁବର୍ଣ୍ଣ ଜୟନ୍ତୀ ସଭାରେ ଉପସ୍ଥିତ ଅତିଥିମାନେ।

**ଉଦଳା,୩୧।୮(ସନ୍ତୋଷ କୁମାର ବାଛିନୀ)**

ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦ ୫୦ ବର୍ଷରେ ପଦାର୍ପଣ କରିଛି। ଏହି ଅବସରରେ ଦୁଇ ଦିନ ଧରି ସୁବର୍ଣ୍ଣ ଜୟନ୍ତୀ ସମାରୋହ ପାଳିତ ହେଉଛି। ଗୁରୁବାର ସକାଳୁ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ୧୨ ୱାର୍ଡରେ ଡାକବାଜି ଯନ୍ତ୍ର ଦ୍ୱାରା ରାମଧୂନ ଗାନ କରାଯାଇଥିଲା। ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ନେଇ ପ୍ରଭାତ ଫେରି ଅନୁଷ୍ଠିତ ହୋଇଥିଲା। ଉଦଳା ଥାନା ଛକ ଏବଂ ବାସନ୍ତୀ ମଣ୍ଡପ ଛକରେ ଥିବା ଗୋପବନ୍ଧୁ ଓ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ମାଲ୍ୟାର୍ପଣ କରିଥିଲେ। ସନ୍ଧ୍ୟାରେ ଏନ୍‌ଏସି ଅଧ୍ୟକ୍ଷା ପ୍ରମିଳା ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଅତିଥି ଭାବେ ବିଧାୟକ ଭାସ୍କର ଚନ୍ଦ୍ର ମଢ଼େଇ, ଉପଖଣ୍ଡ ପୋଲିସ ଅଧିକାରୀ ସାର୍ଥକ ରାୟ, ଶିକ୍ଷାବିତ ଦିଲ୍ଲୀପ ଦୀକ୍ଷିତ, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅବିନାଶ ପାଣି, ଆଇନଜୀବୀ ବସନ୍ତ କୁମର ପରିଡ଼ା, ଉପାଧ୍ୟକ୍ଷା ଲିଲି ଭୋଳ, ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରିଣୀ ଦିବ୍ୟାରତ୍ନା ଦାସ ଏବଂ ସମସ୍ତ କାଉନସିଲର ଉପସ୍ଥିତ ଥିଲେ। ଅତିଥିମାନଙ୍କ ଦ୍ୱାରା ସୁବର୍ଣ୍ଣ ଜୟନ୍ତୀ ସ୍ମରଣିକା ଉନ୍ମୋଚନ କରାଯାଇଥିଲା। ବିଭିନ୍ନ ପ୍ରତିଭାଧାରୀଙ୍କୁ ମାନପତ୍ର ଏବଂ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ସ୍ୱାୟତ୍ତ ଶାସନ ଦିବସକୁ ବର୍ଜନ କଲେ କାଉନ୍‌ସିଲର

**କେନ୍ଦୁଝର,୩୧।୮(ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝରଗଡ଼ ପୌରପାଳିକାର ମନମୁଖି କାର୍ଯ୍ୟ ପ୍ରତିବାଦରେ ସ୍ୱାୟତ୍ତ ଶାସନ ଦିବସକୁ ପ୍ରତ୍ୟାଖାନ କଲେ ୧୬ ନଂ. ୱାର୍ଡର କାଉନ୍‌ସିଲର ସବିତା ପଟ୍ଟନାୟକ। ଜୁଲାଇରୁ ଅବଧି ସାରିଥିଲେ ହେଁ ବିନା ଆଲୋଚନାରେ ପୂର୍ବ ଠିକାସଂସ୍ଥାଙ୍କୁ ସଫେଇ କାମ ଦିଆଯାଇଥିବା ଏବଂ ନିୟମ ଖିଲାପ କରି ବିନା କାଉନ୍‌ସିଲରଙ୍କ ଦସ୍ତଖତରେ ଅଗଷ୍ଟ ୨୦୨୨ରୁ ମାର୍ଚ୍ଚ ୨୦୨୩ ପର୍ଯ୍ୟନ୍ତ ବିଲ ପୈଠ ହୋଇଥିବା ଅଭିଯୋଗ ପ୍ରତିବାଦରେ ଦିବସ ପାଳନକୁ ବର୍ଜନ କରିଥିବା କହିଛନ୍ତି। ଏଭଳି ବର୍ଜନ ପୌରପାଳିକାରେ ଚାଲିଥିବା ବେଆଇନ କାମକୁ ଉଜାଗର କରିଥିବା ବେଳେ ବ୍ୟୟବହୁଳ ଦିବସ ପାଳନକୁ ଶକ୍ତ ଧକ୍କା ଲାଗିଛି। ପୌରପାଳିକାରେ ଗତ ପାଞ୍ଚ ବର୍ଷ ମଧ୍ୟରେ ହୋଇଥିବା ସମସ୍ତ କାର୍ଯ୍ୟର ଭିଜିଲାନ୍ସ ତଥା ବିଭାଗୀୟ ତଦନ୍ତ ହେଲେ ବହୁ ଦୁର୍ନୀତି ପଦାକୁ ଆସିବା ସହ ଅନିୟମତତା ପଦାକୁ ଆସିବ ବୋଲି ବହୁ ପୂର୍ବତନ କାଉନ୍‌ସିଲର ଓ ବର୍ତ୍ତମାନର କାଉନ୍‌ସିଲର ଦାବି କରିଛନ୍ତି। ଜିଲା ପ୍ରଶାସନ ଏ ନେଇ ଚୁପ ରହୁଥିବାରୁ ପ୍ରଶାସନିକଅଧିକାରୀଙ୍କ ଭୂମିକାକୁସନ୍ଦେହ ବ୍ୟକ୍ତ କରି ତଦନ୍ତ କରିବାକୁ ପୂର୍ବତନ ବିଧାୟକ ସୁବର୍ଣ୍ଣ ନାୟକ ଦାବି କରିଛନ୍ତି।

# ସହରକୁ ସ୍ୱଚ୍ଛ ରଖିବାକୁ ଆହ୍ୱାନ

**ବାଲେଶ୍ୱର, ୩୧।୮(ମାନସ ବିଶ୍ୱାଳ)**

ବାଲେଶ୍ୱର ପୌରପାଳିକା ପକ୍ଷରୁ ନିଖିଳ ଭାରତୀୟ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ପୌରପାଳିକା ଅଧ୍ୟକ୍ଷା ସବିତା ସାହୁଙ୍କ ନେତୃତ୍ୱରେ ପାରିଷଦମାନେ ସହର ବିଭିନ୍ନ ସ୍ଥାନରେ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ପୌରପାଳିକା କାର୍ଯ୍ୟାଳୟ ପ୍ରାଙ୍ଗଣରେ ଅଧ୍ୟକ୍ଷା ସବିତା ସାହୁ ଜାତୀୟପତାକା ଉତ୍ତୋଳନ କରିଥିଲେ। ଅଧ୍ୟକ୍ଷା ସାହୁ ବାଲେଶ୍ୱର ସହରବାସୀ ସହରକୁ ନିର୍ମଳ ଓ ସ୍ୱଚ୍ଛ ରଖିବା ଲାଗି ପୌରପାଳିକାର ସ୍ୱଚ୍ଛ ସାଥୀମାନଙ୍କୁ ସହଯୋଗ କରିବାକୁ ଅନୁରୋଧ କରିଥିଲେ। ପରେ କାର୍ଯ୍ୟାଳୟ ପ୍ରାଙ୍ଗଣ ସମ୍ମୁଖରେରେ ଅଧ୍ୟକ୍ଷା ଏକ ପ୍ରକଳ୍ପ ଶିଳାନ୍ୟାସ କରିଥିଲେ। ଏହି ପ୍ରକଳ୍ପରେ ଖାଲିପଡ଼ିଥିବା ସ୍ଥାନରେ ଗାଡ଼ିପାର୍କିଂ କରାଯିବାର ବ୍ୟବସ୍ଥା କରାଯିବ। ମଧ୍ୟାହ୍ନରେ ରାଣୀପାଟଣା ବ୍ଲାଇଣ୍ଡ ସ୍କୁଲ ଓ ମିଶନ ପଡ଼ିଆରେ ଥିବା ଦିବ୍ୟାଙ୍ଗ ବିଦ୍ୟାଳୟରେ ଖାଦ୍ୟବଣ୍ଟନ କରାଯାଇଥିଲା। ପୌରପାଳିକା ପକ୍ଷରୁ ବିଭିନ୍ନ ୱାର୍ଡ଼ରେ ନୂତନ ପ୍ରକଳ୍ପ ଶିଳାନ୍ୟାସ କରଯାଇଥିଲା। କାଉନସିଲର ପଦ୍ମଲୋଚନ ଲେଙ୍କା, ସତ୍ୟଶିବ ସୁନ୍ଦର ଦାଶ, ସସ୍ମିତା ନାଥ, ଅମିତ ନାୟକ, ରୋଜାଲିନ ପାଣି, ପ୍ରୀତିଲତା ସେଠୀ, ସଞ୍ଜୀବ ଦାସ, ସାଲିମା ବିବି, ରାଧାକୃଷ୍ଣ ଦାସ, ଶେଖ ନୌସାଦ, ଅନିନ୍ଦ୍ୟ ପଣ୍ଡା, ପ୍ରତିମା ବେହେରା, ନିରୁପମା ଦାଶ, ସୁଚିସ୍ମିତା ପଣ୍ଡା, ନିତ୍ୟଗୋପାଳ ସିଂହ, ଭାରତୀ ପାତ୍ର ଓ କାଉନସିଲର ରଞ୍ଜିତା ମହାପାତ୍ରଙ୍କ ସମେତ ପୂର୍ବତନ କାଉନସିଲର ଉପସ୍ଥିତ ଥିଲେ।



ପୌରପାଳିକା କାର୍ଯ୍ୟାଳୟ ପ୍ରାଙ୍ଗଣରେ ଜାତୀୟପତାକା ଉତ୍ତୋଳନ କରାଯାଉଛି।

# ନିର୍ମଳ ଚମ୍ପୁଆ ପାଇଁ ସବୁ ବର୍ଗଙ୍କ ସହଯୋଗ ଲୋଡ଼ା



ଚମ୍ପୁଆ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ, ଉପାଧ୍ୟକ୍ଷ, ଅଧିକାରୀ ଓ କାଉନ୍‌ସିଲମାନେ।

**ଚମ୍ପୁଆ,୩୧।୮(ମହେଶ୍ୱର ଦାସ)**

### ସର୍ବଭାରତୀୟ ସ୍ୱାୟତ୍ତ ଶାସନ ଦିବସ

କେନ୍ଦୁଝର ଜିଲା ଚମ୍ପୁଆ ଧରଣୀଧର ନଗରଭବନଠାରେ ସର୍ବଭାରତୀୟ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ଚମ୍ପୁଆ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ଅନୁଷ୍ଠିତ ଉତ୍ସବ ପରିପ୍ରେକ୍ଷୀରେ ସକାଳ ୮ ଘଟିକା ସମୟରେ ପତାକା ଉତ୍ତୋଳନ, ମହାପୁରୁଷଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ପରେ ନଗର ଭବନଠାରେ ଅନୁଷ୍ଠିତ ସାଧାରଣ ବୈଠକରେ ଏନ୍‌ଏସି ଚେୟାରମ୍ୟାନ ଗିରିଜା ଶଙ୍କର ସାହୁ ସଭାପତିତ୍ୱ କରି ସ୍ୱାୟତ୍ତ ଶାସନ ଦିବସ ପାଳନର ଉଦ୍ଦେଶ୍ୟ ଓ ଲକ୍ଷ ସମ୍ବନ୍ଧରେ ଅବଗତ କରିବା ସହିତ ନିର୍ମଳ ଚମ୍ପୁଆ ଗଠନ ପାଇଁ ସବୁ ବର୍ଗର ଲୋକଙ୍କ ସହଯୋଗ ଲୋଡ଼ିଥିଲେ। ବିଶେଷ ଭାବରେ ଚମ୍ପୁଆ ସହରକୁ ସ୍ୱଚ୍ଛ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ସ୍ୱଚ୍ଛ କର୍ମୀଙ୍କ କାର୍ଯ୍ୟ ଧାରାକୁ ପ୍ରସଂଶା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ନିର୍ବାହୀ ଅଧିକାରୀ ସୁଜିତ କୁମାର ଚୌଧୁରୀ, ଉପାଧ୍ୟକ୍ଷା ସୁମିତ୍ରା ବେହେରା, ନିର୍ବାହୀ ଯନ୍ତ୍ରୀ ସୁଦ୍ଧାକର ଦାସ ସମେତ ସମସ୍ତ କାଉନ୍‌ସିଲର ଓ କର୍ମଚାରୀ ଯୋଗ ଦେଇଥିଲେ। ଏହି ଦିବସ ଉପଲକ୍ଷେ ଉପଖଣ୍ଡ ଚିକିତ୍ସାଳୟର ରୋଗୀ ଏବଂ ଉପକାରାଗାରର ଅନ୍ତେବାସୀଙ୍କୁ ଫଳ ବଣ୍ଟନ କରାଯାଇଥିଲା। ଚମ୍ପୁଆର ଶିରପୁରଠାରେ ଥିବା ପବ୍ଲିକ ପାର୍କଟି ଦେୟ ମୁକ୍ତ ଘୋଷଣା କରାଯିବା ସହ ଆହାର କେନ୍ଦ୍ର ନିମନ୍ତେ ରୋଷେଇ ଶାଳ, ସହର ମଧ୍ୟରେ ଥିବା ହାଇଟେକ୍ ଶୌଚାଳୟ ଆଦିର ଲୋକାର୍ପଣ କରାଯାଇଥିଲା। ବିଶେଷ ଭାବରେ ଏମ୍‌ସିସି ଓ ଏମ୍‌ଆରଏଫ୍‌ରେ କାର୍ଯ୍ୟରତ ସଦସ୍ୟା ସଦସ୍ୟ, ସ୍ୱଚ୍ଛ ସୁପରଭାଇଜର, ସ୍ୱଚ୍ଛ କର୍ମୀ, ସ୍ୱଚ୍ଛ ସାଥି ମାନଙ୍କୁ ଉନ୍ନତ କାର୍ଯ୍ୟ ଶୈଳୀ ପାଇଁ ଉପଢୌକନ ସହ ପୁରସ୍କାର ପ୍ରଦାନ କରାଯାଇଥିଲା।

# ଦୁର୍ନୀତି ବିରୋଧରେ ବର୍ଷିଲା କଂଗ୍ରେସ

## ବ୍ଲକ ଅଫିସ୍‌କୁ ଧସେଇ ପଶିବା ବେଳେ କର୍ମୀ-ପୋଲିସ ଠେଲାପେଲା

**ଚାନ୍ଦବାଲି, ୩୧।୮ (ଅଶୋକ କୁମାର ପଣ୍ଡା/କିଶାନ ପାତ୍ର)**

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ କଂଗ୍ରେସ ପକ୍ଷରୁ ଗୁରୁବାର ୯ ଦଫା ଦାବି ନେଇ ଶୋଭାଯାତ୍ରା ଚାନ୍ଦବାଲି ସହର ପରିକ୍ରମା କରିବା ସହ ବ୍ଲକ କାର୍ଯ୍ୟାଳୟ ଆଗରେ ପ୍ରତିବାଦ ସଭା କରାଯାଇଛି। ବ୍ଲକ ଓ ଜିଲା କଂଗ୍ରେସର ବହୁ ଛାମୁଆ ନେତା ଏଥିରେ ଯୋଗଦେଇ ବ୍ଲକ ଅଫିସଗୁଡ଼ିକରେ ପିସି କାରବାର, ଆବାସ ଯୋଜନାରେ ଦୁର୍ନୀତି, ଦରଦାମ୍ ବୃଦ୍ଧି, ବେକାରୀ ସମସ୍ୟା, ନାରୀ ନିର୍ଯାତନା, ଚାଷୀମାରଣ ନୀତି ଆଦି ବିରୋଧରେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। କଂଗ୍ରେସ କର୍ମୀମାନେ ବ୍ଲକ କାର୍ଯ୍ୟାଳୟ ପରିସରକୁ ଧସେଇ ପଶିବା ବେଳେ ପୋଲିସ ଓ କର୍ମୀଙ୍କ ମଧ୍ୟରେ ଠେଲାପେଲା ଦେଖିବାକୁ ମିଳିଥିଲା। ଜିଲା ସଭାପତି ଅଶୋକ ଦାସ, ନିର୍ବାଚନମଣ୍ଡଳୀ ନେତା ଦିଗମ୍ବର ଦାସ, ସତ୍ୟାନନ୍ଦ ରାଉତ, ଲୋକସଭା ନେତ୍ରୀ ମଧୁମିତା ସେଠୀ, ପୂର୍ବତନ ଏମ୍‌ପି ଅନନ୍ତ ପ୍ରସାଦ ସେଠୀ, ବ୍ଲକ କଂଗ୍ରେସ ସଭାପତି ତ୍ରୈଲୋଚନ ପଣ୍ଡା, ତିହିଡି ବ୍ଲକ ସଭାପତି ସୂରଜ କୁମାର ଦାସ, ବରିଷ୍ଠ ନେତା ନୁର ମହମ୍ମଦ ଇସ୍‌ମାଇଲ, କିଶୁରାମ ଜେନା, ବୃନ୍ଦାବନ ମହାଳିକ, ନଗର ସଭାପତି ବଦ୍ରି ନାୟକ, ସୋସିଆଲ ମିଡିଆ ସଂଯୋଜକ ସୁବାସ ଚନ୍ଦ୍ର ନାୟକ, ଯୁବ ସଭାପତି ଶକ୍ତି ପ୍ରତାପ ବିଶ୍ୱାଳ, ମହିଳା ନେତ୍ରୀ ସୁଲୋଚନା ନାୟକ, ସରପଞ୍ଚ ପ୍ରମିଳା ମାଝୀ ପ୍ରମୁଖ ପ୍ରତିବାଦ ସଭାରେ ଉପସ୍ଥିତ ଥିଲେ।




କଂଗ୍ରେସର ପ୍ରତିବାଦ ଶୋଭାଯାତ୍ରା।

# ପୂର୍ବତନ ଅଧ୍ୟକ୍ଷ, କାଉନସିଲରଙ୍କୁ ସମ୍ବର୍ଦ୍ଧନା

**ନୀଳଗିରି, ୩୧।୮(ପ୍ରଶାନ୍ତ ବିଶ୍ୱାଳ)**– ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ନୀଳଗିରି ଏନଏସି ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏନ୍‌ଏସି ଅଧ୍ୟକ୍ଷା ଅମ୍ବିକା ଦାସ ପତାକା ଉତ୍ତୋଳନ କରିଥିଲେ। ପରେ କାର୍ଯ୍ୟାଳୟ ପରିସରରେ ଚାରାରୋପଣ କରାଯାଇଥିଲା। ଏହି ଅବସରରେ ଏନ୍‌ଏସି ପୂର୍ବତନ ଅଧ୍ୟକ୍ଷ ଓ କାଉନସିଲରମାନଙ୍କୁ ସମ୍ମାନିତ କରାଯାଇଥିଲା। ପରେ ସ୍ଥାନୀୟ ହସ୍ପିଟାଲ ଓ ଜେଲରେ ଫଳ ବଣ୍ଟନ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବାଲେଶ୍ୱର ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ମୁଖ୍ୟଅତିଥି ଭାବେ ଯୋଗଦେଇ ନୀଳଗିରି ଏନଏସିକୁ ପ୍ରଶଂସା କରିବା ସହିତ ଭୂମିହୀନମାନଙ୍କୁ ଜାଗାମିଶନ ଜରିଆରେ ୧ହଜାର ପଟ୍ଟା ବଣ୍ଟନ କରିଥିବାରୁ ଖୁସିବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଅଧ୍ୟାପକ ପ୍ରଦୀପ୍ତ ମିଶ୍ର ଯୋଗଦେଇ ଏନଏସିର ଏପରି ଜନମୁଖୀ କାର୍ଯ୍ୟକ୍ରମ ରାଜ୍ୟର ଅନ୍ୟ ସହରାଞ୍ଚଳ ପାଇଁ ଉଦାହରଣ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭାବେ ଏନ୍‌ଏସି ଅଧ୍ୟକ୍ଷାଙ୍କ ସମେତ ଉପଜିଲାପାଳ ମନ୍ଦରଧର ମହାଳିକ, ବିଡ଼ିଓ ରାହୁଲ ମଣ୍ଡଳ, ଏସ୍‌ଡ଼ିସି ଅଧ୍ୟକ୍ଷ ମଦନମୋହନ ମାଝି, ବ୍ଲକ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝି, ଉପନଗରପାଳ ମହେନ୍ଦ୍ର ବେହେରା, ଏନ୍‌ଏସି ନିର୍ବାହୀ ଅଧିକାରୀ ଅକ୍ଷୟ ବଡୁ, ବିଜେଡି ଜିଲା ବରିଷ୍ଠ ଉପସଭାପତି ସନ୍ତୋଷ ଖଟୁଆ, ଆଇନଜୀବୀ ଅମର ପଟ୍ଟନାୟକ ଉପସ୍ଥିତ ଥିଲେ।



# ଗଛକଟାକୁ ବିରୋଧ କରିବାରୁ ଆକ୍ରମଣ

**ତିହିଡ଼ି,୩୧।୮(ସଞ୍ଜିତ ବଳ)**–ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ ଭାଟପଡ଼ା ପଞ୍ଚାୟତ ମିର୍ଜାପୁର ଗ୍ରାମରେ ଗଛକଟାକୁ ବିରୋଧ କରିବାରୁ ଜଣେ ଯୁବକଙ୍କୁ ଆକ୍ରମଣ କରାଯାଇଛି। ଆକ୍ରମଣର ଶିକାର ହୋଇଥିବା ଯୁବକ ହେଲେ ଭବେଶ ପତି। ଏନେଇ ଥାନାରେ ଅଭିଯୋଗ ପରେ ପୋଲିସ ମାମଲା (ନଂ. ୩୩୫/୨୩) ରୁଜୁ କରି ତଦନ୍ତ ଚଳାଇଛି। ଭବେଶଙ୍କ ଜାଗାରେ ଥିବା ଏକ ବଡ଼ ଶିରିଶ ଗଛକୁ ଗତ ୨୮ ତାରିଖରେ ଗ୍ରାମର ଜଣେ ବ୍ୟକ୍ତି ଓ ତାଙ୍କ ପୁଅ ମିଶି କାଟୁଥିଲେ। ଭବେଶ ବିରୋଧ କରିବାରୁ ବାପପୁଅ ମିଶି ତାଙ୍କୁ ଆକ୍ରମଣ କରିଥିଲେ। ଉକ୍ତ ବ୍ୟକ୍ତିଙ୍କ ପୁଅ ଭୁଜାଲିରେ ଭବେଶଙ୍କୁ ଜୀବନରୁ ମାରିଦେବାକୁ ଉଦ୍ୟମ କରିଥିବା ଏତଲାରେ ଦର୍ଶାଯାଇଛି।

# ଭାରତର ଜିଡିପି ଅଭିବୃଦ୍ଧି ହାର ୭.୮%

ଭୁବନେଶ୍ୱର,୩୧।୮




ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ (ଏପ୍ରିଲରୁ ଜୁନ୍) ମଧ୍ୟରେ ଭାରତର ଗ୍ରସ୍ ଡୋମେଷ୍ଟିକ ପ୍ରଡକ୍ଟ (ଜିଡିପି)ର ଅଭିବୃଦ୍ଧି ହାର ପୂର୍ବ ତ୍ରୈମାସିକ ଅପେକ୍ଷା ବେଶ୍ ଭଲ ରହିଥିବା ଗୁରୁବାର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ବିସ୍ତୃତ ଭାବେ ତଥ୍ୟ ଜାରି କରାଯାଇଛି। ଏପରିକି ୨୦୨୩-୨୪ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ ଦେଶର ଜିଡିପି ୭.୮% ରହିଛି। ଗତ ଆର୍ଥିକ ବର୍ଷର ଶେଷ (ଜାନୁୟାରୀରୁ ମାର୍ଚ୍ଚ) ତ୍ରୈମାସିକରେ ଭାରତର ଅଭିବୃଦ୍ଧି ହାର ୬.୧% ରହିଥିଲା। ୨୦୨୨-୨୩ ଆର୍ଥିକ ବର୍ଷର ଜିଡିପି ଅଭିବୃଦ୍ଧି ହାର ୭.୨% ରହିଥିଲା। ସେହିଭଳି ନ୍ୟାଶନାଲ ଷ୍ଟାଟିଷ୍ଟିକାଲ ଅଫିସ(ଏନ୍ଏସ୍ଓ) ପକ୍ଷରୁ ଗୁରୁବାର ଜାରି ତଥ୍ୟ ଅନୁଯାୟୀ, ଗତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ଦେଶର ଜିଡିପି ଅଭିବୃଦ୍ଧି ହାର ୧୩.୧% ରହିଥିଲା ବେଳେ ଉକ୍ତ ଜିଡିପି ଅଭିବୃଦ୍ଧି ସହ ଭାରତ ପ୍ରମୁଖ ଅର୍ଥ ବ୍ୟବସ୍ଥାରେ ସବୁଠୁ ଦ୍ରୁତ ଭାବେ ବୃଦ୍ଧି କରୁଥିବା ଦେଶ ହୋଇଛି। ଉଲ୍ଲେଖଯୋଗ୍ୟ, ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ନିକଟରେ ଚଳିତ ଆର୍ଥିକ ବର୍ଷ ପାଇଁ ଦେଶର (ଭାରତ)ର ଜିଡିପି ଅଭିବୃଦ୍ଧି ୬.୫% ରହିବା ନେଇ ପୂର୍ବ ଆକଳନ କରିଥିଲା। ସେହିଭଳି ଆର୍‌ବିଆଇର ଆକଳନ ରିପୋର୍ଟରେ ଦେଶର ଜିଡିପି ଅଭିବୃଦ୍ଧି ହାର ୨୦୨୩-୨୪ ଆର୍ଥକ ବର୍ଷର ପ୍ରଥମ ତ୍ରୈମାସିକରେ ୮% ରହିବା ନେଇ ଅନୁମାନ କରାଯାଇଥିଲା। ସେହିପରି ଆଇଏମ୍ଏଫ୍‌ର ଆକଳନ ଅନୁଯାୟୀ ଚଳିତ ବର୍ଷ ଭାରତର ଆର୍ଥିକ ଅଭିବୃଦ୍ଧି ହାର ୬.୧% ରହିବ ବୋଲି କୁହାଯାଇଛି। ଅପରପକ୍ଷରେ ୨୦୨୩ ଜୁଲାଇରେ ଦେଶର କୋର୍ ସେକ୍ଟରଗୁଡ଼ିକର ଅଭିବୃଦ୍ଧିରେ ମଧ୍ୟ ହ୍ରାସ ଦେଖିବାକୁ ମିଳିଛି। ସରକାରୀ ତଥ୍ୟ ଅନୁଯାୟୀ ୨୦୨୩ ଜୁଲାଇରେ କୋର୍ ସେକ୍ଟର ଅଭିବୃଦ୍ଧି ହାର ୮% ରହିଥିଲା। ଏପରିକି ୨୦୨୨ ଜୁଲାଇରେ କୋର୍ ସେକ୍ଟର ଅଭିବୃଦ୍ଧି ୪.୮% ଥିଲା। ସେହିଭଳି ଚଳିତ ଆର୍ଥିକ ବର୍ଷର ଜୁନ୍ ମାସରେ ୮ ମୌଳିକ ଉଦ୍ୟୋଗର ଅଭିବୃଦ୍ଧି ହାର ୮.୩% ରହିଥିଲା। ଚଳିତ ଆର୍ଥିକ ବର୍ଷର ପ୍ରଥମ ୪ମାସରେ ଭାରତର ରାଜକୋଷୀୟ କ୍ଷତି ୬.୦୬ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ସରକାରଙ୍କ ପକ୍ଷରୁ ଜାରି ତଥ୍ୟ ଅନୁଯାୟୀ ବର୍ତ୍ତମାନ ସୁଦ୍ଧା ରାଜକୋଷୀୟ କ୍ଷତି ୩୩.୯% ରହିଛି।

## ଖସିଲା ଶେୟାର ବଜାର କାରବାର

ଭୁବନେଶ୍ୱର,୩୧।୮

ବିଗତ କିଛିଦିନ ହେଲା କ୍ରମାଗତ ଭାବେ ଭାରତୀୟ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଏପରିକି ଚଳିତ ସପ୍ତାହର ୪ର୍ଥ କାର୍ଯ୍ୟ ଦିବସ (ଷ୍ଟକ୍‌ବଜାର)ର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ଗୁରୁବାର ଷ୍ଟକ୍ ମାର୍କେଟର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍‌ସେକ୍ସ ୨୫୬ (୨୫୫.୮୪) ପଏଣ୍ଟ କମି ୬୪,୮୩୧ (୬୪,୮୩୧.୪୧) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ) ର ନିଫ୍ଟି-୫୦ରେ ମଧ୍ୟ ୯୪ (୯୩.୬୫) ପଏଣ୍ଟ ହ୍ରାସ ଘଟି ୧୯,୨୫୪(୧୯,୨୫୩.୮୦) ଅଙ୍କରେ କାରବାର ବନ୍ଦ ହୋଇଥିଲା। ଉଲ୍ଲେଖଯୋଗ୍ୟ, ଚଳିତ ସପ୍ତାହର ପ୍ରଥମ ୩ ଦିନ ଭାରତୀୟ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଥିବାବେଳେ ଚତୁର୍ଥ ଦିନର କାରବାର ହ୍ରାସ ଘଟିଛି।

## ଏଚ୍‌ପିସିଏଲ୍ ସହ ଏଚ୍‌ସିଆଇଏଲ୍‌ର ବୁଝାମଣା




ଭୁବନେଶ୍ୱର,୩୧।୮

ହିନ୍ଦୁସ୍ଥାନ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ୍ (ଏଚ୍‌ପିସିଏଲ୍) ସହ ହୋଣ୍ଡା କାର୍‌ସ ଇଣ୍ଡିଆ ଲିମିଟେଡ୍ (ଏଚ୍‌ସିଆଇଏଲ୍) ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ବିଶେଷକରି ଉଭୟ କମ୍ପାନୀର କାରବାର ଓ ତୈଳ ସୁବିଧା (ଫୁଏଲ ରିୱାର୍ଡ ଲୟାଲିଟି ପ୍ରୋଗ୍ରାମ) ହୋଣ୍ଡାର କନେକ୍ଟ ଆପ୍ଲିକେଶନ ବ୍ୟବହାରକାରୀଙ୍କୁ ଯୋଗାଇ ଦେବାକୁ ଉକ୍ତ ବୁଝାମଣା ହୋଇଥିବା କୁହାଯାଇଛି। ଏ ସମ୍ପର୍କରେ ହୋଣ୍ଡା କାର୍‌ସ ଇଣ୍ଡିଆର ନିର୍ଦ୍ଦେଶକ (ବିକ୍ରି ଏବଂ ବିପଣନ) ୟୁଚୁଚି ମୁରାତା କହିଛନ୍ତି, ଆମେ ସର୍ବଦା ଗ୍ରାହକକେନ୍ଦ୍ରିକ ସେବା ଓ ସୁବିଧା ଗ୍ରାହକମାନଙ୍କୁ ଯୋଗାଇଦେବାକୁ ଚେଷ୍ଟା କରିଥାଉ।

## ଟିଏସ୍ଏମ୍ଏଲ୍ ପକ୍ଷରୁ ଜ୍ଞାନ ବିନିମୟ ଅଧିବେଶନ

ଭୁବନେଶ୍ୱର,୩୧।୮

ଟାଟା ଷ୍ଟିଲ୍ ମାଇନିଂ ଲିମିଟେଡ୍ (ଟିଏସ୍ଏମ୍ଏଲ୍) ପକ୍ଷରୁ ଗୁରୁବାର ଭାରତୀୟ ଖଣି ଇଞ୍ଜିନିୟର ସଂଘ (ଏମ୍ଇଏଆଇ)ର ଭୁବନେଶ୍ୱର ଚାପ୍ଟର ପାଇଁ ଏକ ବୈଷୟିକ ଅଧିବେଶନର ଆୟୋଜନ କରାଯାଇଥିଲା। ବିଶେଷକରି ଉକ୍ତ ଅଧିବେଶନରେ 'ସମ୍ବଳ ଆକଳନର ଗୁଣବତ୍ତା: ଖଣି ମିଲ୍-ସମନ୍ୱୟ ମାଧ୍ୟମରେ ଉତ୍ପାଦକତା ଆକଳନ ଉପରେ ପ୍ରଭାବ' ଶୀର୍ଷକ ବିଷୟବସ୍ତୁ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଉକ୍ତ ଅଧିବେଶନରେ ଯୁକ୍ତରାଷ୍ଟ୍ର ଆମେରିକାର ୟୁଟାସ୍ଥିତ ଜିଓ ଗ୍ଲୋବାଲ୍ ଏଲ୍ଏଲ୍‌ସିର ଅଧ୍ୟକ୍ଷ ଡ. ଅବନୀ ଆର୍ ସାମଲ ମୁଖ୍ୟବକ୍ତା ଭାବେ ଯୋଗଦେଇ ଖଣି ମୂଲ୍ୟ ଶୃଙ୍ଖଳା, ଖଣିଜ ସମ୍ପଦ ଓ ସଂରକ୍ଷଣ, ଖଣିଜ ସମ୍ପଦ ଆକଳନ, ଇଣ୍ଟରପୋଲେସନ୍ ମାନଦଣ୍ଡ ଏବଂ ସମ୍ବଳ ଓ ସଂରକ୍ଷଣ ମଡେଲର ସଠିକତାର ଗୁରୁତ୍ୱ ଭଳି ଅନେକ ପ୍ରାସଙ୍ଗିକ ବିଷୟ ଉପରେ ବିସ୍ତୃତ ଆଲୋକପାତ କରିଥିଲେ।

ଏ ସମ୍ପର୍କରେ ଟିଏସ୍ଏମ୍ଏଲ୍‌ର ପରିଚାଳନା ନିର୍ଦ୍ଦେଶକ ଓ ଏମ୍ଇଏଆଇ ଭୁବନେଶ୍ୱର ଚାପ୍ଟରର ଅଧ୍ୟକ୍ଷ ପଙ୍କଜ ସତିଜା କହିଛନ୍ତି, ଉକ୍ତ କାର୍ଯ୍ୟକ୍ରମ ଖଣି ପେସାଦାରମାନଙ୍କ ଜ୍ଞାନ ଓ ଦକ୍ଷତା ବୃଦ୍ଧି ଏବଂ ଖଣି ଶିଳ୍ପର ଦାୟିତ୍ୱପୂର୍ଣ୍ଣ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ଆମ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ବିଶେଷ କରି ବିଶେଷଜ୍ଞ, ପେସାଦାର ଓ ଉତ୍ସାହୀ ଲୋକମାନଙ୍କୁ ଏକତ୍ରିତ କରି ଆମେ ନୂତନ ଚିନ୍ତାଧାରାକୁ ଜାଗ୍ରତ କରିବା ଏବଂ ଶିଳ୍ପର ପ୍ରଗତିକୁ ଆଗକୁ ବଢ଼ାଇ ନୈତିକତା ଓ ଦୀର୍ଘସ୍ଥାୟିତ୍ୱର ସର୍ବୋଚ୍ଚ ମାନଦଣ୍ଡକୁ ବଜାୟ ରଖିବାକୁ ଲକ୍ଷ୍ୟ ରଖିଛୁ। ଉକ୍ତ କାର୍ଯ୍ୟକ୍ରମରେ ଟାଟା ଷ୍ଟିଲ୍ ମାଇନିଂ ଲିମିଟେଡ୍, ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍, ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର ଲିମିଟେଡ୍, ଆଇଏମ୍ଏଫ୍ଏ, ଜେଏସ୍‌ଡବ୍ଲ୍ୟୁ, ଫେକର୍ ଏବଂ ଓଡ଼ିଶା ଖଣି ନିଗମ ଭଳି ବିଭିନ୍ନ କମ୍ପାନୀର ବିଶିଷ୍ଟ ଖଣି ଇଞ୍ଜିନିୟରମାନେ ସ୍ଥାୟୀ ଖଣି ଅଭ୍ୟାସ, ଖଣି ଉତ୍ତୋଳନରେ ପରିବେଶଗତ ଅଗ୍ରଗତି, ପରିବେଶ ସଂରକ୍ଷଣ, ନିରାପତ୍ତା ପ୍ରୋଟୋକଲ ଏବଂ ଗୋଷ୍ଠୀ ସଂପୃକ୍ତି ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଆଲୋଚନା କରିଥିଲେ। ଭାରତୀୟ ଖଣି ଇଞ୍ଜିନିୟର ସଂଘ-ଭୁବନେଶ୍ୱର ଚାପ୍ଟର ନିୟମିତ ଭାବେ ଏଭଳି ଜ୍ଞାନ ବିନିମୟ କାର୍ଯ୍ୟକ୍ରମ ଆୟୋଜନ କରି ଆସୁଛି।

## ଦକ୍ଷତା ବଳରେ ନିଜସ୍ୱ ପରିଚୟ ସୃଷ୍ଟିକର

ଭୁବନେଶ୍ୱର,୩୧।୮ (ଅଭୟ ଦାଶ)



ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ତଥା ଡ୍ରିମ୍‌ସ ସମୂହର ଅଗ୍ରଣୀ ପ୍ରତିଷ୍ଠାନ 'ଡ୍ରିମ୍‌ସ ସ୍ୱୟଂଶାସିତ ବୈଷୟିକ ମହାବିଦ୍ୟାଳୟ'ର ନବାଗତ ବିଟେକ୍ ଛାତ୍ରୀଛାତ୍ରଙ୍କ ମାର୍ଗଦର୍ଶନ ଓ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ 'ଆରମ୍ଭ-୨୦୨୩' ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଜୟଶ୍ରୀ ଅଡିଟୋରିୟମଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହର ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ସ୍ୱାଗତ ଅଭିଭାଷଣ ସହ କର୍ତ୍ତବ୍ୟ ପ୍ରତି ନିଷ୍ଠାବାନ୍ ଓ ପିତାମାତା ଏବଂ ଗୁରୁଜନଙ୍କ ଆଶୀର୍ବାଦ ରହିଲେ ସମସ୍ତ ବାଧାବନ୍ଧନ ଅତିକ୍ରମକରି ଲକ୍ଷ୍ୟସ୍ଥଳରେ ପହଞ୍ଚିପାରିବ ବୋଲି ଉଲ୍ଲେଖ କରିଥିଲେ। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ସବିତା ଆଚାର୍ଯ୍ୟ କହିଥିଲେ, ବିଫଳତାରେ କେବେ ବି ନିରୁତ୍ସାହିତ ନ ହୋଇ ବାରମ୍ବାର ପ୍ରଚେଷ୍ଟା କରିବା ଦରକାର। କାରଣ ବିଫଳତାରୁ ମିଳିଥିବା ଶିକ୍ଷା ଓ ଅଭିଜ୍ଞତା ହିଁ ସଫଳତାର ବାଟ ଦେଖାଇଥାଏ। ସକାରାତ୍ମକ ଭାବନା ସହ ଜ୍ଞାନ ଓ ଦକ୍ଷତାର ଉପଯୋଗକରି ନିଜସ୍ୱ ପରିଚୟ ସୃଷ୍ଟି କରିବାକୁ ଆଚାର୍ଯ୍ୟ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ସେହିଭଳି ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଶିଷ୍ଟ ଲେଖିକା ପ୍ରଫେସର ଡ.ସୁଲୋଚନା ଦାସ କହିଥିଲେ, ପ୍ରତ୍ୟେକ ମଣିଷ ଭିତରେ ଈଶ୍ୱରୀୟ ସତ୍ତା ନିହିତ ରହିଛି। ଏହାର ଉପଲବ୍ଧ ଦ୍ୱାରା ହିଁ ବିବେକକୁ ଜାଗ୍ରତ କରାଏ। ଜୀବନ ପାଇଁ ସ୍ୱପ୍ନ ଦେଖିବା ଆବଶ୍ୟକ, କିନ୍ତୁ ସ୍ୱପ୍ନ ସାକାର ଲାଗି ଗଭୀର ଆତ୍ମବିଶ୍ୱାସ ଓ ନିଷ୍ଠାପର ସାଧନା ଜରୁରୀ ବୋଲି ସେ ମତପ୍ରକାଶ କରିଥିଲେ। ସମ୍ମାନିତ ବକ୍ତା ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶିକା ଡା. ଚିନ୍ମୟୀ ରଥ ବିଦ୍ୟାର୍ଥୀ ଜୀବନ ଭଳି ମୂଲ୍ୟବାନ୍ ସମୟର ସୁବିନିଯୋଗକରି ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ିବାକୁ ନବାଗତ ଛାତ୍ରୀଛାତ୍ରୀଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ। ପରିଶେଷରେ ଅଧ୍ୟକ୍ଷ ଡ. ନୟନ ରଞ୍ଜନ ସାମଲ ପ୍ରାରମ୍ଭିକ ସୂଚନାରେ ଶିକ୍ଷାନୁଷ୍ଠାନର ଅଗ୍ରଗତି ଓ ସଫଳତାର ବିବରଣୀ ପ୍ରଦାନ କରିଥିଲେ। ପ୍ରାଧ୍ୟାପିକା ଡ. ଅନୁରେଖା ନାୟକ ଉକ୍ତ କାର୍ଯ୍ୟକ୍ରମର ସଂଯୋଜନା କରିଥିବାବେଳେ ପ୍ରାଧ୍ୟାପିକା ନିଭା ତ୍ରିପାଠୀ ଧନ୍ୟବାଦ ଅଭିଭାଷଣ ଦେଇଥିଲେ। ଏହି ଅବସରରେ ନିମନ୍ତ୍ରିତ ଅତିଥିମାନଙ୍କୁ 'ଡ୍ରିମ୍‌ସ ପରିବାର' ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଡିନ୍ (ଛାତ୍ର କଲ୍ୟାଣ) ପ୍ରାଧ୍ୟାପିକା ଡ. ଲୀନା ପଟ୍ଟନାୟକ, ଡ. ଆଲୋକ ରଂଜନ ବିଶ୍ୱାଳ, ଡ. ଜୀବନାନନ୍ଦ ମେହେନା, ପ୍ରାଧ୍ୟାପକ ରଶ୍ମିରଞ୍ଜନ ବିଶ୍ୱାଳଙ୍କ ସମେତ ବିଭିନ୍ନ ବିଭାଗର ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ୱାନ୍‌ପ୍ଲସ୍‌ର ନୂତନ ଉତ୍ପାଦ

ଭୁବନେଶ୍ୱର,୩୧।୮

ବିଶ୍ୱସ୍ତରୀୟ ମୋବାଇଲ ଟେକ୍ନୋଲୋଜି ବ୍ରାଣ୍ଡ ୱାନ୍‌ପ୍ଲସ୍ ନିକଟରେ ୱାନ୍ ପ୍ଲସ୍ ଗ୍ରୀଷ୍ମକାଳୀନ ଉତ୍ପାଦ ଉନ୍ମୋଚନ କାର୍ଯ୍ୟକ୍ରମ ଆୟୋଜନ କରିଥିଲା। ଉକ୍ତ କାର୍ଯ୍ୟକ୍ରମରେ କମ୍ପାନୀର ବହୁ ପ୍ରତୀକ୍ଷିତ ନର୍ଡ ଉତ୍ପାଦ ୱାନ୍ ପ୍ଲସ୍ ନର୍ଡ ୩ ୫ଜି, ୱାନ୍ ପ୍ଲସ୍ ନର୍ଡ ସିଇ ୩ ୫ଜି ଏବଂ ୱାନ୍ ପ୍ଲସ୍ ନର୍ଡ ବଡ୍ସ ୨ ଆରକୁ ଆନୁଷ୍ଠାନିକ ଭାବେ କମ୍ପାନୀ ବଜାର ପ୍ରବେଶ କରାଇଥିଲା। ସେହିଭଳି ୱାନ୍ ପ୍ଲସ୍ ନର୍ଡ ସିଇ୩ ୫ଜି ଦୁଇଟି ଭାରିଆଣ୍ଟରେ ଆସୁଛି, ୮ଜିବି+୧୨୮ଜିବି ଭାରିଆଣ୍ଟ ୨୬,୯୯୯ ଟଙ୍କାରେ ମିଳୁଥିବା ବେଳେ ୧୨ଜିବି+୧୨୮ଜିବି ଭାରିଆଣ୍ଟ ୨୮,୯୯୯ ଟଙ୍କାରେ ଉପଲବ୍ଧ ହେଉଛି। ସେହିପରି ୱାନ୍ ପ୍ଲସ୍ ନର୍ଡ୩ ୫ଜି ମଧ୍ୟ ଦୁଇଟି ଭାରିଆଣ୍ଟରେ ଆସୁଛି, ୮ଜିବି+୧୨୮ଜିବି ଭାରିଆଣ୍ଟ ୩୩,୯୯୯ ଟଙ୍କାରେ ମିଳୁଥିବା ଥିବାବେଳେ ୧୨ଜିବି+୧୨୮ଜିବି ଭାରିଆଣ୍ଟ ୩୭,୯୯୯ ଟଙ୍କାରେ ଉପଲବ୍ଧ ହେଉଛି। ବିଶେଷକରି ଆମାଜନ୍ ଡଟ୍ ଇନ୍, ୱାନ୍ ପ୍ଲସ୍ ଡଟ୍ ଇନ୍, ୱାନ୍ ପ୍ଲସ୍ ଏକ୍ସପିରିଏନ୍ସ ଷ୍ଟୋର, ଅଫ୍‌ଲାଇନ ସହଯୋଗୀ ଏବଂ ୱାନ ପ୍ଲସ୍ ଷ୍ଟୋର ଆପ୍‌ରେ ମଧ୍ୟ ଏହି ସ୍ମାର୍ଟ ଫୋନ୍ ଉପଲବ୍ଧ ରହିଛି। ଉଲ୍ଲେଖଯୋଗ୍ୟ, ୨୦୨୩ ସେପ୍ଟେମ୍ବର ପହଲାରୁ ୱାନ୍ ପ୍ଲସ୍ ଡଟ୍ ଇନ୍, ୱାନ୍ ପ୍ଲସ୍ ଷ୍ଟୋର ଆପ୍, ୱାନ୍ ପ୍ଲସ୍ ଏକ୍ସପିରିଏନ୍ସ ଷ୍ଟୋର ଏବଂ ଆମାଜନ୍ ଡଟ୍ ଇନ୍ ଆଦିରୁ ୱାନ ପ୍ଲସ୍ ନର୍ଡ ୩ ୫ଜି କିଣିବାକୁ ଚାହୁଁଥିବା ୟୁଜରମାନେ ଯଦି ଆକ୍ସିସ ବ୍ୟାଙ୍କ ଓ ସିଟି ବ୍ୟାଙ୍କ କ୍ରେଡିଟ୍ ଓ ଡେବିଟ୍ କାର୍ଡରେ ଇଏମ୍ଆଇ ଟ୍ରାଞ୍ଜାକ୍ସନ ଏବଂ ସମସ୍ତ ୱାନ୍‌କାର୍ଡ ଟ୍ରାଞ୍ଜାକ୍ସନ ଜରିଆରେ ଏହି ସ୍ମାର୍ଟଫୋନ୍ କିଣନ୍ତି ତା'ହେଲେ ସେମାନଙ୍କୁ ୨୦୦୦ ଟଙ୍କାର ବ୍ୟାଙ୍କ ରିହାତି ମିଳିବ। ଏହି ଅଫର ସେପ୍ଟେମ୍ବର ପହିଲାଠାରୁ ଲାଗୁହେବ। ସେହିଭଳି ୟୁଜରମାନେ ଯଦି ଆକ୍ସିସ ବ୍ୟାଙ୍କ ଓ ସିଟି ବ୍ୟାଙ୍କ କ୍ରେଡିଟ୍ ଓ ଡେବିଟ୍ କାର୍ଡରେ ଇଏମ୍ଆଇ ଟ୍ରାଞ୍ଜାକ୍ସନ ଏବଂ ସମସ୍ତ ୱାନ୍‌କାର୍ଡ ଟ୍ରାଞ୍ଜାକ୍ସନ ଜରିଆରେ ୱାନ୍ ପ୍ଲସ୍ ନର୍ଡ ସିଇ ୩ ଫାଇଭ ଜି କିଣନ୍ତି ସେମାନଙ୍କୁ ୧୦୦୦ ଟଙ୍କାର ରିହାତି ମିଳିବ। ଏହି ଅଫର ସେପ୍ଟେମ୍ବର ପହିଲାରୁ ବୈଧ ହେବ। ଏହା ବ୍ୟତୀତ ଆକ୍ସିସ ବ୍ୟାଙ୍କ, ସିଟି, ଏଚ୍‌ଡିଏଫ୍‌ସି ବ୍ୟାଙ୍କ, ଆଇସିଆଇସିଆଇ ବ୍ୟାଙ୍କ, ଏସ୍‌ବିଆଇ କାର୍ଡ ଏବଂ ୱାନ କାର୍ଡ ସହିତ ଏହି ସ୍ମାର୍ଟଫୋନ୍ କିଣିଲେ ୟୁଜରଙ୍କୁ ୬ ମାସ ପର୍ଯ୍ୟନ୍ତ ନୋକଷ୍ଟ ଇଏମ୍ଆଇ ସୁବିଧା ମିଳିବ।




ପି ସି ଚନ୍ଦ୍ରା ଜୁଏଲର୍ସର ଭୁବନେଶ୍ୱରସ୍ଥିତ ଖାରବେଳନଗର ଆଉଟ୍‌ଲେଟ୍ (ଶୋ'ରୁମ୍) ପକ୍ଷରୁ ନିକଟରେ ଏକ ସ୍ୱତନ୍ତ୍ର ଗ୍ରାହକ ସମ୍ମିଳନୀର ଆୟୋଜନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ପି ସି ଚନ୍ଦ୍ରା ଜୁଏଲର୍ସର ବ୍ରାଣ୍ଡ ଆମ୍ବାସାଡର ଓଡ଼ିଆ ଅଭିନେତ୍ରୀ ଶୀତଲ ପାତ୍ର ଯୋଗଦେଇ ଗ୍ରାହକଙ୍କ ସହ ଭାବ ବିନିମୟ କରିବା ସହିତ ବ୍ରାଣ୍ଡର ମୂଲ୍ୟବାନ୍ ଗ୍ରାହକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଶୋ'ରୁମ୍ ପକ୍ଷରୁ ଗ୍ରାହକଙ୍କୁ ସମ୍ବର୍ଦ୍ଧିତ କରାଯାଉଥିବାବେଳେ ଶୀତଲ ପାତ୍ର ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

## ଅର୍ଥନୈତିକ ବିକାଶରେ ଯୁବବର୍ଗଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର,୩୧।୮

ଦେଶର ପ୍ରମୁଖ ଶିଳ୍ପ ସଙ୍ଗଠନ ଫେଡରେଶନ ଅଫ୍ ଇଣ୍ଡିଆନ୍ ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ଫିକି)ର ଜାତୀୟ କାର୍ଯ୍ୟନିର୍ବାହୀ କମିଟି ବୈଠକ ନିକଟରେ ଉତ୍ତର ପ୍ରଦେଶର ଲକ୍ଷ୍ନୌଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟର ଆଇନ ଓ ଆଇନ ଶୃଙ୍ଖଳା ପରିସ୍ଥିତି, ଉତ୍ତମ ନୀତି ଏବଂ ଭିତ୍ତିଭୂମି ଆଦି ବିଷୟରେ ବିସ୍ତୃତଭାବେ କହିଥିଲେ। ସେହିଭଳି ବୃହତ୍ ପୁଞ୍ଜିନିବେଶ ଯୋଗୁ ରାଜ୍ୟରେ ବାଣିଜ୍ୟ ଅନୁକୂଳ ବାତାବରଣ ସୃଷ୍ଟି ହୋଇଛି। ଏହାଦ୍ୱାରା ରାଜ୍ୟର ରୂପାନ୍ତୀକରଣ ହୋଇପାରିଛି ବୋଲି ଆଦିତ୍ୟନାଥ ବିସ୍ତୃତ ଭାବେ ଉଲ୍ଲେଖ କରିଥିଲେ। ସେହିପରି ଫିକିର ଚେୟାରମ୍ୟାନ (ଅଧ୍ୟକ୍ଷ) ଶୁଭ୍ରକାନ୍ତ ପଣ୍ଡା କହିଥିଲେ, ଦେଶର ଏହି ସର୍ବବୃହତ୍ ରାଜ୍ୟ ତଥା ୩ୟ ବୃହତ୍ ଅର୍ଥନୀତି ଅଭିବୃଦ୍ଧି ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଥିଲେ। ଏପରିକି ଅର୍ଥନୈତିକ ବିକାଶରେ ଯୁବବର୍ଗଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ପଣ୍ଡା ମତପ୍ରକାଶ କରିବା ସହିତ ରାଜ୍ୟରେ ଯୁବ ଜନସଂଖ୍ୟା ଅଧିକ ରହିଛି ଏବଂ ଆଗାମୀ ଦିନରେ ଏହା ଏକ ବୃହତ୍ ଉପଭୋକ୍ତା କେନ୍ଦ୍ର ହେବାକୁ ଯାଉଛି ବୋଲି ସେ କହିଥିଲେ। ବର୍ତ୍ତମାନ ସମୟରେ ଉତ୍ତର ପ୍ରଦେଶକୁ ପୁଞ୍ଜିନିବେଶର ସୁଅ ଜାରି ରହିଥିବାରୁ ମୁଖ୍ୟମନ୍ତ୍ରୀ ଆଦିତ୍ୟନାଥଙ୍କୁ ପଣ୍ଡା ଅଭିନନ୍ଦନ ଜଣାଇଥିଲେ।

### ଫୁରସତ

## ମର୍ଦ୍ଦାନୀ-୩ରେ ରାଣୀଙ୍କ ରିପିଟ୍


ରାଣୀ ମୁଖାର୍ଜୀ

ମୁମ୍ବାଇ: ୟଶ୍ ରାଜ୍ ମୁଭି ବ୍ୟାନରରେ ପ୍ରସ୍ତୁତ ହେବାକୁ ଥିବା ମର୍ଦ୍ଦାନୀ ସିରିଜ୍‌ର ତୃତୀୟ ସିନେମା ଲାଗି ଷ୍ଟୋରି ଲାଇନ୍ ବିଷୟରେ ଚିନ୍ତା କରାଯାଉଛି। ରାଣୀ ଏହି ମର୍ଦ୍ଦାନୀ ସିରିଜ୍‌ର ଦୁଇଟି ସିନେମାରେ ଦମ୍‌ଦାର ଅଭିନୟ କରିଥିବାରୁ ଏହାର ତୃତୀୟ ସଂସ୍କରଣରେ ମଧ୍ୟ ତାଙ୍କୁ ରିପିଟ୍ କରାଯିବ ବୋଲି ପ୍ରଡକ୍ସନ ହାଉସ୍ ପକ୍ଷରୁ କୁହାଯାଉଛି। ଏହି ଦୁଇଟି ସିନେମାରେ ଶିବାନୀ ଶିବାଜୀ ରୟ ଭୂମିକାରେ ନଜର ଆସିଥିଲେ। ଏହି ଭୂମିକାରେ ସେ ମହିଳାଙ୍କ ଉପରେ ଅତ୍ୟାଚାର କରୁଥିବା ଅପରାଧୀଙ୍କୁ ଉଚିତ ଶିକ୍ଷା ଦେଉଥିବା ଦେଖାଯାଇଥିଲା। ମର୍ଦ୍ଦାନୀ-୩ର ନିର୍ମାଣକୁ ନେଇ ରାଣୀ କହିଛନ୍ତି, ପୂର୍ବ ଦୁଇଟି ସିନେମା ଭଳି ଏହା ମଧ୍ୟ ଅଧିକ ଆକର୍ଷଣୀୟ ହେବ। ଏବେ ଏହାର ଷ୍ଟୋରି ଲାଇନ୍ ଲେଖାଚାଲିଛି। ତେବେ ମର୍ଦ୍ଦାନୀ-୩ର ଭୂମିକା କିପରି ରହିବ, ସେନେଇ ମୁଁ ଅଧିକ ଉତ୍ସାହିତ ଅଛି ବୋଲି ରାଣୀ କହିଛନ୍ତି। ସେ କହିଛନ୍ତି, ମର୍ଦ୍ଦାନୀ-୨ରେ ଅଭିନୟ କଲାବେଳେ ଆଶଙ୍କାରେ ଥିଲି, କାରଣ ଏଥିପୂର୍ବରୁ ମୁଁ କୌଣସି ସିକ୍ୱେଲ ସିନେମାରେ ଅଭିନୟ କରିନାହିଁ। ତେଣୁ ଏହା କିପରି ହେବ ବୋଲି ଭାବିଥିଲି। କାରଣ ପ୍ରତ୍ୟେକ ସିନେମାର ନିର୍ମାଣ ସରିବା ପରେ ମୁଁ ସବୁବେଳେ ସେଥିର ଭୂମିକାକୁ ଭୁଲି ଯାଇଥାଏ। ତେବେ ମର୍ଦ୍ଦାନୀ-୨ରେ ଅଭିନୟ କଲାବେଳେ ମୁଁ ପୁଣିଥରେ ଶିବାନୀ ଭୂମିକାକୁ ଅଧିକ ଉପଭୋଗ କରିଥିଲି। ତେଣୁ ଏହାର ତୃତୀୟ ସିକ୍ୱେଲକୁ ମଧ୍ୟ ଭଲ ଭାବେ କରିପାରିବି ବୋଲି ରାଣୀ କହିଛନ୍ତି।

## ଖିମ୍‌ଜୀ ଜୁଏଲର୍ସର ପ୍ରତିଷ୍ଠାତା ଦିବସ

ଭୁବନେଶ୍ୱର, ୩୧।୮

ପ୍ରତିବର୍ଷ ଭଳି ଚଳିତ ବର୍ଷ ଅଗଷ୍ଟ ୩୧ରେ ଖିମ୍‌ଜୀ ଜୁଏଲର୍ସର ପ୍ରତିଷ୍ଠାତା ଖିମ୍‌ଜୀ ଦୟାଭାଇଙ୍କ ଜନ୍ମଦିନ ଖିମ୍‌ଜୀ ଜୁଏଲର୍ସ ପକ୍ଷରୁ ପାଳିତ ହୋଇଯାଇଛି। ବିଶେଷକରି ଖିମ୍‌ଜୀ ଜୁଏଲର୍ସର ପ୍ରତିଷ୍ଠାତାଙ୍କ ଜନ୍ମ ଦିବସକୁ ଭିନ୍ନ ଏକ ଭାବରେ ପାଳନ କରାଯାଇଥିଲା। ଏପରିକି ଏହି ଗୌରବମୟ ଦିବସ ପାଳନ କରିବା ପାଇଁ ଅଳଙ୍କାର ବ୍ରାଣ୍ଡ ଭୁବନେଶ୍ୱରର ଏବଂ ଜୟ ଓଡ଼ିଶାର ମିଳିତ ପ୍ରୟାସରେ ଯଦୁପୁରସ୍ଥିତ ପ୍ରତିଭା ଆଶ୍ରମର ଶିଶୁମାନଙ୍କୁ ଖାଦ୍ୟ ଏବଂ ବସ୍ତ୍ର ବଣ୍ଟନ କରାଯାଇଥିଲା। ଅପରପକ୍ଷରେ ପ୍ରତିଷ୍ଠାତା ଦିବସ କେବଳ ବ୍ରାଣ୍ଡର ଦୂରଦୃଷ୍ଟିସମ୍ପନ୍ନ ମୁଖ୍ୟଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ନୁହେଁ ବରଂ, ପ୍ରାୟ ୯ଦଶନ୍ଧି ପୂର୍ବରୁ ଖିମ୍‌ଜୀ ଦୟାଭାଇଙ୍କ ଦ୍ୱାରା ପ୍ରତିଷ୍ଠା ହୋଇଥିବା ଅଭିଜ୍ଞତାକୁ ସବୁଦିନ ପାଇଁ ମନେରଖିବାରେ ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ଖିମଜୀ ଜୁଏଲର୍ସ ପକ୍ଷରୁ କୁହାଯାଇଛି। ଏ ସମ୍ପର୍କରେ ଖିମ୍‌ଜୀ ଜୁଏଲର୍ସର ନିର୍ଦ୍ଦେଶକ ମିତେଶ ଖିମ୍‌ଜୀ କହିଛନ୍ତି, ଖିମ୍‌ଜୀ ଜୁଏଲର୍ସର ସଫଳତାର ମୂଳଦୁଆ ପ୍ରତିଷ୍ଠା କରିଥିବା ପଥ ପ୍ରଦର୍ଶକଙ୍କୁ ମନେରଖିବା ଏବଂ ସମ୍ମାନିତ କରିବା ପାଇଁ ଆମେ ପ୍ରତିଷ୍ଠାତା ଦିବସ ପାଳନ କରୁଛୁ। ଏପରିକି ୮୭ତମ ବର୍ଷରେ ପ୍ରଦାର୍ପଣ କରି ଖିମ୍‌ଜୀ ଦୟାଭାଇଙ୍କ ଯାତ୍ରାକୁ ମାର୍ଗଦର୍ଶନ କରିଥିବା ସମାନ ମୂଲ୍ୟବୋଧ ଏବଂ ପ୍ରତିବଦ୍ଧତାକୁ ଆମେ ବଜାୟ ରଖିଛୁ। ବିଶେଷକରି ପ୍ରତିଷ୍ଠା ଦିବସ ଅବସରରେ ବ୍ରାଣ୍ଡକୁ ପ୍ରେରଣା ଦେଉଥିବା ଅବିସ୍ମରଣୀୟ ପ୍ରତିଷ୍ଠାତାଙ୍କ ଉଦ୍ଦେଶ୍ୟରେ ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ସେହିଭଳି ଦୀର୍ଘ ଅଭିଜ୍ଞତାର ନୂତନ ବର୍ଷରେ ପାଦଦେଇ ଖିମ୍‌ଜୀ ଜୁଏଲର୍ସ ଅଧିକ ସ୍ନେହଭରା ସ୍ମୃତି ଓ ଗ୍ରାହକଙ୍କ ସହ ଦୃଢ଼ ସମ୍ପର୍କ ସ୍ଥାପନ ଏବଂ ଅଳଙ୍କାର ଦୁନିଆରେ ଉତ୍କର୍ଷର ନୂତନ ମାନ ସ୍ଥିର କରିବାକୁ ଆଶା କରିଛି। ଉଲ୍ଲେଖଯୋଗ୍ୟ, ଖିମ୍‌ଜୀ ଜୁଏଲର୍ସର ଏକ୍ସକ୍ଲୁସିଭ ଆଉଟଲେଟ ଭୁବନେଶ୍ୱର (ଶହୀଦନଗର ଓ ଚନ୍ଦ୍ରଶେଖରପୁର) ସମେତ ପୁରୀ, ରାଉରକେଲା, ବ୍ରହ୍ମପୁର, ଝାରସୁଗୁଡ଼ା ଏବଂ କଟକଠାରେ ମଧ୍ୟ ଆକର୍ଷଣୀୟ ଷ୍ଟୋର ରହିଛି। ଉପରୋକ୍ତ ଷ୍ଟୋରଗୁଡ଼ିକରେ ସୁନା, ହୀରା, ପ୍ଲାଟିନମ୍, ରୁପା ଏବଂ ଅନ୍ୟାନ୍ୟ ମୂଲ୍ୟବାନ ଷ୍ଟୋନ୍‌ର ଏକ ନିଆରା ଓ ଅଦ୍ୱିତୀୟ ସଂଗ୍ରହ ସହିତ ବ୍ରାଣ୍ଡେଡ୍ ଘଣ୍ଟାର ଏକ ନିଆରା ସଂଗ୍ରହ ରହିଛି।

**ସଂକ୍ଷେପରେ**

## ଅଶୋକ ମହାନ୍ତିଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା

**ଭୁବନେଶ୍ୱର,୩୧।୮(ଅନୁରାଧା ମହାରଣା):** ସାଧାରଣ ପ୍ରଶାସନ ଏବଂ ସାଧାରଣ ଅଭିଯୋଗ ବିଭାଗ ସାଂସ୍କୃତିକ ଓ କ୍ରୀଡା ସଂସଦ ପକ୍ଷରୁ ଗୁରୁବାର ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଅବସର ନେଇଥିବା ବିଭାଗର ଉପଶାସନ ସଚିବ ତଥା ସଂସଦର କାର୍ଯ୍ୟକାରୀ ସଭାପତି ଅଶୋକ କୁମାର ମହାନ୍ତି ଓ ବିଭାଗର ଆସିଷ୍ଟାଣ୍ଟ କେୟାରଟେକର ମହେନ୍ଦ୍ର କୁମାର ଲେଙ୍କାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ବିଭାଗର ଅତିରିକ୍ତ ଶାସନ ସଚିବ ଗଣେଶ ଚନ୍ଦ୍ର ପାତ୍ର, ସୁଶାନ୍ତ କୁମାର ମହାନ୍ତି, ସ୍ୱତନ୍ତ୍ର ଶାସନ ସଚିବ କଲ୍ୟାଣ କୁମାର ରଥ, ଅତିରିକ୍ତ ଶାସନ ସଚିବ ଶିବ ନାରାୟଣ ସାହୁ, ମାନସ ରଞ୍ଜନ ସାମଲ, ଦେବଦତ୍ତ ମଲ୍ଲିକ ଓ ଅର୍ଥ ପରାମର୍ଶଦାତା ସାଗରିକା ହୋତା ଉଭୟଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସଂସଦର ସାଧାରଣ ସମ୍ପାଦକ ଅମିୟ କୁମାର ଦାସ ଏକ ପୁସ୍ତକ ଉନ୍ମୋଚନ କରିଥିଲେ। ପରେ ବିଭାଗର ଉପଶାସନ ସଚିବ ଚିତ୍ତରଞ୍ଜନ ପଣ୍ଡାଙ୍କୁ ସଂସଦର କାର୍ଯ୍ୟକାରୀ ସଭାପତି ଭାବେ ଓ ଅନୁଶାସନ ସଚିବ ସୁଧୀର କୁମାର ବିଶ୍ୱାଳଙ୍କୁ ଉପସଭାପତି ଭାବେ ମନୋନୀତ କରାଯାଇଥିଲା।

## ପୋଲିସ ଚାକିରି ଦେବା ନାଁରେ ୨.୩୮ ଲକ୍ଷ ଠକେଇ

**ଭୁବନେଶ୍ୱର,୩୧।୮ (ସୂର୍ଯ୍ୟକାନ୍ତ ବେହେରା):** ପୋଲିସ କନ୍‌ଷ୍ଟେବଲ ପଦବୀରେ ଚାକିରି କରାଇଦେବାର ପ୍ରତିଶ୍ରୁତି ଦେଇ ଜଣେ ଆଶାୟୀଙ୍କଠାରୁ ୨ ଲକ୍ଷ ୩୮ ହଜାର ଠକିବା ଅଭିଯୋଗରେ ଖଣ୍ଡଗିରି ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ କେନ୍ଦ୍ରାପଡାର ତୀର୍ଥୟ କୁମାର ଜତି ଓରଫ କାକା (୩୮)। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ଅଭିଯୁକ୍ତ ନିଜକୁ ଇଣ୍ଟେଲିଜେନ୍ସ ବ୍ୟୁରୋର ଜଣେ କର୍ମଚାରୀ ବୋଲି କହି ଲୋକଙ୍କ ମନରେ ବିଶ୍ୱାସ ଜନ୍ମାଇବା ପରେ ଠକେଇ କରୁଥିଲେ। ତେବେ ସେ ଆଉ କେତେଜଣଙ୍କୁ ଏପରି ଠକେଇ କରିଛନ୍ତି ସେନେଇ ପୋଲିସ ଖୋଳତାଡ଼ କରୁଛି। ଠକେଇର ଶିକାର ହୋଇଥିବା ଯୁବକ ହେଲେ ମହେନ୍ଦ୍ର ସାହୁ। ସେ ସରକାରୀ ଚାକିରି ନିମନ୍ତେ ନିଜକୁ ପ୍ରସ୍ତୁତ କରୁଥିବାବେଳେ ଅଭିଯୁକ୍ତ କାକାଙ୍କ ସହ ପରିଚୟ ହୋଇଥିଲା। କାକା ନିଜକୁ ଇଣ୍ଟେଲିଜେନସ ବ୍ୟୁରୋର ଜଣେ କର୍ମଚାରୀ ବୋଲି ପରିଚୟ ଦେଇ ତାଙ୍କୁ ଏକ ପୋଲିସ ଚାକିରି କରାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଗତ ଜାନୁୟାରୀରେ ବାହାରି ଥିବା ପୋଲିସ କନଷ୍ଟେବଲ ପଦବୀ ବାହାରିବା ପରେ ସେଥିରେ ଚାକିରି କରାଇଦେବାକୁ କହି ଅଭିଯୁକ୍ତ ୫ଲକ୍ଷ ଟଙ୍କା ଦାବି କରିଥିଲେ। ତାଙ୍କ କଥାକୁ ବିଶ୍ୱାସ କରି ମହେନ୍ଦ୍ର ନିଜ ବ୍ୟାଙ୍କ୍ ଆକାଉଣ୍ଟ ଓ ମାମୁଙ୍କ ଆକାଉଣ୍ଟରୁ ଫୋନ୍-ପେ ଜରିଆରେ ଅଭିଯୁକ୍ତଙ୍କୁ ଜାନୁୟାରୀରୁ ଏପ୍ରିଲ ମଧ୍ୟରେ ବିଭିନ୍ନ ପର୍ଯ୍ୟାୟରେ ୨ ଲକ୍ଷ ୩୮ ହଜାର ଟଙ୍କା ଦେଇଥିଲେ। ହେଲେ ଚାକିରି ନ ହେବାରୁ ସେ ଅଭିଯୁକ୍ତ କାକାଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ସେ ଧରାଛୁଆଁ ଦେଇ ନ ଥିଲେ। ଠକାମିର ଶିକାର ହୋଇଥିବା ଜାଣିପାରି ମହେନ୍ଦ୍ର ଏନେଇ ସେ ଖଣ୍ଡଗିରି ଥାନାରେ ଅଭିଯୋଗ କରିଥିଲେ।

# ପୁଅ ଆଗରୁ ବାପାକୁ ଟାଣିନେଲା କୁମ୍ଭୀର

### ଉଦ୍ୟମ କରି ବି ରକ୍ଷା କରିପାରିଲାନି ପୁଅ

**ରାଜନଗର, ୩୧।୮ (ଭାସ୍କର ରାଉତରାୟ)**

ରାଜନଗରର ଭିତରକନିକା ବଉଳା କୁମ୍ଭୀରଙ୍କ ଅନ୍ତୁଡିଶାଳ। ରାଜନଗର ପାଇଁ ଭିତରକନିକା ପରିଚୟ ଆଣି ଦେଇଥିବା ବେଳେ ଏବେ କୁମ୍ଭୀର ରାଜନଗର ପାଇଁ ଆତଙ୍କର କାରଣ ହେଲାଣି। କ୍ରମାଗତ କୁମ୍ଭୀର ଆକ୍ରମଣ ଓ ଆକ୍ରମଣରେ ମୃତକଙ୍କ ସଂଖ୍ୟା ବୃଦ୍ଧି ଘଟଣା ଏବେ ସବୁ ମହଲରେ ଉଦ୍‌ବେଗର କାରଣ ହୋଇଛି। ପାଣି ଭିତରେ କୁମ୍ଭୀର ଆତଙ୍କ ସୃଷ୍ଟି କରୁଥିବା ବେଳେ ରାସ୍ତା ଉପରେ ବି କୁମ୍ଭୀର ବୁଲିଲେଣି। ରାସ୍ତା ଉପରେ ମଙ୍ଗଳବାର ରାତିରେ କୁମ୍ଭୀରକୁ ଦେଖି ଲୋକଙ୍କ ମନରୁ ଭୟ ଯାଇ ନ ଥିଲା। ଗୁରୁବାର ବ୍ରାହ୍ମଣୀ ନଦୀ କୂଳରୁ ଜଣେ ବୃଦ୍ଧଙ୍କୁ କୁମ୍ଭୀର ଟାଣି ନେଇଛି। ପୁଅ ଆଖି ସାମ୍ନାରେ ବାପାକୁ କୁମ୍ଭୀର ଟାଣି ନେଉଥିବା ବେଳେ ପୁଅ ବାପାକୁ ରକ୍ଷା କରିବା ପାଇଁ କୁମ୍ଭୀରକୁ ଆକ୍ରମଣ କରିଥିଲେ। ହେଲେ କୁମ୍ଭୀର କବଳରୁ ବାପାକୁ ରକ୍ଷା କରି ପାରିନାହାନ୍ତି। ପୁଅ ସାମ୍ନାରେ କୁମ୍ଭୀର ଟାଣି ନେବା ଓ ରିପୋର୍ଟ ଲେଖା ହେବା ଯାଏ ତାଙ୍କର ଖୋଜ ଖବର ମିଳିପାରିନାହିଁ।

ରାଜନଗର ବ୍ଲକ ରାଜପୁର ଗାଁର ଅଭୟ ରାଉତ (୬୦) ମଇଁଷି ପାଳି ପରିବାର ପ୍ରତିପୋଷଣ କରନ୍ତି। ନଦୀକୂଳରେ ଅଭୟଙ୍କ ଘର ହୋଇଥିବା ବେଳେ ନଦୀ ସେପଟେ ଥିବା ବିଲରେ ମଇଁଷି ରଖନ୍ତି। ଗୁରୁବାର ପୂର୍ବାହ୍ନ ୧୦ଟାରେ ଅଭୟ ଖାଇ ସାରି



ଅଭୟ ରାଉତ

ଡିଙ୍ଗି ଯୋଗେ ନଦୀର ଆରପାର୍ଶ୍ୱକୁ ଯାଇଥିଲେ। ଡିଙ୍ଗିରେ ତାଙ୍କର ବଡ଼ପୁଅ ଅନିଲ ଓ ଗାଁର ବିଭୂତି ସ୍ୱାଇଁ ଥିଲେ। ନଦୀର ଆରପାର୍ଶ୍ୱରେ ପହଞ୍ଚିବା ପରେ ଅଭୟ ପ୍ରଥମେ ଡଙ୍ଗାରୁ ଓହ୍ଲାଇ ନଦୀକୂଳରେ ଗୋଡ ଧୋଉଥିଲେ। ଏହି ସମୟରେ ହଠାତ୍ ଏକ ବିରାଟକାୟ କୁମ୍ଭୀର ଅଭୟଙ୍କୁ ଆକ୍ରମଣ କରିଥିଲା। ବଞ୍ଚାଅ ବଞ୍ଚାଅ ବୋଲି ଅଭୟଙ୍କ ଚିତ୍କାର ଶୁଣି ପୁଅ ଅନିଲ ଡିଙ୍ଗିରେ ଥିବା ବାଡିରେ କୁମ୍ଭୀରକୁ ବାଡେଇ ଥିଲେ। ମାତ୍ର ବାଡିଟି ସରୁ ଥିବାରୁ ତାହା ଭାଙ୍ଗି ଯାଇଥିଲା। ସେ ସମୟରେ କୁମ୍ଭୀର ପ୍ରଥମେ ଅଭୟଙ୍କୁ ଛାଡି ଦେଇଥିଲା। ତା'ପରେ ପୁଣି କୁମ୍ଭୀରଟି ଆକ୍ରମଣ କରି ଅଭୟଙ୍କୁ ନଦୀ ମଧ୍ୟକୁ ଟାଣି ନେଇଥିଲା। ସେମାନଙ୍କ ଚିତ୍କାର ଶୁଣି ନଦୀ ଏପଟେ ଥିବା ଗାଁ ଲୋକ ଭୁଟୁଭୁଟି ଓ ଡିଙ୍ଗି ସାହାଯ୍ୟରେ ଖୋଜାଖୋଜି ଆରମ୍ଭ କରିଥିଲେ। ଖବରପାଇ ରାଜନଗର ରେଞ୍ଜ ଅଫିସର ଚିତ୍ତରଞ୍ଜନ ବେଉରାଙ୍କ ନେତୃତ୍ୱରେ ବନ ବିଭାଗ ଟିମ୍ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି ଜାରି ରଖିଥିଲେ ମଧ୍ୟ ରିପୋର୍ଟ ଲେଖା ହେବା ଯାଏଁ ଅଭୟଙ୍କ ପତ୍ତା ମିଳିପାରିନାହିଁ। ରାଜନଗରରେ ବାରମ୍ବାର କୁମ୍ଭୀର ଆକ୍ରମଣ ଘଟଣା ଘଟୁଥିବା ବେଳେ ଅଢେଇ ମାସରେ କେନ୍ଦ୍ରାପଡ଼ା ଜିଲାରେ ୪ ଜଣଙ୍କ ଜୀବନ ଗଲାଣି।

# ଚୟନ ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ଜଣାଇଲେ ରାଜ୍ୟ ସରକାର

**କଟକ,୩୧।୮ (କାର୍ତ୍ତିକ ସାହୁ)**

### ଓଡ଼ିଶା ଖାଦ୍ୟ ଆୟୋଗରେ ସଦସ୍ୟ ପଦବୀ ଖାଲି ମାମଲା

ଓଡ଼ିଶା ଖାଦ୍ୟ ଆୟୋଗରେ ସଦସ୍ୟ ପଦ ଖାଲି ପଡ଼ିବା ମାମଲାରେ ରାଜ୍ୟ ସରକାର ଗୁରୁବାର ହାଇକୋର୍ଟରେ ଜବାବ ଦାଖଲ କରିଛନ୍ତି। ଆୟୋଗର ଚେୟାରମ୍ୟାନ ନିଯୁକ୍ତି ଶେଷ ହୋଇଛି। ସଦସ୍ୟ ପଦବୀ ପୂରଣ ନିମନ୍ତେ ଚୟନ ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଆସନ୍ତା ୨ ସପ୍ତାହ ମଧ୍ୟରେ ସମସ୍ତ ସଦସ୍ୟ ପଦବୀ ପୂରଣ ହୋଇଯିବ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ହାଇକୋର୍ଟଙ୍କୁ ସତ୍ୟପାଠ ଜରିଆରେ ଅବଗତ କରାଯାଇଥିଲା। ହାଇକୋର୍ଟ ମୁଖ୍ୟ ବିଚାରପତି ଶୁଭାଶିଷ ତାଳପତ୍ର ଓ ବିଚାରପତି ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି ତୁରନ୍ତ ସଦସ୍ୟ ପଦ ପୂରଣ ପାଇଁ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେପ୍ଟେମ୍ବର ୧୪ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ରାଜ୍ୟ ଖାଦ୍ୟ ଆୟୋଗରେ ଦୀର୍ଘ ଦିନ ହେବ ଅଧ୍ୟକ୍ଷ ସମେତ ସଦସ୍ୟ ପଦବୀ ଖାଲି ପଡ଼ିଥିଲା। ସରକାରୀ ନିୟମ ଅନୁସାରେ କୌଣସି ନିଷ୍ପତ୍ତି ନେବା ପାଇଁ ଆୟୋଗରେ ଅତି କମ୍‌ରେ ୩ ଜଣ ସଦସ୍ୟ ଆବଶ୍ୟକ। ହେଲେ ଆୟୋଗରେ ସମସ୍ତ ୫ଟି ଯାକ ସଦସ୍ୟ ପଦବୀ ଖାଲି ପଡ଼ିଥିବାରୁ ଆୟୋଗ ଅଚଳ ଅବସ୍ଥାରେ ରହିଛି। ଆବେଦନକାରୀ ପ୍ରବୀର କୁମାର ଦାସ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ପ୍ରମୁଖ ଶାସନ ସଚିବଙ୍କୁ ପଦବୀ ପୂରଣ ପାଇଁ ଅବଗତ କରାଇଥିଲେ ବି କୌଣସି ସୁଫଳ ମିଳି ନ ଥିଲା। ଫଳରେ ସେ ଏନେଇ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲେ। ଗତ ୪ ତାରିଖରେ ହାଇକୋର୍ଟ ମାମଲାର ଶୁଣାଣି କରି ରାଜ୍ୟ ସରକାରଙ୍କୁ ଜବାବ ଦାଖଲ ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ଅତିରିକ୍ତ ସରକାରୀ ଓକିଲ ଦେବକାନ୍ତ ମହାନ୍ତି ହାଇକୋର୍ଟଙ୍କୁ ସରକାର ଆୟୋଗରେ ଅଧ୍ୟକ୍ଷ ନିଯୁକ୍ତି କରିଥିବା ନେଇ ଦର୍ଶାଇଥିଲେ। ଅପରପକ୍ଷରେ ଆବେଦନକାରୀ ଆୟୋଗର ୫ଟି ଯାକ ସଦସ୍ୟ ପଦ ଖାଲି ପଡ଼ିଥିବା ନେଇ ଦୃଷ୍ଟି ଆକର୍ଷଣ କରିବାରୁ ଏନେଇ ସତ୍ୟପାଠ ଦାଖଲ ନିମନ୍ତେ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ।

# ନୂଆଗାଁ ସେବାଶ୍ରମର ୨୪ ଛାତ୍ରୀଛାତ୍ର ଅସୁସ୍ଥ



ଚିକିତ୍ସାଧୀନ ଅସୁସ୍ଥ ଛାତ୍ରମାନେ।

### ୨ ଗୁରୁତର ପିଆର୍‌ଏମ୍ ମେଡିକାଲ ସ୍ଥାନାନ୍ତର

**କୁଳିଅଣା, ୩୧।୮ (ଆଦିକନ୍ଦ ସାହୁ )**

ମୟୂରଭଞ୍ଜ ଜିଲା କୁଳିଅଣା ବ୍ଲକ ଭଗବାନପୁର ପଞ୍ଚାୟତ ଅଧୀନ ନୂଆଗାଁ ସେବାଶ୍ରମର ୨୪ ଛାତ୍ରୀଛାତ୍ର ଅସୁସ୍ଥ ହୋଇପଡ଼ିଛନ୍ତି। ଚିକିତ୍ସା ପାଇଁ ସେମାନଙ୍କୁ କୁଳିଅଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ୨ ଛାତ୍ରୀଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ମୁଣ୍ଡବ୍ୟଥା ଓ ଗୋଡ଼ ବିନ୍ଧା ସହ ସମସ୍ତ ଛାତ୍ରୀଛାତ୍ର ଜ୍ୱରରେ ପୀଡ଼ିତ ଅଛନ୍ତି। ରକ୍ତ ପରୀକ୍ଷାରୁ କେତେଜଣ ଛାତ୍ରୀଛାତ୍ର ଟାଇଫଏଡ୍‌ରେ ଆକ୍ରାନ୍ତ ଥିବା ନେଇ ଚିକିତ୍ସା କରୁଥିବା ଡା. ପ୍ରଦୀପ ନାଏକ କହିଛନ୍ତି। ତେବେ ଦୂଷିତ ଜଳପାନ ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ସେବାଶ୍ରମର ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ମାଝି ଡାକ୍ତରଖାନାରେ ଉପସ୍ଥିତ ରହି ଅସୁସ୍ଥ ଛାତ୍ରୀଛାତ୍ରଙ୍କ ଦେଖାଶୁଣା କରୁଛନ୍ତି।

ସୂଚନା ଅନୁଯାୟୀ, ଉକ୍ତ ସେବାଶ୍ରମ ହଷ୍ଟେଲରେ ମୋଟ ୩୨୦ ଛାତ୍ରୀଛାତ୍ର ରହୁଥିବା ବେଳେ ବୁଧବାର ୫ଜଣ ଅସୁସ୍ଥ ହୋଇପଡ଼ିଥିଲେ। ବିଦ୍ୟାଳୟ କର୍ତ୍ତୃପକ୍ଷ ଚିକିତ୍ସା ପାଇଁ ସେମାନଙ୍କୁ ଡାକ୍ତରଖାନା ଆଣିଥିଲେ। ଗୁରୁବାର ଅନ୍ୟ ୧୯ଜଣ ଛାତ୍ରୀଛାତ୍ର ଅସୁସ୍ଥ ହେବାରୁ ସେମାନଙ୍କୁ ମଧ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ୨ ଛାତ୍ରୀ ପୂଜାର୍ଚ୍ଚନା ମୁର୍ମୁ ଏବଂ ସୋନାଲି ମାରାଣ୍ଡିଙ୍କ ଅବସ୍ଥା ଗୁରୁତର ହେବାରୁ ଉଭୟଙ୍କୁ ବାରିପଦା ସ୍ଥାନାନ୍ତର କରାଯାଇଥିଲା। ଭାଜପାର ସୁଗୁଦା ମୁର୍ମୁ କୁଳିଅଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଚିକିତ୍ସାଧୀନ ଛାତ୍ରୀଛାତ୍ରଙ୍କ ବିଷୟରେ ଭାରପ୍ରାପ୍ତ ଚିକିତ୍ସାଧିକାରୀଙ୍କ ସହ ଆଲୋଚନା କରିଛନ୍ତି।

## ସାର ପକାଇବା ବେଳେ ଟଳିପଡ଼ିଲେ ଚାଷୀ

### ଅଂଶୁଘାତ ସନ୍ଦେହ

**ସୋର, ୩୧।୮(ଜନ୍ମେଜୟ ମିଶ୍ର)**

ବାଲେଶ୍ୱର ଜିଲା ସୋର ବ୍ଲକ କେଦାରପୁର ପଞ୍ଚାୟତ କେଦାରପୁର ଗ୍ରାମର ଭରତ ସାହୁ (୬୪) ନାମକ ଚାଷୀ ବିଲରେ ସାର ପକାଉଥିବା ବେଳେ ହଠାତ୍ ଟଳିପଡିଥିଲେ। ଡାକ୍ତରଖାନାରେ ତାଙ୍କୁ ମୃତ ଘୋଷଣା କରାଯାଇଥିଲା। ଅଂଶୁଘାତରେ ତାଙ୍କର ମୃତ୍ୟୁ ହୋଇଥିବା ଡାକ୍ତର ସନ୍ଦେହ କରୁଛନ୍ତି। ଭରତ ଗୁରବାର ମଧ୍ୟାହ୍ନରେ ବିଲରେ ସାର ପକାଉଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ସେ ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଖୋଜିବାକୁ ବିଲକୁ ଯାଇଥିଲେ। ପ୍ରବଳ ଖରା ସହିତ ଗୁଳୁଗୁଳି ହେଉଥିବାରୁ ଭରତ ବିଲରେ ମୁହଁ ମାଡ଼ି ପାଣିରେ ପଡ଼ିଥିଲେ। ତାଙ୍କ ଦେହରୁ ଚମଡ଼ା ଉତୁରି ଯାଇଥିଲା। ପରିବାର ଲୋକେ ଏବଂ ଗ୍ରାମବାସୀ ତାଙ୍କୁ ତୁରନ୍ତ ଉଦ୍ଧାର କରି ସୋର ମେଡିକାଲକୁ ଆଣିଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ସୋର ପୋଲିସ ଡାକ୍ତରଖାନାରେ ପହଞ୍ଚି ଏକ ମାମଲା(ନଂ. ୫୬/୨୩) ରୁଜୁ କରି ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଶବ ବ୍ୟବଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଡାକ୍ତର କହିଛନ୍ତି।

# ୫ ଲ୍ୟାମ୍ପସ୍ କର୍ମଚାରୀଙ୍କୁ ୩ ବର୍ଷ ଜେଲ

**ବାରିପଦା,୩୧।୮ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**

### ସରକାରୀ ଅର୍ଥ ହେରଫେର ମାମଲା

ମୟୂରଭଞ୍ଜ ଜିଲା ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ସରକାରୀ ଅର୍ଥ ହେରଫେର ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ପି.କେ. ପଣ୍ଡା ଏହାର ବିଚାର କରି ୫ ଲ୍ୟାମ୍ପସ୍ କର୍ମଚାରୀଙ୍କୁ ୩ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହା ସହିତ ୧୫ହଜାର ଟଙ୍କା ଜରିମାନା ଅନାଦାୟେ ଅଧିକ ୩ମାସ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତମାନେ ହେଲେ ବାଲେଶ୍ୱର ଜିଲା ନୀଳଗିରି ଥାନା କାଁଶ ଗ୍ରାମର ସିଦ୍ଧେଶ୍ୱର ବାରିକ, ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା କୁଜିଗାଡ଼ି ଗ୍ରାମର ମୁକୁନ୍ଦ ପ୍ରସାଦ ଦାସ ଓ ହରିହର ଦାସ, ଆମ୍ବଗଡ଼ିଆ ଗ୍ରାମର ଅଶୋକ କୁମାର ମହାପାତ୍ରଓ ଖୁଣ୍ଟାପୁର ଗ୍ରାମର ବେଣୁଧର ନାଥ।

୨୦୦୮ରେ ବୈଶିଙ୍ଗା ଲ୍ୟାମ୍ପସର ଚାଷୀଙ୍କ ନିମନ୍ତେ ଡିଡବ୍ଲ୍ୟୁ ଓ ଡିଆର୍ ଯୋଜନାରେ ଋଣ ପ୍ରଦାନ କରାଯାଇଥିଲା। ଋଣ ନେବାକୁ ଥିବା ଚାଷୀଙ୍କ ନାମ ତାଲିକା ପ୍ରକାଶ କରିବାକୁ ବାରିପଦାସ୍ଥିତ ମୟୂରଭଞ୍ଜ ସେଣ୍ଟ୍ରାଲ କୋ-ଅପରେଟିଭ ବ୍ୟାଙ୍କ(ଏମ୍‌ସିସିବି)କୁ ପଠାଯାଇଥିଲା। ବୈଶିଙ୍ଗା ଲ୍ୟାମ୍ପସର ମ୍ୟାନେଜର ମୁକୁନ୍ଦ ପ୍ରସାଦ ଦାସ, ପାଟଳିପୁରା ଲ୍ୟାମ୍ପସର ମ୍ୟାନେଜର ହରିହର ଦାସ, ଗଡଦେଉଳିଆ ଲ୍ୟାମ୍ପସର ବେଣୁଧର ନାଥ, ପୁରୁଣିଆ ଲ୍ୟାମ୍ପସର ମ୍ୟାନେଜର ଅଶୋକ କୁମାର ମହାପାତ୍ର ମୋଟ ୧୬୦୮ଜଣ ଚାଷୀଙ୍କ ନାମ ଅନୁମୋଦନ ପାଇଁ ବେତନଟୀ ଏମ୍‌ସିସିବିକୁ ପଠାଇଥିଲେ। ବୈଶିଙ୍ଗା ଲ୍ୟାମ୍ପସର ଏମ୍‌ଡି ସିଦ୍ଧେଶ୍ୱର ବାରିକ ଉକ୍ତ ଚାଷୀଙ୍କୁ ୧କୋଟି ୮୨ଲକ୍ଷ ୪୬ହଜାର ୨୯୫ଟଙ୍କା ଋଣ ପ୍ରଦାନ ଲାଗି ପ୍ରସ୍ତାବ ବେତନଟୀ ଓ ବାରିପଦା ଏମ୍‌ସିସିବିକୁ ଅନୁମୋଦନ ପାଇଁ ପଠାଇଥିଲେ। ସମସ୍ତ ଟଙ୍କା ଅନୁମୋଦନ ପରେ ଉକ୍ତ ଲ୍ୟାମ୍ପସରେ ବେଆଇନ ଭାବେ ୧୭୫ଜଣଙ୍କୁ ୧୦ଲକ୍ଷ ୬୪ହଜାର ୧୨ଟଙ୍କା ପ୍ରଦାନ କରାଯାଇଥିବା ନେଇ ଭିଜିଲାନ୍ସ ନିକଟରେ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ଜଡିତ ବେତନଟୀ ଏମ୍‌ସିସିବି ବ୍ରାଞ୍ଚ ମ୍ୟାନେଜର ଶରତ ଚନ୍ଦ୍ର ପରିଡ଼ାଙ୍କ ମୃତ୍ୟୁ ହୋଇଯାଇଛି। ସ୍ୱତନ୍ତ୍ର ପିପି ଶାନ୍ତନୁ କୁମାର ଦାଶ ମାମଲା ପରିଚାଳନା କରୁଥିଲେ।

# ଅଭିଯୁକ୍ତଙ୍କୁ ପିଟିପିଟି ମାରିଦେଲେ

### ମହିଳାଙ୍କୁ ଛୁରିରେ ମରଣାନ୍ତକ ଆକ୍ରମଣ

**କାଳିମେଳା, ୩୧।୮(ଜୀବନ ଦାସ)/କୋରୁକୋଣ୍ଡା (ଅବିନାଶ ବେହେରା)**

- ଗଛରେ ଝୁଲାଇଲେ ମୃତଦେହ
- ୪ ଗିରଫ

ମାଲକାନଗିରି ଜିଲା କାଳିମେଳା ବ୍ଲକ ସଦର ଥାନା ଚିନ୍ତାଲୱାଡା ପଞ୍ଚାୟତ ମାଝିଗୁଡା ଗ୍ରାମରେ ମଙ୍ଗଳବାର ଜଣେ ମହିଳାଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିଲା। ଘଟଣାରେ ସମ୍ପୃକ୍ତ ବ୍ୟକ୍ତି ଦେବା ମାଡ଼କାମୀଙ୍କୁ ବୁଧବାର ରାତିରେ ସମ୍ପର୍କୀୟମାନେ ପିଟି ପିଟି ମାରି ମୃତଦେହ ଏକ ଗଛରେ ଟଙ୍ଗାଇ ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଏଥିରେ ସମ୍ପୃକ୍ତ ଅନ୍ୟ ୪ ଜଣଙ୍କୁ ଗିରଫ ପରେ ଗୁରୁବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ କାମୱାଡା ଗ୍ରାମର ଗଙ୍ଗା ମାଡ଼ୀ, ରାମା ମାଡ଼ୀ, ଇର୍ମା ମାଡୀ ଓ ଚିନ୍ତାଲୱାଡା ଗ୍ରାମର ଭୀମା ମାଢୀ। ନଂ.୧୬/୨୩ରେ ମାମଲା ରୁଜୁକରି ପୋଲିସ କୋର୍ଟ ଚାଲାଣ କରିଛି। ମହିଳାଙ୍କୁ ଆକ୍ରମଣର କାରଣ ଜଣାପଡି ନାହିଁ।

ପ୍ରକାଶ ଯେ, କାଳିମେଳା ବ୍ଲକ ସଦର ଥାନା ଚିନ୍ତାଲୱାଡା ପଞ୍ଚାୟତ ମାଝିଗୁଡା ଗ୍ରାମରେ ମଙ୍ଗଳବାର ମଣି ନଳକୂପ ପାଖରେ ବାସନ ଧୋଉଥିବା ବେଳେ ଗ୍ରାମର ଦେବା ଏକ କାତିରେ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ସେହି ସମୟରେ ଗ୍ରାମବାସୀ ଦୌଡ଼ି ଯିବାରୁ ଦେବା ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲେ। ଆକ୍ରମଣରେ ମହିଳାଙ୍କ ବେକ ଏବଂ ଓଠରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ପରିବାର ଲୋକେ ତାଙ୍କୁ ଆମ୍ବୁଲାନ୍ସରେ କାଳିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଯାଇଥିଲେ। କାରୁକୋଣ୍ଡା ଥାନା ଭାରପ୍ରାପ୍ତ ଅଧିକାରୀଙ୍କ ସୂଚନା ଅନୁଯାୟୀ, ପୋଲିସ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚିବା ପୂର୍ବରୁ କେତେକ ବ୍ୟକ୍ତି କ୍ରୋଧାନ୍ୱିତ ହୋଇ ଅଭିଯୁକ୍ତ ଦେବାଙ୍କୁ ପିଟିଥିଲେ, ଫଳରେ ତାଙ୍କର ମୃତ୍ୟୁ ଘଟିଥିଲା। ମଲା ପରେ ରାସ୍ତା କଡରେ ଥିବା ଏକ ଗଛରେ ତାଙ୍କ ମୃତଦେହକୁ ଝୁଲାଇ ରଖିଥିଲେ। ସୂଚନାଯୋଗ୍ୟ, ଦେବା ପୂର୍ବରୁ ତାଙ୍କ ସ୍ତ୍ରୀଙ୍କୁ କୌଣସି କାରଣରୁ ହତ୍ୟା କରିଛନ୍ତି।

# ରାଜ୍ୟ ଏନ୍‌ଏସ୍‌ଏସ୍ ପୁରସ୍କାର ଘୋଷଣା

**ଭୁବନେଶ୍ୱର,୩୧।୮ (ଅନୁରାଧା ମହାରଣା)**

ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍)ର ରାଜ୍ୟ ପୁରସ୍କାର ପାଇଁ ବିଜେତାଙ୍କ ନାମ ଘୋଷଣା କରାଯାଇଛି। ୨୦୨୨-୨୩ ବର୍ଷ ପାଇଁ ବିଭିନ୍ନ ମହାବିଦ୍ୟାଳୟରେ କାର୍ଯ୍ୟରତ ଜାତୀୟ ସେବା ଯୋଜନାଗୁଡ଼ିକର ପ୍ରୋଗ୍ରାମ ଅଫିସର ଓ ୟୁନିଟ୍‌ଗୁଡିକୁ ପୁରସ୍କୃତ କରାଯିବ। ଏହାବ୍ୟତୀତ ବୃକ୍ଷରୋପଣ, ରକ୍ତଦାନରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ୟୁନିଟ୍‌ଗୁଡ଼ିକୁ ମଧ୍ୟ ପୁରସ୍କୃତ କରାଯିବ। ଅନୁରୂପ ଭାବରେ ଶ୍ରେଷ୍ଠ ସ୍ୱେଚ୍ଛାସେବୀଙ୍କୁ ମଧ୍ୟ ପୁରସ୍କୃତ କରାଯିବ। ବିଜେତାଙ୍କୁ ଟ୍ରଫି, ନଗଦ ଅର୍ଥରାଶି, ପଦକ ଓ ପ୍ରମାଣପତ୍ର ପ୍ରଦାନ କରାଯିବ। ବିଭାଗ ପକ୍ଷରୁ ଗଠିତ ବିଶେଷଜ୍ଞ କମିଟି ଦ୍ୱାରା ଚୟନ କରାଯାଇଥିବା ଏହି ବିଜେତାମାନଙ୍କୁ ନିକଟ ଭବିଷ୍ୟତରେ ଅନୁଷ୍ଠିତ ହେବାକୁ ଥିବା ଏକ ସ୍ୱତନ୍ତ୍ର ଉତ୍ସବରେ ପୁରସ୍କୃତ କରାଯିବ। ତିନିଜଣ ପ୍ରୋଗ୍ରାମ ଅଫିସର, ତିନିଟି ଶ୍ରେଷ୍ଠ କଲେଜ ୟୁନିଟ୍, ବୃକ୍ଷରୋପଣ, ରକ୍ତଦାନ ପାଇଁ ଦୁଇଟି ୟୁନିଟ୍ ସମେତ ୧୨ଜଣ ସ୍ୱେଚ୍ଛାସେବୀଙ୍କୁ ପୁରସ୍କୃତ କରାଯିବ ବୋଲି ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି ।

ଉକ୍ତ ବିଜ୍ଞପ୍ତି ଅନୁସାର, ପୁରସ୍କୃତ ହେବାକୁ ଥିବା ତିନିଜଣ ପ୍ରୋଗ୍ରାମ ଅଫିସର ହେଲେ ଭଦ୍ରକସ୍ଥିତ ତିହିଡ଼ି ଡିଗ୍ରୀ କଲେଜର କମଳାକାନ୍ତ ଓଝା, କୋରାପୁଟସ୍ଥିତ ସହିଦ ଲକ୍ଷ୍ମଣ ନାୟକ ଡିଗ୍ରୀ ମହାବିଦ୍ୟାଳୟର ହିମାଂଶୁ ଶେଖର ବକ୍ସି, ନୂଆପଡ଼ାସ୍ଥିତ କରିଅର ସ୍ୱୟଂଚାଳିତ ମହାବିଦ୍ୟାଳୟର ଡ. ସୁରଞ୍ଜନ ପ୍ରଧାନ। ସେହିପରି ତିନିଟି ଶ୍ରେଷ୍ଠ କଲେଜ ୟୁନିଟ୍ ପାଇଁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଶକ୍ତି ରଞ୍ଜନ ଦାଶ, ଖୋର୍ଦ୍ଧା ଜିଲାସ୍ଥିତ ଶ୍ରୀ ଜଗନ୍ନାଥ ମହାବିଦ୍ୟାୟର ଅନୁପମା ଚମ୍ପତିରାୟ, ଭୁବନେଶ୍ୱରସ୍ଥିତ ସମ୍ ନର୍ସିଂ କଲେଜର ମଧୁସ୍ମିତା ନାୟକଙ୍କୁ ପୁରସ୍କୃତ କରାଯିବ। ସେହିପରି ବୃକ୍ଷରୋପଣ ପାଇଁ ମୟୂରଭଞ୍ଜସ୍ଥିତ ଖୁଣ୍ଟା ଡିଗ୍ରୀ କଲେଜର ତପନ କୁମାର ବାରିକ ଏବଂ ରକ୍ତଦାନ ପାଇଁ ରାୟଗଡ଼ାସ୍ଥିତ ଜିଆଇଇଟି ବିଶ୍ୱବିଦ୍ୟାଳୟର ପ୍ରେମାଂଶୁ ରଥଙ୍କୁ ପୁରସ୍କୃତ କରାଯିବ।

# ଦୁର୍ଘଟଣାଜନିତ ମୃତ୍ୟୁ ୫% ବୃଦ୍ଧି

**ଭୁବନେଶ୍ୱର, ୩୧।୮(ସୁନିତ୍ ମିଶ୍ର)**

ସଡକ ସୁରକ୍ଷା କ୍ଷେତ୍ରରେ ବିଭିନ୍ନ ବିଭାଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ପୋଲିସ୍, ପରିବହନ, ସ୍ୱାସ୍ଥ୍ୟ, ଇଞ୍ଜିନିୟରିଂ ଏବଂ ଶିକ୍ଷା ଆଦି ବିଭାଗ ସହିତ ଟ୍ରକ୍-ବସ୍ ମାଲିକ ସଙ୍ଘ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକର ଉପଯୁକ୍ତ ସମନ୍ୱୟ ହିଁ ସଡ଼କ ସୁରକ୍ଷା ଦିଗରେ ନିର୍ଣ୍ଣାୟକ ଭୂମିକା ନେବ ବୋଲି ମନ୍ତ୍ରୀ ଟୁକୁନି ସାହୁ କହିଛନ୍ତି। ଲୋକସେବା ଭବନ ଠାରେ ଗୁରୁବାର ଅନୁଷ୍ଠିତ ସଡ଼କ ସୁରକ୍ଷା ପରିଷଦ ବୈଠକରେ ଅଧ୍ୟକ୍ଷତା କରି ମନ୍ତ୍ରୀ ସାହୁ କହିଛନ୍ତି ଯେ, ସଡ଼କ ସୁରକ୍ଷା ଏବେ ସମଗ୍ର ବିଶ୍ୱବାସୀଙ୍କ ପାଇଁ ଚିନ୍ତାର ବିଷୟ ପାଲଟିଛି।

ଓଡିଶାରେ ୨୦୨୨ରେ ୫,୪୬୭ ବ୍ୟକ୍ତି ସଡକ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ୨୦୨୩ ଜାନୁୟାରୀ ଓ ଜୁନରେ ଗତବର୍ଷ ତୁଳନାରେ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା ପ୍ରାୟ ୫% ବୃଦ୍ଧି ପାଇଛି। ଯାଜପୁର, ମୟୁରଭଞ୍ଜ, ସୁନ୍ଦରଗଡ, କେନ୍ଦୁଝର, ଗଞ୍ଜାମ, କଟକ ଓ ଖୋର୍ଦ୍ଧା ଜିଲାରେ ଅଧିକ ସଂଖ୍ୟାରେ ସଡକ ଦୁର୍ଘଟଣା ଘଟି ଲୋକମାନେ ମୃତ୍ୟୁବରଣ କରୁଛନ୍ତି। ସଡ଼କ ସୁରକ୍ଷା ନିମନ୍ତେ ମୁଖ୍ୟମନ୍ତ୍ରୀ ସଡ଼କ ସୁରକ୍ଷା ଯୋଜନା ନାମରେ ଏକ ନୂଆ ଯୋଜନା ପ୍ରଚଳନ କରାଯାଇଛି। ଏହି ଯୋଜନାରେ ୧୪୫ କୋଟି ଟଙ୍କାର ବଜେଟ୍ ବ୍ୟବସ୍ଥା କରାଯାଇଛି। ରାଜ୍ୟର ୭୦% ଦୁର୍ଘଟଣା ଦ୍ରୁତଗତି ଯୋଗୁ ଘଟୁଛି। ୨୦୨୨ରେ ୨୪୯୮ ଜଣ ମୋଟର ସାଇକେଲ ଚାଳକ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ସେମାନଙ୍କ ମଧ୍ୟରୁ ୧୬୯୫ ଜଣ ହେଲମେଟ୍ ପିନ୍ଧି ନ ଥିବାରୁ ମୃତ୍ୟୁମୁଖରେ ପଡିଛନ୍ତି। ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା କହିଛନ୍ତି, ବିଶେଷଜ୍ଞମାନେ ସ୍କୁଲ ଓ କଲେଜରେ ଅଧ୍ୟୟନରତ ଛାତ୍ରୀଛାତ୍ରମାନଙ୍କୁ ସଚେତନ କରାଇବା ଜରୁରୀ। ରାସ୍ତା ପାର୍ଶ୍ୱସ୍ଥ ପିଏଚ୍‌ସି ଓ ସିଏଚ୍‌ସିରେ ଦୁର୍ଘଟଣାଗ୍ରସ୍ତଙ୍କୁ ଜରୁରୀ ଚିକିତ୍ସା ସମ୍ବନ୍ଧରେ ପ୍ରଶିକ୍ଷିତ କରାଇବା ଉଚିତ। ରେଡ୍‌କ୍ରସ୍/ ସେଣ୍ଟଜନ୍ ଫାଷ୍ଟ ଏଡ୍ ଦଳ ରାସ୍ତା ପାର୍ଶ୍ୱସ୍ଥ ଗ୍ରାମାଞ୍ଚଳରୁ ଅନ୍ୟୁନ ୧୦ ଜଣଙ୍କୁ ଦୁର୍ଘଟଣାର ଶିକାର ହୋଇଥିବା ଲୋକଙ୍କୁ ପ୍ରାଥମିକ ଚିକିତ୍ସା ପ୍ରଦାନ ସମ୍ବନ୍ଧରେ ପ୍ରଶିକ୍ଷିତ କରିବେ। ବିଭାଗୀୟ ସଚିବ ଉଷା ପାଢ଼ୀ କହିଛନ୍ତି, ସଡକ ଦୁର୍ଘଟଣା ହ୍ରାସକରିବା ପାଇଁ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ସର୍ବଦା ଚେଷ୍ଟିତ ଅଛନ୍ତି। ପରିବହନ କମିଶନର ଅମିତାଭ ଠାକୁର ରାଜ୍ୟର ସଡ଼କ ସୁରକ୍ଷା ଓ ଦୁର୍ଘଟଣାର ବିଭିନ୍ନ ଦିଗ ସମ୍ବନ୍ଧରେ ଏକ ପାୱାରପଏଣ୍ଟ ଉପସ୍ଥାପନ କରି କହିଛନ୍ତି ଯେ, ୨୦୨୩ ଜାନୁଆରୀରୁ ଜୁନ୍ ପର୍ଯ୍ୟନ୍ତ ରାଜ୍ୟରେ ୬୨୭୨ଟି ସଡ଼କ ଦୁର୍ଘଟଣାରେ ୨୯୯୨ ଜଣ ବ୍ୟକ୍ତି ପ୍ରାଣ ହରାଇଛନ୍ତି। ୨୦୨୨ରେ ଏହି ସମୟ ମଧ୍ୟରେ ୬୦୨୯ଟି ସଡ଼କ ଦୁର୍ଘଟଣାରେ ୨୮୪୯ ଜଣ ପ୍ରାଣ ହରାଇଥିଲେ। ୨୦୨୩ ଜାନୁଆରୀରୁ ଜୁନ୍ ପର୍ଯ୍ୟନ୍ତ ଖୋର୍ଦ୍ଧା ଜିଲାରେ ସର୍ବାଧିକ ୫୯୭ଟି ସଡ଼କ ଦୁର୍ଘଟଣା ହୋଇଥିବା ବେଳେ ସୁନ୍ଦରଗଡ଼ ଜିଲାରେ ୪୫୩, କଟକ ଜିଲାରେ ୪୦୪, କେଉଁଝରରେ ୪୦୩, ଗଞ୍ଜାମରେ ୩୮୬ଟି ଦୁର୍ଘଟଣା ହୋଇଥିବା ସେ କହିଛନ୍ତି। ଏହି ଅବସରରେ ମନ୍ତ୍ରୀ ସାହୁ ଦୁର୍ଘଟଣା ପରବର୍ତ୍ତୀ ସହାୟତା ସମ୍ବନ୍ଧୀୟ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର (ଏସ୍‌ଓପି)ପୁସ୍ତକର ଉନ୍ମୋଚନ କରିଛନ୍ତି।

# ମଦଭାଟିକୁ ବିରୋଧ କଲେ ଗ୍ରାମବାସୀ

- ଭାଟିରେ ଭଙ୍ଗାରୁଜା, ମଦ ପାଉଚ ରାସ୍ତାକୁ ଫିଙ୍ଗିଦେଲେ
- ପୋଲିସ, ଅବକାରୀ ବିଭାଗ ସମ୍ମୁଖରେ କଲେ ପ୍ରତିବାଦ

**ବଲାଙ୍ଗୀର ଅଫିସ,୩୧।୮ (ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ସହର ଖୁଜେନପାଲି କାଲସେଇପାଲି ଛକ ନିକଟରେ ଖୋଲାଯାଇଥିବା ନୂଆ ମଦଭାଟିକୁ ଜୋରଦାର ବିରୋଧ କରାଯାଇଛି। ଗୁରୁବାର ଶତାଧିକ ମହିଳା ଏବଂ ପୁରୁଷ ଭାଟିକୁ ଯାଇ ଭଙ୍ଗାରୁଜା କରିବା ସହ ମଦ ପାଉଚ୍ ରାସ୍ତାକୁ ଫିଙ୍ଗି ନଷ୍ଟ କରିଦେଇଛନ୍ତି।

ପ୍ରତିବାଦକାରୀଙ୍କ କହିବା ଅନୁସାରେ, ପ୍ରାୟ ବର୍ଷକ ତଳେ ଏଠାରେ ମଦଭାଟି ଖୋଲିବାକୁ ଉଦ୍ୟମ କରାଯାଇଥିଲା। ଏଭଳି ଖବର ପାଇବା ପରେ ଖୁଜେନପାଲି ଗ୍ରାମ ପଞ୍ଚାୟତର ବିଭିନ୍ନ ଗାଁର ଲୋକେ ଏହାକୁ ବିରୋଧ କରିବା ଆରମ୍ଭ କରିଥିଲେ। ଗାଁର ସ୍ୱୟଂ



ବଲାଙ୍ଗୀର ଖୁଜେନପାଲିଠାରେ ମହିଳା ଓ ପୁରୁଷମାନେ ମଦଭାଟି ମଦନଷ୍ଟ କରୁଛନ୍ତି।

ସହାୟକ ଗୋଷ୍ଠୀ ମହିଳା ସଦସ୍ୟା ଅବକାରୀ ବିଭାଗ ଏବଂ ଜିଲାପାଳଙ୍କୁ ଲିଖିତଭାବେ ଜଣାଇଥିଲେ। ମଦଭାଟି ଖୋଲିଲେ ଏଠାରେ ଅସାମାଜିକ ତତ୍ତ୍ୱଙ୍କ ଉତ୍ପାତ ବଢ଼ିବ ଓ ଲୋକେ ଅସୁବିଧାରେ ପଡିବେ ବୋଲି ଆଶଙ୍କା କରାଯାଇଥିଲା। ଯେଉଁ ରାସ୍ତାରେ ମଦଭାଟି ତିଆରି ହୋଇଛି ସେହି ରାସ୍ତାରେ ମହିଳା, ଛାତ୍ରୀଛାତ୍ର ଏବଂ ଗ୍ରାମବାସୀ ଯାତାୟାତ କରୁଛନ୍ତି। ମଦଭାଟି ଯୋଗୁଁ ଏଠାରେ ଅସ୍ୱାଭାବିକ ପରିସ୍ଥିତ ସୃଷ୍ଟି ହେବ। ଛାତ୍ରୀଛାତ୍ରଙ୍କ ମନସ୍ତତ୍ତ୍ୱକୁ ଗଭୀର ଭାବେ ପ୍ରଭାବିତ କରିବ। ବାରମ୍ବାର ଏନେଇ ଅନୁରୋଧ କରିବା ପରେ ମଧ୍ୟ ମଦଭାଟି ଖୋଲିବା ନେଇ ଉଦ୍ୟମ କରାଯାଇଥିଲା। ବଲାଙ୍ଗୀର ରେଲୱେ ଷ୍ଟେଶନଠାରେ ପୂର୍ବରୁ ଥିବା ମଦଭାଟିକୁ ଏହି ସ୍ଥାନକୁ ସ୍ଥାନାନ୍ତରଣ କରାଯାଇଥିଲା। ଏହି ମଦଭାଟି ସ୍ଥାନାନ୍ତରଣକୁ ପ୍ରଶାସନ ସବୁଜ ସଙ୍କେତ ଦେଇଥିଲେ। ମାତ୍ର ଜନସାଧାରଣ ଏହାକୁ ପ୍ରବଳ ବିରୋଧ କରିଆସିଥିଲେ। ପ୍ରାୟ ଏକ ବର୍ଷ ହେବ ଏହି ମଦଭାଟି ତିଆରି ହୋଇସାରିଥିଲା। ଗୁରୁବାର ମଦଭାଟି ଖୋଲିବା ପରେ ଶତାଧିକ ମହିଳା ସେଠାକୁ ଯାଇ ଭଙ୍ଗାରୁଜା କରିବା ସହ ସେଠାରେ ରଖାଯାଇଥିବା ମଦ ପାଉଚ୍‌କୁ ଉଠାଇ ଆଣି ରାସ୍ତା ଉପରକୁ ଫିଙ୍ଗି ଦେଇଥିଲେ। ମଦ ପାଉଚ୍‌କୁ ଗୋଡରେ ଦଳି ନଷ୍ଟ କରିଥିଲେ। ଗାଡି ମୋଟର ଚକରେ ଦଳି ଦେବାକୁ ଲୋକଙ୍କୁ କହିଥିଲେ। କୌଣସି ପରିସ୍ଥିତିରେ ଏଠାରେ ମଦଭାଟି ଖୋଲାଯାଇପାରିବ ନାହିଁ ବୋଲି ଏସ୍‌ଏଚ୍‌ଜି ମହିଳାମାନେ ଚେତାବନୀ ଦେଇଛନ୍ତି। ଗ୍ରାମବାସୀଙ୍କ ବିରୋଧ ପରେ ମଧ୍ୟ ପ୍ରଶାସନ ଏହାକୁ ଖୋଲିବାକୁ ଉଦ୍ୟମ କଲେ ପରିସ୍ଥିତି ସାଂଘାତିକ ହେବ ବୋଲି ଚେତାବନୀ ଦେଇଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଶିବାଂଶୁ
ପରିବାରବର୍ଗ


ସୁଶ୍ରୀ
ପରିବାରବର୍ଗ


ଗୁନୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବ୍ଲକ ଅଧ୍ୟକ୍ଷା ଉପନିର୍ବାଚନ ସ୍ଥଗିତ ନେଇ ଲଙ୍କାକାଣ୍ଡ

## ବ୍ୟାରିକେଡ୍ ଭଙ୍ଗାରୁଜା, ଟାୟାର ଜାଳି ରାସ୍ତା ଅବରୋଧ


ଉତ୍ତେଜିତ ଲୋକେ ଟାୟାର ଜାଳି ରାସ୍ତା ଅବରୋଧ କରିଛନ୍ତି।

**ଦିଗପହଣ୍ଡି,୩୧।୮(ଅଶେଷ ନାଥ ମିଶ୍ର)**

ଦିଗପହଣ୍ଡି ବ୍ଲକ ଅଧ୍ୟକ୍ଷା ଉପନିର୍ବାଚନ ସ୍ଥଗିତାଦେଶକୁ ନେଇ ଲଙ୍କାକାଣ୍ଡ ସୃଷ୍ଟି ହୋଇଛି। ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ଜିଲା ପରିଷଦ ସଦସ୍ୟ ବିପିନ ଚନ୍ଦ୍ର ପ୍ରଧାନଙ୍କ ସମର୍ଥକମାନେ ଗୁରୁବାର ବ୍ୟାରିକେଡ୍ ଭଙ୍ଗାରୁଜା କରିବା ସହ ଦୀର୍ଘ ୩ ଘଣ୍ଟା ଧରି ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଏପରି କି ସେମାନେ ବିଜେଡିରୁ ଇସ୍ତଫା ଦେବାକୁ ଚେତାବନୀ ଦେଇଥିଲେ।

ସୂଚନାଯୋଗ୍ୟ, ଜୁନ୍ ୧୧ରେ ଦିଗପହଣ୍ଡି ବ୍ଲକ ଅଧ୍ୟକ୍ଷା ସୁନୀତା ସେଠୀଙ୍କ ଅକାଳ ବିୟୋଗ ପରେ ଅଧ୍ୟକ୍ଷା ପଦ ଖାଲିପଡ଼ିଛି। ଏହି ପଦ ହାତେଇବା ପାଇଁ ବିଜେଡିର ବିପିନ ଚନ୍ଦ୍ର ପ୍ରଧାନ ଓ ବିଜେଡି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିପ୍ଳବ ପାତ୍ରଙ୍କ ମଧ୍ୟରେ ଛକାପଞ୍ଝା ଲାଗି ରହିଥିଲା। ରାଜ୍ୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ପ୍ରକାରେ ଅଗଷ୍ଟ ୯ରେ ଗୋକର୍ଣ୍ଣପୁର ସମିତି ସଭ୍ୟ ପଦବୀ ନିମନ୍ତେ ଉପନିର୍ବାଚନ ହୋଇଥିଲା। ଅଗଷ୍ଟ ୩୧ରେ ବ୍ଲକ ଅଧ୍ୟକ୍ଷା ଉପନିର୍ବାଚନ ନିମନ୍ତେ ନିର୍ବାଚନ କମିଶନଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଉଭୟ ଗୋଷ୍ଠୀ ସଂଖ୍ୟାଗରିଷ୍ଠତା ହାସଲ ନିମନ୍ତେ ସମିତି ସଭ୍ୟମାନଙ୍କୁ ନେଇ ନିଜର ରଣନୀତି ଆରମ୍ଭ କରିଥିଲେ। ଦିଗପହଣ୍ଡି ବ୍ଲକରେ ସମୁଦାୟ ୨୫ ଜଣ ସମିତି ସଭ୍ୟାସଭ୍ୟ ରହିଥିବା ବେଳେ ନିମଖଣ୍ଡି ପେଣ୍ଠ ପଞ୍ଚାୟତର ସମିତି ସଭ୍ୟ ଲଡୁ ପାତ୍ର ଗଞ୍ଜେଇ ଚୋରା ଚାଲାଣ ମାମଲାରେ ଜେଲରେ ଅଛନ୍ତି। ନିର୍ବାଚନ ପୂର୍ବରୁ ବିପିନଙ୍କ ଶିବିରରେ ୧୪ଜଣ ସମିତି ସଭ୍ୟ ରହିଥିବା ବେଳେ ବିପ୍ଳବଙ୍କ ଶିବିରରେ ୧୦ଜଣ ସମିତି ସଭ୍ୟ ରହିଥିଲେ, ଯାହାଦ୍ୱାରା ବିପିନଙ୍କ ଗୋଷ୍ଠୀର ପ୍ରାର୍ଥୀଙ୍କ ବିଜୟ ଆଶା ଶତ ପ୍ରତିଶତ ରହିଥିଲା। ଗୁରୁବାର ବିପିନଙ୍କ ସମର୍ଥକ ସମିତି ସଭ୍ୟମାନେ ବୋମକେଇ ପଞ୍ଚାୟତର ସମିତି ସଭ୍ୟା ଯମୁନା ନାୟକଙ୍କୁ ଅଧ୍ୟକ୍ଷା ଭାବେ ମନୋନୀତ କରିବା ପାଇଁ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ଥିଲେ। କିନ୍ତୁ ବିପ୍ଳବଙ୍କ ସମର୍ଥକ ସମିତି ସଭ୍ୟମାନେ ଆସି ନ ଥିଲେ। ବ୍ଲକ କାର୍ଯ୍ୟାଳୟ ବାହାରେ ସମିତି ସଭ୍ୟମାନେ ବହୁ ସମୟ ଧରି ଅପେକ୍ଷା କରିଥିଲେ ମଧ୍ୟ ସେମାନଙ୍କୁ ଭିତରକୁ ଛଡାଯାଇ ନ ଥିଲା। ପରେ କାର୍ଯ୍ୟାଳୟର ଚାବି ଖୋଲା ଯାଇଥିଲେ ମଧ୍ୟ ନିର୍ବାଚନ ଅଧିକାରୀ ତଥା ସାନଖେମୁଣ୍ଡି ବିଡିଓ ଗାୟତ୍ରୀ ଦତ୍ତ ନାୟକ ସେମାନଙ୍କୁ ବାଲଟ ଫର୍ମ ନ ଦେବାରୁ ସମିତି ସଭ୍ୟାସଭ୍ୟମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ପ୍ରଶାସନ ପକ୍ଷରୁ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହେବାର ୧ ଘଣ୍ଟା ପରେ କିଛି ସମିତି ସଭ୍ୟ ନିଖୋଜ ଥିବା ଆଳରେ ଚିଠି ନଂ. ୨୯୩୮ ପ୍ରକାରେ ନିର୍ବାଚନ ସ୍ଥଗିତ ଘୋଷଣା କରାଯାଇଥିଲା। ଫଳରେ ବିପିନ ସମର୍ଥକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ସେମାନେ ଏହାର ଦୃଢ଼ ପ୍ରତିବାଦ କରିବା ସହ ବ୍ଲକ କାର୍ଯ୍ୟାଳୟକୁ ଧସେଇ ପଶିବାକୁ ଉଦ୍ୟମ କରିଥିଲେ। ଉତ୍ୟକ୍ତ ଲୋକଙ୍କୁ ପୋଲିସ ରୋକିବାକୁ ଚେଷ୍ଟା ଚଳାଇଥିବା ବେଳେ ବହୁ ସମର୍ଥକ ବ୍ୟାରିକେଡ ଭଙ୍ଗାରୁଜା କରିବା ସହ କାର୍ଯ୍ୟାଳୟ ଭିତରେ ଧସେଇ ପଶିଥିଲେ। ପରେ ପୁଞ୍ଜିକୟା ଛକଠାରେ ଦିଗପହଣ୍ଡି-ରାୟଗଡ଼ା ୩୨୬ ନଂ. ରାଜପଥରେ ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ଦିଗପହଣ୍ଡି ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ ତଥା ତହସିଲଦାର ସିପକ କୁମାର ପାତ୍ର ଓ ସାନଖେମୁଣ୍ଡି ତହସିଲଦାର ଡ. ଶ୍ରୀନିବାସ ବେହେରା ପ୍ରମୁଖ ଲୋକମାନଙ୍କୁ ବୁଝାଶୁଝା କରିଥିଲେ। ପରେ ବିପିନଙ୍କ ସମର୍ଥକ ସମିତି ସଭ୍ୟାସଭ୍ୟଙ୍କୁ ପୁଣି ଗାଡ଼ିରେ କେଉଁଆଡେ ସୁରକ୍ଷିତ ଭାବେ ନିଆଯାଇଥିଲା। ନିର୍ବାଚନ ନେଇ ପୁଣିଥରେ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ଜଣାପଡ଼ିଛି।


ରକ୍ଷାବନ୍ଧନ ଅବସରରେ ମୁମ୍ବାଇ ଆଞ୍ଚଳିକ କଂଗ୍ରେସ କମିଟି ଅଧ୍ୟକ୍ଷା ବର୍ଷା ଗାଏକୱାଡ ମହାରାଷ୍ଟ୍ର ପ୍ରଦେଶ କଂଗ୍ରେସ କମିଟି ସଭାପତି ନାନା ପାଟୋଲେଙ୍କ ହାତରେ ରାଖୀ ବାନ୍ଧୁଛନ୍ତି।

# ନଟବରଙ୍କ ଲେଖାକୁ ନେଇ ରାଜ୍ୟ ଶାସନ ବ୍ୟବସ୍ଥାକୁ ଧର୍ମେନ୍ଦ୍ରଙ୍କ ଟାର୍ଗେଟ

## ଧର୍ମେନ୍ଦ୍ର ପ୍ରାୟୋଜିତ ଗଣମାଧ୍ୟମ ପ୍ରଚାରରେ ମାତିଛନ୍ତି : ସସ୍ମିତ

**ଭୁବନେଶ୍ୱର, ୩୧।୮(ସୁନିତ୍ ମିଶ୍ର)**


ସାମାଜିକ ଗଣମାଧ୍ୟମରେ ରାଜ୍ୟର ଶାସନ ବ୍ୟବସ୍ଥା ଉପରେ ପୋଷ୍ଟ ହୋଇଥିବା ଲେଖାକୁ ନେଇ ରାଜନୀତି ଜୋର୍ ଧରିଛି। ଏହି ଲେଖା ପଢ଼ିବା ପରେ ପୁଣି ଥରେ ଓଡ଼ିଶାର ବର୍ତ୍ତମାନ ଶାସନ ବ୍ୟବସ୍ଥାକୁ ନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଚିନ୍ତା ପ୍ରକଟ କରିଥିବା ତାଙ୍କ ଟୁଇଟ୍‌ରେ ଉଲ୍ଲେଖ କରିଛନ୍ତି। ତେବେ ଧର୍ମେନ୍ଦ୍ରଙ୍କ ପ୍ରତିକ୍ରିୟାକୁ ବିଜେଡି ଏମ୍‌ପି ସସ୍ମିତ ପାତ୍ର ପାଲଟା ଟାର୍ଗେଟ କରିଛନ୍ତି।

ଧର୍ମେନ୍ଦ୍ର ତାଙ୍କ ଟୁଇଟ୍‌ରେ ଉଲ୍ଲେଖ କରିଛନ୍ତି, ଗୁରୁବାର ସକାଳେ ଜଣେ ବନ୍ଧୁ ମୋତେ ପଠାଇଥିବା ରାଜ୍ୟର ଜଣାଶୁଣା ଚିନ୍ତାନାୟକ ନଟବର ଖୁଣ୍ଟିଆଙ୍କ ଫେସ୍‌ବୁକ୍‌ରେ ପୋଷ୍ଟ କରିଥିବା ଏକ ଲେଖା ପଢ଼ିଲି। ସେ ଓଡ଼ିଶାର କିଛି ସାମ୍ପ୍ରତିକ ବିଷୟ ଉପରେ ଦୃଷ୍ଟି ଆକର୍ଷଣ କରିଛନ୍ତି। ଓଡ଼ିଶାର ଇତିହାସକୁ ସାମ୍ପ୍ରତିକ ସାମାଜିକ ଓ ରାଜନୈତିକ ବ୍ୟବସ୍ଥା ସହ ନଟବରବାବୁ ବହୁ ଦିଗରୁ ତୁଳନା କରିଛନ୍ତି। ସମସ୍ତେ ଏହାକୁ ପଢ଼ିବା ଆବଶ୍ୟକ । ଆଉ ବିଶିଷ୍ଟ ସାହିତ୍ୟିକ ଗୋଦାବରୀଶ ମହାପାତ୍ରଙ୍କ ସେହି ଦୁଇ ଉକ୍ତି ‘ଉଠ କଙ୍କାଳ, ଛିନ୍ନ ଶୃଙ୍ଖଳ, ଜାଗ ଦୁର୍ବଳ ଆଜି, ଉଠୁ ଗତ ଗୌରବ, ହୃତ ଗୌରବ ରାଜି’ ପଂକ୍ତିକୁ ସ୍ମରଣ କରିବା ଜରୁରୀ । ଜାତିର ମହାପୁରୁଷମାନେ ଭବିଷ୍ୟତକୁ ଦେଖି ସାହିତ୍ୟ ସୃଜନ କରିଥାନ୍ତି ଏବଂ ବିଚାର କଣିକା ଛାଡ଼ି ଯାଆନ୍ତି। ନଟବରବାବୁଙ୍କ ଏହି ଲେଖା ପଢିଲା ପରେ ଏହା କେତେ ଠିକ୍ ଓ ବର୍ତ୍ତମାନ ସମୟରେ କେତେ ପ୍ରାସଙ୍ଗିକତା ରଖୁଛି ତାହା ଭାବୁଛି ବୋଲି ଧର୍ମେନ୍ଦ୍ର କହିଛନ୍ତି।

ସସ୍ମିତ ଟୁଇଟ୍ କରି କହିଛନ୍ତି, ଧର୍ମେନ୍ଦ୍ର ଓଡ଼ିଶା ସ୍ୱାର୍ଥକୁ ଅଣଦେଖା କରୁଛନ୍ତି। ସେ କେବଳ ପ୍ରାୟୋଜିତ ସାମାଜିକ ଗଣମାଧ୍ୟମ ପ୍ରଚାରରେ ମାତିଛନ୍ତି। କେନ୍ଦ୍ରୀୟ ପିଏସ୍‌ୟୁ ଏମ୍‌ସିଏଲ୍, ଆଇଓସିଏଲ୍, ନାଲ୍‌କୋରେ ଓଡ଼ିଆ ପିଲା ଚାକିରି ପାଉନାହାନ୍ତି। କିନ୍ତୁ ବିହାର ଓ ମଧ୍ୟପ୍ରଦେଶ ପିଲା ଚାକିରି ପାଉଛନ୍ତି। ଧର୍ମେନ୍ଦ୍ର କେନ୍ଦ୍ର ନିକଟରେ ରାଜ୍ୟର ସ୍ୱାର୍ଥ ବିଷୟ କେବେ ଉଠାଇନାହାନ୍ତି। ସମ୍ବଲପୁର-କଟକ ଜାତୀୟ ରାଜପଥ କାମ ନିମ୍ନମାନର ହେଉଛି। ଆଦିବାସୀଙ୍କ ପାଇଁ ୭ ଲକ୍ଷ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଘର ଏ ପର୍ଯ୍ୟନ୍ତ ମିଳୁନାହିଁ। ଏନେଇ ଭାଜପାର ରାଜ୍ୟ ଏମ୍‌ପିମାନେ ଦିଲ୍ଲୀରେ ଷଡ଼ଯନ୍ତ୍ର କରିଛନ୍ତି। ସେହିପରି କ୍ଲିନ୍ ଏନର୍ଜି ସେସ୍ ବାବଦକୁ ୬୦ ହଜାର କୋଟି ଟଙ୍କା ଆଦାୟ ହୋଇଥିବା ବେଳେ ଓଡ଼ିଶାକୁ ଟଙ୍କାଟିଏ ବି ଲାଭ ମିଳିନାହିଁ। ଢେଙ୍କାନାଳ, ଅନୁଗୋଳ ଓ ସମ୍ବଲପୁର ପ୍ରଦୂଷଣରେ ଜର୍ଜରିତ ହେଲାଣି। ତେଣୁ ଓଡ଼ିଶା ସ୍ୱାର୍ଥ ବିଷୟରେ କେନ୍ଦ୍ର ନିକଟରେ ଧର୍ମେନ୍ଦ୍ର ଦାବି ରଖନ୍ତୁ ବୋଲି ସସ୍ମିତ କହିଛନ୍ତି।

# ଭାଜପାରୁ ବିଧାୟକ ବୀରେନ୍ଦ୍ର ରଘୁବଂଶୀଙ୍କ ଇସ୍ତଫା

**ଶିବପୁରୀ,୩୧।୮ :** ମଧ୍ୟପ୍ରଦେଶ ବିଧାନସଭା ନିର୍ବାଚନ ପୂର୍ବରୁ ବିଧାୟକ ବୀରେନ୍ଦ୍ର ରଘୁବଂଶୀ ଗୁରୁବାର ଭାଜପାରୁ ଇସ୍ତଫା ଦେଇଛନ୍ତି। ଶାସକ ଦଳରେ ତାଙ୍କୁ ଅଣଦେଖା କରାଯାଉଥିଲା ବୋଲି ସେ ଅଭିଯୋଗ କରିଛନ୍ତି। ମଧ୍ୟପ୍ରଦେଶ ଭାଜପା ସଭାପତି ବିଷ୍ଣୁଦତ୍ତ ଶର୍ମାଙ୍କୁ ଇସ୍ତଫାପତ୍ର ଦେବା ପରେ ଏକ ଖବରଦାତା ସମ୍ମିଳନୀରେ ରଘୁବଂଶୀ ଏନେଇ ଘୋଷଣା କରିଥିଲେ। ସେ ଶିବପୁର ଜିଲାର କୋଲାରାସ୍ ବିଧାନସଭା କ୍ଷେତ୍ରରୁ ପ୍ରତିନିଧିତ୍ୱ କରୁଛନ୍ତି। ତାଙ୍କୁ ଅଣଦେଖା କରାଯାଉଥିବା ନେଇ ସେ ଦୀର୍ଘଦିନ ହେଲା ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ଏବଂ ଦଳର ଶୀର୍ଷ ନେତୃବୃନ୍ଦଙ୍କୁ ଜଣାଇଆସୁଥିଲେ। ତାଙ୍କ ଜିଲାରେ ଦୁର୍ନୀତିଗ୍ରସ୍ତ ଅଫିସରଙ୍କୁ ନିଯୁକ୍ତି ଦିଆଯାଇଛି, ଯେଉଁମାନେ ବିକାଶ କାର୍ଯ୍ୟରେ ବାଧା ସୃଷ୍ଟି କରୁଥିବା ରଘୁବଂଶୀ ଅଭିଯୋଗ କରିଛନ୍ତି। ଏଥିସହିତ ସେ ଦଳର ନେତା ତଥା କେନ୍ଦ୍ରମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କୁ ସମାଲୋଚନା କରିଛନ୍ତି। ୨୦୨୦ରେ ରାଜ୍ୟରେ କଂଗ୍ରେସ ସରକାର ଭାଙ୍ଗିବା ବେଳେ ସିନ୍ଧିଆ କୃଷକମାନଙ୍କ ଋଣ ଛାଡ଼ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଭାଜପା ସରକାର ଗଢ଼ିବା ପରେ ସେ ଦିନେ ହେଲେ ଋଣଛାଡ଼ କଥା ଉଠାଇ ନ ଥିବା ରଘୁବଂଶୀ ଅଭିଯୋଗ କରିଛନ୍ତି।


ବୀରେନ୍ଦ୍ର ରଘୁବଂଶୀ

# ବିଜେଡି ଦିଲ୍ଲୀରେ ସମର୍ଥନ ଦେବାକୁ ଆଗଭର : ଭାଜପା

**ଭୁବନେଶ୍ୱର, ୩୧।୮(ସୁନିତ୍ ମିଶ୍ର)**

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ ବୁଧବାର ଟାର୍ଗେଟ କରିଥିବା ବେଳେ ଭାଜପା ନେତା ଗୌତମ ରାୟ ଏହାର ପାଲଟା ଜବାବ ରଖି ପ୍ରବଳ ବର୍ଷିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଗୁରୁବାର ଏକ ଖବରଦାତା ସମ୍ମିଳନୀ ଜରିଆରେ ଗୌତମ କହିଛନ୍ତି, ଏବେ ବି ପ୍ରଫୁଲ୍ଲବାବୁ ନିଜେ ସୁକିନ୍ଦାରେ ବିଧାୟକ ସହ ମନ୍ତ୍ରୀ ହେବାର ସ୍ୱପ୍ନ ଦେଖୁଛନ୍ତି। କିଛିଦିନ ତଳେ ସେ ନିଜେ ଏ କଥା ପ୍ରକାଶ କରିଥିଲେ। ତେଣୁ ଏହା ପରିବାରବାଦ ନୁହେଁ ତ ଆଉ କ’ଣ କୁହାଯିବ। ସୁକିନ୍ଦାର ଏକ ମହିଳା ସମାବେଶରେ କେନ୍ଦ୍ରମନ୍ତ୍ରୀ ପରିବାରବାଦ ଉପରେ କିଛି କଥା କହିଥିଲେ। ସଭାରେ ଥିବା ମହିଳାମାନଙ୍କ ଭିତରୁ ହିଁ ଏକ ସ୍ୱର ଶୁଭିଥିଲା ଯେ ସୁକିନ୍ଦାରେ ବାପ-ପୁଅଙ୍କ ରାଜନୀତି ସହିତ ଦୁର୍ନୀତି ବହୁତ ବଢ଼ିଯାଇଛି। ଏହାକୁ ନେଇ କେନ୍ଦ୍ରମନ୍ତ୍ରୀ ଭ୍ରଷ୍ଟାଚାର ଓ ପରିବାରବାଦ ଉପରେ ଟିପ୍ପଣୀ କରିଥିଲେ। ଘଡ଼େଇଙ୍କୁ ମନେ ରଖିବାକୁ ହେବ ଯେ, ଧର୍ମେନ୍ଦ୍ର ପ୍ରଧାନ ପ୍ରୀତିରଞ୍ଜନ ଘଡ଼େଇଙ୍କ ପରି ଉତ୍ତରାଧିକାରୀ ସୂତ୍ରରେ ନୁହେଁ ବରଂ ଛାତ୍ର ଜୀବନରୁ ରାଜନୀତିରେ ରହି କେନ୍ଦ୍ରମନ୍ତ୍ରୀ ଭାବେ ନିଜ ପରିଚୟ ସୃଷ୍ଟି କରିଛନ୍ତି। ରାଜ୍ୟ ସଭାକୁ ନିର୍ବାଚିତ ହେବା କେବେ ବି ସହଜ ହୋଇ ନ ଥାଏ। ରାଜ୍ୟବାସୀ ହିସାବରେ ଗର୍ବିତ ଯେ, ଧର୍ମେନ୍ଦ୍ର ପ୍ରଧାନ ପ୍ରଥମ ଓଡ଼ିଆ ଭାବେ ୨ଟି ରାଜ୍ୟରୁ ରାଜ୍ୟ ସଭାକୁ ନିର୍ବାଚିତ ହୋଇଛନ୍ତି। ଏହାକୁ ଯଦି ବିଜେଡି କହିବ ଶର୍ଟକଟ୍ ତେବେ ଏହା ରାଜନୀତିରେ ଅପରିପକ୍ୱତାର ନିଦର୍ଶନ। ଧର୍ମେନ୍ଦ୍ର ନିର୍ବାଚନରେ ହାରିଥିବା କଥା ବିଜେଡି ମନ୍ତ୍ରୀମାନେ କହୁଛନ୍ତି। ଗୋଟିଏ ଘଟଣା ସମସ୍ତେ ମନେରଖିବା ଦରକାର ବିଜୁବାବୁ ଗୋଟେ ସମୟରେ ୫ଟା ଆସନରୁ ନିର୍ବାଚନ ଲଢ଼ି ସବୁଠି ହାରିଥିଲେ। ବିଜୁବାବୁ ନିର୍ବାଚନରେ ହାରି ମଧ୍ୟ କେବେ ଛୋଟ ହୋଇ ନ ଥିଲେ। ଧର୍ମେନ୍ଦ୍ର ପ୍ରଧାନ ଓଡ଼ିଶାରୁ ଥରେ ବିଧାୟକ ଆଉ ଥରେ ଲୋକ ସଭାକୁ ନିର୍ବାଚିତ ହୋଇଛନ୍ତି। କେନ୍ଦ୍ର ସରକାର ଓଡ଼ିଶାକୁ ଅଣଦେଖା କରୁଥିବା ଯଦି ବିଜେଡି ନେତାମାନେ କହୁଛନ୍ତି, ତେବେ ସବୁ ସମୟରେ ଦିଲ୍ଲୀରେ ସମର୍ଥନ ଦେବା ପାଇଁ ଆଗଭର କେମିତି ହେଉଛ ବୋଲି ଗୌତମ ପ୍ରଶ୍ନ କରିଛନ୍ତି।

# ସ୍ଥାନୀୟ ନେତୃତ୍ୱ ଅପେକ୍ଷାରେ ଭୋଟର

## ବେଗୁନିଆ ନିର୍ବାଚନମଣ୍ଡଳୀ

### ୧୯୯୫ରୁ ବ୍ୟତିକ୍ରମ, କୁହୁଳୁଛି ଅସନ୍ତୋଷ

**ଖୋର୍ଦ୍ଧା,୩୧।୮(ପ୍ରଭାତ ପାଣିଗ୍ରାହୀ)**



ଖୋର୍ଦ୍ଧା ଜିଲାର ବେଗୁନିଆ ଓ ବୋଲଗଡ଼ ଦୁଇଟି ବ୍ଲକକୁ ନେଇ ବେଗୁନିଆ ନିର୍ବାଚନମଣ୍ଡଳୀ ଗଠିତ। ଏଠାକାର ଭୋଟରଙ୍କ ସଂଖ୍ୟା ୧,୯୩,୯୨୦। ଅତୀତରେ ଏହି ଆସନରୁ ଲଢ଼ି ଜାନକୀ ବଲ୍ଲଭ ପଟ୍ଟନାୟକ ଥରେ ମୁଖ୍ୟମନ୍ତ୍ରୀ ଏବଂ ବିରୋଧୀ ଦଳ ନେତା ହୋଇଥିବାବେଳେ ପ୍ରଶାନ୍ତ ନନ୍ଦ ଶିକ୍ଷାମନ୍ତ୍ରୀ ମଧ୍ୟ ହୋଇଥିଲେ। ରାଜ୍ୟ ରାଜନୀତିରେ ବେଗୁନିଆର ସ୍ୱତନ୍ତ୍ର ପ୍ରଭାବ ରହିଛି। ସ୍ଥାନୀୟସ୍ତରରେ ନେତୃତ୍ୱର ଅଭାବ ନ ଥିଲେ ମଧ୍ୟ ଏଠାରେ ବାହାର ଲୋକଙ୍କୁ ଗୁରୁତ୍ୱ ଦିଆଯାଇଆସୁଛି। ୧୯୯୫ ପରଠାରୁ ୩ ପ୍ରମୁଖ ଦଳରେ ସ୍ଥାନୀୟ ପ୍ରାର୍ଥୀ ବଦଳରେ ବାହାର ଲୋକଙ୍କୁ ଲଢ଼ିବାର ସୁଯୋଗ ଦିଆଯାଇଛି। ଯିଏ ଏଠାରୁ ଥରେ ନିର୍ବାଚିତ ହୋଇଛନ୍ତି, ସିଏ ଦ୍ୱିତୀୟବାର ସୁଯୋଗ ପାଇନାହାନ୍ତି। ତେବେ ପ୍ରଶାନ୍ତ ନନ୍ଦ ୨୦୦୦ରେ ବିଜେଡି ଏବଂ ୨୦୦୯ରେ ଏନ୍‌ସିପିରୁ ଲଢ଼ି ଦୁଇଥର ଏଠାରୁ ବିଧାୟକ ହୋଇଥିଲେ। ପ୍ରତି ନିର୍ବାଚନରେ ପ୍ରାର୍ଥୀ ବଦଳୁଥିବାରୁ ସ୍ଥାୟୀ ନେତୃତ୍ୱ ମିଳୁନାହିଁ। ଫଳରେ ସ୍ଥାନୀୟ ଅଞ୍ଚଳର ଦୀର୍ଘସ୍ଥାୟୀ ବିକାଶ ସମ୍ଭବ ହୋଇପାରୁ ନାହିଁ।

ନିକଟରେ ବେଗୁନିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିବର୍ତ୍ତନ ଲାଗି ଉଭୟ ବ୍ଲକର ସ୍ଥାନୀୟ ଲୋକେ ଏକାଠି ହୋଇ ରାଜରାସ୍ତାକୁ ଓହ୍ଲାଇଥିଲେ। ନିଜ ଅଞ୍ଚଳର ବିକାଶ ପାଇଁ ଏଣିକି ସ୍ଥାନୀୟସ୍ତରରେ ପ୍ରାର୍ଥୀଙ୍କୁ ଗୁରୁତ୍ୱ ଦେବା ଲାଗି ଦଳମତ ନିର୍ବିଶେଷରେ ଏକାଧିକ ବ୍ୟକ୍ତିବିଶେଷ ଏକାଠି ହୋଇଥିବା କୁହାଯାଇଛି। ଲୋକଙ୍କ ମଧ୍ୟରେ କୁହୁଳିଥିବା ଅସନ୍ତୋଷ ଆଗାମୀ ୨୦୨୪ ସାଧାରଣ ନିର୍ବାଚନରେ ବିସ୍ଫୋରଣ ହେବା ସମ୍ଭାବନା ଅଧିକ ରହିଛି। ସାଧାରଣ ନିର୍ବାଚନ ଦୌଡ଼ରେ ଶାସକ ଦଳରୁ ଏକାଧିକ ଆଶାୟୀ ପ୍ରାର୍ଥୀ ରହିଛନ୍ତି। ବର୍ତ୍ତମାନର ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁ ଖୋର୍ଦ୍ଧା ପାଇଁ ଆଶାୟୀ ଥିବା ଆଲୋଚନା ହେଉଛି। ତଥାପି ସେ ବେଗୁନିଆକୁ ମାରାଥାନ ଗସ୍ତ କରୁଛନ୍ତି, ଯାହାକୁ ନେଇ ଚର୍ଚ୍ଚା ଜୋର ଧରିଛି। ପ୍ରକାଶ ଯେ, ୨୦୧୯ ନିର୍ବାଚନରେ ବିଜୟ ଲାଭ ପରେ ରାଜେନ୍ଦ୍ର ବେଗୁନିଆ ଉପରେ ସେଭଳି ଗୁରୁତ୍ୱ ଦେଉ ନ ଥିବାରୁ କର୍ମୀଙ୍କ ମହଲରେ ଅସନ୍ତୋଷ ଦେଖିବାକୁ ମିଳିଥିଲା। ତେବେ କରୋନା ମହାମାରୀ କଟକଣା ହଟିବା ପରଠାରୁ ରାଜେନ୍ଦ୍ର ନିଜ ନିର୍ବାଚନମଣ୍ଡଳୀ ଉପରେ ଅଧିକ ଗୁରୁତ୍ୱ ଦେଉଥିବା ଦେଖିବାକୁ ମିଳୁଛି।

ବେଗୁନିଆ ବିଧାୟକ ପ୍ରାର୍ଥୀ ଦୌଡ଼ରେ ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବଙ୍କ ନାଁ ମଧ୍ୟ ରହିଛି। ୨୦୧୪ରେ ଏଠାରୁ ସେ ବିପୁଳ ଭୋଟରେ ବିଜୟ ଲାଭ କରିଥିଲେ। ବେଗୁନିଆରେ ଏବେ ବି ତାଙ୍କର ବିଶେଷ ପ୍ରଭାବ ରହିଛି। ନିକଟରେ ସେ ବେଗୁନିଆରେ ଏକ ବହୁତଳ କୋଠା ମଧ୍ୟ ନିର୍ମାଣ କରିଛନ୍ତି। ଗତକିଛି ମାସ ତଳେ ତାଙ୍କୁ ଅନେକ ସାଧାରଣ କାର୍ଯ୍ୟକ୍ରମରେ ମଧ୍ୟ ଦେଖିବାକୁ ମିଳିଥିଲା। ସେ ମଧ୍ୟ ଖୋର୍ଦ୍ଧା ପାଇଁ ଆଶାୟୀ ରହିଥିବାବେଳେ ଶେଷ ମୁହୂର୍ତ୍ତରେ ବେଗୁନିଆରୁ ଠିଆ ହେବା ସମ୍ଭାବନାକୁ ମଧ୍ୟ ଏଡାଇ ଦିଆଯାଇ ନ ପାରେ। ଏହି ନିର୍ବାଚନମଣ୍ଡଳୀ କଂଗ୍ରେସର ଜଣେ ଟାଣୁଆ ନେତା ଭାବେ ପରିଚିତ ପ୍ରଦୀପ ସାହୁ ପଞ୍ଚାୟତ ନିର୍ବାଚନରେ ଦଳ ପରିତ୍ୟାଗ କରି ବିଜେଡିରେ ସାମିଲ ହୋଇଥିଲେ। ବର୍ତ୍ତମାନ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ମଧ୍ୟ ଅଛନ୍ତି। ସେ କଂଗ୍ରେସରୁ ୨ଥର ଏବଂ ଆମ ଓଡ଼ିଶା ପାର୍ଟିରୁ ନିର୍ବାଚନ ଲଢ଼ିଥିଲେ। ଏଠାରେ ତାଙ୍କର ଶତାଧିକ ସମର୍ଥକ ରହିଛନ୍ତି। ବୋଲଗଡ଼ ବ୍ଲକରେ ତାଙ୍କର ବିଶେଷ ପ୍ରଭାବ ମଧ୍ୟ ରହିଛି। ଦଳ ତାଙ୍କ ଉପରେ ଆସ୍ଥା ପ୍ରକଟ କରିପାରେ ବୋଲି ମଧ୍ୟ ଆଲୋଚନା ହେଉଛି। ବିଜେଡିର ଖୋର୍ଦ୍ଧା ନିର୍ବାଚନମଣ୍ଡଳୀର ପର୍ଯ୍ୟବେକ୍ଷକ କୈଳାସ ପାତ୍ର ମଧ୍ୟ ଆଶାୟୀ ରହିଛନ୍ତି। ଗତ କିଛି ମାସ ତଳେ ବେଗୁନିଆ ଓ ବୋଲଗଡ଼ରେ ଏକାଧିକ ସ୍ଥାନରେ ତାଙ୍କର ନୂତନବର୍ଷ ସ୍ୱାଗତ ପୋଷ୍ଟର ବ୍ୟାନର ଦେଖିବାକୁ ମିଳିଥିଲା। ଏପରି କି ଜିଲା ବିଜେଡି ସଭାପତି ବିଭୂତି ବଳବନ୍ତରାୟ ମଧ୍ୟ ଦୌଡ଼ରେ ଥିବା କୁହାଯାଉଛି। ବିଭୂତି ପୂର୍ବରୁ ଥରେ ଜଟଣୀ ବିଧାୟକ ରହିଥିଲେ। ତାଙ୍କ ସାଙ୍ଗଠନିକ ଦକ୍ଷତା ଉପରେ ଦଳ ଆସ୍ଥା ପ୍ରକଟ କରିଥିବାବେଳେ ସେ ଚଳିତ ନିର୍ବାଚନରେ ଜଟଣୀ ନ ହେଲେ ବେଗୁନିଆରୁ ଠିଆ ହେବା ପାଇଁ ମନ ବଳାଇଥିବା ଆଲୋଚନା ହେଉଛି।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ଆସନ୍ତା ସାଧାରଣ ନିର୍ବାଚନକୁ ନେଇ ଶାସକ ଦଳରେ ଘନ ଘନ କର୍ମୀ ସମ୍ମିଳନୀ, ସାଙ୍ଗଠନିକ ବୈଠକ, ଆଲୋଚନା ଚାଲିଥିବାବେଳେ ବିରୋଧୀ ଭାଜପା ଏବଂ କଂଗ୍ରେସର ନେତୃତ୍ୱକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗତ ପଞ୍ଚାୟତ ନିର୍ବାଚନରେ ଏଠାରେ ବିରୋଧୀ ଶୋଚନୀୟ ପରାଜୟ ବରଣ କରିଥିଲେ। ୨୦୧୯ରେ ଭାଜପାରୁ ଋଷଭ ନନ୍ଦ ନିର୍ବାଚନ ଲଢିଥିବାବେଳେ ଏବେ ତାଙ୍କୁ ନିର୍ବାଚନମଣ୍ଡଳୀରେ ଦେଖିବାକୁ ମିଳୁନି। ସେ ହଠାତ୍ କୁଆଡ଼େ ଗାଏବ ହୋଇଗଲେ, ତାହାକୁ ନେଇ ଚର୍ଚ୍ଚା ଜୋର ଧରିଥିବାବେଳେ ଏ ସମ୍ପର୍କରେ ଦଳୀୟ ନେତୃବୃନ୍ଦ ନୀରବ। ଅନ୍ୟପଟେ ଭାଜପାର ଜଣେ ଟାଣୁଆ ନେତା, ସାଙ୍ଗଠନିକ ଦକ୍ଷତା ସତ୍ତ୍ୱେ ଯତିନ ମହାନ୍ତିଙ୍କ ଏଠାରେ ସେଭଳି କୌଣସି ପ୍ରଭାବ ନାହିଁ, ଯଦିଓ ସେ ନିର୍ବାଚନ ଲଢ଼ିଥିଲେ। ଚଳିତ ନିର୍ବାଚନରେ ସେ ଦୌଡରେ ରହିଥିବା ବେଳେ ଦଳୀୟ ପାଣିପାଗ ଅଲଗା ରହିଛି। ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କ ବିଭିନ୍ନ ସାଙ୍ଗଠନିକ ସଭାସମିତିରେ ତାଙ୍କୁ ଦେଖିବାକୁ ମିଳୁ ନାହିଁ। ଅପରାଜିତା କୁଆଡେ ନିଜେ ଏହି ଆସନରୁ ଛିଡା ହେବା ପାଇଁ ଯୋଜନା କରିଥିବା ଚର୍ଚ୍ଚା ହେଉଛି। ସେପଟେ କଂଗ୍ରେସ ଏକ ପ୍ରକାର ସ୍ଥାଣୁ ପାଲଟିଛି। ଯଦିଓ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ପୁତ୍ର ପୃଥ୍ୱୀବଲ୍ଲଭଙ୍କ ନେତୃତ୍ୱରେ ଗତ ପଞ୍ଚାୟତ ଏବଂ ଜିଲା ପରିଷଦ ଆସନରେ ପ୍ରାର୍ଥୀମାନେ ଲଢିଥିଲେ, ତେବେ କୌଣସି ଗୋଟିଏ ଆସନରେ ଦଳ ବିଜୟ ଲାଭ କରିପାରି ନ ଥିଲା। ୨୦୨୪ ସାଧାରଣ ନିର୍ବାଚନରେ ଦଳ ପୃଥ୍ୱୀବଲ୍ଲଭଙ୍କୁ ବିଧାୟକ ପ୍ରାର୍ଥୀ କରିପାରେ ବୋଲି ଚର୍ଚ୍ଚା ହେଉଛି।


# Classified Everyday
0674-2580101, 2549949



REAL ESTATE

SALE

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft., 3,00,000/-, ଛତାବର 1200sqft.- 3,00,000/-, ନଖରା- 300/-. 7978663279. D-75204

3BHK Semi furnished flat sale at Jharpada, Bhubaneswar 80’ feet road side. Contact: 9437307086. D-1184

ଭୁବନେଶ୍ୱର ପାହାଳ NH ପାଖରେ developed yellowzone plot boundary, road, ଇଲେକ୍ଟ୍ରିସିଟି ଥାଇ ତୁରନ୍ତ ଗୃହ ନିର୍ମାଣ କରନ୍ତୁ। 6370354458. D-75207

Ready to move 2BHK and 3BHK flat for sale near to TATA Ariana and Sum Hospital at Kalinga Vihar. Contact: 9437309741. D-0993




Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75030

Reduce stress through professional massage, SPA Station, Krishna Plaza, Nayapalli. Contact: 8118079281. D-74579

Spa Kerala body Massage only best Therapist @699/- Bhubaneswar. 9337672475. D-1132

Newly open spa positively health benefits with expert therapist. 9938843929. D-75145

**Relax, Refresh your body, Mind at Saikrupa Spa with best therapies. 8984068077.** D-1190

AFFIDAVIT

Before Executive Magistrate, Bhubaneswar, my name has changed from Shanti Priya Das to Shanti Priya Sabat. Henceforth I’ll be known as Shanti Priya Sabat, W/o Sidharth Sankar Das, At- Shyampur, Ghatikia, P.S.- Bharatpur, Bhubaneswar, Khordha for all purposes. D-1189

I, Damodar Patra, alias Damodar Pradhan (64), C/o Chandra Sekhar Pradhan, Vill. Marthapur, P.S.- Balipatana, Dist.- Khurda, I have a S.B. Pass Book of Postal vide A/c No.5430627939 where in my name is Damodar Pradhan. I declare by this affidavit No.32, Dt.29.08.2023 that now onwards I shall be known as Damodar Patra and Damodar Pradhan same and one person for all future purposes. D-75032

ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



୰ତନୁଲତା ବାରିକ

ସ୍ୱାମୀ- ୰ ଦୁଃଖଶ୍ୟାମ ବାରିକ
ବାଲିଅନ୍ତା (ମାର୍ଟିକୋଟ), ଭୁବନେଶ୍ୱର
ତିରୋଧାନ- ୨୨।୦୮।୨୦୨୩

ଚାହୁଁ ଚାହୁଁ ଆଜକୁ ଏଗାରଦିନ ବିତିଗଲା ଆମ୍ଭମାନଙ୍କୁ ଶୋକସାଗରରେ ଭସାଇ । ତୁମେ ଯେଉଁଠି ଥାଅ, ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

ହତଭାଗ୍ୟ ପୁଅ- ଦିନବନ୍ଧୁ ଓ କୃପାସିନ୍ଧୁ,
ଶୋକସନ୍ତପ୍ତ ବନ୍ଧୁ ଓ ପରିବାରବର୍ଗ।

ଧ-୭୧୨୨୪

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପେଁଠ କରନ୍ତୁ।
BHIM UPI
ଦେୟ ପେଁଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଉତ୍ଥାନ ପଥରେ ଭାରତୀୟ ମହିଳା ହକି



ଭାରତୀ ଭୂଷଣ ମିଶ୍ର

ଆମ ଜନ୍ମଭୂମି ଭାରତ ଆଜି ଜନସଂଖ୍ୟା ଦୃଷ୍ଟିରୁ ବିଶ୍ୱରେ ପ୍ରଥମ। ଭାରତ ତା'ର କଳା, ସଂସ୍କୃତି, ସଙ୍ଗୀତ, ସାହିତ୍ୟ, ଭାସ୍କର୍ଯ୍ୟ ଓ ପ୍ରାକୃତିକ ବିଭବ ପାଇଁ ଯୁଗେ ଯୁଗେ ସମଗ୍ର ବିଶ୍ୱବାସୀଙ୍କର ଦୃଷ୍ଟିଆକର୍ଷଣ କରିଛି। ଆମ ଦେଶ ଏବେ ଦ୍ରୁତ ପ୍ରଗତି ପଥରେ ଅଗ୍ରସର ହୋଇଚାଲିଛି। କିନ୍ତୁ ଯଦି ବିଶ୍ୱକ୍ରୀଡ଼ା ମାନଚିତ୍ରରେ ଆମର ସ୍ଥାନ ସମ୍ବନ୍ଧରେ ଆଲୋଚନା କରିବା, ତେବେ ଏହା ନିଶ୍ଚୟ ସୂଚେଇ ଦେବ ଯେ ଆମକୁ ଆହୁରି ଅନେକ ବାଟ ଯିବାକୁ ଅଛି। ଶହେ ଚାଳିଶ କୋଟି ଜନସଂଖ୍ୟାର ଦେଶ ଆମର। କିନ୍ତୁ ଆଧୁନିକ ଅଲିମ୍ପିକ କ୍ରୀଡ଼ା (ଗ୍ରୀଷ୍ମକାଳୀନ)ରେ ବିଗତ ୧୯୦୦ ମସିହାର ପ୍ୟାରିସ୍ ଅଲିମ୍ପିକ୍‌ଠାରୁ ୨୦୨୦ର ଟୋକିଓ ଅଲିମ୍ପିକ୍ କ୍ରୀଡ଼ା ପର୍ଯ୍ୟନ୍ତ ସୁଦୀର୍ଘ ୧୨୦ ବର୍ଷ ମଧ୍ୟରେ ଆମେମାନେ ମାତ୍ର ୧୦ଟି ସ୍ୱର୍ଣ୍ଣ, ୯ଟି ରୌପ୍ୟ ଓ ୧୬ଟି ବ୍ରୋଞ୍ଜପଦକ ସହିତ ମୋଟ ୩୫ଗୋଟି ପଦକ ହାସଲ କରିପାରିଛୁ, ଯାହାକି ଅନ୍ୟ ବିକାଶଶୀଳ ଓ ବିକଶିତ ରାଷ୍ଟ୍ରଙ୍କ ତୁଳନାରେ ବହୁତ କମ୍। ଏହି ୩୫ଟି ପଦକ ମଧ୍ୟରୁ କେବଳ ପୁରୁଷ ହକିରେ ଆମେମାନେ ୧୨ଟି ପଦକ ଲାଭ କରିଛୁ, ଯେଉଁଥିରେ କି ୮ଟି ସ୍ୱର୍ଣ୍ଣ, ଗୋଟିଏ ରୌପ୍ୟ ଓ ୩ଟି ବ୍ରୋଞ୍ଜ ପଦକ ସାମିଲ। ତେଣୁ ମୋଟାମୋଟି ଭାବରେ କହିବାକୁ ଗଲେ ପୁରୁଷ ବର୍ଗରେ ହକି ଖେଳ ହିଁ ଆମର ସମ୍ମାନ ରଖିଛି। କିନ୍ତୁ ଏହା ଏଠାରେ ପ୍ରଣିଧାନ ଯୋଗ୍ୟ ଯେ ୧୯୮୦ ମସ୍କୋ ଅଲିମ୍ପିକ୍ସରେ ପୁରୁଷ ହକିରେ ସ୍ୱର୍ଣ୍ଣ ପଦକ ଥିଲା ୨୦୨୦ର ଟୋକିଓ ଅଲିମ୍ପିକ୍ସ ପୂର୍ବରୁ ଶେଷ ପଦକ। ଯେତେବେଳେ ଆମ ଦଳ ୨୦୨୦ ଅଲିମ୍ପିକ୍ସରେ ପୁରୁଷ ହକିରେ ବ୍ରୋଞ୍ଜପଦକ ଲାଭ କଲା ତାହା ଥିଲା ୪୧ ବର୍ଷରେ ହକିରେ ପଦକ ଲାଭ କରିବାର ଅବସର।

ଏହି ପରିପ୍ରେକ୍ଷୀରେ ସ୍ୱତଃ ଆମ ମନକୁ ଆସେ ଯେ, ଅଧୁନାତନ ବିଶ୍ୱ ହକି ମାନଚିତ୍ରରେ ଆମ ଭାରତୀୟ ମହିଳା ହକି ଦଳର ସ୍ଥାନ କେଉଁଠି। ଇତିହାସର ପୃଷ୍ଠା ଲେଉଟାଇଲେ ଜଣାଯିବ ଯେ ଭାରତୀୟ ମହିଳା ହକିଦଳର ସଫଳ ଅନ୍ତର୍ଜାତୀୟ ପଦାର୍ପଣ ଆଜକୁ ପ୍ରାୟ ୫୦ବର୍ଷ ପୂର୍ବରୁ ହୋଇଛି। ୧୯୭୪ରେ ଫ୍ରାନ୍ସର ମାଣ୍ଡେଲ୍ୟୁ ସହରରେ ଆୟୋଜିତ ମହିଳା ହକି ବିଶ୍ୱକପ୍‌ରେ ଭାରତ ସୁନ୍ଦର କ୍ରୀଡ଼ା ନୈପୁଣ୍ୟ ପ୍ରଦର୍ଶନ କରି ଚତୁର୍ଥ ସ୍ଥାନରେ ରହିଲା, ଯାହା କି ସେତେବେଳେ ଚର୍ଚ୍ଚାର ବିଷୟ ହୋଇଥିଲା। 'ଓମେନ୍ ଇନ୍ ବ୍ଲୁ' ଓ 'ନବ ବର୍ଣ୍ଣା' ସାଙ୍କେତିକ ନାମରେ ପରିଚିତ ଆମ ମହିଳା ହକି ଦଳ ଅନେକ ଉତ୍ଥାନ ପତନ ଦେଇ ଅଗ୍ରଗତି କରିବା ପରେ ସଫଳତା ଆଡ଼କୁ ଅଗ୍ରସର ହେଉଛି। ୧୯୭୮ର ମାଡ୍ରିଡ୍ ବିଶ୍ୱକପ୍‌ରେ ସପ୍ତମ ସ୍ଥାନ ପାଇବା ପରେ ୧୯୮୦ର ମସ୍କୋ ଅଲିମ୍ପିକ୍ କ୍ରୀଡ଼ାରେ ପ୍ରଥମ ଥର ପାଇଁ ଯୋଗଦେଇ ଆମେ ଚତୁର୍ଥସ୍ଥାନ ଲାଭ କରିଥିଲୁ। ତା'ପରେ ୧୯୮୨ରେ ନୂଆଦିଲ୍ଲୀରେ ଆୟୋଜିତ ଏସୀୟ କ୍ରୀଡ଼ାରେ କୋରିଆକୁ ପରାସ୍ତ କରି ସ୍ୱର୍ଣ୍ଣପଦକ ଲାଭ କରିବା ହିଁ ଥିଲା ପ୍ରଥମ ଆନ୍ତର୍ଜାତିକ ପଦକ। କିନ୍ତୁ ଏହାପରେ ଆମର ପ୍ରଦର୍ଶନ ସେତେଟା ସନ୍ତୋଷଜନକ ହେଲାନାହିଁ। ଫଳତଃ ୧୯୮୩ର କୁଆଲାଲମ୍ପୁର ବିଶ୍ୱକପ୍‌ରେ ଭାରତ ଏକାଦଶତମ ସ୍ଥାନ, ୧୯୮୬ର ସିଓଲ ଏସୀୟ କ୍ରୀଡ଼ାରେ ୩ୟ, ୧୯୮୯ର ହଂକଂ ଏସିଆ କପ୍‌ରେ ୪ର୍ଥ, ୧୯୯୦ ବେଜିଂ ଏସୀୟ କ୍ରୀଡ଼ାରେ ୪ର୍ଥ, ୧୯୯୩ ହିରୋଶିମା ଏସିଆ କପ୍‌ରେ ତୃତୀୟ ଓ ୧୯୯୪ରେ ସେହି ହିରୋଶିମାରେ ଅନୁଷ୍ଠିତ ଏସୀୟକ୍ରୀଡ଼ାରେ ୪ର୍ଥ ସ୍ଥାନ ଲାଭ କଲା। ଏହାପରେ ଭାରତୀୟ ମହିଳା ହକି ଦଳର ପ୍ରଶିକ୍ଷଣ ଉପରେ ଯଥେଷ୍ଟ ଗୁରୁତ୍ୱ ପ୍ରଦାନ କରାଗଲା ଓ ଅନେକ ଆନୁଷଙ୍ଗିକ ପରିବର୍ତ୍ତନ ମଧ୍ୟ ଫଳପ୍ରଦ ହେଲା, ଯଦ୍ୱାରା କି ୧୯୯୮ର ବ୍ୟାଙ୍କକ୍ ଏସୀୟ କ୍ରୀଡ଼ାରେ ଦଳ ରୌପ୍ୟପଦକ ଲାଭ କଲା। ଏହାପରେ କୁଆଲାଲମ୍ପୁରରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ୪ର୍ଥ ସ୍ଥାନ ଓ ୧୯୯୯ର ନୂଆଦିଲ୍ଲୀ ଏସିଆକପ୍‌ରେ ରୌପ୍ୟ ପଦକ ହାସଲ କଲା। ଅଧିନାୟିକା ସୂରଜ ଲତା ଦେବୀଙ୍କ ବଳିଷ୍ଠ ନେତୃତ୍ୱ ଦଳକୁ ନୂତନ ଉତ୍ସାହରେ ଭରିଦେବା ହେତୁ ୨୦୦୨ରେ ଇଂଲଣ୍ଡର ମାଞ୍ଚେଷ୍ଟର ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣପଦକ, ୨୦୦୩ରେ ଭାରତରେ ଅନୁଷ୍ଠିତ ହାଇଦ୍ରାବାଦ ଆଫ୍ରୋ-ଏସୀୟ କ୍ରୀଡ଼ାରେ ସ୍ୱର୍ଣ୍ଣ ଓ ୨୦୦୪ରେ ନୂଆଦିଲ୍ଲୀ ଏସିଆ କପ୍ ପ୍ରତିଯୋଗିତାରେ ସ୍ୱର୍ଣ୍ଣପଦକ ଲାଭ କଲା ଭାରତ।

ସଫଳତା ଓ ବିଜୟର ଏହି ଧାରା ସମ୍ୟକ୍ ବଳବତ୍ତର ରହିଲା ଓ ପରବର୍ତ୍ତୀ ପର୍ଯ୍ୟାୟରେ ୨୦୦୬ର ମେଲବୋର୍ନ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ରୌପ୍ୟ, କାତାରର ଦୋହାରେ ଅନୁଷ୍ଠିତ ଏସୀୟ କ୍ରୀଡ଼ାରେ ବ୍ରୋଞ୍ଜ, ୨୦୦୭ ହଂକଂ ଏସିଆକପ୍‌ରେ ୪ର୍ଥ ସ୍ଥାନ, ୨୦୦୯ର ବ୍ୟାଙ୍କକ୍ ଏସିଆ କପ୍‌ରେ ରୌପ୍ୟ ଓ ଦକ୍ଷିଣ କୋରିଆର ବୁସାନ୍‌ରେ ଆୟୋଜିତ ଏସିଆନ୍ ଚାମ୍ପିୟନ୍ସ ଟ୍ରଫିରେ ଦଳ ବ୍ରୋଞ୍ଜପଦକ ଲାଭ କଲା ୨୦୧୦ରେ। କିନ୍ତୁ ପରବର୍ତ୍ତୀ ସମୟରେ ଭାରତୀୟ ଦଳର ପ୍ରଦର୍ଶନ ସେତେଟା ଉତ୍ସାହଜନକ ହେଲା ନାହିଁ; ଯେଉଁଥିପାଇଁ ୨୦୧୦ରେ ଆର୍ଜେଣ୍ଟିନାର ରୋସାରିଓ ବିଶ୍ୱକପ୍‌ରେ ଆମେ ୯ମ, ନୂଆଦିଲ୍ଲୀରେ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ୫ମ, ଚାଇନାର ଗୁଆଙ୍ଗଝୋ ଏସୀୟକ୍ରୀଡ଼ାରେ ୪ର୍ଥ, ଚାଇନାର ଓର୍ଡସ୍‌ରେ ଅନୁଷ୍ଠିତ ଏସିଆନ୍ ଚାମ୍ପିୟନ୍ସ ଟ୍ରଫିରେ ୪ର୍ଥ ସ୍ଥାନରେ ସନ୍ତୁଷ୍ଟ ହେବାକୁ ବାଧ ହେଲୁ।

ପରବର୍ତ୍ତୀ ପର୍ଯ୍ୟାୟରେ ହୃତସମ୍ମାନର ପୁନରୁଦ୍ଧାର ପାଇଁ ଚେଷ୍ଟା କରାଗଲା ଓ ଯାହାର ପରିଣାମରେ ମିଶ୍ରଫଳ ମିଳିଲା, ଯଥା ୨୦୧୩ କୁଆଲାଲମ୍ପୁର ଏସିଆକପ୍‌ରେ ବ୍ରୋଞ୍ଜ, ଜାପାନର କାକାମିଗାହାରରେ ସେହି ୨୦୧୩ରେ ଅନୁଷ୍ଠିତ ଏସିଆନ୍ ଚାମ୍ପିୟନ୍ସ ଟ୍ରଫିରେ ରୌପ୍ୟ, ୨୦୧୪ରେ ଦକ୍ଷିଣକୋରିଆର ଇଞ୍ଚିୟନ୍ ଏସୀୟ କ୍ରୀଡ଼ାରେ ବ୍ରୋଞ୍ଜ ଓ ୨୦୧୪ ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ୪ର୍ଥ ସ୍ଥାନ ମିଳିଲା। ଏହାପରେ ୨୦୧୬ରେ ସିଙ୍ଗାପୁରରେ ଅନୁଷ୍ଠିତ ଏସିଆନ୍ ଚାମ୍ପିୟନଶିପ୍‌ରେ ଆମ ଦଳ ପ୍ରଥମ ସ୍ଥାନ ଲାଭ କରିବା ସହ ସୁଦୀର୍ଘ ୩୬ବର୍ଷ ପରେ ବ୍ରାଜିଲର ରିଓ-ଡି ଜେନିରେ ଅଲିମ୍ପିକ୍‌ରେ ଅଂଶଗ୍ରହଣ କରିବା ପାଇଁ ସୁଯୋଗ ପାଇଲା। କିନ୍ତୁ ଆମର ପ୍ରଦର୍ଶନ ଅତ୍ୟନ୍ତ ନୈରାଶ୍ୟଜନକ ରହିଲା। ଦଳ ୫ଗୋଟି ମ୍ୟାଚ୍ ଖେଳି ଗୋଟିଏ ଡ୍ର ଓ ୪ଟି ପରାଜୟ ସହିତ ମାତ୍ର ଗୋଟିଏ ପଏଣ୍ଟ ପାଇ ଗ୍ରୁପ୍-ବି'ରେ ଅନ୍ତିମ ସ୍ଥାନରେ ରହିଲା। ଏହି ପରାଜୟ ଗ୍ଲାନିରୁ ମୁକ୍ତ ହେବା ପାଇଁ ଦୀର୍ଘ ଏକବର୍ଷ ଅପେକ୍ଷା କରିବାକୁ ପଡ଼ିଲା ଜାପାନ୍‌ର କାକାମିଗାହାର ଏସିଆକପ୍ ପ୍ରତିଯୋଗିତା ପର୍ଯ୍ୟନ୍ତ, ଯେଉଁଥିରେ କି ପ୍ରଥମ ସ୍ଥାନ ହାସଲ କରିବା ଆମ ପାଇଁ ଏକ ସାନ୍ତ୍ୱନା ଥିଲା କହିଲେ ଭୁଲ୍ ହେବନି।

୨୦୧୮ ହେଉଛି ଭାରତୀୟ ହକି ପାଇଁ ଏକ ନୂତନ ରୂପାନ୍ତରଣର ବର୍ଷ। ଏହି ବର୍ଷ ଆମ ଓଡ଼ିଶା ସରକାର ଦେଶରେ ହକିର ହୃତ ଗୌରବ ଫେରାଇ ଆଣିବାର ମହତ ଲକ୍ଷ୍ୟ ନେଇ ଉଭୟ ଭାରତୀୟ ପୁରୁଷ ଓ ମହିଳା ହକି ଦଳର ପ୍ରାୟୋଜକ ହେଲେ ୨୦୧୮ରୁ ୨୦୨୩ ପର୍ଯ୍ୟନ୍ତ। ଆମକୁ ଏହି ରୂପାନ୍ତରଣର ସଫଳତା ମିଳିଲା ୨୦୧୮ର ଜାକର୍ତ୍ତା ଏସୀୟକ୍ରୀଡ଼ାରେ ରୌପ୍ୟ, ଦକ୍ଷିଣ କୋରିଆର ଡୋଂଘିରେ ଅନୁଷ୍ଠିତ ଏସୀୟ ଚାମ୍ପିୟନ୍ସ ଟ୍ରଫିରେ ଦ୍ୱିତୀୟ ଓ ଅଷ୍ଟ୍ରେଲିଆର କୁଇନ୍ସ ଲାଣ୍ଡ ରାଜ୍ୟଗୋଷ୍ଠୀ ଗ୍ରୀଡ଼ାରେ ୪ର୍ଥ ସ୍ଥାନ ହାସଲ ଦ୍ୱାରା।

ସବୁଠାରୁ ଆନନ୍ଦର କଥା ଯେ, ୨୦୨୦ ଟୋକିଓ ଅଲିମ୍ପିକ୍ସରେ ଭାରତୀୟ ପୁରୁଷ ହକିଦଳ ବ୍ରୋଞ୍ଜପଦକ ହାସଲ କଲା ଓ ମହିଳା ହକି ଦଳ ଉନ୍ନତ କ୍ରୀଡ଼ା ନୈପୁଣ୍ୟ ପ୍ରଦର୍ଶନ କରି ୪ର୍ଥ ସ୍ଥାନ ହାସଲ କଲା। ଏହି ସଫଳତାକୁ ବଳବତ୍ତର ରଖିବା ପାଇଁ ଓଡ଼ିଶା ସରକାର ଅଧିକ ଦଶବର୍ଷ ପାଇଁ ଭାରତୀୟ ହକି ଦଳର ପ୍ରାୟୋଜକ ରହିବା ପାଇଁ ନିଷ୍ପତ୍ତି ନେଲେ। ଏହାର ଫଳ ସ୍ୱରୂପ ବର୍ମିଂହାମ୍ ରାଜ୍ୟ ଗୋଷ୍ଠୀ କ୍ରୀଡ଼ାରେ ୨୦୨୨ରେ ଭାରତୀୟ ପୁରୁଷ ହକିଦଳ ରୌପ୍ୟ ଏବଂ ମହିଳା ଦଳ ବ୍ରୋଞ୍ଜପଦକ ଲାଭ କଲା। ଉସାହିତ ମହିଳା ଦଳ ମୁଖ୍ୟ କୋଚ୍ ଜାନେକ ସ୍କପମାନଙ୍କ ସଫଳ ପ୍ରଶିକ୍ଷଣରେ ଭାଲେନ୍‌ସିଆଠାରେ ଅନୁଷ୍ଠିତ ପ୍ରଥମ ଏଫ୍‌ଆଇଏଚ୍ ନେସନ୍ସ କପ୍‌ରେ ଚାମ୍ପିୟନ ହେଲା। ୨୦୨୩ ଜୁଲାଇ ୩୦ରେ ଭାରତୀୟ ଦଳ ସ୍ପେନ୍‌କୁ ୩-୦ ବ୍ୟବଧାନରେ ପରାସ୍ତ କରି ବାର୍ସିଲୋନାରେ ଆୟୋଜିତ "ଟର୍ନିଓ ଡେଲ ସେଣ୍ଟେନାରିଓ" ଟ୍ରଫି ହାସଲ କରିବାର ଗୌରବ ଅର୍ଜନ କରିଛି। ଏହି ପରିପ୍ରେକ୍ଷୀରେ ବିଚାର କଲେ ଭାରତୀୟ ମହିଳା ହକି ଦଳ ୧୦ ସ୍ୱର୍ଣ୍ଣ, ୭ ରୌପ୍ୟ ଓ ୧୦ ବ୍ରୋଞ୍ଜପଦକ ସହିତ ମୋଟ ୨୭ଟି ଅନ୍ତର୍ଜାତୀୟ ପଦକ ହାସଲ କରିପାରିଛି। ୧୯୬୧ରେ ଅର୍ଜୁନ ପୁରସ୍କାର ଆରମ୍ଭ ହେବାଠାରୁ ଅଦ୍ୟାବଧି ମୋଟ ୩୦ଜଣ ମହିଳା ହକି ଖେଳାଳି ଏଥିରେ ସମ୍ମାନିତ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ଆମ ଓଡ଼ିଶାର ଜ୍ୟୋତି ସୁନିତା କୁଲୁ ଓ ଦିପ୍‌ଗ୍ରେସ୍ ଏକ୍କା ଅଛନ୍ତି ଯାହା ଆମ ପାଇଁ ଗର୍ବ ଓ ଗୌରବର ବିଷୟ।

**ଇତିହାସର ପୃଷ୍ଠା ଲେଉଟାଇଲେ ଜଣାଯାଏ ଯେ ଭାରତୀୟ ମହିଳା ହକି ଦଳର ସଫଳ ଅନ୍ତର୍ଜାତୀୟ ପଦାର୍ପଣ ଆଜକୁ ପ୍ରାୟ ୫୦ବର୍ଷ ପୂର୍ବରୁ ହୋଇଛି। 'ଓମେନ୍ ଇନ୍ ବ୍ଲୁ' ନାମରେ ପରିଚିତ ଆମ ମହିଳା ହକି ଦଳ ଅନେକ ଉତ୍ଥାନ ପତନ ଦେଇ ଅଗ୍ରଗତି କରିବା ପରେ ଏବେ ସଫଳତା ଆଡ଼କୁ ଅଗ୍ରସର ହେଉଛି...**




ଅଧିନାୟିକା ସବିତା ପୁନିଆ



---

# ଗେମ୍ ଚେଞ୍ଜର

ଭାରତୀୟ କ୍ରିକେଟ ଦଳ ପକ୍ଷରୁ ପଦାର୍ପଣ କରିଛନ୍ତି ରିଙ୍କୁ ସିଂ। ଆଇପିଏଲ୍‌ରେ ଚମତ୍କାର ପ୍ରଦର୍ଶନର ଫଳ ତାଙ୍କୁ ମିଳିଛି। ଭାରତୀୟ ଦଳର ଗତ ଆୟର୍ଲାଣ୍ଡ ଗସ୍ତରେ ଖେଳିବାର ସୁଯୋଗ ପାଇଥିବା ଏହି ଚର୍ଚ୍ଚିତ ବ୍ୟାଟରଙ୍କୁ ପ୍ରଥମ ମ୍ୟାଚ୍‌ରେ ବ୍ୟାଟିଂ ମିଳି ନ ଥିଲା। ତେବେ ଦ୍ୱିତୀୟ ମ୍ୟାଚରେ ୨୧ ବଲ୍‌ରୁ ୩୮ ରନ୍ ସ୍କୋର କରିବା ସହିତ ମ୍ୟାଚ୍‌ର ଗତିପଥ ବଦଳାଇ ଦେଇଥିଲେ। ଛୋଟ ଇନିଂସ୍ ହୋଇଥିଲେ ମଧ୍ୟ ଏହା ଖୁବ୍ ଚର୍ଚ୍ଚାରେ ରହିଥିଲା ଏବଂ ଭାରତୀୟ କ୍ରିକେଟରେ ଜଣେ ନୂତନ ଫିନିଶରଙ୍କ ଆବିର୍ଭାବ ଘଟିଲା ବୋଲି ଆଲୋଚନା ହୋଇଥିଲା। ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ରୁ ହିଁ ରିଙ୍କୁଙ୍କ ଆବିର୍ଭାବ ଘଟିଥିଲା। ତାଙ୍କ କ୍ରିକେଟ ଯାତ୍ରା ବେଶ୍ ସ୍ୱତନ୍ତ୍ର। ଉତ୍ତର ପ୍ରଦେଶ ଅଲିଗଡ଼ର ଏକ ଛୋଟ ସହରରୁ ଆସି ଜାତୀୟ ଦଳର ପ୍ରତିନିଧିତ୍ୱ କରିବା ନିଶ୍ଚିତ ଭାବରେ ଏକ ବୃହତ୍ ଉପଲବ୍ଧି। ୨୦୧୪ରେ ରିଙ୍କୁ ଉତ୍ତର ପ୍ରଦେଶ ପାଇଁ ୧୬ ବର୍ଷ ବୟସରେ ପ୍ରତିନିଧିତ୍ୱ କରିଥିଲେ। ଏହାର ୨ ବର୍ଷ ପରେ ନିଜର ପ୍ରଥମ ଲିଷ୍ଟ ଏ ମ୍ୟାଚ୍ ଖେଳିଥିଲେ। ତେବେ ଜୀବନର ସଂଘର୍ଷ ମଧ୍ୟରେ ଏକଦା ରିଙ୍କୁଙ୍କ କ୍ରିକେଟ୍ କିଟ୍‌ରେ ତାଲା ପଡ଼ିବା ପରସ୍ଥିତି ଆସିଥିଲା। ଫଳରେ ସେ ସିକ୍ୟୁରିଟି ଗାର୍ଡ ଭାବରେ ଚାକିରି କରିବାକୁ ମଧ୍ୟ ନିଷ୍ପତ୍ତି ନେଇଥିଲେ। ୨୦୧୮ରେ ସେ ପ୍ରଥମ ଥର ପାଇଁ ଆଇପିଏଲ୍ ଖେଳିଥିଲେ। ୪ ମ୍ୟାଚ୍‌ରେ ମାତ୍ର ୨୯ ରନ୍ କରିଥିଲେ। ଏହାପରେ ସେ ଏକ ବିବାଦରେ ଫସି ଯାଇଥିଲେ। ନିଜ ନାମରେ ଏକ ଫେସବୁକ୍ ଫ୍ୟାନ୍ ଖୋଲିଥିବା ବେଳେ ଏହାକୁ ନେଇ ସୋସିଆଲ ମିଡିଆରେ ଟ୍ରୋଲ୍ ହେବାକୁ ପଡିଥିଲା। ଅନ୍ୟ କେହି ହୋଇଥିଲେ ଏହି ଘଟଣା ପରେ କ୍ରିକେଟରୁ ଦୂରେଇ ଯାଇଥାନ୍ତେ। ମାତ୍ର କ୍ରିକେଟ ପ୍ରତି ଭଲପାଇବା କାରଣରୁ ରିଙ୍କୁ ପଛକୁ ହଟି ନ ଥିଲେ। ୨୦୧୯ରେ ଏକ ବିଦେଶୀ ଲିଗ୍‌ରେ କ୍ରିକେଟ ଖେଳିଥିଲେ। ତେବେ ବିସିସିଆଇର ନିୟମ ସମ୍ପର୍କରେ ରିଙ୍କୁଙ୍କୁ ଜଣା ନ ଥିଲା। ବିଦେଶୀ ଲିଗ୍‌ରେ ଖେଳିଲେ ବାସନ୍ଦ ହେବାକୁ ପଡ଼ିଥାଏ। ଫଳରେ ୨୦୧୯ରେ ସେ ୩ ମାସ ବାସନ୍ଦର ମଧ ସମ୍ମୁଖୀନ ହୋଇଥିଲେ। ସେହିବର୍ଷ ଆଇପିଏଲ୍‌ରେ ମଧ ସଫଳତା ମିଳି ନ ଥିଲା। ୫ ମ୍ୟାଚ୍‌ରୁ ମାତ୍ର ୩୭ ରନ୍ କରିଥିଲେ। ୨୦୨୦ରେ ଗୋଟିଏ ମ୍ୟାଚ୍‌ରୁ ମାତ୍ର ୧୧ ରନ୍ କରିଥିଲେ। ୨୦୨୧ରେ ଆହତ କାରଣରୁ ଆଇପିଏଲ୍‌ରୁ ବାଦ୍ ପଡ଼ିଥିବା ବେଳେ ୨୦୨୨ ତାଙ୍କ ପାଇଁ ବ୍ରେକ୍ ଥ୍ରୁ ଇୟର ରହିଥିଲା। ଏହି ବର୍ଷ ରିଙ୍କୁ ୭ ମ୍ୟାଚ୍‌ରୁ ୧୭୪ ରନ୍ ସ୍କୋର କରିଥିବା ବେଳେ ତାଙ୍କର ଷ୍ଟ୍ରାଇକ୍ ରେଟ୍ ୧୪୮ ରହିଥିଲା। ସମାନ ବର୍ଷରେ ନିଜର ପ୍ରଥମ ପ୍ଲେୟର୍ ଅଫ୍ ଦ ମ୍ୟାଚ୍ ପୁରସ୍କାର ହାସଲ କରିଥିଲେ ରିଙ୍କୁ। ୨୦୨୩ରେ କୋଲକାତା ନାଇଟ ରାଇଡର୍ସ ପକ୍ଷରୁ ଫିନିଶର ଭୂମିକାରେ ନଜରକୁ ଆସିଥିଲେ। ୧୪ ମ୍ୟାଚ୍‌ରୁ ୫୯ ଆଭରେଜରେ ୪୭୪ ରନ୍ ସଂଗ୍ରହ କରିଥିବା ବେଳେ ଭାରତୀୟ ଚୟନକର୍ତ୍ତା ଓ ଫ୍ୟାନ୍‌ଙ୍କ ହୃଦୟ ଜିତିଥିଲେ। ଏପ୍ରିଲ ୯, ୨୦୨୩ରେ ଗୁଜରାଟ ଟାଇଟନ୍ସ ବିପକ୍ଷ ମ୍ୟାଚରେ ଶେଷ ଓଭରରୁ ୨୯ ରନ୍ ଆବଶ୍ୟକ ରହିଥିବା ବେଳେ ଯଶ୍ ଦୟାଲଙ୍କୁ ୫ ଛକା ମାରି ଦଳକୁ ବିଜୟୀ କରିଥିଲେ। ଆଇପିଏଲ୍ ଇତିହାସରେ ଏହା ଗୋଟିଏ ଓଭରରେ ସର୍ବାଧିକ ରନ୍ ରହିଥିଲା। ରିଙ୍କୁ ଏକ ମଧ୍ୟବିତ୍ତ ପରିବାରରୁ ଆସିଥିଲେ। ପିତା ଏଲ୍‌ପିଜି ସିଲିଣ୍ଡର ଡେଲିଭରି କରନ୍ତି। ୫ ଭାଇ ଭଉଣୀଙ୍କ ସହିତ ଦାରିଦ୍ର୍ୟର କଷାଘାତରେ ବଢ଼ିଥିଲେ ରିଙ୍କୁ। ଏସବୁ ପ୍ରତିକୂଳ ପରସ୍ଥିତି ସତ୍ତ୍ୱେ କିନ୍ତୁ ତାଙ୍କ ଦୃଢ଼ ମନୋବଳ ଭାଙ୍ଗି ନ ଥିଲା। ୨୦୧୭ ସିଜନରେ ଆଇପିଏଲ୍‌ରୁ ୧୦ ଲକ୍ଷ ଟଙ୍କା ଆୟ କରିଥିବା ବେଳେ ଏଥିରେ ପରିବାରର କରଜ ଶୁଝିଥିଲେ। ଏବେ ଭାରତୀୟ କ୍ରିକେଟରେ ରିଙ୍କୁ ଏକ ପରିଚିତ ନାମ।

-ସରୋଜ ଜେନା



ରିଙ୍କୁ ସିଂ

## ଲକ୍ଷ୍ୟ

ବିନା କୋଚ୍‌ରେ ସଫଳ ପ୍ରଜ୍ଞାନନ୍ଦ
ବୟସ ଅଠର ବର୍ଷ
ଫିଡେ ଚେସ୍ ବିଶ୍ୱକପରେ ଖେଳି
ରଚି ଅଛି ଇତିହାସ
ଦୀର୍ଘ ଏକୋଇଶ ବର୍ଷ
ବ୍ୟବଧାନ ପରେ ଫାଇନାଲ ଗଲା
ଆନନ୍ଦ ପରେ ମୋ ଦେଶ।

ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ
ଓଡ଼ିଶା କିଶୋର ଜେନା
ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ କଲା
ଜାଭେଲିନ୍ ଥ୍ରୋରେ ଅନା
ଦି ବର୍ଷ ଫ୍ୟାମିଲି ବିନା
ସାଧନା ବଳରେ ପଞ୍ଚମ ହେଲେ ବି
ଆମ ପାଇଁ ସିଏ ସୁନା।



ପଇଁତିରିଶ ଡିଗ୍ରୀ ଟେମ୍ପରଚରରେ
ଶାଙ୍କୁଲେ ଦଉଡ଼ି ଏକା
ସତସ୍ତରି ଜଣ ପଛରେ, ଶୀର୍ଷରେ
ଇଥିଓପିଆ ନାଁ ଲେଖା
ସ୍ଥିର ଲକ୍ଷ୍ୟ ଧ୍ୟାନ ଦୀକ୍ଷା
ବଳେ ବ୍ୟକ୍ତି ସଫଳତା ଲଭିଥାଏ
ଏମ୍ ଲେସ୍ ହେଲେ ଫିକା।

-ସୁବାସ ଚନ୍ଦ୍ର ପ୍ରଧାନ

## ଫୁଟ୍‌ବଲରେ ମହିଳା କୋଚ୍‌ଙ୍କ ସଂଖ୍ୟା ବଢୁଛି

ଫିଫା ମହିଳା ବିଶ୍ୱକପରେ ମହିଳା କୋଚ୍ ତଥା ମ୍ୟାନେଜରଙ୍କ ସଂଖ୍ୟା ବଢ଼ିଛି। ଫୁଟବଲ ଏକ ପୁରୁଷପ୍ରାଧାନ୍ୟ ଖେଳ ହୋଇଥିବାରୁ ଅଧିକାଂଶ ଦଳରେ କୋଚ୍ ଅଥବା ମ୍ୟାନେଜର ପୁରୁଷ ହିଁ ରହିଥାନ୍ତି। ତେବେ ଗତ ଅଷ୍ଟ୍ରେଲିଆ/ନ୍ୟୁଜିଲାଣ୍ଡ ମହିଳା ଫିଫା ବିଶ୍ୱକପରେ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଥିଲା। ଏହି ବିଶ୍ୱକପରେ ୩୨ ଦଳ ଅଂଶଗ୍ରହଣ କରିଥିବା ବେଳେ ଏହା ମଧ୍ୟରୁ ୧୨ଟି ଦଳର କୋଚ୍ ମହିଳା ହିଁ ରହିଥିଲେ। ଚଳିତ ବିଶ୍ୱକପରେ ବିଭିନ୍ନ ଦଳରେ ମହିଳା କୋଚ୍‌ଙ୍କ ସଂଖ୍ୟା ବୃଦ୍ଧି ଅନ୍ୟ ମହିଳା ଖେଳାଳିଙ୍କୁ କୋଚିଂ ଆଡ଼କୁ ଆକୃଷ୍ଟ କରିବାର ଏକ କାରଣ ହୋଇପାରିବ। ୨୦୧୫ ଫୁଟବଲ ବିଶ୍ୱକପରେ ମହିଳା କୋଚ୍‌ଙ୍କ ସଂଖ୍ୟା ୮ ରହିଥିବା ବେଳେ ୨୦୧୯ରେ ଏହି ସଂଖ୍ୟା ୯କୁ ବୃଦ୍ଧି ପାଇଥିଲା। ବିଗତ ଦୁଇଟି ସଂସ୍କରଣରେ ଆମେରିକା ଚାମ୍ପିୟନ ହୋଇଥିବା ବେଳେ ଏହି ଦଳର କୋଚ୍ ଜଣେ ମହିଳା ଥିଲେ। ଜୁଲି ଏଲିସ୍‌ଙ୍କ ଅଧୀନରେ ଆମେରିକା ଦୁଇ ଥର ଚାମ୍ପିୟନ୍ ଆଖ୍ୟା ଅର୍ଜନ କରିଥିଲା। ତେବେ ଅନ୍ୟ କୌଣସି ମହିଳା କୋଚ୍ ଏହି ସଫଳତା ଦୋହରାଇ ପାରିନାହାନ୍ତି। ଅନ୍ୟ ପକ୍ଷରେ ଆମେରିକା ଦଳ ଚଳିତ ବର୍ଷ ପୁରୁଷ କୋଚ୍ ଭ୍ଲାଟ୍‌କୋ ଆଣ୍ଡୋନୋସ୍କିଙ୍କୁ ନିଯୁକ୍ତ କରିଥିଲେ ମଧ୍ୟ ଦଳ ପ୍ରଥମ ଥର ପାଇଁ ସେମିଫାଇନାଲ ପ୍ରବେଶରେ ବିଫଳ ହୋଇଥିଲା। ଗତ ବିଶ୍ୱକପରେ ମହିଳା କୋଚ୍‌ଙ୍କ ଅଧୀନରେ ଖେଳିଥିବା ୧୨ ଟିମ୍ ମଧ୍ୟରୁ ମାତ୍ର ୩ଟି ରାଉଣ୍ଡ ଅଫ୍ ୧୬ରେ ପ୍ରବେଶ କରିବାରେ ସମର୍ଥ ହୋଇଥିଲା। ତେବେ ହେଜେ ରିସଙ୍କ ନର୍‌ୱେ ଓ ଡେସିରେ ଏଲିସ୍‌ଙ୍କ ଦକ୍ଷିଣ ଆଫ୍ରିକା ନକ୍ ଆଉଟ୍‌ରେ ପରାସ୍ତ ହୋଇଥିଲା। ଅନ୍ୟ ପକ୍ଷରେ ଏକମାତ୍ର ମହିଳା କୋଚ୍ ଭାବରେ ସରିନା ୱିଗମାନଙ୍କ ଇଂଲଣ୍ଡ ଦଳ ଟୁର୍ନାମେଣ୍ଟର ଫାଇନାଲରେ ପ୍ରବେଶ କରିଥିଲା। ସେମି ଫାଇନାଲରେ ଏହି ଦଳ ଆୟୋଜକ ଅଷ୍ଟ୍ରେଲିଆକୁ ପରାସ୍ତ କରିଥିଲା। ୨୦୧୭ ଓ ୨୦୨୨ରେ ଇଂଲଣ୍ଡକୁ ୟୁରୋ କପ୍ ଚାମ୍ପିୟନ କରିବାରେ ୱିଗମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥିଲା। ୱିଗମାନଙ୍କ ପ୍ରଶିକ୍ଷଣରେ ଇଂଲଣ୍ଡ ବିଶ୍ୱକପ ଫାଇନାଲରେ ସ୍ପେନ୍‌କୁ କଡ଼ା ଟକ୍କର ଦେଇଥିଲା। ତେବେ ଭାଗ୍ୟ ସାଥ୍ ନ ଦେବାରୁ ମାତ୍ର ଗୋଟିଏ ଗୋଲରେ ପରାଜିତ ହୋଇ ରନରଅପ୍‌ରେ ସନ୍ତୁଷ୍ଟ ହୋଇଥିଲା।



ସରିନା ୱିଗମାନ

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶୁକ୍ରବାର, ସେପ୍ଟେମ୍ବର ୧/୨୦୨୩ Bhubaneswar, Friday, September 1/ 2023

# ତୃତୀୟ ରାଉଣ୍ଡରେ ଜୋକୋଭିଚ୍, ସ୍ୱିଟେକ୍

ନ୍ୟୁୟର୍କ, ୩୧।୮ (ପି.ଟି.)

ଟେନିସ୍ ଗ୍ରାଣ୍ଡସ୍ଲାମ ୟୁଏସ୍ ଓପନର ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି ନୋଭାକ୍ ଜୋକୋଭିଚ୍ ଓ ଇଗା ସ୍ୱିଟେକ। ବୁଧବାର ବିଳମ୍ବିତ ରାତିରେ ଖେଳାଯାଇଥିବା ମ୍ୟାଚରେ ଉଭୟ ଖେଳାଳି ସିଧାସଳଖ ସେଟ୍‌ରେ ବିଜୟ ହାସଲ କରିଛନ୍ତି। ତାପମାତ୍ର ୨୯ ଡିଗ୍ରୀ ସେଲ୍‌ସିୟସ ରହିଥିବା ବେଳେ ଉଭୟଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡିଥିଲା। ଦ୍ୱିତୀୟ ସିଡେଡ୍ ଜୋକୋଭିଚ୍ ସ୍ପେନ୍‌ର ବର୍ନେବ ଜାପାଟା ମିରାଲେସଙ୍କୁ ୬-୧, ୬-୧ ଓ ୬-୧ ସେଟ୍‌ରେ ପରାସ୍ତ କରିଥିଲେ। ଅନ୍ୟପକ୍ଷରେ ଟପ୍ ସିଡ୍ ସ୍ୱିଟେକ୍ ଅଷ୍ଟ୍ରେଲିଆର ଦାରିଆ ସାଭିଲେଙ୍କୁ ପରାସ୍ତ କରିଛନ୍ତି।

୨୩ତମ ଗ୍ରାଣ୍ଡସ୍ଲାମ ଲକ୍ଷ୍ୟରେ ରହିଥିବା ଜୋକୋଭିଚ୍ ଆର୍ଥର ଆଶେ ଷ୍ଟାଡିୟମରେ ସହଜ ବିଜୟ ହାସଲ କରିଥିଲେ। ବିଶ୍ୱ ମାନ୍ୟତାର ୭୬ ନମ୍ବର ସ୍ଥାନରେ ଥିବା ସ୍ପାନିଆର୍ଡ ବର୍ନେବ ଜାପାଟା ମିରାଲେସଙ୍କୁ ୬-୧, ୬-୧ ଓ ୬-୧ର ସିଧାସଳଖ ସେଟ୍‌ରେ ହରାଇବା ପରେ ୩୬ ବର୍ଷୀୟ ଜୋକୋଭିଚ୍ ବିଜୟ ପାଇଁ କ୍ଷୁଧା ବଳବତ୍ତର ଥିବା କହିଛନ୍ତି। ୟୁଏସ୍ ଓପନ ଇତିହାସରେ


ନୋଭାକ୍ ଜୋକୋଭିଚ୍


ଇଗା ସ୍ୱିଟେକ

ସବୁଠାରୁ ଉତ୍ତପ୍ତ ଦିନ ରହିଥିଲେ ମଧ୍ୟ ଏହିଭଳି ପରିସ୍ଥିତି ପାଇଁ ନିରନ୍ତର ଅଭ୍ୟାସ କରିଥାଉ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଟପ୍ ସିଡ୍ ତଥା ମହିଳା ବର୍ଗର ଡିଫେଣ୍ଡିଂ ଚାମ୍ପିୟନ ଇଗା ସ୍ୱିଟେକ୍ ୬-୩, ୬-୪ର ସିଧାସଳଖ ସେଟ୍‌ରେ ଅଷ୍ଟ୍ରେଲିଆର ଦାରିଆ ସାଭିଲେଙ୍କୁ ହରାଇଥିଲେ। ଲୁଇସ୍ ଆର୍ମଷ୍ଟ୍ରଙ୍ଗ ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚରେ ବିଶ୍ୱ ମାନ୍ୟତାର ୩୨୨ ନମ୍ବର ସ୍ଥାନରେ ଥିବା ଦାରିଆ ପରାଜିତ ହୋଇଥିଲେ। ପୁରୁଷ ସିଙ୍ଗଲ୍ସରେ ଗ୍ରୀସ୍‌ର ଷ୍ଟିଫାନୋସ୍ ସିଟ୍‌ସିପାସ ସଂଘର୍ଷ କରି ପରାସ୍ତ ହୋଇଛନ୍ତି। ବିଶ୍ୱ ମାନ୍ୟତାର ୧୨୮ ତମ ସ୍ଥାନରେ ଥିବା ସୁଇଜରଲାଣ୍ଡର ଡୋମିନିକ୍ ଷ୍ଟ୍ରାଇକର ୭-୫, ୬-୭(୨), ୬-୭(୫), ୭-୬(୬) ଓ ୬-୩ ସଂଘର୍ଷପୂର୍ଣ୍ଣ ମ୍ୟାଚ୍ ଖେଳି ବିଜୟ ହାସଲ କରିଥିଲେ। ଏହି ମ୍ୟାଚ୍‌ଟି ୪ ଘଣ୍ଟା ଧରି ଚାଲିଥିଲା। ପ୍ରଥମ ସେଟ୍ ଜିତିବା ପରେ ପରବର୍ତ୍ତୀ ଦୁଇ ସେଟ୍ ଟାଇବ୍ରେକରରେ ପରାଜିତ ହୋଇଥିଲେ ଡୋମିନିକ୍। ତେବେ ଜବରଦସ୍ତ ପ୍ରତ୍ୟାବର୍ତ୍ତନ ସହିତ ପରବର୍ତ୍ତୀ ଦୁଇ ସେଟ୍ ଜିତି ପ୍ରଥମ ଥର ପାଇଁ ଏକ ଗ୍ରାଣ୍ଡସ୍ଲାମର ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଆମେରିକୀୟ ମହିଳା ସିଙ୍ଗଲ୍ସ ଖେଳାଳି କୋକୋ ଗଫ୍ ୬-୩, ୬-୨ ସେଟ୍‌ରେ ୧୬ ବର୍ଷୀୟା ମୀରା ଆଣ୍ଡ୍ରିଭାଙ୍କୁ ପରାସ୍ତ କରିଛନ୍ତି। ଫ୍ଲୈସିଙ୍ଗଡମ୍‌ରେ ସମସ୍ତଙ୍କୁ ପ୍ରଭାବିତ କରିଥିବା ମୀରା ୧୮ ଥର ଡବଲ ଫଲ୍ଟ କରିଥିଲେ। ପରବର୍ତ୍ତୀ ରାଉଣ୍ଡରେ ଗଫ୍ ବିଶ୍ୱ ମାନ୍ୟତାର ୩୨ ତମ ସ୍ଥାନରେ ଥିବା ଏଲିସ୍ ମର୍ଟେନ୍ସଙ୍କୁ ପରାସ୍ତ କରିଥିଲେ।

୨୦୨୦ରେ ୟୁଏସ୍ ଓପନ ଚାମ୍ପିୟନ ଡୋମିନିକ୍ ଥିମ୍ ଓହରିଯିବାରୁ ବେନ୍ ଶେଲ୍‌ଟନ୍ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ୱାଇଲ୍ଡ କାର୍ଡ ଜରିଆରେ ପ୍ରବେଶ କରିଥିବା ଫ୍ରାନ୍ସର ବେଞ୍ଜାମିନ୍ ବୋଞ୍ଜି ବିଶ୍ୱ ମାନ୍ୟତାର ୨୮ ତମ ସ୍ଥାନରେ ଥିବା କ୍ରିଷ୍ଟୋଫର ୟୁବ୍ୟାଙ୍କସଙ୍କୁ ୭-୬(୬), ୨-୬, ୬-୨ ଓ ୭-୬(୭)ରେ ପରାସ୍ତ କରି ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଅଷ୍ଟ୍ରେଲିଆର ଆଲଜା ଟମଲାନୋଭିକଙ୍କ ବିପକ୍ଷରେ ୱାକଓଭର ପାଇ ଚତୁର୍ଥ ସିଡ୍ ଏଲିନା ରିବାକିନା ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ୧୦ ନମ୍ବର ସିଡ୍ କାରୋଲିନା ମୁଚୋଭା ୬-୩, ୬-୩ ସେଟ୍‌ରେ ପୋଲାଣ୍ଡର ମାଗଦାଲେନା ଫ୍ରେଚଙ୍କୁ, ବେଲିଣ୍ଡା ବେନ୍ସିକ୍ ସମାନ ବ୍ୟବଧାନରେ ବ୍ରିଟେନର ୟୁରିକୋ ଲିଲି ମିୟାଜାକିଙ୍କୁ ପରାସ୍ତ କରିଛନ୍ତି।

## ସୁପର ସିରିଜ ଟେନିସ: ଆହାନ ଚାମ୍ପିୟନ



ଭୁବନେଶ୍ୱର, ୩୧।୮ (ତପନ ସ୍ୱାଇଁ)

ଓଡ଼ିଶାର ଆହାନ ରାୟପୁରରେ ଅନୁଷ୍ଠିତ ସୁପର ସିରିଜ ଟେନିସ ଟୁର୍ନାମେଣ୍ଟର ୧୪ ବର୍ଷରୁ କମ୍ ବାଳିକା ବର୍ଗରେ ଚାମ୍ପିୟନ ହୋଇଛନ୍ତି। ଫାଇନାଲରେ ସେ ଓଡ଼ିଶାର ଅନ୍ୟତମ ଖେଳାଳି ଅଭିପ୍ସା ବେହୁରାଙ୍କୁ ୬-୨, ୪-୬, ୬-୧ ସେଟ୍‌ରେ ପରାସ୍ତ କରିଛନ୍ତି। ଆହାନ ଏସ୍‌ବେସ୍ ଟେନିସ ଏକାଡେମୀରେ ରାଜ୍ୟର ପ୍ରତିଷ୍ଠିତ କୋଚ୍ ଅଜୟ ନିଶଙ୍କଙ୍କଠାରୁ ପ୍ରଶିକ୍ଷଣପ୍ରାପ୍ତ। ରାୟପୁରରେ ଟୁର୍ନାମେଣ୍ଟ ଛତିଶଗଡ଼ ଟେନିସ ଆସୋସିଏଶନ ଆନୁକୂଲ୍ୟରେ ଆୟୋଜନ ହୋଇଥିଲା।

## ଅନ୍ତର୍ଜାତୀୟ କ୍ରିକେଟରେ ପ୍ରଥମ ଟ୍ରାନ୍ସଜେଣ୍ଡର


ଡାନିଏଲ ମ୍ୟାକଗାହେ

ଲଣ୍ଡନ, ୩୧।୮ (ପି.ଟି.)

ଅନ୍ତର୍ଜାତୀୟ କ୍ରିକେଟରେ ପଦାର୍ପଣ କରିବେ ପ୍ରଥମ ଟ୍ରାନ୍ସଜେଣ୍ଡର ଖେଳାଳି। କାନାଡା ପକ୍ଷରୁ ଆସନ୍ତା ୨୦୨୪ ମହିଳା ଟି୨୦ ବିଶ୍ୱକପ୍‌ର ଯୋଗ୍ୟତା ପର୍ଯ୍ୟାୟ ଖେଳି ଡାନିଏଲ ମ୍ୟାକଗାହେ ଇତିହାସ ରଚିବାକୁ ଯାଉଛନ୍ତି। ୨୯ ବର୍ଷୀୟ ଡାନିଏଲ ଜଣେ ଓପନିଙ୍ଗ ବ୍ୟାଟର। ଲସ୍ ଏଞ୍ଜେଲସରେ ସେପ୍ଟେମ୍ବର ୪ରୁ ୧୧ ତାରିଖ ପର୍ଯ୍ୟନ୍ତ ଏହି ଟୁର୍ନାମେଣ୍ଟ ଖେଳାଯିବ। ଟି୨୦ ବିଶ୍ୱକପ୍ ପାଇଁ ଯୋଗ୍ୟତା ଅର୍ଜନ କରିବା ଲାଗି ଆର୍ଜେଣ୍ଟିନା, ବ୍ରାଜିଲ ଓ ଯୁକ୍ତରାଷ୍ଟ୍ର ଆମେରିକା ସହିତ ପ୍ରତିଦ୍ୱନ୍ଦ୍ୱିତା କରିବ କାନାଡା। ଟ୍ରାନ୍ସଜେଣ୍ଡର ଖେଳାଳିଙ୍କ ପାଇଁ ରହିଥିବା ଆଇସିସିର ନିୟମ ମେଲ୍ ଟୁ ଫିମେଲରେ ଆସିବା ପରେ ଡାନିଏଲଙ୍କୁ ଖେଳିବାକୁ ଅନୁମତି ମିଳିଛି। ଅନ୍ତର୍ଜାତୀୟ କ୍ରିକେଟରେ ମିଳିଥିବା ସୁଯୋଗ ପାଇଁ ମୁଁ ଅତ୍ୟନ୍ତ ଗର୍ବିତ। ମୋ କମ୍ୟୁନିଟିର ପ୍ରତିନିଧିତ୍ୱ କରିବାର ପ୍ରଥମ ଖେଳାଳି ହୋଇଥିବା ବେଳେ ଏହା ମୁଁ ସ୍ୱପ୍ନରେ ମଧ୍ୟ ଚିନ୍ତା କରି ନ ଥିଲି ବୋଲି ସେ କହିଥିଲେ। ଅଷ୍ଟ୍ରେଲିଆର ମୂଳ ନିବାସୀ ଡାନିଏଲ ୨୦୨୦ରେ କାନାଡାକୁ ଯାଇ ପୁରୁଷରୁ ମହିଳା ହେବାର ଚିକିତ୍ସା କରାଇଥିଲେ। ମହିଳା ହେବା ପରେ ତାଙ୍କୁ ବର୍ତ୍ତମାନ ଖେଳିବାକୁ ଅନୁମତି ପ୍ରଦାନ କରାଯାଇଛି।

## ସ୍କୁଲ ଛାତ୍ରୀଛାତ୍ରଙ୍କ ସହ ଓଏଫ୍‌ସିର ପଞ୍ଚମ ପ୍ରତିଷ୍ଠା ଦିବସ


ଓଏଫ୍‌ସିର ପ୍ରତିଷ୍ଠା ଦିବସ ଅବସରରେ ଛାତ୍ରୀଛାତ୍ରଙ୍କ ସହ ଓଏଫ୍‌ସି ସଦସ୍ୟ।

ଭୁବନେଶ୍ୱର, ୩୧।୮ (ସରୋଜ ଜେନା)

ଓଡ଼ିଶା ଫୁଟବଲ କ୍ଲବ୍ (ଓଏଫ୍‌ସି) ଏହାର ପଞ୍ଚମ ପ୍ରତିଷ୍ଠା ଦିବସ ଭୁବନେଶ୍ୱର ସ୍ଥିତ ସପ୍ତମ ବାଟାଲିୟନ ଗ୍ରାଉଣ୍ଡରେ ଅନୁଷ୍ଠିତ ହୋଇ ଯାଇଛି। ଭେଙ୍କଟେଶ୍ୱର ଇଂରାଜୀ ମାଧ୍ୟମ ସ୍କୁଲର ୧୫୦ରୁ ଅଧିକ ଛାତ୍ରୀଛାତ୍ରଙ୍କୁ ନେଇ ଏହି ଇଭେଣ୍ଟ ଅନୁଷ୍ଠିତ ହୋଇଥିଲା। ଓଏଫ୍‌ସିର ମୁଖ୍ୟ କୋଚ୍ ସର୍ଗିଓ ଲୋବେରା, ଅଧିନାୟକ ଅମରିନ୍ଦର ସିଂ ଓ ବ୍ୟବସାୟିକ ମୁଖ୍ୟ ରବି ଖେଦାର ଯୋଗ ଦେଇଥିଲେ। ଛାତ୍ରୀଛାତ୍ର ମାନେ ଓଏଫ୍‌ସି ଦଳ ସହିତ ଅଭ୍ୟାସ ସେସନରେ ମଧ୍ୟ ଭାଗ ନେଇଥିଲେ। କେକ୍ କଟାଯାଇ କାର୍ଯ୍ୟକ୍ରମ ଶେଷ କରାଯାଇଥିବା ବେଳେ ସମସ୍ତ ଛାତ୍ରୀ ଛାତ୍ରଙ୍କୁ ଓଏଫ୍‌ସି ଜର୍ସି ପ୍ରଦାନ କରାଯାଇଥିଲା।

## ହ୍ୟାଣ୍ଡବଲ ରେଫରି ପରୀକ୍ଷାରେ ରଶ୍ମି ଉତ୍ତୀର୍ଣ୍ଣ

ଭୁବନେଶ୍ୱର, ୩୧।୮ (ତପନ ସ୍ୱାଇଁ)

ହ୍ୟାଣ୍ଡବଲ ଆସୋସିଏଶନ ଅଫ୍ ଇଣ୍ଡିଆ ପକ୍ଷରୁ ପଞ୍ଜାବର ପଟିଆଲା ସ୍ଥିତ ଏନ୍‌ଆଇଏସ୍ ସେଣ୍ଟରରେ ଚଳିତ ମାସ ୨୨ରୁ ୨୮ ପର୍ଯ୍ୟନ୍ତ ଜାତୀୟ ରେଫରି ପରୀକ୍ଷା ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ମୋଟ ୧୫୬ ଜଣ ଅଂଶ ଗ୍ରହଣ କରିଥିଲେ। ପୁରୀ ଜିଲାର ଏନ୍‌ଆଇଏସ୍ କୋଚ ରଶ୍ମୀ ରଞ୍ଜନ ତ୍ରିପାଠୀ ଏହି ପରୀକ୍ଷାରେ ସଫଳତାର ସହ ଉତୀର୍ଣ୍ଣ ହୋଇଛନ୍ତି। ଏହି ସଫଳତା ପାଇଁ ଓଡିଶା ରାଜ୍ୟ ହ୍ୟାଣ୍ଡବଲ ସଂଘ ସମ୍ପାଦକ ମାନସ ସିଂ, ସଭାପତି ବିପ୍ଳବ ଚୌଧୁରୀ ଓ କୋଷାଧ୍ୟକ୍ଷ ଶୀତେନ୍ଦ୍ରନାଥ ଦାସ ରଶ୍ମୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



## ବିଜୟରୁ ଶ୍ରୀଲଙ୍କାର ଅଭିଯାନ

**ଏସିଆ କପ୍ କ୍ରିକେଟ**

ପାଲେକେଲ, ୩୧।୮

ଏସିଆ କପ୍ କ୍ରିକେଟ ୨୦୨୩ରେ ଗୁରୁବାର ବାଂଲାଦେଶକୁ ୫ ଉଇକେଟରେ ପରାସ୍ତ କର ଅଭିଯାନ ଆରମ୍ଭ କରିଛି ଶ୍ରୀଲଙ୍କା। ପ୍ରଥମେ ବ୍ୟାଟିଂ କରି ବାଂଲାଦେଶ ୧୬୪ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା। ନଜମୋଲ ହୋସେନ୍ ଶନ୍ତୋ ସର୍ବାଧିକ ୮୯ ରନ୍ କରିଥିଲେ। ଜବାବରେ ଶ୍ରୀଲଙ୍କା ସାଦିରା ସମରୱିକ୍ରମା ଓ ଚରିଥ୍ ଅସଲଙ୍କାଙ୍କ ଅର୍ଦ୍ଧଶତକ ବଳରେ ୩୯ ଓଭରରେ ୫ ଉଇକେଟ ହରାଇ ୧୬୫ ରନ୍ କରିଥିଲା ଶ୍ରୀଲଙ୍କା।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ବାଂଲାଦେଶ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଦଳ ୩୬ ରନ୍‌ରେ ୩ ଉଇକେଟ ହରାଇଥିବା ବେଳେ ଶନ୍ତୋ ୮୯ ରନ୍‌ର ଧୈର୍ଯ୍ୟପୂର୍ଣ୍ଣ ଇନିଂସ ଖେଳିଥିଲେ। ୧୨୨ ବଲ୍ ଖେଳି ସେ ୭ ଚୌକା ମାରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ମହମ୍ମଦ ନଇମ୍ ୧୬, ତୋହିଦ୍ ହ୍ରିଦୟ ୨୦ ଓ ମୁସଫିକୁର ରହିମ୍ ୧୩ ରନ୍ କରିଥିଲେ। ଶ୍ରୀଲଙ୍କା ପକ୍ଷରୁ ମଥିଶା ପଥିରାନା ୪ ଉଇକେଟ ନେଇଥିଲେ।

ଜବାବରେ ଶ୍ରୀଲଙ୍କା ମଧ୍ୟ ୪୩ ରନ୍‌ରେ ୩ ଉଇକେଟ ହରାଇ ସଙ୍କଟରେ ପଡିଥିଲା। ତେବେ ସାଦିରା ସମରୱିକ୍ରମା(୫୪) ଓ ଚରିଥ୍ ଅସଲଙ୍କା(୬୨*) ଚତୁର୍ଥ ଉଇକେଟରେ ୭୮ ରନ୍ ଯୋଡି ଦଳକୁ ସଙ୍କଟରୁ ଉଦ୍ଧାର କରିଥିଲେ। ସମରୱିକ୍ରମା ୭୭ ବଲ୍ ଖେଳି ୬ ଚୌକା ମାରିଥିଲେ। ଅନ୍ୟ ପକ୍ଷରେ ଅସଲଙ୍କା ୯୨ବଲ୍ ଖେଳି ୫ ଚୌକା ଓ ୧ ଛକା ମାରିଥିଲେ। ବାଂଲାଦେଶ ପକ୍ଷରୁ ଶାକିବ ଅଲ ହସନ ୨ ଉଇକେଟ ନେଇଥିଲେ।

## ବିସିସିଆଇ ଘରୋଇ ବ୍ରଡ୍‌କାଷ୍ଟ ରାଇଟ୍ ହାତେଇଲା ଭାଏକମ୍ ୧୮

ନୂଆଦିଲ୍ଲୀ, ୩୧।୮ (ପି.ଟି.)

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ଗୁରୁବାର ଏହାର ଘରୋଇ ପ୍ରସାରଣ ଅଧିକାର(ବ୍ରଡ୍‌କାଷ୍ଟିଂ ରାଇଟ୍) ବିକ୍ରି କରାଯାଇଛି। ୭୨୦ ମିଲିୟନ ଡଲାର ବା ଭାରତୀୟ ମୁଦ୍ରାରେ ୬ ହଜାର କୋଟି ଟଙ୍କା ବ୍ୟୟରେ ଏହି ଅଧିକାର ହାତେଇ ନେଇଛି ଭାଏକମ୍ ୧୮। ଆସନ୍ତ ୫ ବର୍ଷ ପାଇଁ ଭାଏକମ୍ ୧୮ପାଖରେ ଉଭୟ ଡିଜିଟାଲ ଓ ଟିଭିର ପ୍ରସାରଣ ଅଧିକାର ରହିବ। ବିଡିଂ ୱାରରେ ଷ୍ଟାର ଇଣ୍ଡିଆ ଓ ସୋନୀକୁ ପଛରେ ପକାଇଥିଲା ଭାଏକମ୍ ୧୮। ବିସିସିଆଇ ପକ୍ଷରୁ ଟିଭି ଓ ଡିଜିଟାଲ ପାଇଁ ଭିନ୍ନ ଭିନ୍ନ ବିଡ୍ ମଗାଯାଇଥିଲା। ଭାଏକମ୍ ୧୮ ଡିଜିଟାଲ ରାଇଟ୍ସ ପାଇଁ ୩୧୦୧ କୋଟି ଟଙ୍କା ବିଡ୍ କରିଥିବା ବେଳେ ଟିଭି ରାଇଟ୍ସ ପାଇଁ ୨୮୬୨ କୋଟି ଟଙ୍କା ପ୍ରଦାନ କରିବ। ଭାଏକମ୍ ୧୮ ସମୁଦାୟ ୫୯୬୩ କୋଟି ବ୍ୟୟରେ ପ୍ରସାରଣ ଅଧିକାର ପାଇଥିବା ବେଳେ ପୂର୍ବରୁ ଆଇପିଏଲ୍‌ର ଡିଜିଟାଲ ରାଇଟ୍ସ ମଧ୍ୟ ଏହା ନିକଟରେ ରହିଥିଲା। ୨୬ ହଜାର କୋଟି ଟଙ୍କା ବ୍ୟୟରେ ୫ ବର୍ଷ ପାଇଁ ଆଇପିଏଲର ଡିଜିଟାଲ ରାଇଟ୍ ହାସଲ କରିଛି ଭାଏକମ୍ ୧୮।

ଆଗାମୀ ଅଷ୍ଟ୍ରେଲିଆ ବିପକ୍ଷ ଘରୋଇ ଶୃଙ୍ଖଳାରୁ ଭାଏକମ୍ ୧୮ର ଟିଭି ରାଇଟ୍ସ ଆରମ୍ଭ ହେବ। ସେପ୍ଟେମ୍ବର ୨୨, ୨୦୨୩ରୁ ଏହି ଚୁକ୍ତି ଆରମ୍ଭ ହୋଇ ମାର୍ଚ୍ଚ ୧୮, ୨୦୨୮ ପର୍ଯ୍ୟନ୍ତ ବୈଧ ରହିବ। ଏହାକୁ ମିଶାଇ ସମସ୍ତ ଗୁରୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍‌ଗୁଡିକର ରାଇଟ୍ସ ନିଜ ପାଖରେ ରଖିବାରେ ସମର୍ଥ ହୋଇଛି ଭାଏକମ୍ ୧୮। ଅଷ୍ଟ୍ରେଲିଆ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରୁ ଏହି ଟିଭି ରାଇଟ୍ସ କାର୍ଯ୍ୟକ୍ଷମ ହେବ। ଫଳରେ ଆସନ୍ତା ଦିନିକିଆ କ୍ରିକେଟ ବିଶ୍ୱକପ୍ ମଧ୍ୟ କ୍ରିକେଟ୍ ଫ୍ୟାନମାନେ ସ୍ପୋର୍ଟ୍ସ ୧୮ ଓ ଜିଓ ସିନେମାରେ ଦେଖିପାରିବେ। ଗୁରୁବାର ଭାଏକମ୍‌କୁ ପ୍ରସାରଣ ରାଇଟ୍ସ ମିଳିବା ପରେ ବିସିସିଆଇ ସମ୍ପାଦକ ଜୟ ଶାହା ଟୁଇଟ୍ କରି ଶୁଭେଚ୍ଛା ଜଣାଇଛନ୍ତି। ଭାରତ ଏହି ୫ ବର୍ଷର ସମୟ ସୀମା ମଧ୍ୟରେ ୮୮ଟି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିବ। ଏହା ମଧ୍ୟରେ ୨୫ ଟେଷ୍ଟ, ୨୭ ଦିନିକିଆ ଓ ୩୬ ଟି୨୦ ମ୍ୟାଚ୍ ସାମିଲ ରହିଛି। ମ୍ୟାଚ୍ ପିଛା ବିସିସିଆଇକୁ ୬୭.୭୬ କୋଟି ଟଙ୍କା ମିଳିବ। ପୂର୍ବ ବର୍ଷରେ ଏହା ୬୦ କୋଟି ରହିଥିଲା। ତେବେ ଗତବର୍ଷ ତୁଳନାରେ ବିସିସିଆଇ ୧୭୫ କୋଟି କମ୍ ଆୟ କରିବ। ପୂର୍ବ ସାଇକେଲରେ ବିସିସିଆଇ ୧୦୨ ମ୍ୟାଚ୍ ଖେଳିଥିବା ବେଳେ ଚଳିତ ବର୍ଷ ୧୪ଟି ମ୍ୟାଚ୍ କମ୍ ଖେଳୁଛି। ଭାରତ ଆଗାମୀ ୫ ବର୍ଷ ମଧ୍ୟରେ ଅଷ୍ଟ୍ରେଲିଆ ବିପକ୍ଷରେ ୨୧ ଓ ଇଂଲଣ୍ଡ ବିପକ୍ଷରେ ୧୮ ମ୍ୟାଚ୍ ଖେଳିବ।

## ଓଡ଼ିଶାର ଦୀପ୍ ଗ୍ରେସ୍, ଅମିତ ସାମିଲ

**ଏସିଆନ ଗେମ୍ସ ପାଇଁ ଭାରତୀୟ ମହିଳା ଓ ପୁରୁଷ ହକି ଦଳ ଘୋଷିତ**

ବେଙ୍ଗାଲୁରୁ, ୩୧।୮ (ପି.ଟି.)

ଚାଇନାର ହାଙ୍ଗଝୋଠାରେ ହେବାକୁଥିବା ଏସିଆନ ଗେମ୍ସ ପାଇଁ ଗୁରୁବାର ଭାରତୀୟ ମହିଳା ଓ ପୁରୁଷ ହକି ଦଳ ଘୋଷଣା ହୋଇଛି। ଓଡ଼ିଶାର ଦୀପ୍ ଗ୍ରେସ୍ ଏକ୍କା ମହିଳା ଦଳର ଉପ-ଅଧିନାୟିକା ନିଯୁକ୍ତ ହୋଇଥିବାବେଳେ ପୁରୁଷ ଦଳରେ ଅମିତ ରୋହିଦାସଙ୍କୁ ସୁଯୋଗ ମିଳିଛି। ଏସିଆନ ଚାମ୍ପିୟନ୍ସ ଟ୍ରଫି ଜିତିଥିବା ଭାରତୀୟ ପୁରୁଷ ଦଳରୁ ଭେଟେରାନ ଷ୍ଟ୍ରାଇକର ଆକାଶଦୀପ ସିଂ, ୟୁଗରାଜ ସିଂ ଓ ସେଲଭାମ୍ କାର୍ଥୀଙ୍କୁ ବାଦ୍ ଦିଆଯାଇଛି। ଅଭିଜ୍ଞ ଲଳିତ ଉପାଧ୍ୟାୟ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ସଞ୍ଜୟ ଓ ଅଭିଷେକଙ୍କୁ ମଧ୍ୟ ସାମିଲ କରାଯାଇଛି। ଡ୍ରାଗ୍ ଫ୍ଲିକର ହରମନପ୍ରୀତ ସିଂ ଓ ମିଡ୍‌ଫିଲ୍ଡର ହାର୍ଦ୍ଦିକ ସିଂ ଯଥାକ୍ରମେ ଅଧିନାୟକ ଓ ଉପ-ଅଧିନାୟକ ଦାୟିତ୍ୱରେ ଅପରିବର୍ତ୍ତିତ ରହିଛନ୍ତି। ସେହିପରି ମହିଳା ଦଳର ଅଧିନାୟକଭାବେ ନିଜର ସ୍ଥାନ ବଜାୟ ରଖିଛନ୍ତି ସବିତା


ଦୀପ୍ ଗ୍ରେସ୍ ଏକ୍କା


ଅମିତ ରୋହିଦାସ

ପୁନିଆ। ଦୀପ୍ ଗ୍ରେସ୍ ତାଙ୍କ ଡେପୁଟି ଦାୟିତ୍ୱରେ ରହିଛନ୍ତି। ଗତ ମାସରେ ଜର୍ମାନୀ ଓ ସ୍ପେନ୍ ଟୁର୍‌ରେ ଯାଇଥିବା ଅଭିଜ୍ଞ ସୁଶିଳା ଚାନୁ ପୁଖରାମବାମ, ବଲଜିତ କୌର ଓ ଓଡ଼ିଶାର ଜ୍ୟୋତି ଛତ୍ରୀ ଦଳରୁ ବାଦ୍ ପଡ଼ିଛନ୍ତି। ହକି ଇଣ୍ଡିଆ ପକ୍ଷରୁ ଏଠାରେ ଆୟୋଜିତ ବିଦାୟ କାଳୀନ ଉତ୍ସବ ଅବସରରେ ଆନୁଷ୍ଠାନିକଭାବେ ଭାରତୀୟ ମହିଳା ଓ ପୁରୁଷ ଦଳ ଘୋଷଣା କରାଯାଇଥିଲା।

ଏସିଆନ ଗେମ୍ସପାଇଁ ଭାରତୀୟ ପୁରୁଷ ଦଳ ପୁଲ୍ 'ଏ'ରେ ଡିଫେଣ୍ଡିଂ ଚାମ୍ପିୟନ ଜାପାନ, ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ, ବାଂଲାଦେଶ, ସିଙ୍ଗାପୁର ଓ ଉଜ୍‌ବେକିସ୍ତାନ ସହ ସ୍ଥାନ ପାଇଛି। କୋରିଆ, ମାଲେସିଆ, ଚାଇନା, ଓମାନ, ଥାଇଲାଣ୍ଡ ଓ ଇଣ୍ଡୋନେସିଆ ପୁଲ୍ 'ବି'ରେ ରହିଛନ୍ତି। ସେପ୍ଟେମ୍ବର ୨୪ରେ ଭାରତୀୟ ପୁରୁଷ ଦଳ ଉଜ୍‌ବେକିସ୍ତାନ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ। ମହିଳା ଦଳ ସିଙ୍ଗାପୁର ବିପକ୍ଷରେ ସେପ୍ଟେମ୍ବର ୨୭ରେ ଏହାର ପ୍ରଥମ ମ୍ୟାଚ ଖେଳିବ।

ଭାରତୀୟ ପୁରୁଷ ଦଳ: ପି.ଆର. ଶ୍ରୀଜେଶ, କ୍ରିଶନ ପାଠକ, ବରୁଣ କୁମାର, ଅମିତ ରୋହିଦାସ, ଜରମନପ୍ରୀତ ସିଂ, ହରମନପ୍ରୀତ ସିଂ (ଅଧିନାୟକ), ସଞ୍ଜୟ, ସୁମିତ, ନିଳକାନ୍ତ ଶର୍ମା, ହାର୍ଦ୍ଦିକ ସିଂ (ଉପ-ଅଧିନାୟକ), ମନପ୍ରୀତ ସିଂ, ବିବେକ ସାଗର ପ୍ରସାଦ, ଶମଶେର ସିଂ, ଅଭିଷେକ, ଗୁରଜାନ୍ତ ସିଂ, ମନଦୀପ ସିଂ, ସୁଖଜିତ ସିଂ, ଲଳିତ କୁମାର ଉପାଧ୍ୟାୟ।

ଭାରତୀୟ ମହିଳା ଦଳ: ସବିତା (ଅଧିନାୟିକା), ବିଚୁ ଦେବୀ ଖାରିବାମ, ଦୀପିକା, ଲାଲରେମସିଆମି, ମୋନିକା, ନବନୀତ କୌର, ନେହା, ନିଶା, ସୋନିକା, ଉଦିତା, ଇଶିକା ଚୌଧାରୀ, ଦୀପ୍‌ଗ୍ରେସ୍ ଏକ୍କା (ଉପ-ଅଧିନାୟିକା), ବନ୍ଦନା କାଟରିୟା, ସଙ୍ଗୀତା କୁମାରୀ, ବୈଷ୍ଣବୀ ଭିଟ୍ଠାଲ ଫାଲ୍‌କେ, ନିକ୍କି ପ୍ରଧାନ, ସୁଶୀଳା ଚାନୁ, ସାଲିମା ଟେଟେ।


ବେଙ୍ଗାଲୁରୁରେ ଅନୁଷ୍ଠିତ ବିଦାୟକାଳୀନ ଉତ୍ସବରେ ଭାରତୀୟ ମହିଳା ଓ ପୁରୁଷ ହକି ଦଳର ସଦସ୍ୟ।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ